

ବିଶ୍ୱସ୍ତରୀୟ ହେବ ସିକଲ ସେଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଏକ୍ସଲେନ୍ସ | ୧୦

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଭାରତୀୟ ଟେଷ୍ଟ ଦଳରୁ ବାଦ୍ ପଡ଼ିଲେ ପୂଜାରା | ୧୧

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur.

ବିଂଶତମ ବର୍ଷ ସଂଖ୍ୟା-୯୩ Vol. 20 No-93 24 JUNE 2023 SATURDAY BHUBANESWAR ଶନିବାର, ୨୪ ଜୁନ୍ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦

## ଉପଜିଲ୍ଲାପାଳଙ୍କ ଘରେ ଟଙ୍କାର ପାହାଡ଼

# ପେଟି ପେଟି ଟଙ୍କା ଠାବ





- ଗଣି ଗଣି ହାଲିଆ ହେଲେ ଭିଜିଲାନ୍ସ ଅଧିକାରୀ
- ମୋଟ ୨ କୋଟି ୯୧ ଲକ୍ଷ ନଗଦ ଟଙ୍କା ଜବତ
- ପଡ଼ୋଶୀ ଘର ଛାତ, ସରକାରୀ ଘରୁ ମିଳିଲା ୮ ପେଟି ଟଙ୍କା
- ଏକକାଳୀନ ୯ଟି ସ୍ଥାନରେ ଚଢାଉ

ନବରଙ୍ଗପୁର/ଭୁବନେଶ୍ୱର, ୨୩।୬ (ଭାସ୍କର ନ୍ୟୁଜ): ଯୁଆଡ଼େ ଖୋଜିବ ମିଳୁଛି ଖାଲି ୫୦୦ ଟଙ୍କିଆ ନୋଟ୍। ଖଣ୍ଡେ କି ଦୁଇ ଖଣ୍ଡ ନୁହେଁ, ଏକାଥରରେ ୫୦୦ ଟଙ୍କିଆ ଭର୍ତ୍ତି ୮ ପେଟି ଟଙ୍କା ଠାବ। ଗଣି ଗଣି ହାଲିଆ ହେଲେ ଭିଜିଲାନ୍ସ ଅଧିକାରୀ। ଟଙ୍କାର ପାହାଡ଼କୁ ଦେଖି ଟିମ୍ ମଧ୍ୟ ତାଜୁବ୍। ମୋଟ ୨ କୋଟି ୯୧ ଲକ୍ଷ ନଗଦ ଟଙ୍କା ଠାବ କରାଯିବା ପରେ ଆହୁରି ଚାଲିଛି ଖୋଳତାଡ଼। ଏପରି ଟଙ୍କାର ପାହାଡ଼ ଦେଖିବାକୁ ମିଳିଛି ନବରଙ୍ଗପୁରର ଉପଜିଲ୍ଲାପାଳ ପ୍ରଶାନ୍ତ ରାଉତଙ୍କ ବାସଭବନରେ। ତାଙ୍କ ଭୁବନେଶ୍ୱର ବାସଭବନ ଓ ନବରଙ୍ଗପୁର ସରକାରୀ ଘରୁ ଏହି ପରିମାଣର ଟଙ୍କା ଜବତ କରାଯାଇଛି। ଶୁକ୍ରବାର ସକାଳୁ ଭିଜିଲାନ୍ସ ଟିମ୍ ଉପଜିଲ୍ଲାପାଳ ପ୍ରଶାନ୍ତ ରାଉତଙ୍କ ରାଜଧାନୀ ଭୁବନେଶ୍ୱରରେ ଥିବା କାନନବିହାର ସ୍ଥିତ ବାସଭବନ ସମେତ ଏକକାଳୀନ ୯ଟି ସ୍ଥାନରେ ଚଢାଉ କରି ଏହି ପରିମାଣର ଟଙ୍କା ଜବତ କରିଛନ୍ତି । କାନନବିହାର ସ୍ଥିତ ବାସଭବନ ନିକଟରେ ରହୁଥିବା ପଡ଼ୋଶୀଙ୍କ ଛାତ ଉପରୁ ମିଳିଥିଲା ୬ଟି ପେଟି। ଏଥିରେ ୫୦୦ ଟଙ୍କିଆ • ପୃଷ୍ଠା ୮ ଦେଖନ୍ତୁ

### ମହିଳା ଅଧିକାରୀ ଗିରଫ

ଭୁବନେଶ୍ୱର, ୨୩।୬(ଭାସ୍କର ନ୍ୟୁଜ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଦ୍ରକର ପୂର୍ବତନ ଜିଲ୍ଲା ସମାଜକଲ୍ୟାଣ ଅଧିକାରୀ ଜୟନ୍ତୀ ବେହେରାଙ୍କୁ ଗିରଫ କରିଛି ଭିଜିଲାନ୍ସ। ତାଙ୍କ ଆୟଠାରୁ ସେ ୧୪୫ ପ୍ରତିଶତ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସୂଚନା ଦିଆଯାଇଛି। ତାଙ୍କର ବିଭିନ୍ନ ବ୍ୟାଙ୍କରେ ୧ କୋଟି ୬୧ ଲକ୍ଷ ଟଙ୍କା ଜମା ରହିଥିବାବେଳେ ଚଢାଉ ସମୟରେ ତାଙ୍କ ବାସଭବନରୁ ନଗଦ ୨ଲକ୍ଷ ୭୯ହଜାର ଟଙ୍କା ଜବତ କରାଯାଇଛି। ଏଥିସହ ତାଙ୍କର ୩ଟି ବହୁତଳ କୋଠା, ୨ଟି ଫ୍ଲାଟ ଓ ୮ଟି ପ୍ଲଟ ମଧ୍ୟ ଠାବ ହୋଇଛି। ସେହିପରି ଗୋଟିଏ ୪ ଚକିଆ ଓ ଗୋଟିଏ ଦୁଇଚକିଆ ଗାଡ଼ି ମଧ୍ୟ ଠାବ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଶରଧାବାଲିରେ ଶ୍ରଦ୍ଧାଳୁଙ୍କ ଗହଳି

# ଆଡପ ଅବଢା ପାଇ ଭାବବିହ୍ୱଳ



ପୁରୀ୨୩।୬(ଭାସ୍କର ନ୍ୟୁଜ): ଶ୍ରୀମନ୍ଦିର ରତ୍ନବେଦୀରୁ ଜନ୍ମବେଦୀକୁ ଯାଇଛନ୍ତ ଚତୁର୍ଦ୍ଧାମୂର୍ତ୍ତି। ଗୁରୁବାର ଗୋଟି ପହଣ୍ଡିରେ ପ୍ରଭୁମାନେ ଆଡ଼ପମଣ୍ଡପରେ ବିରାଜମାନ ହୋଇଥିଲେ। ଶୁକ୍ରବାର ଆଡପମଣ୍ଡପ ଦର୍ଶନ ପାଇଁ ଶରଧାବାଲିରେ ଭକ୍ତଙ୍କ ଗହଳି ଲାଗି ରହିଥିବା ଦେଖିବାକୁ ମିଳିଥିଲା। ସେହିପରି ଆଡପ ଅବଢା ପାଇ ଭକ୍ତମାନେ ଭାବବିହ୍ୱଳ ହୋଇଥିବା ଦେଖାଯାଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁମାନେ ଲମ୍ବା ବ୍ୟାରିକେଡ୍‌ରେ ଦୀର୍ଘ ସମୟ ଅପେକ୍ଷାକରି ଗୁଣ୍ଡିଚାମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରୁଛନ୍ତି ଓ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି। ଶୁକ୍ରବାର ହଜାର ହଜାର ଶ୍ରଦ୍ଧାଳୁ ଆଡପମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମଙ୍ଗଳ ଆଳତୀ, ମଇଲମ, ତଡ଼ପଲାଗି, ଅବକାଶ ବେଶ ପରେ ଗୋପାଳବଲ୍ଲଭ ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ଅପରାହ୍ନ ୩ଟା ୫ ମିନିଟରେ ସକାଳ ଧୂପରେ ବାହାରିଥିଲା ଆଡପ ଅବଢା। ଆଡପ ଅବଢା ପାଇ ଭକ୍ତ ଚରମ ତୃପ୍ତି ଓ ଆତ୍ମସନ୍ତୋଷ ଲାଭ କରିଥିଲେ। ଅନ୍ୟପକ୍ଷରେ ରଥଯାତ୍ରା ଅବସରରେ ସୂଚନା ଓ • ପୃଷ୍ଠା ୮ ଦେଖନ୍ତୁ

## ସଂକ୍ଷେପରେ...

### ୪ ଆତଙ୍କୀ ନିହତ

ଶ୍ରୀନଗର, ୨୩।୬ : ଜାମୁ କାଶ୍ମୀରରେ ପାକ୍ ତାଲିମପ୍ରାପ୍ତ ଆତଙ୍କବାଦୀମାନେ ଏବେ ବି ହିଂସାକାଣ୍ଡ ଜାରି ରଖିଛନ୍ତି। ପାକ୍ ଅଧିକୃତ କାଶ୍ମୀର ଅଞ୍ଚଳରୁ ବହୁ ସମୟରେ ତାଲିମପ୍ରାପ୍ତ ଆତଙ୍କବାଦୀମାନେ ସୀମା ଦେଇ ବେଆଇନଭାବେ ଅନୁପ୍ରବେଶ କରିବା ସହ ହିଂସାକାଣ୍ଡ ଭିଆଇବାରେ ଲାଗିଛନ୍ତି। ବହୁ ସମୟରେ ସୁରକ୍ଷାକର୍ମୀ ଆତଙ୍କବାଦୀଙ୍କୁ ସଫା କରୁଥିଲେ ମଧ୍ୟ ଏହା • ପୃଷ୍ଠା ୮ ଦେଖନ୍ତୁ

### ୪ ସେବାୟତ ଗିରଫ

ଭୁବନେଶ୍ୱର, ୨୩।୬(ଭାସ୍କର ନ୍ୟୁଜ): ଲିଙ୍ଗରାଜ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଜୋର ଜବରଦସ୍ତ ଟଙ୍କା ମାଗିବା ଓ ଧମକଚମକ ଦେବା ଅଭିଯୋଗରେ ପୋଲିସ ୪ଜଣ ସେବାୟତଙ୍କୁ ଗିରଫ କରିଛି। ଏ ନେଇ ଲିଙ୍ଗରାଜ ଥାନାରେ ଅଭିଯୋଗ ହୋଇଥିଲା।

### ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତା

ଢେଙ୍କାନାଳ, ୨୩।୬(ଭାସ୍କର ନ୍ୟୁଜ): ଢେଙ୍କାନାଳ ବନଖଣ୍ଡ ମହାଲିଙ୍ଗା ମାଗୁବେରୁଣୀ ଗାଁରେ ସାହେବ ରାଉତ ନାମକ ଜଣେ ବୃଦ୍ଧଙ୍କୁ ଏକ ଦନ୍ତା ଶୁଣ୍ଢରେ ଟେକିନେଇ କଚାଡ଼ି ମାରି ଦେଇଛି। ସେ ଘର ନିକଟ ପୋଖରୀକୁ ଶୌଚ ହେବାପାଇଁ ଯାଇଥିବାବେଳେ ଦନ୍ତା ଆକ୍ରମଣ କରିଥିଲା।

### ବିଦ୍ୟୁତ ଆଘାତରେ ୨ ମୃତ

ସମ୍ବଲପୁର, ୨୩।୬(ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଲିପିଣ୍ଡା ପଞ୍ଚାୟତ ତାବତଏଲା ଗାଁରେ ବିଦ୍ୟୁତ ଆଘାତରେ ଖୁଡ଼ିଶାଶୁ ଓ ବୋହୂଙ୍କ ମୃତ୍ୟୁ ଘଟିଛି। ପାଣି ମୋଟର ସଜାଡୁଥିବାବେଳେ ବିଦ୍ୟୁତ ଆଘାତ ଲାଗିଥିଲା।

ସେନ୍‌ସେକ୍ସ: ୬୨,୯୭୯.୩୭
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୨୭ ଡିଗ୍ରୀ
ସର୍ବନିମ୍ନ: ୨୫ ଡିଗ୍ରୀ

### ୨୩।୬ର ମତାମତ

ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ୍ ନୁହେଁ କି




### ଆଜିର ପ୍ରସଙ୍ଗ

ରାଜ୍ୟରେ ଘନଘନ ଚାଲିଥିବା ହାତୀ ଆକ୍ରମଣକୁ ରୋକିବା ସମ୍ଭବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ନିଖୋଜ ଥିବା ଟାଇଟନ ବୁଡାଜାହାଜ ଠାବ

# ସମସ୍ତ ୫ ଯାତ୍ରୀ ମୃତ



ନୂଆଦିଲ୍ଲୀ, ୨୩।୬ : ଟାଇଟନିକ୍ ଜାହାଜର ଭଗ୍ନାବଶେଷ ଦେଖିବା ପାଇଁ ଯାଇଥିବା ବୁଡାଜାହାଜ ଟାଇଟନରେ ଥିବା ସମସ୍ତ ୫ଯାତ୍ରୀ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଟାଇଟନ ନାମ ଏହି ବୁଡାଜାହାଜଟି ଉତ୍ତର ଆଟଲାଣ୍ଟିକରେ ନିଖୋଜ ହୋଇଯାଇଥିଲା। ତେବେ ଏହାକୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ତେବେ ଦୁଃଖର ବିଷୟ ଏହି ବୁଡାଜାହାଜଟିର ସନ୍ଧାନ ମିଳିଥିଲେ ମଧ୍ୟ ଏଥିରେ ଥିବା ୫ଜଣଙ୍କର ମୃତ୍ୟୁ ହୋଇଛି। ଏନେଇ କଂପାନି ଓସେନଗେଟ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ୧୯୧୨ ମସିହାରେ ଆଟଲାଣ୍ଟିକ ମହାସାଗରରେ ବୁଡି ଯାଇଥିବା ଟାଇଟନିକ ଜାହାଜର ଭଗ୍ନାବଶେଷ ଦେଖିବାକୁ ଯାଇଥିବା ଉଡାଜାହାଜ ଟାଇଟନ ୧୮ତାରିଖରୁ ନିଖୋଜ ହୋଇଯାଇଥିଲା। ମହାସାଗରକୁ ଯିବାର ମାତ୍ର ୨ଘଣ୍ଟା ପରେ ଟାଇଟନ ସହ ଯୋଗାଯୋଗ ମଧ୍ୟ ବିଚ୍ଛିନ୍ନ ହୋଇପଡିଥିଲା। ଏହାପରେ ସେମାନଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଗୁରୁବାର ଆମେରିକା କୋଷ୍ଟଗାର୍ଡ ଏହି ବୁଡାଜାହାଜର କିଛି ଅଂଶ ଠାବ କରିଥିଲା। ଏହାପରେ ବିଶେଷଜ୍ଞ ଟିମ୍ ଯାଞ୍ଚରେ ଲାଗି ପଡିଥିଲେ। ଟାଇଟନରେ ଏକ ବିସ୍ଫୋରଣ ପରେ ଦୁର୍ଘଟଣା ଘଟିଥିବା କୁହାଯାଉଛି। ବର୍ତ୍ତମାନ ଟାଇଟନର ଭଗ୍ନାବଶେଷକୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏଥିରେ ମୃତ୍ୟୁବରଣ କରିଥିବା ୫ଜଣ ଯାକ ହେଲେ ଓସେନଗେଟ୍‌ର ସିଇଓ ଷ୍ଟକଟନ ରସ, ରାଜକୁମାର ଦାଉଦ ତାଙ୍କ ପୁଅ ସଲେମାନ ଦାଉଦ, ହାମିସ୍ ହାର୍ଡିକ ଏବଂ ପଲ ହେନରୀ ନାର୍ଜିଓଲେକ୍। ଓସେନଗେଟ୍ କଂପାନି ପକ୍ଷରୁ ମୃତକଙ୍କ ପରିବାକୁ ସମବେଦନା ଜ୍ଞାପନ କରାଯାଇଛି। ଆମେରିକା କୋଷ୍ଟଗାର୍ଡର ପ୍ରବକ୍ତ କହିଛନ୍ତି ଯେ, ଏହି ବୁଡାଜାହାଜକୁ ଉଦ୍ଧାର କରିବା ଏତେ ସହଜ ନଥିଲା। ଉଦ୍ଧାର କାର୍ଯ୍ୟରେ ଅନେକ • ପୃଷ୍ଠା ୮ ଦେଖନ୍ତୁ

## ଆମେରିକା କଂଗ୍ରେସରେ ମୋଦୀଙ୍କ ଉଦ୍‌ବୋଧନ

# ଆତଙ୍କବାଦ ମାନବ ସମାଜର ଶତ୍ରୁ



ୱାଶିଂଟନ, ୨୩।୬ : ଆତଙ୍କବାଦ ହେଉଛି ମାନବ ସମାଜର ପରମ ଶତ୍ରୁ। ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ କୌଣସି ବାହାନା ନରହିବା ଦରକାର। ଆତଙ୍କବାଦକୁ ପ୍ରାୟୋଜିତ କରୁଥିବା କିମ୍ବା ଆତଙ୍କବାଦୀମାନଙ୍କୁ ପ୍ରଶୟ ଦେଉଥିବା ରାଷ୍ଟ୍ର ଓ ବ୍ୟକ୍ତି ବିଶେଷଙ୍କ ବିରୋଧରେ ମିଳିମିଶି ଲଢ଼ିବା ଆବଶ୍ୟକ ବୋଲି ଆମେରିକା କଂଗ୍ରେସରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସେ କହିଥିଲେ, ୯/୧୧ ଏବଂ ୨୬/୧୧ ଆକ୍ରମଣ ପରେ ଏବେ ବି ଆତଙ୍କବାଦ ସମଗ୍ର ଦୁନିଆ ପାଇଁ ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି। ଆମେରିକା କଂଗ୍ରେସକୁ ସମ୍ବୋଧନ ସମୟରେ ମୋଦୀ କହିଥିଲେ ଏଆଇ ଅର୍ଥ ହେଉଛି ଆମେରିକା-ଇଣ୍ଡିଆ। ଆଜି ଭାରତ ଏବଂ ଆମେରିକା ସମୁଦ୍ର ଠାରୁ ଆରମ୍ଭ କରି ଅନ୍ତରୀକ୍ଷ ପର୍ଯ୍ୟନ୍ତ, ବାଣିଜ୍ୟ, କୃଷି, ଅର୍ଥ, କଳା ଏବଂ ସ୍ୱାସ୍ଥ୍ୟସେବାରେ ମିଳିମିଶି କାମ କରୁଛନ୍ତି। ଭାରତରେ ୨୫୦୦ ରାଜନୈତିକ ଦଳ, ୨୨ଟି ଅଫିସିଆଲ ଭାଷା, ୧ହଜାର କଥିତ ଭାଷା, ପ୍ରତି ଶହେ ମାଇଲରେ ବଦଳି ଯାଏ ଖାଦ୍ୟ। ଏହାର ଅର୍ଥ ହେଉଛି ବିବିଧତା ହେଉଛି ଭାରତୀୟ ଜୀବନର ଅଙ୍ଗ। ଖୁବ୍ ଶୀଘ୍ର ଭାରତ ବିଶ୍ୱର ତୃତୀୟ ମହାଶକ୍ତି ଭାବେ ଉଭା ହେବ ବୋଲି ମୋଦୀ ତାଙ୍କ ଭାଷଣରେ କହିଥିଲେ। ଅନ୍ୟପକ୍ଷରେ ମୋଦୀ ୟୁକ୍ରେନ ସଙ୍କଟ ଉପରେ ମଧ୍ୟ ଚିନ୍ତା ବ୍ୟକ୍ତ କରିଥିଲେ। ସେ କହିଥିଲେ ଯୁଦ୍ଧ ଯୋଗୁଁ ଲୋକଙ୍କୁ କଷ୍ଟ ହୋଇଥାଏ। ଦୁଇ ଦେଶ ମଧ୍ୟରେ ଯୁଦ୍ଧ କାରଣରୁ ବିକାଶଶୀଳ ଦେଶମାନେ ପ୍ରଭାବିତ ହେଉଛନ୍ତି। ତେଣୁ ସାମଗ୍ରୀକ ଭାବେ ସମସ୍ତେ ଏହି ଯୁଦ୍ଧ ବନ୍ଦ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। • ପୃଷ୍ଠା ୮ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଟ୍ରେନ୍ ଦୁର୍ଘଟଣା ଦୁଃଖର ବିଷୟ
ବାହାନଗା କିନ୍ତୁ ଖୁସି,
ନୂଆ ସ୍କୁଲ୍ ହେଲା ପ୍ରଶଂସା ମିଳିଲା
ବରଷିଲା ଅର୍ଥରାଶି ।
ରାଜ୍ୟ, କେନ୍ଦ୍ର ମିଳିମିଶି
ଆପଣା ବଡେଇ ଦେଖାଇବା ପାଇଁ
ବୁଦ୍ଧି, ଜ୍ଞାନ କଷିକଷି ।

## ଭବାନୀପାଟଣା ମହାଜନସମ୍ପର୍କ ଅଭିଯାନ ସମାବେଶରେ ନଡ୍ଡା

# ମୋଦୀଙ୍କ ନେତୃତ୍ୱ ଦେଶକୁ ଦେଇଛି ନୂଆ ଦିଶା



ଭବାନୀପାଟଣା, ୨୩।୬(ଭାସ୍କର ନ୍ୟୁଜ): ମୋଦୀଙ୍କ ନେତୃତ୍ୱ ଦେଶକୁ ନୂଆ ଦିଶା ଦେଇଛି। ଏବେ ଭାରତ ଆଉଏକ ବିକାଶଶୀଳ ଦେଶ ନୁହେଁ, ବିକଶିତ ରାଷ୍ଟ୍ର ହେବ ବୋଲି ମତବ୍ୟକ୍ତ କରିଛନ୍ତି ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା। ଶୁକ୍ରବାର ଭବାନୀପାଟଣାରେ ଆୟୋଜିତ ମହାଜନସମ୍ପର୍କ ଅଭିଯାନ ସମାବେଶରେ ଯୋଗଦେଇ ଶ୍ରୀ ନଡ୍ଡା କହିଥିଲେ ଯେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବସ୍ ବୋଲି ସମ୍ବୋଧନ କରନ୍ତି। ସେହିପରି ଆମେରିକାଠାରୁ ଆରମ୍ଭ କରି • ପୃଷ୍ଠା ୮ ଦେଖନ୍ତୁ

## ମହାମେଣ୍ଟ ପାଇଁ ମହାବୈଠକ

# ଏକାଠି ନିର୍ବାଚନ ଲଢ଼ିବେ ବିରୋଧୀ : ନିତିଶ



ପାଟନା, ୨୩।୬: ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିରୋଧୀ ଦଳମାନେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏହି କ୍ରମେରେ ଶୁକ୍ରବାର ବିହାରର ପାଟନାରେ ବିରୋଧୀ ଦଳନେତାମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୩୦ରୁ ଅଧିକ ବିରୋଧୀ ଦଳ ନେତା ଉପସ୍ଥିତ ରହିଥିଲେ। ବୈଠକରେ ଆଗାମୀ ଲୋକସଭା ନିର୍ବାଚନ-୨୦୨୪ ଏକାଠି ଲଢ଼ିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ଉପରେ ବୈଠକରେ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଥିଲା। ୪ଘଣ୍ଟାରୁ ଊର୍ଦ୍ଧ୍ୱ ଧରି ଏହି ବୈଠକ ଚାଲୁ ରହିଥିଲା। ବୈଠକ ପରେ ଏନ୍‌ସିପି ମୁଖ୍ୟ ଶରତ ପାୱାର କହିଥିଲେ ଯେ, ବିରୋଧୀ ଏକତ୍ର ହେଲେ ବିଜେପିକୁ ପରାସ୍ତ କରିବା ସମ୍ଭବ। ଦୀର୍ଘ ୨୫ବର୍ଷରୁ ଊର୍ଦ୍ଧ୍ୱ ହେବ ମୁଁ ଓ ଉଦ୍ଧବ ଠାକ୍‌ରେ ପରସ୍ପର ବିରୋଧରେ ନିର୍ବାଚନ ଲଢୁଥିଲୁ। ଏବେ କିନ୍ତୁ ସବୁ କିଛି ଭୁଲି ଏକାଠି ଲଢୁଛୁ। ସେହିଭଳି ନିତିଶ କୁମାର କହିଥିଲେ ଯେ, ଆମେ ସମସ୍ତେ ଏକାଠି • ପୃଷ୍ଠା ୮ ଦେଖନ୍ତୁ

## ମହାପ୍ରଭୁଙ୍କ ନାମରେ ମହା ଠକେଇ

# ଶ୍ରୀମନ୍ଦିରରେ ପୂଜା ପାଇଁ ଅନଲାଇନ୍ ଆପ୍

ପୁରୀ, ୨୩।୬(ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଆରମ୍ଭ ହୋଇଯାଇଛି ମହାଠକେଇ। ମୋବାଇଲ ଆପ୍ ଜରିଆରେ ମହାପ୍ରଭୁଙ୍କ ପାଖରେ ପୂଜା କରିବା ନିମନ୍ତେ ମାସିକିଆ ଚାନ୍ଦା ଆଦାୟ କରୁଛି ଉତ୍ସବ ନାମକ ଏକ ଅନଲାଇନ୍ ପ୍ଲାଟଫର୍ମ। ଏହି ଅନଲାଇନ୍ ଆପ୍ କୋଲକାତାରୁ ପରିଚାଳିତ ହେଉଥିବାବେଳେ ଏଥିରେ ବିଜ୍ଞାପନ ଦିଆଯାଇ ଭକ୍ତଙ୍କ ଭାବନା ସହ ଖେଳାଯାଉଥିବା ଅଭିଯୋଗ ହୋଇଛି। ଏହି ଆପ୍‌ରେ କୁହାଯାଇଛି ଯେ ଯେ କୌଣସି ସ୍ଥାନରେ ରହିଲେ ମଧ୍ୟ ଭକ୍ତମାନେ ଅନଲାଇନ୍‌ରେ ବୁକିଂ କରିପାରିବେ। ଭକ୍ତଙ୍କ ଘର ଠିକଣାରେ ଶ୍ରୀମନ୍ଦିର ଶୁଖିଲା ଭୋଗ ଓ ନିର୍ମାଲ୍ୟ ପଠାଯିବାର ବ୍ୟବସ୍ଥା ରହିଥିବା କୁହାଯାଇଛି। ମହାପ୍ରଭୁଙ୍କ ମସ୍ତିଷ୍କରେ ଆଟିକା ବାନ୍ଧିବା ପାଇଁ ୧୧ହଜାର ୫୦୧ ଟଙ୍କା, ମାସିକିଆ ପୂଜାପାଇଁ ୮ହଜାର ୧୦୦ ଟଙ୍କା, ରଥରେ ଭୋଗ ପାଇଁ ୪୫୦୦ ଟଙ୍କା ଦେବାକୁ ପଡ଼ିବ ବୋଲି ଉଲ୍ଲେଖ କରାଯାଇଛି। ଏଥିରେ ରଥଯାତ୍ରାରେ ସ୍ୱତନ୍ତ୍ର ଭୋଗ ପାଇଁ ମଧ୍ୟ ଟଙ୍କା ପଇଠ କରିବାକୁ ପଡ଼ିବ ବୋଲି କୁହାଯାଇଛି। ଶ୍ରୀମନ୍ଦିରରେ ସଂପୂର୍ଣ୍ଣ ପରିବାର ସ୍ୱତନ୍ତ୍ର ପୂଜା କରିବା ପାଇଁ ୨୪୦୧ ଟଙ୍କା, ମନ୍ଦିରରେ ଧ୍ୱଜା ବାନ୍ଧିବା ପାଇଁ ୨୧୫୧ଟଙ୍କା, ନାମ ଓ ଗୋତ୍ରରେ ସଂକଳ୍ପ କରିବାପାଇଁ ୮୦୧ ଟଙ୍କା ଦେବାକୁ ପଡ଼ିବ ବୋଲି ଉଲ୍ଲେଖ କରାଯାଇଛି। ଏହା ଜଣାପଡ଼ିବା ପରେ ସେବାୟତମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି ଯେ • ପୃଷ୍ଠା ୮ ଦେଖନ୍ତୁ

# ମହାନଗର

ପୃଷ୍ଠା-୨
Page-2
ଭୁବନେଶ୍ୱର
Bhubaneswar
୨୪.୦୬.୨୦୨୩
24.06.2023




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡ଼ିର ଲିଗାଲ ସେଲ୍ ବିଭାଗର ମୁଖ୍ୟ ଦିଗ୍‌ଦର୍ଶକ ତଥା ହାଇକୋର୍ଟ ବାର ଆସୋସିଏସନର ପୂର୍ବତନ ସଭାପତି ଗୋପାଳ କୃଷ୍ଣ ମହାନ୍ତି ବିଜେଡ଼ି ଦଳ ଛାଡ଼ି କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବରେ ଯୋଗ ଦେଇଛନ୍ତି। ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଶ୍ରୀ ମହାନ୍ତିଙ୍କ ଯୋଗଦାନ କଂଗ୍ରେସ ସଂଗଠନକୁ ସମୃଦ୍ଧ ଓ ବୁଦ୍ଧିମନ୍ତ କରିବ। ପିସିସି ମିଡ଼ିଆ ସେଲ୍‌ର ଅଧ୍ୟକ୍ଷ ଗଣେଶ୍ୱର ବେହେରା ପରିଚାଳନା କରିଥିବାବେଳେ ଆଇନ୍‌ଜୀବି ବିଶ୍ୱ ରଞ୍ଜନ ମାର୍ଥା, ଶ୍ରୀ ମହାନ୍ତି ଓ ଅନ୍ୟାନ୍ୟ ଆଇନ୍‌ଜୀବିଙ୍କ ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ପ୍ରାୟ ୩୦ ରୁ ଉର୍ଦ୍ଧ ଆଇନ୍‌ଜୀବି ଶ୍ରୀ ମହାନ୍ତିଙ୍କ ସହ ଆଜି କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି।

# ବିଶ୍ୱସ୍ତରୀୟ ହେବ ନନ୍ଦନକାନନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନନ୍ଦନକାନନର ହେବ ରୂପାନ୍ତର। ୫-ଟି ଉପକ୍ରମରେ ଏହାକୁ ଏକ ବିଶ୍ୱସ୍ତରୀୟ ପ୍ରାଣୀ ଉଦ୍ୟାନ ଭାବେ ଏହାର ରୂପାନ୍ତର କରାଯିବ। ଚୂଡଙ୍ଗ ଜଙ୍ଗଲ ଅଞ୍ଚଳକୁ ଏଥିରେ ସାମିଲ କରାଯିବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ରାଜ୍ୟ ବନ ବିଭାଗ ପକ୍ଷରୁ ନନ୍ଦନକାନନର ରୂପାନ୍ତର ପାଇଁ ଏକ ଉପସ୍ଥାପନା ରଖାଯାଇଥିଲା। ଏଥିରେ ନନ୍ଦନକାନନର କାୟାରେ ପରିବର୍ତ୍ତନ ପାଇଁ ଏକ ବିସ୍ତୃତ ଓ ଭବିଷ୍ୟମୁଖୀ ପ୍ରସ୍ତାବ ରଖାଯାଇଛି । ଏ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେବା ସହିତ ନନ୍ଦନକାନନରେ ପ୍ଲାଷ୍ଟିକ ବ୍ୟବହାର ସଂପୂର୍ଣ୍ଣ ନିଷେଧ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାମ ସଂପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ମଇ ୨୩ ତାରିଖରେ ଜଙ୍ଗଲ ବିଭାଗ ସମୀକ୍ଷା ସମୟରେ ନନ୍ଦନକାନନର ରୂପାନ୍ତର ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନୂଆ ଯୋଜନାରେ ପରିଦର୍ଶକ ମାନଙ୍କ ପାଇଁ ଅତିରିକ୍ତ ଉନ୍ନତ ସୁବିଧା, ଆଧୁନିକ ଫ୍ରଣ୍ଟେଜ ଓ ଲ୍ୟାଣ୍ଡସ୍କେପିଂ, ଟନେଲ ଆକ୍ୱାରିଅମ, ୱାଟର ବାର୍ଡ ଆଭିଆରୀ ଦେଶ ବିଦେଶରୁ ନୂତନ ପ୍ରାଣୀ, ଇମ୍ମେସିଭ୍ ଏନକ୍ଲୋଜର ଓ ପିଲାମାନଙ୍କ ପାଇଁ ପ୍ରକୃତି ଶିକ୍ଷାର ଏକ ସ୍ୱତନ୍ତ୍ର ହବ୍ ଭାବରେ ବିକାଶ କରିବା ପାଇଁ ବ୍ୟବସ୍ଥା ରହିଛି। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ରୂପାନ୍ତର କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟ ୨୦୨୩ ରୁ ୨୦୨୫ ଓ ଦ୍ୱିତୀୟ ପର୍ଯ୍ୟାୟ ୨୦୨୫ ରୁ ୨୦୨୮ ମଧ୍ୟରେ କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟରେ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନର ବିକାଶ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଚୂଡଙ୍ଗ ଜଙ୍ଗଲ ଅଞ୍ଚଳର ବିକାଶ କରାଯିବ । ଏଥିରେ ଆକ୍ଟିଭିଟି ଭିତିକ ପ୍ରାଣୀ ଉଦ୍ୟାନ, ପ୍ରକୃତି ଶିକ୍ଷା ସହିତ କେତେକ ସ୍ୱତନ୍ତ୍ର ସ୍କୁଲରେ 'ନନ୍ଦନକାନନ କ୍ଲବ' ଓ 'ଜୁ ଆମ୍ବାସାଡର' ଆଦି କାର୍ଯ୍ୟକ୍ରମ ରହିଛି। ଏହାସହିତ ସିଟିଜେନ୍ ସାଇନ୍ସ, ନୋ ୟୋର ଟ୍ରି ଆଦି ବିଭିନ୍ନ ଆକ୍ଟିଭିଟି କରାଯିବ। ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଇଣ୍ଟର୍ନସିଭ ଓ ଜୁ ଭଲ୍ୟୁଣ୍ଟିଅର ଆଦି କାର୍ଯ୍ୟକ୍ରମ କରାଯିବ। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ନନ୍ଦନକାନନରେ ୪୮ଟି ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୭୭ଟି ପ୍ରଜାତିର ପକ୍ଷୀ, ୩୦ଟି ପ୍ରଜାତିର ସରୀସୃପ ଓ ୬ଟି ପ୍ରଜାତିର ଉଭୟଚର ପ୍ରାଣୀ ଅଛନ୍ତି। ସମୁଦାୟ ୧୬୧ ପ୍ରଜାତିର ୪୦୧୨ଟି ପ୍ରାଣୀ ଅଛନ୍ତି । ବର୍ତ୍ତମାନ ଦେଶ ବିଦେଶର ବିଭିନ୍ନ ସ୍ଥାନରୁ ଅଧିକ ପ୍ରାଣୀ ଆଣିବା ପାଇଁ ଯୋଜନା କରାଯାଇଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ପି.କେ. ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ନନ୍ଦନକାନନର ନିର୍ଦ୍ଦେଶକ ଉପସ୍ଥାପନା ରଖିଥିଲେ।

# ବାହାନଗା ରେଳ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କୁ ସାହାଯ୍ୟାର୍ଥେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ଲକ୍ଷ ଟଙ୍କାର ସହାୟତା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବାହାନଗା ଠାରେ ଜୁନ ୨ ତାରିଖରେ ଘଟିଥିବା ରେଳ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କୁ ସାହାଯ୍ୟାର୍ଥେ ବରମୁଣ୍ଡାସ୍ଥିତ ଇଭିଓଏସ ବିଲଡ୍‌କନ ପ୍ରା.ଲିଃ. ପକ୍ଷରୁ ଦଶ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା ପ୍ରଦାନ କରାଯାଇଛି। ଆଜି ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ ସାକ୍ଷାତ କରି ଏହି ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

## ରାଜ୍ୟପାଳଙ୍କୁ ପୁସ୍ତକ ଉପହାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ସୌଜନ୍ୟ ସାକ୍ଷାତ କରି 'ଫାଉଣ୍ଡେସନ ଅଫ୍ ମ୍ୟାଥମେଟିକ୍ସ' ଗ୍ରନ୍ଥକୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଛି ।ଏହି ପୁସ୍ତକର ଲେଖକଦ୍ୱୟ ତପନ ବିହାରୀ ଭଞ୍ଜ ଓ ଅମରେନ୍ଦ୍ର ପଟ୍ଟନାୟକ ରାଜ୍ୟପାଳଙ୍କୁ ପ୍ରଦାନ କରିଛନ୍ତି । ଉଲ୍ଲେଖନୀୟ ଯେ ଶ୍ରୀ ଲାଲ ଜଣେ ଖ୍ୟାତନାମା ଗଣିତ ପ୍ରଫେସର ଓ ସେ ଏହି ପୁସ୍ତକର ଅଗ୍ରଲେଖ ଲେଖିଛନ୍ତି। ଏହି ପୁସ୍ତକଟି ଏକାଦଶ ଓ ଦ୍ୱାଦଶ ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଯୋଗୀ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ରାଜଭବନରେ ଅନୁଷ୍ଠିତ ଏହି ସୌଜନ୍ୟ ସାକ୍ଷାତ ସମୟରେ ଇଂ. ରଶ୍ମିରେଖା ମହାନ୍ତି, ସରିତା ପଟ୍ଟନାୟକ ଓ ରାଜ୍ୟପାଳଙ୍କ ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ରକ୍ଷକ ନାୟକ ଉପସ୍ଥିତ ଥିଲେ।

# ଅନାଥ ଶିଶୁକନ୍ୟା ଲିଲିଆନାର ନୂଆ ଠିକଣା ଆମେରିକାର ଓକ୍ଲାହୋମା

 କଟକ(ଭାସ୍କର ନ୍ୟୁଜ୍): ଅନାଥ ଶିଶୁକନ୍ୟା ଲିଲିଆନାର ନୂଆ ଠିକଣା ଆମେରିକାର ଆଲାବାମା ରାଜ୍ୟସ୍ଥିତ ଓକ୍ଲାହୋମା ସହର। ସେ ପରିବାର, ଆବାସ ଓ ପିତାମାତାଙ୍କୁ ପାଇଛି । ଏହା ହେଉଛି ତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ 'ପରିଚୟ' ବୋଲି ଶିଶୁଟିକୁ ହସ୍ତାନ୍ତର ଅବସରରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଭବାନୀ ଶଙ୍କର ଚୟନୀ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଭାବପ୍ରବଣ ପରିବେଶରେ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ଆମେରିକାର ଆଲାବାମା ରାଜ୍ୟସ୍ଥିତ ଓକ୍ଲାହୋମା ସହରର ଦମ୍ପତି ଡ଼େଭିଡ୍ ବ୍ରିୟାଣ୍ଟ କୋଇଲେ ଏବଂ ତାଙ୍କ ପତ୍ନୀ ଆନ୍ନା ଏଲିସ କୋଟଲେ ଲିଲିଆନାକୁ ପୋଷ୍ୟସନ୍ତାନ ରୂପେ ଗ୍ରହଣ କରିଥିବା ଜଣାଯାଇଛି । କଟକ ଜିଲ୍ଲା ପରିଷଦ ସଭାପରି କିଶୋର ଚନ୍ଦ୍ର ମିଶ୍ରଙ୍କ ସଦୟ



ଉପସ୍ଥିରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଶିଶୁକନ୍ୟାକୁ ଖୋର୍ଦ୍ଧା ଶିଶୁ ସୁରକ୍ଷା ସମିତି ଦ୍ୱାରା ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ କଟକ ଶିଶୁଭବନକୁ ହସ୍ତାନ୍ତର କରାଯାଇଥିଲା । ଏ ସମ୍ବନ୍ଧିତ ସୂଚନା ପ୍ରାପ୍ତହୋଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକ ଶିଶୁଟିର ସେବାଯତ୍ନ ନିମନ୍ତେ କଟକସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର 'ବସୁନ୍ଧରା'କୁ ହସ୍ତାନ୍ତର କରିଥିଲେ। ଉକ୍ତ ଶିଶୁକନ୍ୟାକୁ ପୋଷ୍ୟସନ୍ତାନ ରୂପେ ଗ୍ରହଣ କରିବା ପାଇଁ କଟକ ଜିଲ୍ଲା ଶିଶୁ ମଙ୍ଗଳ ସମିତ ଗତ ୨୦୨୨ ମଇ ୪ ତାରିଖରେ ଅନୁମତି ପ୍ରଦାନ କରିଥିଲେ । ଏହାପରେ କେନ୍ଦ୍ରୀୟ ପୋଷ୍ୟସନ୍ତାନ ସଂଶାଧନ କର୍ତ୍ତୃପକ୍ଷ ୨୦୨୦ ମସିହା ଡିସେମ୍ବର ୧୫ ତାରିଖଠାରୁ ୨୦୨୪ ନଭେମ୍ବର ୨୮ ତାରିଖ ମଧ୍ୟରେ ବିନା ଆପତିରେ ଆମେରିକାର ଦମ୍ପତିଙ୍କୁ ଶିଶୁକନ୍ୟାକୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିବା ନିମନ୍ତେ ଅନୁମତି ପ୍ରଦାନ କରିଥିଲେ । ପ୍ରକାଶଥାଉକି ଲିଲିଆନାଙ୍କ ପିତା ପେଷାରେ ଜଣେ ପ୍ରବନ୍ଧ ପରିକ୍ଷକ ଓ ମାତା ପେଷାରେ ନର୍ସ ଭାବେ କାର୍ଯ୍ୟରତ ବୋଲି ଜଣାଯାଇଛି । ଇତିମଧ୍ୟରେ ଲିଲିଆନାର ପାସପୋର୍ଟ ଭୁବନେଶ୍ୱର ପାସପୋର୍ଟ କାର୍ଯ୍ୟାଳୟକୁ ଆବେଦନ କରାଯାଇଥିବା ବେଳେ ଶିଶୁକନ୍ୟାଟିର ଭିସା ଉପଲବ୍ଧ କରିବା ପାଇଁ ଦିଲ୍ଲୀରେ ପ୍ରକ୍ରିୟା ଜାରି ରହିଛି। ନିଜ ପ୍ରତିକ୍ରିୟାରେ ଆମେରିକାର ଦମ୍ପତି ପ୍ରକାଶକରିଛନ୍ତି ଯେ, ଲିଲିଆନା ସେମାନଙ୍କୁ ଖୁବ ଭଲ ପାଉଛି ଏବଂ ସେମାନେ ମଧ୍ୟ ଲିଲିଆନାକୁ ତତୋଧିକ ଭଲ ପାଉଛନ୍ତି । ଜିଲ୍ଲା ପ୍ରଶାସନକୁ ଗଭୀର କୃତଜ୍ଞତା ଜଣାଇ ଲିଲିଆନାର ନୂତନ ଜୀବନ ଯାତ୍ରାରେ ପ୍ରଶାସନର ସହଯୋଗ ଓ ଆଶୀର୍ବାଦ ଏକ ନୂତନ ପ୍ରେରଣା ବୋଲି କହିଛନ୍ତି ।

# ବର୍ଷାଜଳ ନିଷ୍କାସନର ସ୍ଥିତି ପରଖିଲେ ମେୟର, କମିଶନର

କଟକ(ଭାସ୍କର ନ୍ୟୁଜ୍): ସମ୍ପ୍ରତି ମୌସୁମୀ ବର୍ଷା ଆରମ୍ଭ ହୋଇଥିବାବେଳେ କଟକ ସହରର ସ୍ଥିତିକୁ ନେଇ ସହରବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଠିକ୍ ଭାବେ ନାଳନର୍ଦ୍ଦମା ସଫେଇ ହୋଇନଥିବାବେଳେ ବର୍ଜଜଳ ନିଷ୍କାସନର ସମସ୍ତ ଉତ୍ସଗୁଡ଼ିକ ପ୍ରସ୍ତୁତ ହୋଇ ନଥିବା ଯୋଗୁଁ ଆଗକୁ ବର୍ଷା ହେଲେ କଟକ ସହର ଜଳାର୍ଣ୍ଣବ ହେବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ଆଜି ସିଏମସି କର୍ତ୍ତୃପକ୍ଷ କଟକ ସହରରେ ବର୍ଷାଜଳ ନିଷ୍କାସନର ସ୍ଥିତି ଯାଞ୍ଚ କରିଛନ୍ତି। ସିଏମ୍‌ସି ମେୟର ସୁବାସ ସିଂହ, ନ୍ୟାୟମୂର୍ତ୍ତି ବିଶ୍ୱଜିତ ମହାନ୍ତି, କମିଶନର ନିଖିଲ ପବନ କଲ୍ୟାଣ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ କର୍ପୋରେଟର ଏବଂ ସମସ୍ତ ଅଧିକାରୀମାନେ ସ୍ଥାନୀୟ ମେରିଆ ବଜାର ପୋଲ ନିକଟରୁ ସେମିନାରୀ ସ୍କୁଲ ଛକ ମୁଖ୍ୟ ଡ୍ରେନର ସ୍ଥିତି ଯାଞ୍ଚ କରିଥିଲେ। ତେବେ ଏଥି ପାଇଁ ସ୍ୱତନ୍ତ୍ର ବ୍ୟୟ ବରାଦ ଓ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଥିବା ମେୟର ଶ୍ରୀ ସିଂହ ସୂଚନା ଦେଇଥିଲେ। ଏହି ଡ୍ରେନଟି ମଧ୍ୟ ବକ୍ସ ଡ୍ରେନ ଭଳି କଭର ଡ୍ରେନ କରାଯାଇ ଅଧିକ ଓସାର କରାଯିବା ପାଇଁ ଯୋଜନା ରହିଥିବାବେଳେ ସମ୍ପୃକ୍ତ ମୁଖ୍ୟ ରାସ୍ତାକୁ ପୂର୍ତ୍ତ ବିଭାଗକୁ ଦିଆଯାଇ ନୂଆ ରୂପରେଖରେ ରାସ୍ତା ନିର୍ମାଣ କରାଯିବାର ଯୋଜନା କରାଯାଇଥିବା ସିଏମ୍‌ସି କମିଶନର ଶ୍ରୀ କଲ୍ୟାଣ କହିଥିଲେ। ପୁନଶ୍ଚ ଏହି ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ପାଇଁ ସିଏମ୍‌ସି ପକ୍ଷରୁ ୩ଟି ଭଲଭୋ ପମ୍ପ ଦିଆଯାଇ ଆଜି ଠାରୁ କାମ ଆରମ୍ଭ ହୋଇଛି।

## ତିନି ରୋଗୀଙ୍କ ପାଇଁ ୩୦ ଲକ୍ଷ ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲାର ତିନିଜଣ ରୋଗୀ ଯଥା ଖନ୍ତାପଡାର କିରଣ କୁମାର ମଲ୍ଲିକ, ଖନ୍ତାପଡାର ସୁରଜ କୁମାର ମଲ୍ଲିକ ଏବଂ ସିମୁଳିଆର ଦିବ୍ୟାଂଶୁ ଦୀକ୍ଷିତ, ଜଟିଳ ମାଂସପେଶୀ ରୋଗ ଡିଏମ୍‌ଡି ପୀଡିତ ଅଛନ୍ତି। ସେମାନଙ୍କ ଉତ୍ତମ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩୦ ଲକ୍ଷ ଟଙ୍କା ମଂଜୁର କରିଛନ୍ତି । ଉପରୋକ୍ତ ତିନି ଜଣ ରୋଗୀଙ୍କୁ ପ୍ରତ୍ୟେକ ଏକକାଳୀନ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ମଞ୍ଜୁର କରାଯାଇଛି। ସୂଚନାଯୋଗ୍ୟ ଯେ ଡିଏମ୍‌ଡି ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ଅଟେ।

## ରାଜ୍ୟ ଖବର



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ମହିଳା ସମନ୍ୱିତ ଶିଶୁବିକାଶ ଅଧୀନରେ ଥିବା ବରାଗୋଲ ପଞ୍ଚାୟତ ଗରୁଆଳ ଅଙ୍ଗନୱାଡି ସେଣ୍ଟରର ୱାର୍କର କମାଳା ପାଣି (୬୦) ଦୀର୍ଘ ୧ ବର୍ଷ ହେବ ପକ୍ଷ୍ୟାଘାତ ରୋଗରେ ନିଜ ବାସଗୃହ ସାଦେଇପୁର ପଞ୍ଚାୟତର ରାଉତନୁଆଗାଁରେ ଚିକିତ୍ସା ହେଉଥିଲେ। ଗୁରୁବାର ସକାଳ ୭ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଅବିବାହିତ ରହି ସ୍ୱଳ୍ପ ଦରମାରେ ପରିବାର ଚଳାଉଥିଲେ। ସେ ଜଣେ ବ୍ରାହ୍ମଣ ପରିବାରର ହୋଇଥିବାବେଳେ ତାଙ୍କର ଦୁଇ ଭଉଣୀ ଓ ଗୋଟିଏ ଭାଇ ବହୁକଷ୍ଟରେ ଜୀବନ ବିତାଉଥିଲେ। କମଳାଙ୍କ ବିୟୋଗ ପରେ ଗ୍ରାମର ପ୍ରତାପ ମହାପାତ୍ର ସମେତ ବନ୍ଧୁବର୍ଗ ଶୋକାକୁଳ ପରିବେଶ ମଧ୍ୟରେ ନିଜ ଗ୍ରାମ ଶ୍ମଶାନରେ ଶବ ସତ୍କାର କରାଯାଇଥିବାବେଳେ ସାନଭାଇ କୃଷ୍ଣ ଚନ୍ଦ୍ର ପାଣି ମୁଖାଗ୍ନି ଦେଇଥିଲେ । କମଳାଙ୍କ ବିୟୋଗରେ ଗରୁଆଳ ଗ୍ରାମାରେ ଶୋକର ଛାୟା ଖେଳିଯିବା ସହିତ ୱାର୍କର ସବିତା ଧର,ଟୁନି ଦେଇ,ଶୁଭ୍ରା ସ୍ୱାଇଁ, ପ୍ରଭାତୀ ସାହୁ, ରେଶ୍ମାରାଣି ଖଟୁଆ,ମଞ୍ଜୁଲତା ରାଉତ ଓ ସୁମିତ୍ରା ସ୍ୱାଇଁ ସହିତ ସମସ୍ତ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି

# କୃତ୍ରିମ ଛେଳି ପ୍ରଜନନରେ ସଫଳତା



ତିହିଡ,(ଭାସ୍କର ନ୍ୟୁଜ୍):ଭଦ୍ରକ ଜିଲା ତିହିଡ଼ି ବ୍ଲକକୁ କୃତ୍ରିମ ଛେଳି ପ୍ରଜନନରେ ସଫଳତା ମିଳିଛି। ରାଜ୍ୟରେ ପ୍ରଥମକରି ତିହିଡ଼ି ବ୍ଲକରେ ଏହି ଛୁଆ ଜନ୍ମ ହୋଇଥିବା ତିହିଡ଼ି ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି। ଏହି ଯୋଜନା ଚଳିତ ବର୍ଷ ଜାନୁଆରୀ ମାସରେ ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ୭୦ ଛେଳିକୁ କୃତ୍ରିମ ପ୍ରଜନନ ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ୫୦ ଛେଳି ଗର୍ଭ ଧାରଣ କରିଛନ୍ତି। ଭାଟପଡ଼ା ପଞ୍ଚାୟତ ଅଧୀନ ଶଙ୍ଖିଡ଼ା ଗ୍ରାମରେ ଚଳିତ ମାସ ୬ ତାରିଖରେ ପ୍ରଥମେ ୩ଟି ଛେଳି ଛୁଆ ଜନ୍ମ ହୋଇଥିବା ବେଳେ ୧୧ ତାରିଖରେ ମହରମପୁରର ସନ୍ଦିପ କୁମାର ନାୟକଙ୍କ ୩ଟି ଛେଳି ଠାରୁ ୮ଟି ଛୁଆ ଜନ୍ମ ହୋଇଛନ୍ତି। କୃତ୍ରିମ ପ୍ରଜନନରେ ଗୋଟିଏ ଛେଳିରୁ ୨ରୁ ଅଧିକ ଛୁଆ ଜନ୍ମ ହେଉଥିବାରୁ ଏବଂ ଏହି ଛୁଆମାନେ ହୃଷ୍ଟପୁଷ୍ଟ ହେଉଥିବାରୁ ଚାଷୀମାନେ ଖୁସି ବ୍ୟକ୍ତ କରିଛନ୍ତି। ପ୍ରାକୃତିକ ପ୍ରଜନନରେ କମ୍ ଛୁଆ ଜନ୍ମ ହେଉଥିବା ବେଳେ ମୃତ୍ୟୁ ହାର ଅଧିକ ହେଉଥିଲା। ଏହି ପରିପ୍ରେକ୍ଷୀରେ ଚାଷୀମାନେ ଏହି ଯୋଜନାର ସୁବିଧା ନେଇ ପାରିଲେ ଛେଳି ଚାଷ ଲାଭ ଜନକ ବ୍ୟବସାୟ ହୋଇପାରିବ ବୋଲି ତିହିଡ଼ି ପ୍ରାଣୀ ଚିକିତ୍ସାଧିକାରୀ ତଥା ଏହି ପ୍ରକଳ୍ପର ମୁଖ୍ୟ ଡା. ନିରାକାର ଜେନା ପ୍ରକାଶ କରିଛନ୍ତି। ବ୍ଲକରେ ବ୍ଲାକ ବେଙ୍ଗଲ ଛେଳି ଚାଷ ପାଇଁ ପ୍ରକୃଷ୍ଟ ଅଞ୍ଚଳ ଏବଂ ଗତ ବର୍ଷକ ମଧ୍ୟରେ ଛେଳି ସଂଖ୍ୟା ୧୨ ହଜାରରୁ ୩୦ ହଜାରକୁ ବୃଦ୍ଧି ପାଇଛି ବୋଲି ଡା. ଜେନା କହିଛନ୍ତି। ବୋଦା ପାଳନ ଦ୍ୱାରା ଚାଷୀମାନେ ଖର୍ଚ୍ଚାନ୍ତ ହେଉଥିଲା ବେଳେ ଏହି କୃତ୍ରିମ ପ୍ରଜନନ ଦ୍ୱାରା କମ୍ ଖର୍ଚ୍ଚ ହେବ ବୋଲି ସୂଚନା ଦିଆଯାଇଛି।

# ଅବହେଳିତ ଅବସ୍ଥାରେ ଐତିହ୍ୟ ମହାଦେଈ ପୋଖରୀ

ବାଲିପାଟଣା,(ଭାସ୍କର ନ୍ୟୁଜ୍): ଖବର ପ୍ରକାଶ ପାଇବା ପରେ ମଧ ଫଳ ଶୁନ। ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ତୁରିନ୍ତିରା ପଞ୍ଚାୟତ ବାଗଲପୂର ମୌଜାରେ ଥିବା ପଞ୍ଚାୟତ ପୋଖରୀ ବା ମହାଦେଈ ପୋଖରୀ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହିଛି । ପୋଖରୀ ଖୋଳିବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଏହି ଐତିହାସିକ ପୋଖରୀ ପ୍ରତି ସରକାରଙ୍କ ଦୃଷ୍ଟି ପଡୁ ନଥିବା ଅଭିଯୋଗ ହେଉଛି । ସୂଚନା ଅନୁସାରେ ଦ୍ୱିତୀୟ ଅନଙ୍ଗଭୀମ ଦେବଙ୍କ ରାଣୀ ପାଟ ମହାଦେଈ ଖନନ କରିଥିବା ଏହି ପୋଖରୀଟି ଦୀର୍ଘ ଦିନ ଧରି ପଙ୍କ ଉଦ୍ଧାର ହୋଇ ନଥିବାରୁ କ୍ରମଶଃ ପୋତି ହେବାରେ ଲାଗିଛି । ଏପରିକି ଗ୍ରୀଷ୍ମ ଋତୁରେ ଏଥିରେ ପାଣି ରହୁଥିବା ବେଳେ ଏବେ ଅତ୍ୟଧିକ ପଙ୍କ କାରଣରୁ ଏହା ଶୁଖି ଯାଉଛି । ଫଳରେ ନିଲାମ ରେ ନେଉଥିବା ମସ୍ୟ ଚାଷୀ ମାନେ



ବାରମ୍ବାର କ୍ଷତିଗ୍ରସ୍ତ ହେଉଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଏହି ମହାଦେଈ ପୋଖରୀଟି ଖୋର୍ଦ୍ଧା ଜିଲ୍ଲା ର ବୃହତ୍ତମ ପୋଖରୀ ମାନଙ୍କ ମଧ୍ୟରୁ ଅନ୍ୟତମ । ଏହା ପ୍ରାୟ ବାଇସି ଏକର ପରିମିତ ଅଞ୍ଚଳ ରେ ଖନନ କରାଯାଇଥିବା ବେଳେ ମାଛ ଯାଆଁଳ ଚାଷ ପାଇଁ ଚାରିଟି ସ୍ୱତନ୍ତ୍ର ଟ୍ୟାଙ୍କ ସମେତ ପୋଖରୀ ବନ୍ଧ ରେ ଥିବା ନଡ଼ିଆ,ଆମ୍ବ ଏବଂ ଗୁଆ ଆଦି ଗଛ ଗୁଡ଼ିକ ରହିଛି । କେବଳ ସେତିକି ନୁହେଁ ଶୀତ ଋତୁରେ ବିଦେଶୀ ପକ୍ଷୀ ମାନଙ୍କ ଆଗମନ ସାଙ୍ଗକୁ ପୋଖରୀ ବନ୍ଧରେ ବିଭିନ୍ନ ଅଞ୍ଚଳରୁ ପିଲାମାନେ ଆସି ଭୋଜି କରିବାର ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଥାଏ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏତେ ସବୁ ପାରିପାର୍ଶ୍ୱିକ ଅବସ୍ଥା ଥାଇ ମଧ ସରକାରୀ ଅବହେଳା ଯୋଗୁଁ ଏହି ପୋଖରୀଟି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ଯାଉଛି । ଗ୍ରୀଷ୍ମ ଋତୁ ରେ ପୋଖରୀର ଜଳ ସ୍ତର ହ୍ରାସ ପାଇ ମାଛ ଗୁଡ଼ିକ ମରିଯାଉଥିବାରୁ ନିଲାମ ରେ ନେଉଥିବା ଚାଷୀ ମାନେ ବାରମ୍ବାର କ୍ଷତି ଗ୍ରସ୍ତ ହେଉଛନ୍ତି । ଏବେ ପୋଖରୀ ରେ ପଙ୍କ ପ୍ରାୟ ଦୁଇ ଫୁଟ ରହୁଥିବା ବେଳେ ଜଳ ସ୍ତର ମାତ୍ର ଏକ ଫୁଟ୍ ରୁ କମ୍ ରହିଛି । ପୋଖରୀ ମଝିରେ ବଗ ଓ ଅନ୍ୟ ମାଛଧରା ପକ୍ଷୀ ମାନେ ନିର୍ଦ୍ୱନ୍ଦରେ ବିଚରଣ କରୁଛନ୍ତି । ଜଳସ୍ତର ମାତ୍ରାଧିକ କମ୍ ଏବଂ ପଙ୍କ ଅଧିକ ରହୁଥିବାରୁ ଜାଲ ଦ୍ୱାରା ମାଛ ଧରିବା ସମ୍ଭବ ହେଉନାହିଁ । ପୋଖରୀକୁ ଜଳପୂର୍ଣ୍ଣ କରିବା ପାଇଁ କୌଣସି ବ୍ୟବସ୍ଥା ମଧ ନାହିଁ । ଉଲ୍ଲେଖଯୋଗ୍ୟ ଯେ ଏଠାରୁ ପଞ୍ଚାୟତ ସର୍ବାଧିକ ଆୟ କରୁଛି ମାତ୍ର ସୁବିଧା ଯୋଗାଇବା କ୍ଷେତ୍ରରେ ପଛଘୁଞ୍ଚା ଦେଇଆସିଛି । ତେଣୁ ଏତେ ଗୁଡ଼ିଏ ଅସୁବିଧା ଥିବାବେଳେ ଏପରି ଏକ ଐତିହାସିକ ପୋଖରୀ ପ୍ରତି ସରକାରୀ ଉଦାସୀନତା ସହିତ ରାଜନୈତିକ ଛକା ପଞ୍ଝାକୁ ଦାୟୀ କରାଯାଉଛି । ସର୍ବଶେଷରେ ସରକାର ଯଦି ଏହି ପୋଖରୀରୁ ପଙ୍କ ଉଦ୍ଧାର କରିବା ସହିତ ପୋଖରୀର ସୌନ୍ଦର୍ଯ୍ୟ କରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରନ୍ତେ ନିର୍ଶ୍ଚିନ୍ତ ଭାବରେ ଏହା ଏକ ପର୍ଯ୍ୟଟନ କ୍ଷେତ୍ର ରେ ପରିଣତ ହେବା ସହିତ ମସ୍ୟ ଚାଷୀମାନେ ଉପକୃତ ହୋଇପାରନ୍ତେ ଏବଂ ପଞ୍ଚାୟତ ତଥା ସରକାରଙ୍କ ରାଜସ୍ୱ ବୃଦ୍ଧିରେ ସହାୟକ ହୋଇପାରନ୍ତା ।

## ଅଳ୍ପକେ ବଞ୍ଚିଲେ ଗର୍ଭବତୀ ମହିଳା

ଚମ୍ପୁଆ,(ଭାସ୍କର ନ୍ୟୁଜ୍):ରାତି ଅଧରେ ମାଡ଼ି ଆସିଲେ ୨୨ ଟିକିଆ ହାତୀ ପଲ। ମାଟି ଖପର ଘରେ ନିଜ ଛୋଟ ଛୋଟ ପିଲା ମାନଙ୍କ ସହିତ ପଲଙ୍କ ଉପରେ ଶୋଇଥିଲେ ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ କାଞ୍ଚନପୁର ଗ୍ରାମର ବିଜୟ ମୁଣ୍ଡାଙ୍କ ଗର୍ଭବତୀ ସ୍ତ୍ରୀ। ହଠାତ ଗାଁ କୁ ମାଡି ଆସିଲେ ୨୨ ଟିକିଆ ବଣୁଆ ହାତୀ ପଲ। ମକା କିଆରୀ କୁ ଯାଇ ମକା ଖାଇଲେ, ଯେତିକି ଖାଇଲେ ତା ଠୁ ଅଧିକ ମକା ଫସଲ ମାଡି ମକଚି ନଷ୍ଟ କରିଦେଲେ। ବଣୁଆ ହାତୀ ପଲ ଗାଁ କୁ ମାଡି ଆସିବା ଦେଖି ଗାଁ ଲୋକ ମାନେ ହାତୀ ଘଉଡ଼ାଇବାକୁ ହୋ ହାଲ୍ଲା କଲେ । ଗାଁ ଲୋକଙ୍କ ପାଟି ଶୁଣି ହାତୀ ଘଉଡାଇବାକୁ ଚାଲି ଗଲେ ବିଜୟ ମୁଣ୍ଡା। ପଛେ ପଛେ ନିଜ ଛୋଟ ଛୋଟ ଛୁଆ ମାନଙ୍କୁ ଧରି ଘର ବାହାରକୁ ବାହାରି ଆସିଲେ ବିଜୟ ମୁଣ୍ଡାଙ୍କ ଗର୍ଭବତୀ ସ୍ତ୍ରୀ। ହାତୀ କୋଆଡେ ଗଲେ ବୋଲି ଦେଖିବା ବେଳକୁ ହାତୀ ପଲ ଆସି ତାଙ୍କ ମାଟି ଘର ପାଖରେ। ଲୋକ ମାନେ ହାତୀ ମାନଙ୍କୁ ଘଉଡ଼ାଇବାରୁ ହାତୀ ପଲ ରାଗି ଯାଇ ଶୁଣ୍ଢ ରେ ଭାଙ୍ଗି ପକାଇଲେ ତାଙ୍କ ଘରର କାନ୍ଥ। କଞ୍ଚା ଇଟା ଓ ମାଟି ରେ ତିଆରି ହୋଇଥିବା କାନ୍ଥ ଧୁଲ କରି ପଡ଼ିଲା ବିଜୟ ମୁଣ୍ଡାଙ୍କ ଗର୍ଭବତୀ ସ୍ତ୍ରୀ ଶୋଇଥିବା ପଲଙ୍କ ଉପରେ। ପଲଙ୍କ ଭାଙ୍ଗି ହୋଇଗଲା ଚୂରମାର। ଅଳ୍ପକେ ବଞ୍ଚିଗଲେ ବିଜୟ ମୁଣ୍ଡାଙ୍କ ଗର୍ଭବତୀ ସ୍ତ୍ରୀ। ଯଦି ବିଜୟ ମୁଣ୍ଡାଙ୍କ ଗର୍ଭବତୀ ସ୍ତ୍ରୀ ନିଘୋଡ଼ ନିଦରେ ଶୋଇ ଯାଇଥାନ୍ତେ କିମ୍ବା ଘରୁ ବାହାରିବାରେ ତିଳେ ମାତ୍ର ବିଳମ୍ବ କରିଥାନ୍ତେ ତେବେ ତାଙ୍କ ସହିତ ତାଙ୍କ ଛୋଟ ଛୋଟ ପିଲା ଓ ଗର୍ଭସ୍ଥ ଶିଶୁ ର ଅବସ୍ଥା ଯେ କଣ ହୋଇଥାନ୍ତା କେଜାଣି। ଉପସ୍ଥିତ ବୁଦ୍ଧି ପ୍ରୟୋଗ କରିବା ଯୋଗୁଁ ବିଜୟ ମୁଣ୍ଡାଙ୍କ ଗର୍ଭବତୀ ସ୍ତ୍ରୀ ଏକ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚିଯାଇ ପାରିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ରାଜନଗର,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀରେ ବିଧାୟକ ଧ୍ରୁବସାହୁଙ୍କ କରକମଳରେ ବିଭିନ୍ନ କ୍ଷେତ୍ରରେ ବିକାଶର ନୂତନ ମାନଚିତ୍ର ସୃଷ୍ଟି ହୋଇ ଆସୁଥିବା ବେଳେ ଗତକାଲି ନିଜ ଗାଁ ବେଲପାଳ ଠାରେ ଦୁଇଟି ଓ ଓସ୍ତିଆରେ ଗୋଟିଏ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବେଲପାଳରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ମହାକାଳୀ ମନ୍ଦିରର ରୂପାନ୍ତରିତ କାର୍ଯ୍ୟ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବେଲପାଳ ଠାରେ ନୂତନ ଆର୍ ଆଇ କାର୍ଯ୍ୟାଳୟ , ଓସ୍ତିଆ ସେବାସମବାୟ ସମିତି ପରିସରରେ ବହୁମୁଖୀ ଗୋଦାମ ଗୃହର ଶିଳାନ୍ୟାସ ବିଧାୟକ ଶ୍ରୀ ସାହୁଙ୍କ ଦ୍ୱାରା ସମ୍ପନ୍ନ ହୋଇଯାଇଛି। ଏହି



କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ ଓ ଆମ୍ବାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଧାୟକ ହ୍ୱୋର ଆଜିପର୍ଯ୍ୟନ୍ତ ଅଞ୍ଚଳର ଏବଂ ଜନସାଧାରଣଙ୍କର ଲୋକହିତକର କାର୍ଯ୍ୟ କରିଚାଲିଥିବା କର୍ମଠ ବିଧାୟକ ଶ୍ରୀ ସାହୁଙ୍କ ଗୁଣ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସ୍ତିଆ ପଞ୍ଚାୟତ ସରପଞ୍ଚ ବୈଦେହି ଦାସ, ଓସ୍ତିଆ ସ୍ୱୋସମବାୟ ସମିତିର ସଭାପତି ନୃଘନ ପଣ୍ଡା, ବିଜୟ ନାୟକ, ପତିତପାବନ ପଣ୍ଡା ଓ ମନୋଜ ସ୍ୱାଇଁ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଆଇ ଆଇ ସି ଶ୍ରୀକାନ୍ତ କୁମାର ବାରିକ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବିନୋଦ କୁମାର ଦାସ ପ୍ରମୁଖ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ।

## ଅସାରାଏ ବର୍ଷା ଆଣିଦେଲା ଆଶ୍ୱସ୍ତି

ତାଳଚେର,(ଭାସ୍କର ନ୍ୟୁଜ୍): ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଦୀର୍ଘମାସ ହେବ ପାରଦ ଉପରମୁହାଁ ହୋଇ ୪୫ଡ଼ିଗ୍ରୀ ଛୁଇଁଥିବା ସହ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଥିଲା। ପ୍ରଚଣ୍ଡ ରୌଦ୍ରତାପରେ ସକାଳ ୮ଟାରୁ ଘରୁ ପଦାକୁ ଗୋଡ଼କାଢ଼ିବା ସମ୍ଭବପର ହୋଇ ପାରୁନଥିଲା। ମାତ୍ର ଆଜି ସକାଳୁ ପାଗ କୋହଲା ରହିବା ସହିତ ଅପରାହ୍ଣ ୨ଟାରୁ ଝିପିଝିପିବର୍ଷା ଲାଗି ରହିଥିବାରୁ ଗୁଳୁଗୁଳି ହ୍ରାସ ପାଇବା ସହିତ ଜନଜୀବନକୁ ଅଳ୍ପକେ ଆଶ୍ୱସ୍ତି ଆଣି ଦେଇଛି। ସରକାରୀ ସୂତ୍ରରୁ ଆଜିର ତାପମାତ୍ରା ସର୍ବାଧିକ ୩୩.୮ ରହିଥିବା ବେଳେ ସର୍ବନିମ୍ନତାପମାତ୍ର ଅଦ୍ୟାବଧି ହସ୍ତଗତ ହୋଇପାରି ନାହିଁ। ଆଉ ଦୁଇଦିନ ପରେ ମୌସୁମୀ ଓଡ଼ିଶାକୁ ପ୍ରବେଶ କରିବ ବୋଲି କୁହାଯାଉଛି। ତେବେ ଏହି ବର୍ଷା କାଳବୈଶାଖୀ ନା ମୌସୁମୀ ବର୍ଷା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଥିନେଇ ତାଳଚେର ଅଞ୍ଚଳରେ ଚାଷକାର୍ଯ୍ୟ ପାଇଁ ଚାଷୀ ଆଶା ସଞ୍ଚାର ହୋଇଛି।

# Chhattisgarh
# Raises the Health Bar

## Mukhyamantri Vishesh Swasthya Sahayata Yojana

Up to

**₹20 lakh**

Financial aid for the treatment of rare and critical medical conditions

---

**₹79.57 crore**

disbursed since 2020



**The highest amount given under a medical scheme in the country**



Shri Bhupesh Baghel
Chief Minister, Chhattisgarh

**Chhattisgarh Govt**

**Pro** Active
**Pro** People

S - 37494/1

Visit us : ChhattisgarhCMO ChhattisgarhCMO ChhattisgarhCMO ChhattisgarhCMO DPRChhattisgarh DPRChhattisgarh www.dprCg.gov.in



ମାଲକାନଗିରି, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଶୁଭଶ୍ରୀ ସସ୍ମିତା ରଣସିନହାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ପ୍ରଥମେ ଯୋଗ ପ୍ରଶିକ୍ଷଣ ପ୍ରଦାନ କରା ଯାଇଥିବାବେଳେ ଡ. ନେଶ ଶବର ପ୍ରଶିକ୍ଷଣ କାର୍ଯ୍ୟ ତୁଲାଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ଯୋଗାସନ ପ୍ରଦର୍ଶନର ପ୍ରତିଯୋଗିତା କରାଯାଇଥିଲା। ଆୟୋଜିତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. କ୍ଷୀରୋଦ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତା ହୋତା, ନିଖିତା ସିଂ, ନରେନ୍ଦ୍ର ସୋଡ଼ି, ରାଜେଶ ଜେନା ଓ ଦୀପକ ପାତ୍ର ଯୋଗଦାନ କରିବା ସହିତ ଛାତ୍ରଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ସମୀର କୁମାର ଡାକୁଆ ଆୟୋଜନରେ


ସହାୟତା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ଯୋଗାସନ ପ୍ରଦର୍ଶନର ପ୍ରତିଯୋଗିତା କରାଯାଇଥିଲା। ଆୟୋଜିତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. କ୍ଷୀରୋଦ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତା ହୋତା, ନିଖିତା ସିଂ, ନରେନ୍ଦ୍ର ସୋଡ଼ି, ରାଜେଶ ଜେନା ଓ ଦୀପକ ପାତ୍ର ଯୋଗଦାନ କରିବା ସହିତ ଛାତ୍ରଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ସମୀର କୁମାର ଡାକୁଆ ଆୟୋଜନରେ ସହାୟତା କରିଥିଲେ।


## ବାଲିଘାଟ ଲିଜ୍ ସୀମା ବାହାରୁ ବେଆଇନ୍ ବାଲି ଉତ୍ତୋଳନ



ଚମ୍ପୁଆ, (ଭାସ୍କର ନ୍ୟୁଜ୍): ଚମ୍ପୁଆ ତହସିଲ ରଜିଆ ପଞ୍ଚାୟତ ଅନ୍ତର୍ଗତ ଶଶାଙ୍ଗ ଗ୍ରାମର ଅରଦେଇ ନଦୀ କୂଳରେ ଥିବା ଶଶାଙ୍ଗ-୨ ବାଲି ଘାଟରୁ ଚାଲିଛି ବେଆଇନ ବାଲି ଉତ୍ତୋଳନ। ଲିଜ ସୀମା ଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରୁ ମଧ୍ୟ କରାଯାଉଛି ବାଲି ଉତ୍ତୋଳନ। ଏପରିକି ନଦୀ ପାଣିରୁ ବାଲି ଉତ୍ତୋଳନ ପାଇଁ ବ୍ୟବହାର କରାଯାଉଛି ଜେସିବି ମେସିନ ସହିତ ଅତ୍ୟାଧୁନିକ ଜ୍ଞାନ କୌଶଳ ଦ୍ୱାରା ନିର୍ମିତ ଯନ୍ତ୍ର ଚାଳିତ ଡଙ୍ଗା। ଡଙ୍ଗା ପାଣି ଉପରେ ଭାସୁଥିବା ବେଳେ ଡଙ୍ଗାରେ ଲାଗିଥିବା ଶକ୍ତି ସମ୍ପନ୍ନ ପମ୍ପ ଜରିଆରେ ନଦୀ ପାଣି ଭିତରୁ ବାଲିକୁ ପାଇପ ଯୋଗେ ଅଣା ଯାଉଛି କୂଳକୁ। ଏପରି ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ନଦୀ ପାଣି ଭିତରୁ ବାଲି ଉତ୍ତୋଳନ କରିବା ଘଟଣା ଚମ୍ପୁଆ କଣ ସମଗ୍ର କେନ୍ଦୁଝର ଜିଲ୍ଲାରେ ପୂର୍ବରୁ ଦେଖିବାକୁ ମିଳି ନ ଥିଲା। ସୁଚନା ଯୋଗ୍ୟ କି ଶଶାଙ୍ଗ ମୌଜାର ଖାତା ନଂ ୧୪୭ ପ୍ଲଟ ନଂ ୪୫୮ ଶଶାଙ୍ଗ-୨ ବାଲି ଘାଟକୁ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ୧୨ ଏକର ପରିସୀମା ମଧ୍ୟରେ ବାଲି ଉତ୍ତୋଳନ କରିବା ପାଇଁ ଜନୈକ ଲିଜ ଧାରୀଙ୍କୁ ୫ ବର୍ଷ ପାଇଁ ଲିଜ ଦିଆଯାଇଅଛି। କିନ୍ତୁ ଜନୈକ ଲିଜ ଧାରୀ ଏହି ବାଲି ଘାଟକୁ ଲିଜ ନେବା ପରେ ଓଡ଼ିଶା ମାଇନିଙ୍ଗ ରୁଲ ୨୦୧୬ କୁ ଉଲ୍ଲଙ୍ଘନ କରି ଜେସିବି ପରି ବଡ଼ ବଡ଼ ମେସିନ ଓ ଅତ୍ୟାଧୁନିକ ଜ୍ଞାନ କୌଶଳ ଯୁକ୍ତ ଉଚ୍ଚ ଶକ୍ତି ସମ୍ପନ୍ନ ପମ୍ପ ଲାଗିଥିବା ଯନ୍ତ୍ର ଚାଳିତ ଡଙ୍ଗା ବ୍ୟବହାର କରି ନଦୀ ଗର୍ଭରୁ ବାଲି ଉତ୍ତୋଳନ କରିବା ସହିତ ଲିଜ ପରିସୀମା ବାହାରକୁ ଯାଇ ବାଲି ଉତ୍ତୋଳନ କରୁଥିବା ଦୃଷ୍ଟି ଗୋଚର ହେଉଛି। ମେସିନ ଦ୍ୱାରା ନଦୀ ଗର୍ଭରୁ ବାଲି ଉତ୍ତୋଳନ କରାଯିବା ଯୋଗୁଁ ନଦୀ ଗର୍ଭରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହେବା ଦ୍ୱାରା ନିକଟରେ ଥିବା ଚାଷ ଜମିରେ ପାଣି ନ ରହିବା ଦ୍ୱାରା ଚାଷ ନଷ୍ଟ ହେବାର ସମ୍ଭାବନା ଥିବା ବେଳେ ସେହି ନଦୀରେ ଥିବା ପୋଲ ତଳୁ ମଧ୍ୟ ମେସିନ ଜରିଆରେ ବାଲି ଉତ୍ତୋଳନ କରାଯିବା ଯୋଗୁଁ ପୋଲ ପ୍ରତି ବିପଦ ସୃଷ୍ଟି ହୋଇଛି। ତେବେ ଲିଜ ଧାରୀ ଏତିକିରେ ସୀମିତ ନ ରହି ଲିଜ ପାଇଥିବା ଅରଡେଇ ନଦୀ କୂଳରେ ଥିବା ଶଶାଙ୍ଗ-୨ ବାଲିଘାଟଠାରୁ ପ୍ରାୟ ୨କିଲୋ ମିଟର ଦୂରରେ ଥିବା ବୈତରଣୀ ନଦୀ ପର୍ଯ୍ୟନ୍ତ ମାଡି ଯାଇ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଛି। ମେସିନ ଦ୍ୱାରା ବାଲି ଉତ୍ତୋଳନ କାମ କରାଯାଉଥିବାରୁ ସ୍ଥାନୀୟ ଶ୍ରମିକମାନେ କାମ ନ ପାଇ ଅନ୍ୟତ୍ର କାମ ଅନ୍ୱେଷଣରେ ପଳାୟନ କରୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ଗ୍ରାମବାସୀ ଏହାର ବିରୋଧ କରିବାରୁ ଜନୈକ ଲିଜ ଧାରୀଙ୍କ ପକ୍ଷରୁ ଗ୍ରାମବାସୀମାନଙ୍କୁ ଏହାର ବିରୋଧ କଲେ ଝାଡ଼ଖଣ୍ଡ ଅଞ୍ଚଳରୁ ଗୁଣ୍ଡା ଆଣି ବନ୍ଧୁକ ଦେଖାଇ ଜୀବନରେ ମାରି ଦେବାକୁ ଧମକ ଦିଆଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉପରୋକ୍ତ ବିଷୟ ନେଇ ରଜିଆ ଗ୍ରାମ ପଞ୍ଚାୟତ ବାସୀମାନେ ଚମ୍ପୁଆ ତହସିଲଦାରଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିବା ଜଣା ପଡ଼ିଛି। ତେବେ ଏ ନେଇ ଚମ୍ପୁଆ ତହସିଲଦାର ଶ୍ରୀମତୀ ସାଇ ସସ୍ମିତା ହୋତାଙ୍କ ମତାମତ ନିଆଯିବାରୁ ଶ୍ରୀମତୀ ହୋତା ଯନ୍ତ୍ର ଚାଳିତ ଡଙ୍ଗା ଦ୍ୱାରା ନଦୀ ଗର୍ଭରୁ ବେଆଇନ ବାଲି ଉଠାଣ କଥା ଅସ୍ୱୀକାର କରିଥିବା ବେଳେ ଜନୈକ ଲିଜ ଧାରୀ ଲିଜ ସୀମା ବାହାରେ ବାଲି ଉତ୍ତୋଳନ କରିଥିବା କଥାକୁ ସ୍ୱୀକାର କରିବା ସହ ତହସିଲ ତରଫରୁ ଚଢ଼ାଉ କରାଯାଇ ଲିଜ ପରିସୀମା ବାହାରେ ପ୍ରାୟ ୧୦୦୦ ସିଏମ୍ ବାଲି ବେଆଇନ ଭାବରେ ଉତ୍ତୋଳନ କରାଯାଇଥିବା ଆକଳନ କରାଯାଇଛି ବୋଲି କହିବା ସହ ଲିଜଧାରୀଙ୍କ ବିରୁଦ୍ଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ସ୍ଥାନୀୟ ଗ୍ରାମବାସୀମାନେ ଲିଜ ସୀମା ବାହାରେ ଏହି ବେଆଇନ ବାଲି ଉତ୍ତୋଳନର ପରିମାଣ ଏହାଠାରୁ ଢେର ଅଧିକ ବୋଲି କହିଛନ୍ତି।

## କେନ୍ଦୁପତ୍ର ଫଡ଼ିରେ ୨ ନାବାଳିକାଙ୍କ ସନ୍ଦେହ ଜନକ ମୃତ୍ୟୁ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଶୌରୀବେଙ୍ଗଶ ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। କେନ୍ଦୁପତ୍ର ଫଡ଼ିକୁ ପରିବାର ସଦସ୍ୟଙ୍କ ସହିତ କାମ କରିବାକୁ ଯାଇଥିବା ଦୁଇ ନାବାଳିକା ଝିଅଙ୍କର ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଛି। ମୃତ ନାବାଳିକାମାନେ ହେଲେ ସୌରୀନ୍ଦ୍ରୀ ନାୟକ (୧୭) ଏବଂ ଝରଣା ଭୋଇ(୧୭) ଉଭୟେ ଥିଲେ ମାମୁଁ ଅପାର ଝିଅ ସମ୍ପର୍କୀୟ ଭଉଣୀ। ହସ ଖୁସିର ସଂସାର କଣ ଜାଣିବା ପୂର୍ବରୁ ଚାଲିଗଲା ୨ ନିରୀହ ନାବାଳିକାଙ୍କର ଅମୂଲ୍ୟ ଜୀବନ। ସାମ୍ନାକୁ ଆସିଛି ଦୟନୀୟ ଆମ୍ବୁଲାନ୍ସ ସେବା ଓ ଶ୍ରମିକ ସୁରକ୍ଷା ଆଇନର ଅସଲ ଚିତ୍ର। ପରିବାର ସଦସ୍ୟଙ୍କ କହିବାନୁଯାୟୀ ଶୌରୀବେଙ୍ଗଶ ଗ୍ରାମର ଉତ୍ତର ନାୟକଙ୍କର ବିଭାହିତ ପୁଅ ଏବଂ ଝିଅର ପରିବାର ମିଶି ପୁଟାଖେତା ଗାଁରେ ଥିବା କେନ୍ଦୁପତ୍ର ଫଡ଼ିକୁ ମୂଲକାମ କରିବାକୁ ଯାଇଥିଲେ। ରାତିରେ ଖାଇପିଇ ସମସ୍ତେ ଶୋଇଥିବା ବେଳେ ରାତ୍ର ପ୍ରାୟ ୨ଟା ସମୟରେ ହଠାତ ସୌରୀନ୍ଦ୍ରୀ ଓ ଝରଣା ସେମାନଙ୍କର ପେଟ ଖୁବ ଜୋରରେ କାଟୁଥିବା ପରିବାର ଲୋକଙ୍କୁ କହିଥିଲେ। ହାତୀ ଭୟରେ ପରିବାର ଲୋକେ ତାଙ୍କୁ ଏତେ ରାତିରେ ମେଡିକାଲ ନେବାକୁ ଭୟକରି ଏ ନେଇ ୧୦୮ ଆମ୍ବୁଲାନ୍ସକୁ ଜଣାଇ ଡାକ୍ତରଖାନାକୁ ନେବା ପାଇଁ ଗୁହାରି କରିଥିଲେ। ମାତ୍ର ଆମ୍ବୁଲାନ୍ସ ଉପଲବ୍ଧ ନାହିଁ ତାଙ୍କୁ କୁହାଯିବାରୁ ଭାଗ୍ୟକୁ ଆଦରି ଗୁରୁତର ଅସୁସ୍ଥତା ସତ୍ତ୍ୱେ ସେମାନଙ୍କୁ ସେଠାରେ ରଖିଥିଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ୨ଝିଅ କିଛିଘଣ୍ଟା ପରେ ଆଉ ପାଟିଖୋଲି ନଥିଲେ। ସକାଳେ ପରିବାର ଲୋକେ ଏକ ଅଟୋ ଭଡ଼ାକରି ସେମାନଙ୍କୁ ଗୁରୁତର ଅବସ୍ଥାରେ କଣ୍ଟାମାଳ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ଉଭୟଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ କଣ୍ଟାମାଳ ପୋଲିସ କୁ ଜଣାଇବା ସହ ସେମାନଙ୍କର ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ପଠାଇଥିଲେ। କୌଣସି ବିଷାକ୍ତ ଜୀବର କାମୁଡାରେ କିମ୍ବା ଖାଦ୍ୟ ଯୋଗୁଁ ମୃତ୍ୟୁ ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ତେବେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଠିକଣା ସମୟରେ ମେଡିକାଲ ଅଣାଯାଇଥିଲେ ହୁଏତ ସେମାନଙ୍କର ଜୀବନ ବଞ୍ଚି ଯାଇଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏଥି ସହିତ ପତ୍ରଫଡିରେ ଏହି ଶିଶୁ ଶ୍ରମିକଙ୍କୁ ଯେଉଁମାନେ କାମରେ ଲଗାଇଥିଲେ। ଯଦି ବିଭାଗ ପକ୍ଷରୁ ସେମାନଙ୍କୁ ଡାକ୍ତରଖାନା ନିଆଯିବାର ବଂଧବସ୍ତ କରାଯାଇଥାନ୍ତା ବୋଧହୁଏ ଅନ୍ତତଃ ପକ୍ଷେ ଏତେବଡ ଅଘଟଣକୁ ଏଡାଇ ଦିଆଯାଇ ପାରିଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସେ ଯାହା ହେଉନା କାହିଁକି କେନ୍ଦୁପତ୍ର ଫଡ଼ିରେ ଉପଯୁକ୍ତ ଚିକିତ୍ସା ଅଭାବରୁ ଅକାଳରେ ୨ଟି ନିରୀହ ନାବାଳିକା ଙ୍କର ମୃତ୍ୟୁ ହେବା ପଛର କାରଣ ତଦନ୍ତ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ପକ୍ଷରୁ ଲୋକଭିମୁଖୀ କାର୍ଯ୍ୟକ୍ରମକୁ ଅଗ୍ରାଧିକାର

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଷ୍ଟେଟ ବ୍ୟାଙ୍କ ପକ୍ଷରୁ କ୍ଷେତ୍ରିୟ କାର୍ଯ୍ୟାଳୟର ସମସ୍ତ ଗ୍ରାହକ ସେବା କେନ୍ଦ୍ର ଗୁଡିକର ସହଯୋଗିତା ସମ୍ପର୍କିତ କାର୍ଯ୍ୟଶାଳା ଗୁରୁବାର ଦିନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲାର ୧୦୧ଟି ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରର ପରିଚାଳକ ଯୋଗ ଦେଇଥିଲେ। ଏହି ବୈଠକରେ ଷ୍ଟେଟ ବ୍ୟାଙ୍କ ବ୍ରହ୍ମପୁର ଜିଲ୍ଲାର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ପ୍ରଶାନ୍ତ କୁମାର ବେହେରା ଓ ମୁଖ୍ୟ ଅତିଥି ଶ୍ରୀ ମାନସ ରଞ୍ଜନ ଧିର ସାମନ୍ତ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କର ଅଭିଭାଷଣରେ ଷ୍ଟେଟ ବ୍ୟାଙ୍କ ସବୁବେଳେ ଉତ୍ତମ ଗ୍ରାହକ ସେବାକୁ ପ୍ରାଥମିକତା ଦେଇ ଆସୁଛୁ ବୋଲି କହିଥିଲେ। ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଶେଷ କରି ଆର୍ଥିକ ଅନ୍ତର୍ଭୁକ୍ତି କରଣ ଯୋଜନାକୁ ସଫଳ କରାଇବା ଲାଗି ଷ୍ଟେଟ ବ୍ୟାଙ୍କ ଅଗ୍ରାଧିକାର ଦେଉଛି। ଏହି ସବୁ କାର୍ଯ୍ୟକ୍ରମ ସଫଳ କରାଇବା ପାଇଁ ଗ୍ରାହକ ସେବା କେନ୍ଦ୍ରଗୁଡିକର ଭୂମିକା ଅଛି ବୋଲି ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନସନ ବୀମା ଯୋଜନା ବିଷୟ ଆଲୋଚନା ହୋଇଥିଲା। ଏଥିରେ ଛତ୍ରପୁର ମୁଖ୍ୟ ଶାଖାର ମୁଖ୍ୟ ପ୍ରବନ୍ଧକ ଶ୍ରୀ ନୀଳକଣ୍ଠ ବେହେରା, ମ୍ୟାନେଜର ରମଣି ରଞ୍ଜନ ସାହୁ (ଏଫ୍ଆଇ), ସହକାରୀ ମ୍ୟାନେଜର ରତ୍ନାକର ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ଖାଦ୍ୟ ଅଭାବରୁ ଗାଁ ମୁହାଁ ବନ୍ୟଜନ୍ତୁ
## ଅଜଣା ଗାଡି ଧକ୍କାରେ ହରିଣର ମୃତ୍ୟୁ

କୋଣାର୍କ, (ଭାସ୍କର ନ୍ୟୁଜ୍): କୋଣାର୍କ ବନବିଭାଗ ଅଧିନସ୍ଥ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ଖାଦ୍ୟ ଅଭାବ ଜନିତ ସମସ୍ୟା ଯୋଗୁଁ ଗାଁ ମୁହାଁ ହୋଇଥିବା ଏକ ହରିଣର କୋଣାର୍କ-କାକଟପୁର ମୁଖ୍ୟ ରାସ୍ତାର ବଢେଇ ଛକ ଠାରେ ଏକ ଅଜଣା ଗାଡି ଧକ୍କାରେ ପୂର୍ବାହ୍ନ ସମୟରେ ମୃତ୍ୟୁ ଘଟିଛି। ଖବରରୁ ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ବନବିଭାଗ ପକ୍ଷରୁ ହରିଣମାନଙ୍କ ସମେତ ବିଭିନ୍ନ ବନ୍ୟଜନ୍ତୁମାନଙ୍କ ନିମନ୍ତେ ମନରେଗା ଯୋଜନା ଓ କାମ୍ପା ଯୋଜନା ମାଧ୍ୟମରେ ଜଙ୍ଗଲ ମଧ୍ୟରେ ଘାସ ଚାଷ ଓ ପୋଖରୀ ଖନନ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ ନାମକୁ ମାତ୍ର କାର୍ଯ୍ୟ କରାଯାଇ କାଗଜ କଲମରେ କାର୍ଯ୍ୟ କରାଯାଉଥିବା ବିଭାଗକୁ ଅବଗତ କରାଯାଉଥିଲା ବେଳେ ବାସ୍ତବ ଚିତ୍ର ଓଲଟା ବୋଲି ପରିବେଶ ପ୍ରେମୀ ଓ ପଶୁ ପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇବା ସହ ଏହାର ସତ୍ୟତା ଅନୁସନ୍ଧାନ ପାଇଁ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି।



କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ଥିବା ବିଭିନ୍ନ ଇକୋ ଡେଭେଲପମେଣ୍ଟ କମିଟି ଦ୍ୱାରା ପରିଚାଳିତ ଜଙ୍ଗଲ ମଧ୍ୟରେ ବନ୍ୟଜନ୍ତୁମାନଙ୍କ ନିମନ୍ତେ ଖାଦ୍ୟାଭାବ ଜନିତ ସମସ୍ୟା ଯୋଗୁଁ ହରିଣ ସମେତ ବିଭିନ୍ନ ବନ୍ୟଜନ୍ତୁମାନେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ବିଭିନ୍ନ ସମୟରେ ବୁଲା କୁକୁର, ମାଂସ ଲୋଲୁପ ଶିକାରୀ ଓ ଗାଡ଼ି ଧକ୍କାରେ ବିଭିନ୍ନ ସମୟରେ ମୃତ୍ୟୁ ବରଣ କରୁଥିବା ନଜିର ରହିଛି। ଶୁକ୍ରବାର ପୂର୍ବାହ୍ନ ସମୟରେ ଖାଦ୍ୟ ଅନ୍ୱେଷଣରେ ଆସି କୋଣାର୍କ ଥାନା ଅଧିନସ୍ଥ କୋଣାର୍କ - କାକଟପୁର ରାସ୍ତାର ବଢେଇ ଛକ ଠାରେ ଏକ ଅଜଣା ଗାଡି ଧକ୍କାରେ ଏକ ବାଲି ହରିଣର ମୃତ୍ୟୁ ଘଟିଛି। କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଜଂଗଲରେ ହରିଣ ଓ ବନ୍ୟଜନ୍ତୁମାନଙ୍କ ନିମନ୍ତେ ଖାଦ୍ୟ ଓ ପାନୀୟ ଜଳ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରାଯାଉଥିବା ବେଳେ କେଉଁ ପରିସ୍ଥିତିରେ ହରିଣମାନେ ଗାଁ ମୁହାଁ ହେବା ଘଟଣାରୁ ପ୍ରତୀୟମାନ ହେଉଛି ଯେ ଜଙ୍ଗଲ ମଧ୍ୟରେ କୌଣସି କାର୍ଯ୍ୟ ନ ହୋଇ ଲକ୍ଷାଧିକ ଟଙ୍କା ହରିଲୁଟ କରାଯାଉଛି ବୋଲି ପରିବେଶବିତ ଓ ପ୍ରକୃତିପ୍ରେମୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇବା ସହିତ ଏହାର ସତ୍ୟତା ଉନ୍ମୋଚନ ପାଇଁ ବନବିଭାଗ ଉଚ୍ଚ କର୍ତ୍ତୃପକ୍ଷ କ୍ଷେତ୍ର ପରିଦର୍ଶନ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ବଢେଇ ଛକ ଠାରେ ଗାଡି ଧକ୍କାରେ ମୃତ୍ୟୁ ବରଣ କରିଥିବା ହରିଣଟିକୁ ସ୍ଥାନୀୟ ବନବିଭାଗ ପକ୍ଷରୁ ଜବତ କରି କୋଣାର୍କ ପଶୁ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ କାର୍ଯ୍ୟାଳୟ ପରିସରରେ ପୋତା ଯାଇଥିବା କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ବନ୍ୟ ପ୍ରାଣୀଙ୍କ ନିମନ୍ତେ ବିଭାଗ ପକ୍ଷରୁ ଖାଦ୍ୟ ଓ ପାନୀୟ ଜଳର ସୁବନ୍ଦୋବସ୍ତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୋଣାର୍କ ବନାଚଞ୍ଚ ଅଧିକାରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନୂତନ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଶିକ୍ଷାଧିକାରୀ ଭାବେ ଗୟାଧର ପରିଡ଼ା ଗୁରୁବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ଅବସରରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ତିହିଡ଼ି ଶାଖା ପକ୍ଷରୁ ନୂତନ ବିଇଓ ଶ୍ରୀ ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଂଘର ସମ୍ପାଦକ ରମାକାନ୍ତ ଦାସ, ସଭାପତି ମାୟାଧର ସାହୁ, ଜିଲ୍ଲା କୋଷାଧ୍ୟକ୍ଷ ଗିରିଧାରୀ ଚାନ୍ଦ, ଶିକ୍ଷକ ମନ୍ମଥ କୁମାର ଦାସ, ବିଶ୍ୱନାଥ ଦାସ, ଶ୍ରୀନାଥ ମଳିକ, ନିରୋଦ କୁମାର ମଲ୍ଲିକ, ରମାମଣି ବେହେରା, ସସ୍ମିତା ମଞ୍ଜରୀ ନାୟକ, ସରୋଜ କୁମାର ଦାଶ, ଦେବବ୍ରତ ଶତପଥୀ, ବଂଶୀଧର ଦାସ, କୃପାସିନ୍ଧୁ ମହାନ୍ତି, ବସନ୍ତ କୁମାର ବଳ, ସଧୀର କୁମାର ସାମଲ, ଦେବାଶିଷ ନାୟକ, ଶରତ ଚନ୍ଦ୍ର ଯେନା, କାର୍ତ୍ତିକ ପଲେଇ, ସଂଜୟ କୁମାର ମହାଳିକ, ଗଙ୍ଗାଧର ନାୟକ, ଶନିଶ୍ଚର ମହାଳିକ, ନୃସିଂହ ଚରଣ ସାହୁ, ଗଦାଧର ଦାସ, ପ୍ରଫୁଲ୍ଲ ସେଠୀ, ପ୍ରଫୁଲ୍ଲ ସାହୁ, ଶତ୍ରୁଘ୍ନ ଯେନା, ସୌମିତ୍ର କୁମାର ରାୟ, ଗୋପାଳ ଚନ୍ଦ୍ର ଦାସ, ସୁଶାନ୍ତ କୁମାର ସାହୁ ପ୍ରମୁଖ ଶତାଧିକ ଶିକ୍ଷକ ବିଇଓଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ନୂତନ ବିଇଓ ଶ୍ରୀ ପରିଡ଼ାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ତେବେସମସ୍ତଙ୍କର ସହଯୋଗ ରହିଲେ ବ୍ଲକରେ କାର୍ଯ୍ୟକୁ ଆଗେଇ ନେବା ସହ ଶିକ୍ଷା କ୍ଷେତ୍ରରେ ତିହିଡ଼ି ବ୍ଲକର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଦିଗରେ ସଦା ସର୍ବଦା ଚେଷ୍ଟା କରିବେ ବୋଲି ଏହି ଅବସରରେ ନୂତନ ବିଇଓ ଶ୍ରୀ ପରିଡ଼ା ପ୍ରକାଶ କରିଥିଲେ।

## ରାଜ୍ୟସ୍ତରୀୟ ସାମାଜିକ ସେବା ଶିବିରରେ ଯୁବ ରେଡ୍‌କ୍ରସ୍‌ର ଅବଦାନ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ମାଲକାନଗିରି ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବୀ ରାମ ଚନ୍ଦ୍ର ଚାଟୀ, ପିଙ୍କୁ ଖରା ଏବଂ ଜିଲ୍ଲା ଯୁବ ରେଡ୍‌କ୍ରସ୍‌ର ଆବାହକ ତଥା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଡଃ ରଞ୍ଜନ କୁମାର ସ୍ୱାଇଁ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଭୀଷଣ ରୌଦ୍ରତାପ ମଧ୍ୟରେ ଆୟୋଜିତ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଯୋଗଦେଇ ଭକ୍ତଙ୍କୁ ଜଳ ବିତରଣ, ଜଳ ସିଞ୍ଚନ, ବଡ଼ଦାଣ୍ଡ ସଫେଇ କାର୍ଯ୍ୟ ତଥା ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗେଇବା ଭଳି ମାନବ ଧର୍ମ କାର୍ଯ୍ୟ ସମ୍ପାଦନ କରିଥିଲେ। ଭାରତୀୟ ରେଡ୍‌କ୍ରସ୍ ସମାଜ ଓଡ଼ିଶା ଶାଖାର ଅବୈତନିକ ସଚିବ ଡ଼ଃ ବିଭୂତି ଭୂଷଣ ପଟ୍ଟନାୟକ ଉପରୋକ୍ତ ସ୍ୱେଚ୍ଛା ସେବୀ ଏବଂ ଅବହକଙ୍କୁ ଏକ ସମ୍ମିଳନୀରେ ଉଚ୍ଚ ପ୍ରଶଂସା ସହିତ ମାନପତ୍ର ପ୍ରଦାନ କରିଥିଲେ। ପୁରୀରୁ ପ୍ରତ୍ୟାବର୍ତ୍ତନ ପରେ ମହାବିଦ୍ୟାଳୟରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଅଧାପକ, ଅଧାପିକା ତଥା ଅଣଶିକ୍ଷକଙ୍କ ଉପସ୍ଥିତିରେ ସ୍ୱେଚ୍ଛା ସେବୀ ଓ ଆବାହକ ଡ଼ଃ ରଞ୍ଜନ କୁମାର ସ୍ୱାଇଁଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଏବଂ ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ଦୁଇଟି ଷ୍ଟାଡିୟମ ଅବହେଳିତ
## ପୁଣି କାହା ସ୍ୱାର୍ଥରେ ଇନ୍‌ଡର ଷ୍ଟାଡିୟମ ?




ଚିକିଟି, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ପୌର ପରିଷଦରେ ଦୀର୍ଘ ଦିନ ତଳେ ଚିକିଟୀ ଗଡରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ନିକଟରେ ଏକ ଷ୍ଟାଡ଼ିୟମ ନିର୍ମାଣ କରିଛନ୍ତି। ନିର୍ମାଣ ଦିନଠାରୁ ଏଠାରେ କୌଣସି ପ୍ରକାର ବଡ ଧରଣର ଖେଳ ହୋଇନଥିବା ବେଳେ କେବେ ହେଲେ ଏହାର ମରାମତି ରକ୍ଷାଣାବ୍ୟକ୍ଷଣ କରାଯାଇଥିବା ଦେଖିବାକୁ ମିଳୁନାହିଁ। ଚାରିପଟେ ହୋଇଥିବା ପାଚେରୀରେ ତିଆରି ହେବା ବେଳେ ଯେଉଁ ଚୂନ ମରାଯାଇଥିବା ବେଳେ ବର୍ତମାନ ସୁଧା ଚୂନ ଟୋପେ ମଧ୍ୟ ମରାଯାଇ ନାହିଁ। ସେହିପରି ଉକ୍ତ ଷ୍ଟାଡ଼ିୟମରେ ନିର୍ମିତ ଦର୍ଶକମାନଙ୍କ ସକାଶେ ଗଲାରୀ ମଧ୍ୟ ଭାଙ୍ଗି ରୁଜି ରହିଥିବା ବେଳେ ଗେଲେରୀ ତଳେ ନିର୍ମିତ ହୋଇଥିବା କୋଠରି ଗୁଡିକ ମଧ୍ୟ ବ୍ୟବହାର ନହୋଇ ପଡିରହିଥିବା ଦେଖିବାକୁ ମିଳୁଛି। ବେଳେବେଳ ବର୍ଷା ହେଲେ ନିକଟରେ ଚାରୁଥିବା ଗାଈ, ମଇଁଷି ବର୍ଷା ଦାଉରୁ ରକ୍ଷା ପାଇବା ସକାଶେ ଏଠାରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ସନ୍ଧ୍ୟା ବେଳେ ନିକଟରେ ରହୁଥିବା ପିଲାମାନେ କ୍ରିକେଟ ଖେଳୁଥିବା ବେଳେ ବର୍ଷ ଦିନରେ ତାହା ମଧ୍ୟ ଅତ୍ୟନ୍ତ କାଦୁଅ ହେବା ହେତୁ ବନ୍ଦ ରହୁଥିବା ମଧ୍ୟ ଦେଖିବାକୁ ମିଳୁଛି, ବେଳେବେଳେ ରାଜନୈତିକ ସଭା ହେବା ସକାଶେ ଟେଣ୍ଟ ମାରି ଅତି ସୁନ୍ଦର କରିବା ପରେ ସଭା ସରିଗଲେ ଜେସାକୁ ତେସା ଦେଖିବାକୁ ମିଳୁଛି। ସେହିପରି ଚିକିଟୀ ପେଣ୍ଟର ଦମକଳ ଅଫିସ ନିକଟରେ ବିଜୁପଟ୍ଟନାୟକ ମିନି ଷ୍ଟାଡିୟମ ନିର୍ମିତ ହୋଇଅଛି ଏଥିର ବିକାଶ କହିଲେ ଖାଲି ବାଉଣ୍ଡରୀ ନିକଟରେ ଚାରିପଟେ ଫେବାର ବ୍ଲକ୍‌ରେ ଚଲାପଥ ନିର୍ମାଣ କରି ମଝିରେ ମଝିରେ ଷ୍ଟଲ ମନ କରି ବିକାଶ କରାଯାଇଥିବା ପ୍ରକାଶ ପାଉଛି। ଏପୁରା ପ୍ରକରଣକୁ ଅନାଦେଖା କରି ପୁଣି ହାଇଟେକ ମସାଣି ତଥା ଆଦର୍ଶ କୋଲୋନି ନିକଟରେ କୋଟିକୋଟି ଟଙ୍କା ବେୟରେ ଏକ ଇନ୍ଦୋର ଷ୍ଟାଡିୟମ ନିର୍ମାଣ ଦୀର୍ଘ ବର୍ଷ ହେଲା ନିର୍ମାଣ କରାଯାଉଛି। ଏହି ଷ୍ଟାଡିଏମରେ ଖେଳ ହେବ ନା ଅନ୍ୟ ଦୁଇଟି ଷ୍ଟାଡିୟମର ପରି ଅବସ୍ତା ହେବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ମୋଟା ମୋଟି ଭାବରେ ଚିକିଟୀରେ ଖେଳର ବିକାଶ କରିବା ସକାଶେ କୌଣସି ଭିତିଭୂମି କିମ୍ବା ଅନୁଷ୍ଠାନ ନଥାଇ ମାଳମାଳ ଷ୍ଟାଡିୟମ ନିର୍ମାଣ କରି ଠିକାଦାରକୁ ମାଲାମାଲ କରିବା ସକାଶେ ସଦା ଚେଷ୍ଟା କରୁଥିବା ମଧ୍ୟ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବାକି ରହିଲା ନିର୍ମିତ ଇଣ୍ଡୋର ଷ୍ଟାଡିମରେ ମାସକୁ କେତେ ଇଭେଣ୍ଟ ହେବ ଓ କୌ ଜାଗରୁ ଖେଳାଳି ଆସି ଯୋଗଦେବେ ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଲା।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀଙ୍କ ଜିଲ୍ଲାପାଳଙ୍କୁ ଦାବିପତ୍ର

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଆଜି ମାଲକାନଗିରି ଜିଲ୍ଲାର ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ସଂଘ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମାନ କାମକୁ ସମାନ ଦରମା ପ୍ରଦାନ ପାଇଁ ଦାବି ରଖିଛନ୍ତି ଆଉଟସୋର୍ସିଂ କର୍ମଚାରୀ ସଂଘ। ଆଗରୁ ନଭେମ୍ବର ୨୬ ନିଜର ଦରମା ବଢ଼େଇବା ଦାବିରଖି ଆନ୍ଦୋଳନକୁ ଅହ୍ଲାଇଥିଲେ କିନ୍ତୁ ସରକାର ୩ ମାସ ସମୟ ମାଗିଥିଲେ ହେଲେ କୌଣସି ସୁଫଳ ମିଳିନଥିଲା। ପୁଣି ମାର୍ଚ୍ଚ ମାସରେ ଆଉଟସୋର୍ସିଂ କର୍ମଚାରୀ ସଂଘ ଆନ୍ଦୋଳନ କରିଥିଲେ ହେଲେ ସରକାର ପ୍ରତିଶୃତି ଦେଇଥିଲେ ସମାଧାନ କରିବାକୁ କିନ୍ତୁ କୌଣସି ସମାଧାନ ହୋଇପାରିନଥିଲା। ତେଣୁ ଆଜି ପୁଣିଥରେ ମାଲକାନଗିରି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଉଟସୋର୍ସିଂ କର୍ମଚାରୀ ଜିଲ୍ଲାର ଅନେକ କାମ କରିଆସୁଥିଲେ ମଧ୍ୟ ସେମାନଙ୍କୁ ଉଚିତ ମୂଲ୍ୟ ଦିଆ ଯାଉନାହିଁ ଯାହାଫଳରେ ମହଙ୍ଗା ବଜାରରେ ପରିବାର ଚଳାଇବା କଷ୍ଟ ହେଉଥିବାରୁ ସମାନ କାମକୁ ସମାନ ଦରମା ଦାବି କରିଛନ୍ତି ଆଉଟସୋର୍ସିଂ କର୍ମଚାରୀ। ଯଦି ଆସନ୍ତା ୩୦ ତାରିଖ ସୁଦ୍ଧା ଏହାର କୌଣସି ସ୍ଥାୟୀ ସମାଧାନ ନ କରାଯାଏ ତାହାଲେ ଆନ୍ଦୋଳନ ଆହୁରି ତୀବ୍ର ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି ମାଲକାନଗିରି ଜିଲ୍ଲାର ଆଉଟସୋର୍ସିଂ କର୍ମଚାରୀ।

## ସିପିଆଇ ପକ୍ଷରୁ ଜନ ସଚେତନତା କାର୍ଯ୍ୟକ୍ରମ




ଏରସମା, (ଭାସ୍କର ନ୍ୟୁଜ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ କମିଟି ପକ୍ଷରୁ ବିଜେପି ହଟାଅ ଦେଶ ବଞ୍ଚାଅ ନାରା ଦେଇ ବାଲିତୁଠଠାରୁ ଏରସମା ପର୍ଯ୍ୟନ୍ତ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିତୁଠ ବଜାରଠାରୁ ଏରସମା ଜୋନ୍ ସମ୍ପାଦକ କଃ ସର୍ବେଶ୍ୱର ବେଉରା ଓ ରାମଚନ୍ଦ୍ର ମୁଦୁଲିଙ୍କ ନେତୃତ୍ୱରେ ବର୍ଷା ସତ୍ତ୍ୱେ ଶତାଧିକ ବାଇକ ପଟୁଆର ବିଭିନ୍ନ ସ୍ଲୋଗାନ ଦେଇ ଏରସମା ବ୍ଲକ୍ ପର୍ଯ୍ୟନ୍ତ ଆସିଥିଲେ। ଏରସମା ବ୍ଲକ ସମ୍ମୁଖରେ କଃ ପିତାମ୍ବର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସିପିଆଇ ଜିଲ୍ଲା ସମ୍ପାଦକ କଃ ଅଭିଜିତ ସାହୁ, କୃଷକ ସଭା ରାଜ୍ୟ ସଭାପତି କଃ ଶଶିଭୂଷଣ ସ୍ୱାଇଁ, ବାଲିତୁଠ ପଞ୍ଚାୟତ ସରପଞ୍ଚ କଃ ପ୍ରଫୁଲ୍ଲ କୁମାର ଦାସ, କୃଷକ ସଭା ଏରସମା ବ୍ଲକ୍ ସଭାପତି କଃ ପ୍ରସନ୍ନ କୁଅଁର ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ରରେ ମୋଦୀ ସରକାର ଓ ରାଜ୍ୟରେ ନବୀନ ସରକାରଙ୍କ ବିଭିନ୍ନ ଜନବିରୋଧୀ ନୀତି ବିରୁଦ୍ଧରେ ବକ୍ତବ୍ୟ ରଖିଥିଲେ। ସିପିଆଇ ଜିଲ୍ଲା ସମ୍ପାଦକ କଃ ଅଭିଜିତ ସାହୁ କେନ୍ଦ୍ରରେ ମୋଦୀ ସରକାରଙ୍କ ଜନବିରୋଧୀ ନୀତି, ସାମ୍ପ୍ରଦାୟିକ ବିଦ୍ୱେଷ, ସମ୍ବିଧାନ ଓ ସଂଘୀୟ ବ୍ୟବସ୍ଥା ବିରୋଧି ପଦକ୍ଷେପକୁ ଦୃଢ଼ ବିରୋଧ କରିବା ସହିତ ରାଜ୍ୟରେ ନବୀନ ପଟ୍ଟନାୟକ ସରକାର କେନ୍ଦ୍ର ସରକାରର ଅଘୋଷିତ ସହଯୋଗୀ ପାଲଟିଥିବା ଅଭିଯୋଗ କରିଥିଲେ। ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଦେଶରୁ ବିଜେପିକୁ ପରାସ୍ତ କରିବା ପାଇଁ ସମସ୍ତ ସଚେତନ ମଣିଷ, ଧର୍ମନିରପେକ୍ଷ ରାଜନୈତିକ ଦଳ, ପ୍ରଗତିଶୀଳ ମଣିଷ, ବୁଦ୍ଧିଜୀବୀ ଏକତ୍ରିତ ହେବାପାଇଁ ଆହ୍ୱାନ ଦେଇଥିଲେ। ଏବଂ ଏଥିରେ କବମ୍ୟୁନିଷ୍ଟମାନେ ମୁଖ୍ୟ ଭୂମିକା ନିର୍ବାହ କରିବା ସହିତ ଗାଁ ଗାଁରେ ଜନଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ୟୁନିଷ୍ଟ ନେତା କଃ ବାସୁଦେବ ଖଣ୍ଡୁଆଳ, ସମାଜସେବୀ ଦେବାଶିଷ ପରିଜା, ସମରେଶ ମୁଦୁଲି, ଯୁବ ନେତା କାହ୍ନା ସେନାପତି, ଚିନ୍ମୟ ପାତ୍ର, ହିମାଂଶୁ ପାଟାଲ, ସୁରେନ୍ଦ୍ର ସ୍ୱାଇଁ, ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ ଆନ୍ଦୋଳନକୁ ପରିଚାଳନା କରିଥିଲେ। ବିକ୍ଷୋଭ ଶେଷରେ ଏରସମା ବିଡିଓଙ୍କୁ ସିପିଆଇ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ତାଲିକା ବାହାରେ ଥିବା ଘର ପାଇବାକୁ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରି ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ କରିବା, ଟିକସ ଦେଉନଥିବା ପ୍ରତ୍ୟକ ବୃଦ୍ଧ ବୃଦ୍ଧାଙ୍କୁ ୬୦ବର୍ଷ ହେବା ମାତ୍ରେ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ତୁରନ୍ତ ଭତ୍ତା ପ୍ରଦାନ କରିବା ଓ ବାର୍ଦ୍ଧକ୍ୟ ଭତ୍ତା ପୂର୍ବଭଳି ପଞ୍ଚାୟତ ମାଧ୍ୟମରେ ପ୍ରଦାନ କରିବା ପାଇଁ ଦାବି କରିଥିଲେ। ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ସର୍ବନିମ୍ନ ୬୦୦୦ ଟଙ୍କା କରିବା, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ସରକାର କମ କରିବା, ପୂର୍ବଭଳି ରାଜ୍ୟ ସରକାରମାନଙ୍କୁ ଏଫ. ସି. ଆଇ ମାଧ୍ୟମରେ କେନ୍ଦ୍ରସରକାର ଚାଉଳ ଓ ଗହମ ଯୋଗାଇଦେବା, ବିଜୁ ପକ୍କାଘର ଯୋଜନାକୁ ତୁରନ୍ତ ପୁନଃ କାର୍ଯ୍ୟକାରୀ କରି ଯୋଗ୍ୟ ବ୍ୟକ୍ତିମାନଙ୍କୁ ଘର ପ୍ରଦାନ କରିବା, ଘରଡ଼ିହ ନଥିବା ବ୍ୟକ୍ତିମାନଙ୍କୁ ତଦନ୍ତ କରି ତୁରନ୍ତ ଘରଡ଼ିହ ପଟ୍ଟା ପ୍ରଦାନ କରିବା, ମଧୁବାବୁ ପେନସନ ଯୋଜନା ମାଧ୍ୟମରେ ୬୦ ବର୍ଷରୁ ଉର୍ଦ୍ଧ ବୃଦ୍ଧ ବୃଦ୍ଧାମାନଙ୍କୁ ଭତ୍ତା ପ୍ରଦାନ ନିଶ୍ଚିତ କରିବା, ଅଘୋଷିତ ବିଦ୍ୟୁତକାଟ ବନ୍ଦ କରିବା ଓ ପ୍ରତି ପରିବାରକୁ ୨୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦିଆଯିବା ସହିତ ବିଦ୍ୟୁତ ବୋର୍ଡର ପୁନଃ ସରକାରୀକରଣ କରିବା ଦାବୀରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦୁଇଟି ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଗ୍ରୀଷ୍ମ ପ୍ରବାହରେ ଟଳି ପଡ଼ିଲେ ବୃଦ୍ଧ

ଏରସମା, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ଗୋଡା ପଞ୍ଚାୟତ ଶୋଭାପାଟ ଗ୍ରାମର କସ୍ତୁରୀ ଜେନା (୮୫) ମଙ୍ଗଳବାର ଭତ୍ତା ଟଙ୍କା ପାଇଁ ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କକୁ ଯାଇଥିଲେ। ରଥଯାତ୍ରା ଥିବାରୁ ବ୍ୟାଙ୍କ ବନ୍ଦ ରହିଥିଲା। ସେଠାରେ କିଛି ଲୋକ ତାଙ୍କୁ କହିଥିଲେ ଯେ, ଏବେ ଆଉ ଆପଣଙ୍କ ଭତ୍ତା ଟଙ୍କା ବ୍ୟାଙ୍କକୁ ଆସୁନାହିଁ, ଆପଣ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଆନ୍ତୁ ସେଠାରେ ଭତ୍ତା ଟଙ୍କା ମିଳିବ। ବୃଦ୍ଧଜଣକ ନିରାଶ ହୋଇ ଗୋଡା ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବା ପରେ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିଲା। ସେଠାରୁ ସେ ନିରାଶ ହୋଇ ଘରକୁ ଫେରୁଥିଲେ। ଏହି ସମୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ବୃଦ୍ଧଜଣକ ରାସ୍ତାରେ ଯିବା ସମୟରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ଓ ପରିବାର ପକ୍ଷରୁ ତୁରନ୍ତ ତାଙ୍କୁ ଘରକୁ ଆଣି ପ୍ରାଥମିକ ଚିକିତ୍ସା କରିବା ପରେ ସେ ପ୍ରାଣ ହରାଇଥିଲେ। ଏନେଇ ଗୋଡା ପଞ୍ଚାୟତ ସରପଞ୍ଚ ବିଶ୍ୱକଲ୍ୟାଣୀ ନାୟକଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ପ୍ରଶାସନିକ ସ୍ତରରେ ଭତ୍ତା ସମସ୍ୟାର ସମାଧାନ କରାଯାଉନାହିଁ, ତେଣୁ ହିତାଧିକାରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହା ଫଳରେ କସ୍ତୁରୀ ଜେନାଙ୍କର ପ୍ରବଳ ଗ୍ରୀଷ୍ମ ପ୍ରବାହରେ ମୃତ୍ୟୁ ଘଟିଛି ବୋଲି କହିଥିଲେ। ଅନ୍ୟପକ୍ଷରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଏଭଳି ଘଟଣା ମାନ ଘଟୁଛି ବୋଲି ଅଭିଯୋଗ ହୋଇଛି।

# ରାଜ୍ୟ ଖବର



ମାଲକାନ୍‌ଗିରି,(ଭାସ୍କର ନ୍ୟୁଜ): କଂଗ୍ରେସ ପକ୍ଷରୁ ଜିଲ୍ଲାର ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାର ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୮୬ ଗୋଟି ଡାକ୍ତରୀ ପଦବୀ ଖାଲି ଥିବା ବେଳେ ୧୧୨ ଡକ୍ଟର କାର୍ଯ୍ୟରତ ଅଛନ୍ତି। ଏପରିକି ଅନ୍ୟ ୧୭୪ ଡାକ୍ତରୀ ପଦବୀ ଖାଲି ରହିଛି ଅଧିକରୁ ଅଧିକ ଡକ୍ଟର ଯୋଗାଇ ଦେବାକୁ ଜିଲ୍ଲା କଂଗ୍ରେସ ଦାବି କରିଛନ୍ତି। ସେହିପରି କିଡନୀ ରୋଗୀଙ୍କ ଡାଇଲୋସିସ୍‌ରେ ବାଧା ଉପୁଜୁଥିବାରୁ ଏହାର ମଧ୍ୟ ସମାଧାନ ପାଇଁ ଦାବି କରିଛନ୍ତି। ସମାନ ଢଙ୍ଗରେ ବିଦ୍ୟୁତ ସେବାରେ ମଧ୍ୟ ଟାଟା ପାୱାର ଅଧିକ ଅବହେଳିତ କରୁଥିବା ବେଳେ। ପୁରୁଣା ବିଦ୍ୟୁତ ବକାୟା ଗ୍ରାହକଙ୍କ ଠାରୁ ଆଦାୟ କରିବାରେ ଟାଟା ପାୱାର କର୍ମଚାରୀ ବ୍ୟସ୍ତ ରହିଥିବା କହିଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ସେବା ଜିଲ୍ଲାରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ, ଏହାର ସମାଧାନ ପାଇଁ ସରକାରଙ୍କୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି ଜିଲ୍ଲା କଂଗ୍ରେସ। ଆଜି ଏନେଇ ଜିଲ୍ଲା କଂଗ୍ରେସର ଏକ ଦଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଜି. ଶ୍ରୀନିବାସ ରାଓ, ସହ କଂଗ୍ରେସର ବରିଷ୍ଠ କର୍ମକର୍ତ୍ତା ଯୁବ ଓ ଛାତ୍ର ମଧ୍ୟ ଉପସ୍ଥିତ ରହିଥିଲେ। ଯଦି ଆଗାମୀ ୧୫ ଦିନ ଭିତରେ ସମସ୍ତ ଦାବି ଗୁଡ଼ିକ ସରକାର ପୁରଣ ନକରନ୍ତି, ତେବେ ଆଗାମୀ ମାସ ଜୁଲାଇ ୧୦ ତାରିଖ ଠାରୁ ଜିଲ୍ଲା କଂଗ୍ରେସ ପକ୍ଷରୁ ପୁରା ଜିଲ୍ଲା ବନ୍ଦ କରିବା ପାଇଁ ଚେତାବନୀ ଦେଇଛନ୍ତି।

### ପୁଅର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

## ସହାୟତା ପାଇଁ ମା-ବାପାଙ୍କ ଆକୁଳ ନିବେଦନ



ଖପ୍ରାଖୋଲ,(ଭାସ୍କର ନ୍ୟୁଜ):ମନରେ ଅସୁମାରୀ ଆଶା, ଆଖିରେ ଆଖିଏ ସ୍ୱପ୍ନ, ପୁଅ ବଡହେଲ ଭଲ ମଣିଷ ହେବ, ଗରିବ ପରିବାରର ଦୁଃଖ ଯିବ। ହେଲେ କିଏ ଜାଣିଥିଲା ସାଇକେଲ ଚଳାଉ ଚଳାଉ ପଡ଼ିଯାଇ ଯେ ଏତେ ଦୁର୍ବଳ ହୋଇଯିବ। ଏପରି ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ମହୁରୁଣ୍ଡି ଗାଁରେ। ଗାଁର ଦୁର୍ଯ୍ୟୋଧନ ବେହେରା (୩୫) ସ୍ତ୍ରୀ ଅନିତା ବେହେରା (୩୦)ସହ ପୁଅ ଅନିକେଶ (୯) ଝିଅ (୫), ସାଙ୍ଗରେ ବୃଦ୍ଧା ମାଆ ଓ ବାପା। ପରର ମୁଲଆଗି ବେଶ୍ ହସ ଖୁସିରେ ଚାଲୁଥିଲା ପରିବାର। ଏହି ସୁଖର ସଂସାର ଉପରେ କାହାର ନଜର ଲାଗିଲା କେଜାଣି। ପୁଅ ଆନିକେଶ ଗତ ମାଇ ମାସ ୧୦ ତାରିଖରେରେ ଏକ ସାଇକେଲ ରେ ରାସ୍ତାରେ ଖେଳୁଥିବା ବେଳେ ସାଇକେଲରୁ ପଡ଼ି ଆହତ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ରାତିର ପୁଅର ପେଟ ଦରଜ ହୋଇଥିଲା। ଏହାପରେ ବାନ୍ତି ହୋଇଥିଲା। ଏହାଦେଖି ପରିବାର ଲୋକେ ପିଲାଟିକୁ ପ୍ରଥମେ ଖପ୍ରାଖୋଲ ଓ ପରେ ପାଟଣାଗଡ ଡାକ୍ତର ଖାନାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ପିଲାଟିକୁ ବୁର୍ଲା ବଡ଼ ଡାକ୍ତର ଖାନାକୁ ରେଫର୍ କରିଥିଲେ। ଶିଶୁ ଟିକୁ ପରିବାର ତରଫରୁ ଧାରକରଜ୍ କରି ଗତ ମେ ମାସ ୧୨ ତାରିଖ ରେ ବୁର୍ଲା ଡ଼ାକ୍ତରଖାନାରେ ଭର୍ତି କରିଥିଲେ। ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ସାଇକେଲରୁ ପଡ଼ି ପିଲାର ପେଟରେ ଖାଦ୍ୟନଳୀ ଛିଣ୍ଡି ଯାଇଥିବା କହିବା ସହ ଚିକିତ୍ସା ଆରମ୍ଭ କରିଥିଲେ। ସପ୍ତାହେ ପରେ ଟିକିଏ ଭଲ ହେବାରୁ ଘରକୁ ପଠାଇ ଦେଇଥିଲେ। ହେଲେ କିଛିଦିନ ପରେ ପୁଣି ଦରଦ ହେବାସହ ଶିଶୁର ସ୍ୱାସ୍ଥ୍ୟ ବିଗିଡିବା ସହ ପିଲାଟି ଦୁର୍ବଳ ହୋଇଯିବାରୁ ପୁଣି ଥରେ ଗତ ୧୪ ତାରିଖରେ ବୁର୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସପ୍ତାହେ ଚିକତ୍ସା ପରେ ମଧ୍ୟ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ହେବାରୁ ମା'ବାପା ଚିନ୍ତାରେ ଥିବା ସହ ଉଚ୍ଚତର ଚିକିତ୍ସା ପାଇଁ କଟକ ଶିଶୁ ଭବନକୁ ରେଫର ହୋଇଥିବାରୁ ଅର୍ଥ ଅଭାବରେ ପୁଅକୁ ଧରି ଘରକୁ ଚାଲି ଆସିଛନ୍ତି। ତାଙ୍କ ପାଖରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଥିଲେ ବି ପୁଅକୁ ବଡ଼ ଡାକ୍ତର ଖାନାରେ ଚିକିତ୍ସା ପାଇଁ ନେବାକୁ ପଇସା ନଥିବା ବେଳେ ସେଠାରେ ଅନ୍ୟ ଖର୍ଚ୍ଚ ଓ ଘରେ ବୃଦ୍ଧା ମାଆ ବାପାଙ୍କ ଦେଖାରଖା କରିବା ସମାସ୍ୟା ହୋଇଛି। ପୁଅର ଚିକିତ୍ସା ପାଇଁ ସରକାର କିମ୍ବା ବଦାନ୍ୟ ବ୍ୟକ୍ତି ସହଯୋଗ କରିବାକୁ ମା'ବାପା ଆକୁଳ ନିବେଦନ କରିଛନ୍ତି। ଏନେଇ ପାଟଣାଗଡ ଉପ ଜିଲ୍ଲାପାଳ ଡ଼. ବିଜୟାନନ୍ଦ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ରେଡ କ୍ରସ ପାଣ୍ଠି କିମ୍ବା ସି ଏମ୍ ଆର୍ ଏଫ୍‌ରୁ କିଛି ଅର୍ଥ ସହାୟତା ଦେବାକୁ ପ୍ରତିଶ୍ରୁତି ଦେବାସହ ଉଚ୍ଚତର ଚିକିତ୍ସା ପାଇଁ ନେବାକୁ କହିଛନ୍ତି।

## ମଦପିଇ, ସ୍ତ୍ରୀକୁ ହାଣିଲା ସ୍ୱାମୀ



ପାଟଣାଗଡ,(ଭାସ୍କର ନ୍ୟୁଜ): ପାଟଣାଗଡ ଏନ.ଏ.ସି. ୱାର୍ଡ ନଂ ୮ ସହରାପଡାରେ ସ୍ତ୍ରୀକୁ ନିଜ ସ୍ୱାମୀ ହାଣି ଗୁରୁତର କରିଥିବା ଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି। ମଦ୍ୟପ ସ୍ୱାମୀ ନିଜ ସ୍ତ୍ରୀଙ୍କ ସହ ବଚସା ପରେ ଏକ ଧାରୁଆ ଅସ୍ତ୍ରରେ ହାଣି ଦେଇଛି। ଏଥିରେ ମହିଳାଙ୍କ ମୁହଁ, ମୁଣ୍ଡ ତଥା ଦେହରେ ଗୁରୁତର ଆଘାତ ଲାଗିଛି। ମହିଳା ଜଣକ ହେଉଛନ୍ତି ମଦନା ଯୁଏଡ (୩୭)। ତାଙ୍କୁ ଉଦ୍ଧାର କରି ପାଟଣାଗଡ ଡାକ୍ତରଖାନା ପରେ ବଲାଙ୍ଗିର ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ଅବସ୍ଥାରେ ମଦନାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ପ୍ରକାଶ ଯୁଏଡ (୪୨) ଙ୍କୁ ପୋଲିସ ଗିରଫ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ପ୍ରାୟ ୧୮ ବର୍ଷ ତଳେ ମଦନା ଏବଂ ପ୍ରକାଶ ପ୍ରେମ ବିବାହ କରିଥିଲେ। ଉଭୟଙ୍କ ତିନି ସନ୍ତାନ ଅଛନ୍ତି। ସ୍ୱାମୀ ସ୍ତ୍ରୀ ଦିନ ମଜୁରୀ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ପ୍ରକାଶର ମଦ ପିବାକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ବଚସା ଲାଗି ରହୁଥିଲା। ଗୁରୁବାର ଦିନ ପ୍ରକାଶ ମଦ ପିଇ ଘରକୁ ଯାଇଥିଲା ଏବଂ ପୁଣି ୪ ହଜାର ଟଙ୍କା ମାଗି ଝଗଡା କରିଥିଲା। ମଦନା ଘରେ ଏକା ଥିବାବେଳେ ପ୍ରକାଶ ଏକ ଧାରୁଆ ଅସ୍ତ୍ରରେ ମଦନାର ଶରୀରର ବିଭିନ୍ନ ସ୍ଥାନରେ ଚୋଟ ମାରିଥିଲା। ଚିତ୍କାର ଶୁଣି ପାଖ ପଡୋଶୀ ପହଞ୍ଚି ଗୁରୁତର ମଦନାକୁ ଡାକ୍ତରଖାନା ନେଇଥିବାବେଳେ ପୋଲିସ ପ୍ରକାଶକୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି। ବ୍ରହ୍ମପୁରା ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମଦ ବିକ୍ରି ଚାଲୁଥିବା ବେଳେ ମଦ ପାଇଁ ହି ଏହି ଘଟଣା ଘଟିଛି ଯାହାକୁ ନେଇ ପଡାବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ରାଜ୍ୟ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକଙ୍କ ହରିଶଙ୍କର ଗସ୍ତ



ଖପ୍ରାଖୋଲ,(ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତଥା ପୂଣ୍ୟ କ୍ଷେତ୍ର ହରିଶଙ୍କରକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଗସ୍ତ କରିଥିଲେ। ଗସ୍ତ ଅବସରରେ ହରିଶଙ୍କର ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ କାମ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତିର ତଦାରଖ କରିଥିଲେ। ନିର୍ମାଣାଧୀନ ପର୍ଯ୍ୟଟକ ବିଶ୍ରାମ ସ୍ଥଳୀ, ସ୍ନାନ ଘାଟ, ଭୋଗ ମଣ୍ଡପ, ପୂଜକ ବିଶ୍ରାମ କେନ୍ଦ୍ର ବୁଲି ଦେଖିବା ସହ ଠାକୁର ଦର୍ଶନ କରିଥିଲେ। ଏହି ଅବସରରେ ପାଟଣାଗଡ ଉପ ଜିଲ୍ଲାପାଳ ଡ଼. ବିଜୟାନନ୍ଦ ସେଠୀ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ପୂର୍ତ୍ତ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ପ୍ରଥମ ପର୍ଯ୍ୟାୟରେ ୨ କୋଟି ୧୦ ଲକ୍ଷ ଟଙ୍କାରେ ଦୋକାନ ଗୃହ ନିର୍ମାଣ ହୋଇଥିବା ବେଳେ ଶେଷ ହେବାକୁ ବାକି ରହିଛି। ସେହି ପରି ଦ୍ୱିତୀୟ ପର୍ଯ୍ୟାୟରେ ୧୩ କୋଟି ଟଙ୍କାର ମନ୍ଦିର ଚତୁର୍ପାର୍ଶ୍ୱ ଉନ୍ନୟନ କାମ ଜାରି ରହିଛି।

## ଲୁହାବୋଝେଇ ମେସ୍କପିକ ଭ୍ୟାନ ମାଟିରେ ଦବିଲା



କଲ୍ୟାଣସିଂହପୁର,(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଆଜି ପାହାନ୍ତିଆ ସମୟରେ ଏକ ଲୁହା ଭଜେଇ ଡଜ୧୮ଇ - ୪୯୬୨ ମେସ୍କପିକଅପ ଭ୍ୟାନ ଚରା ଲୁହା ନେଉଥିବା ସମୟରେ କଲ୍ୟାଣସିଂହପୁର ମୁଖ୍ୟ ରାସ୍ତାର ନାଗବଳି ବ୍ରିଜ ନିକଟରେ ଭାରସାମ୍ୟ ହରାଇ ମାଟିରେ ଦବୀ ଯିବା ଫଳରେ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର, ୨୦୧୭ବନ୍ୟାରେ ଭାଙ୍ଗି ଯାଇଥିବା ଲୁହା ବ୍ରିଜ ପୋଲ ଗୁଡିକ ଅବ୍ୟବସ୍ଥା ରେ ପୋଡି ରହି ଥିବାରୁ ଏହାର ରକ୍ଷାଣ ବିକ୍ଷଣ ଠିକ ନଥିବାରୁ ଏହି ପରି ଲୁହା ଚରା ଚାଳନ ଅନେକ ଥର ହେଉଛି ଏଥିପ୍ରତି ପ୍ରଶାସନ ଏହାର ଦୃଷ୍ଟି ଦେବାକୁ ପଡିବ, ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏହାର ତଦନ୍ତ ଜାରି ରଖିଛି।

## ଗୁଣ୍ଡିଚାରେ ଶ୍ରୀ ଗୋପୀନାଥଙ୍କୁ ହତାଦର ନେଇ ଅସନ୍ତୋଷ

ଗୁଣପୁର,(ଭାସ୍କର ନ୍ୟୁଜ): ଦୀର୍ଘ ୨୦୦ ବର୍ଷରୁ ବର୍ତ୍ତମାନ ଗୁଣୁପୁରର ବର୍ତ୍ତମାନ ନିର୍ମାଣାଧୀନ ଗୁଣ୍ଡିଚା ମନ୍ଦିରରେ ଶ୍ରୀ ଗୋପୀନାଥ ଦିର୍ଘ ୨୦୦ବର୍ଷରୁ ମଣ୍ଡପରେ ପୂଜା ପାଉଛନ୍ତି। ନବଦିନାତ୍ମକ ରଥଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତି ଏହି ମଣ୍ଡପରେ ପୂଜା ପାଉଛନ୍ତି କିନ୍ତୁ ସ୍ଥାନ ଅଭାବରୁ ଶ୍ରୀ ଗୋପୀନାଥଙ୍କୁ ବାହାରେ ରଖି ପୂର୍ବରୁ ପୂଜା କରାଯାଉଥିଲା । କିନ୍ତୁ ବର୍ତ୍ତମାନ ନିର୍ମାଣାଧୀନ ଗୁଣ୍ଡିଚା ମନ୍ଦିରରେ ପର୍ଯ୍ୟାପ୍ତ ସ୍ଥାନ ରହି ମଧ୍ୟ ଶ୍ରୀ ଗୋପୀନାଥ ଙ୍କୁ ହତାଦର କରି ପୂଜକମାନେ ତଳେ ରଖିଦେଇ ଅପମାନ କରିଛନ୍ତି । ଏହି ଘଟଣା କୁ ଦେଖି ମନ୍ଦିର କମିଟି ର କିଛି ସଦସ୍ୟ, ମିଡିଆ ଏଭଳି କି ଦେବୋତ୍ତର ଅଧିକାରୀ ତହସିଲଦାର ପୂଜକ ମାନଙ୍କୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଆସନରେ ରଖିବା ନିମନ୍ତେ କହିବା ପରେ ମଧ୍ୟ ପୂଜକ ମାନେ ବିଭିନ୍ନ ଆଳ ଦେଖାଇ ନିଜ ଇଚ୍ଛାରେ ଶ୍ରୀ ଗୋପୀନାଥଙ୍କୁ ରଖିଛନ୍ତି । ଏହା ଦ୍ୱାରା ଗୋପୀନାଥଙ୍କ ଘରେ ଚତୁର୍ଦ୍ଧା ମୂର୍ତ୍ତି ଆସିଲେ ତାଙ୍କୁ ବାହାର କରିବା କେତେ ଦୂର ଯଥାର୍ଥ ବୋଲି ଅନେକ ଭକ୍ତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୂଜକ ମାନଙ୍କ ଦ୍ୱାରା ବିକ୍ରି ଭୋଗର ପରିମାଣ ଓ ମାନ ଅତି ନ୍ୟୁନ ହୋଇଥିବା କଥା ଏବଂ ଶ୍ରୀ ଗୋପୀନାଥଙ୍କୁ ଚତୁର୍ଦ୍ଧା ମୂର୍ତ୍ତି ସହ ନ ବସାଇବା କଥାରେ କାହାର କଥାକୁ ସମ୍ମାନ ନ ଦେଇ ପୂଜକ ମାନେ ଭ୍ରୁକ୍ଷେପ କରୁ ନ ଥିବା କାରଣରୁ ଅନେକ ବୁଦ୍ଧିଜୀବୀ ଓ ଭକ୍ତ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ଆନ୍ଧ୍ର ଅନୁପ୍ରବେଶକୁ ରୋକିଲା ଜିଲ୍ଲା ପ୍ରଶାସନ

କୋରାପୁଟ,(ଭାସ୍କର ନ୍ୟୁଜ) ପଡୋଶୀ ରାଜ୍ୟ ଆନ୍ଧ୍ର ପୁଣି ଆଉ ଏକ ନୂଆ ବିବାଦ ଆରମ୍ଭ କରିଛି । ଏହାକୁ ନେଇ ସୀମାନ୍ତ ଗ୍ରାମବାସୀ ଓଡିଶାର ପ୍ରଶାସନିକ ଅଧିକାରୀଙ୍କୁ ପୂର୍ବରୁ ବାରମ୍ବାର ଜଣାଇଥିଲେ ମଧ୍ୟ ସେମାନେ କୌଣସି ଗୁରୁତ୍ୱ ଦେଇନଥିଲେ । ତେବେ ଗ୍ରାମବାସୀଙ୍କ ଚାପରେ ତରବରିଆ ଭାବରେ ଘଟଣାସ୍ଥଳରେ ପହଞ୍ଚି ଆନ୍ଧ୍ରର ଅନୁପ୍ରବେଶ ରୋକିବାକୁ ଉଦ୍ୟମ କରିଥିବା ଜଣାପଡିଛି । ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅଧୀନ ସୀମାନ୍ତ ତଳଗୋଲରୁ ପଞ୍ଚାୟତରେ । ସୂଚନା ଅନୁଯାଇ, ତଳଗୋଲୁର ପଞ୍ଚାୟତ ୪ଟି ଗ୍ରାମର ଜାମୁଗୁଡା, ଡୁମୁରିଗୁଡା, କାମ୍ବିରି ଓ କତାବାଲସା ଗ୍ରାମବାସୀ ଜଙ୍ଗଲଜମି ଉପରେ ନିର୍ଭର କରି ଚଳି ଆସୁଛନ୍ତି । ଗତ କିଛିଦିନ ହେଲା ଆନ୍ଧ୍ରର ନୂତନ ଜିଲ୍ଲାର ମାନ୍ୟତା ପାଇଥିବା ପାଡେରୁ ଆଲୁରି ସୀତାରାମରାଜୁ ଅଧୀନରେ ଥିବା ଆରକୁ ତହସିଲ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ଓଡ଼ିଶାର ଉପୋରକ୍ତ ସୀମାନ୍ତ ଗ୍ରାମ ଗୁଡ଼ିକରେ ଅନୁପ୍ରବେଶ କରି ଜଙ୍ଗଲଜମି ଚିହ୍ନଟକରଣ କରିବା ସହ ସର୍ଭେ କାର୍ଯ୍ୟ ଆରମ୍ଭ କରଥିଲେ । ଏହି ଘଟଣା ସମ୍ପର୍କରେ ୪ଗ୍ରାମର ଗ୍ରାମବାସୀ ସ୍ଥାନିୟ ତହସିଲ କାର୍ଯ୍ୟାଳୟରେ ଲିଖିତ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଏନେଇ ସୁଙ୍କି ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତହସିଲଦାରଙ୍କ ନିର୍ଦ୍ଦେଶକୁ ସୁଙ୍କି ରାଜସ୍ୱ କାର୍ଯ୍ୟାଳୟ ଗୁରୁତ୍ୱ ଦେଇନଥିଲେ । ଏହାର ଫାଇଦା ଆନ୍ଧ୍ରର ଆରକୁ ତହସିଲ କାର୍ଯ୍ୟାଳୟ ଉଠାଇ ଚାଲିଥିଲା । ଫଳରେ ଏହାକୁ କେନ୍ଦ୍ରକରି ଓଡ଼ିଶାର ଉପରୋକ୍ତ ଗ୍ରାମର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ପରେ ଗ୍ରାମବାସୀ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବିଧାୟକ ଏବଂ ଜିଲ୍ଲା ପରିଷଦ ସଭ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୌଣସି ସୁଫଳ ନମିଳିବାରୁ ଶେଷରେ ପୁଣି ଗ୍ରାମବାସୀ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏସମ୍ପର୍କରେ ତହସିଲଦାର ଧାରୁଆ ଉପଜିଲ୍ଲାପାଳ ବେଣୁଧର ଶବରଙ୍କ ସହ ଆଲୋଚନା କରିଥିଲେ। ପରେ ଉପଜିଲ୍ଲାପାଳ ଶବରଙ୍କ ଅଧକ୍ଷତାରେ ଏକ ଟିମ୍ ଗଠିତ ହୋଇଥିଲା । ଏହି ଟିମ୍‌ରେ ତହସିଲଦାର ଧାରୁଆ, ରେଭିନ୍ୟୁ ସୁପରଭାଇଜର ଗୋଲକ ପରିଡା ଓ ସୁଙ୍କି ପୋଲିସ ଯାଇ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ସୂଚନା ଆଧାରରେ ଉପସ୍ଥିତ ଆନ୍ଧ୍ର କର୍ମଚାରୀଙ୍କୁ ଏପରି ଅନୁପ୍ରବେଶ ନକରିବାକୁ ପରାମର୍ଶ ଦେଇଥିଲେ। ପରେ ଆନ୍ଧ୍ର ଆରକୁ ତହସିଲ ପକ୍ଷରୁ ହେଉଥିବା ସର୍ଭେ କାର୍ଯ୍ୟ ବନ୍ଦ ହୋଇଥିଲା।

## ମାଓ ପୋଷ୍ଟର ଆଦର୍ଶ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନିର୍ମାଣ ହେଉ



କଲ୍ୟାଣସିଂହପୁର,(ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ପର୍ସାଲି ପଞ୍ଚାୟତର ନିୟମଗିରି ପର୍ସାଲିରେ ୪ଟି ମାଓ ପୋଷ୍ଟର ମାରି ପୁଣି ସିପିଆଇ ମାଓବାଦୀ ବାଘୁନା ଡିଭିଜନ ପୋଷ୍ଟର ମାରି ନିଜର ସ୍ଥିତି ଜାହିର କରିଥିବା ଜଣାପଡ଼ିଛି।ନିୟମଗିରି ଉପରେ ହେବାକୁ ଥିବା ପର୍ଯ୍ୟଟନ କେନ୍ଦ୍ର ବନ୍ଦ କରାଯାଉ, ଜଙ୍ଗଲ ଜମି ପାଣି କୁ ସୁରକ୍ଷା ପ୍ରଦାନ,ବେଦାନ୍ତ ଆଲୁମିନା ଦଲାଲ ବନ୍ଦ ହେଉ, ଆଦର୍ଶ ବିଦ୍ୟାଳୟ ଓ ଟିଭି ଡାକ୍ତରଖାନା ପ୍ରତିଷ୍ଠା କରାଯାଉ ସିପିଆଇ ମାଓବାଦୀ ବାଘୁନା ଡିଭିଜନ।ସାଇନିଂ କଳାହାଣ୍ଡି ହେଉଛି ବେଦାନ୍ତର ଦଲାଲ ଓ ଓପିଲିପି ବେଦାନ୍ତର ଏକପ୍ରକାର ଦଲାଲ। ବେଦଣ୍ଡକୁ ନିୟମଗିରି ଦେବାପାଇଁ ସରକାର ଲେଣ୍ଡ ବ୍ୟାଙ୍କ ଗଠନକରି ଜଙ୍ଗଲ ଜମିକୁ ରଖିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି।କିନ୍ତୁ ଆଗାମୀ ଦିନରେ ବେଦାନ୍ତକୁ ଟେକି ଦେବାପାଇଁ ଯୋଜନା କରିଛନ୍ତି ସହ ଶୀଘ୍ର ଫେରାଇ ନେବାକୁ ଦାବି କରି ଆନ୍ଦୋଳନକୁ ଜୋରଦାର କରନ୍ତୁ। ଉକ୍ତ ପୋଷ୍ଟର ଗୁଡାକ ଦିକେଡିଏ ପାର୍ଶାଲି କାର୍ଯ୍ୟାଳୟ ଆମ୍ବ ଗଛରେ ଓ ପ୍ରଚେରୀ କାନ୍ଥ ରେ ଲାଗିଥିବା ଦେଖିବାକୁ ମିଳିଛି।ସିପିଆଇ ମାଓବାଦୀ ବାଘୁନା ଡିଭିଜନ ପକ୍ଷରୁ ଉଲ୍ଲେଖ ରହିଛି।

## ଡବ୍ଲ୍ୟୁଓଡିସି ଚ୍ୟାରମେନଙ୍କ କଣ୍ଟାବାଞ୍ଜି ଗସ୍ତ



କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ) -ପଶ୍ଚିମ ଓଡିଶା ବିକାଶ ପରିଷଦ ଚ୍ୟାରମେନ ଶ୍ରୀ ଅସିତ ତ୍ରିପାଠି ଗୁରୁବାର ଦିନ କଣ୍ଟାବାଞ୍ଜି ଗସ୍ତରେ ଆସିଥିଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ମଧ୍ୟରେ କଣ୍ଟାବାଞ୍ଜି ଆସିଥିଲେ । ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି( ଆର.ଏମ.ସି.) କୁ ପରିଦର୍ଶନ କରି ପିଆଜ ଗୋଦାମ ନିରୀକ୍ଷଣ କରିଥିଲେ । ଅଂଚଳରେ ହେଉଥିବା ପିଆଜ ଚାଷ କିପରି ଦୀର୍ଘ ଦିନ ଧରି ସଂରକ୍ଷଣ କରାଯାଇ ପାରିବ ସେ ନେଇ ଉଚିତ ପଦକ୍ଷେପ ନେବା ସହ ସଂପୃକ୍ତ ନିୟନ୍ତ୍ରିତ ବଜାର କମିଟି କଣ୍ଟାବାଞ୍ଜି ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ଟିଟିଲାଗଡ ଦୟାମୟ ପାଢିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିଦର୍ଶନ ବେଳେ ଜିଲ୍ଲାପାଳ ବଲାଙ୍ଗିର ଚଞ୍ଚଳ ରାଣା, ଆର.ଏମ.ସି. ସେକ୍ରେଟାରୀ ସରୋଜ ପଧାନ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଟ୍ରକ ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ

କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ଉପକଣ୍ଠ ଲାଣ୍ଡିଗୁଡା ନିକଟସ୍ଥ ୨୬ନଂ ଜାତୀୟ ରାଜପଥରେ ଟ୍ରକ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଗୋପୀ କିର୍ସାନି (୧୯)। ତାଙ୍କ ଘର ପଟାଙ୍ଗି ବ୍ଲକର ବଡଟେମା ଗ୍ରାମରେ । ଗୋପୀ ବାଇକରେ (ଓଡି୧୦ଏନ୮୬୨୨) କୋରାପୁଟରୁ ପଟାଙ୍ଗି ଅଭିମୁଖେ ଯାଉଥିବା ବେଳେ ଲାଣ୍ଡିଗୁଡା ଗ୍ରାମ ନିକଟରେ ଟ୍ରକ (ସିଜି୦୮ଏଭି୦୯୯୧)ଟି ତାଙ୍କୁ ଧକ୍କା ଦେଇଥିଲେ। ଗୋପୀଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏନେଇ ମୃତକଙ୍କ ପରିବାର ଟାଉନଥାନାକୁ ଆସି କ୍ଷତିପୂରଣ ଦାବି କରିଥିଲେ । ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ଉପସ୍ଥିତରେ ଆଲୋଚନା କ୍ରମେ ଟ୍ରକ ମାଲିକ ମୃତକଙ୍କ ପରିବାରକୁ କ୍ଷତି ପୂରଣ ଦେବାକୁ ରାଜି ହୋଇଥିଲା।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଘଣ୍ଟା ଘଣ୍ଟା ଧରି ରହୁନି ବିଜୁଳି,ରୋଗୀ ହନ୍ତସନ୍ତ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକସାଳୟରେ ଘଣ୍ଟା ଘଣ୍ଟା ଧରି ବିଜୁଳି ସେବା ବିଚ୍ଛିନ୍ନ ରହିଥିବାରୁ ରୋଗୀ ହନ୍ତସନ୍ତ ହେଉଛନ୍ତି । ତେବେ ଗତକାଲି ବିଳମ୍ବିତ ରାତିରେ ବିଜୁଳି ଘଡଘଡି ସହ ବର୍ଷା ହୋଇଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ୩ଟି ଟ୍ରାନ୍ସଫର୍ମର ମଧ୍ୟରୁ ଗୋଟିଏ ଖରାପ ହୋଇଯାଇଥିଲା । ଯାହା ଫଳରେ ଚିକିତ୍ସାଳୟର ୫୦% ୱାର୍ଡ ଓ ଲିଫ୍ଟ ଗୁଡିକରେ ଗତକାଲି ରାତିଠାରୁ ବିଦ୍ୟୁତ ସେବା ଠପ୍ ହୋଇଯାଇଥିଲା। ଯାହାଫଳରେ ଉପର ମହଲାକୁ ଯିବା ଆସିବା କରିବାପାଇଁ ବ୍ୟବହାର କରାଯାଉଥିବା ଲିଫ୍ଟ ଗୁଡିକ ବନ୍ଦ ହୋଇଯାଇଛି । ଯେଉଁଥି ପାଇଁ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପରିଚାଳକଙ୍କ କହିଛନ୍ତି, ଗତକାଲିଠାରୁ ବିଦ୍ୟୁତ ଯିବା ପରେ ତୁରନ୍ତ ୨ଟି ବଡ ଜେନେରେଟର ଚାଲୁ କରାଯାଇ ଜରୁରୀକାଳିନ ବିଭାଗ ଗୁଡିକୁ କରେଣ୍ଟର ବ୍ୟବସ୍ଥା କରାଯାଇଛି। ଯାହା ଦ୍ୱାରା ରୋଗୀଙ୍କର ଚିକିତ୍ସାରେ କୌଣସି ବାଧା ସୃଷ୍ଟି ହୋଇନାହିଁ । ବିଜୁଳି ପାଇଁ ବିଭାଗୀୟ କର୍ମଚାରୀମାନେ ରାତି ତମାମ ଟ୍ରାନ୍ସଫର୍ମର ସଜାଡିବା ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ସୁଧା ଟ୍ରାନ୍ସଫର୍ମର କାମ ଚାଲୁ ରହିଛି । ସଂଧ୍ୟା ସୁଧା ବିଦ୍ୟୁତ ସଂଯୋଗ କରାଯିବ ବୋଲି କହିଛନ୍ତି ହସ୍ପିଟାଲ ମ୍ୟାନେଜର ରାଜେଶ ପଣ୍ଡିତ୍ରା ।

## ଆସିଲା ବର୍ଷା;ଡ୍ରେନ ଗୁଡ଼ିକର ହେଉନି ମରାମତି



ତାଳଚେର,(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଜନହିତ କାର୍ଯ୍ୟକ୍ରମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ଜନହିତକର କାର୍ଯ୍ୟରେ ଆସୁଥିବା ଅର୍ଥ କେଉଁଠାରେ ଅସାଧୁ କର୍ମଚାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ପ୍ରାୟ ୭୦ଭାଗ ବାଟମରଣା ହେଉଥିବା ବେଳେ ଆଉ କେଉଁଠି ନିମ୍ନମାନର କାମକରି ତାଳି ପକାଯାଉଥିବାର ଅଭିଯୋଗ ହୋଇଥାଏ। ୨୧ଟି ୱାର୍ଡ଼କୁ ନେଇ ତାଳଚେର ପୌରପରିଷଦ ଗଠିତ। ଏହି ୨୧ଟି ୱାର୍ଡ଼ରେ ଭୋଟର ସଂଖ୍ୟା ୨୮ହଜାର ରହିଥିବା ବେଳେ ପ୍ରାୟ ୫୦ହଜାରୁ ଉର୍ଦ୍ଧ ଜନସଂଖ୍ୟା କୁହାଯାଉଛି। ପୌରପରିଷଦ ଅଂଚଳରେ ଦ୍ରୁତଗତିରେ ଜନସଂଖ୍ୟା ବୃଦ୍ଧି ପାଇବା ସାଙ୍ଗକୁ ସେହି ଅନୁପାତରେ କୋଠାବାଡ଼ି ବୃଦ୍ଧି ପାଇଛି। ଫଳରେ କେଉଁଠାରେ ଡ୍ରେନ, ରାସ୍ତା ବ୍ୟବସ୍ଥା ନଥିବା ବେଳେ ଆଉ କେଉଁଠାରେ ଡ୍ରେନ ଗୁଡ଼ିକ ମୁକୁଳା ହୋଇ ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଅଭିଯୋଗ ହେଉଛି। ଏରପିକି, ବସ୍ତି ଅଞ୍ଚଳ ଗୁଡ଼ିକ ବର୍ଷାଦିନରେ ଜଳନିଷ୍କାସନ ହୋଇନପାରିବାରୁ ଜଳବନ୍ଦୀ ଅବସ୍ଥା ଦେଖାଦେଇ ଥାଏ। କେତେକ ସ୍ଥାନରେ ଡ୍ରେନ ଗୁଡ଼ିକ ଅଳିଆ ଆବର୍ଜନାରେ ପୁରି ରହିଥିବାରୁ ବର୍ଷାଜଳ ନିଷ୍କାସନ ନହୋଇ ଘର ଭିତରକୁ ପଶି ଯାଇଥାଏ। ଫଳରେ ଏକ ଅସ୍ୱାଭିକ ପରିସ୍ଥିତ ସୃଷ୍ଟି ହୋଇଥାଏ। ଖରାଦିନେ ଡ୍ରେଗୁଡ଼ିକ ମଶାତେଲ, ବ୍ଲିଚିଙ୍ଗ ନପଡ଼ିବା ଯୋଗୁ ଦୁର୍ଗନ୍ଧରେ ନାକ ଫାଟିପଡ଼ିବା ସହିତ ମଶାମାଛିଙ୍କର ପ୍ରଦୁର୍ଭାବ ବୃଦ୍ଧି ପାଇଥାଏ। ମାତ୍ର ବର୍ଷା ଦିନରେ ଡ୍ରେନ ଗୁଡ଼ିକ ଯୁଦ୍ଧକାଳିନ ଭିତରେ ମରାମତି ଓ ନିୟମିତ ପରିଷ୍କାର ପରିଚ୍ଛନ୍ନ କରାନଗଲେ ମଶାମାଛିଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ବିଷାକ୍ତ ଶରିସୃପଙ୍କ ଶୀକାର ହେବେ ବୋଲି ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ସେହିପରି ଯେଉଁ ସ୍ଥାନରେ ଡ୍ରେନ ଗୁଡ଼ିକ ଦୀର୍ଘବର୍ଷ ମୁକୁଳା ହୋଇପଡ଼ି ରହିଛି ସେଗୁଡ଼ିକ ଉପରେ ତୁରନ୍ତ ସ୍ଲାବ ପକାଇବାକୁ ଦାବି ହେଉଛି।



"ସେହି ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରେ, ଯିଏ କୌଣସି ପଦାର୍ଥ ଦ୍ୱାରା ବିଚଳିତ ହୁଅନ୍ତି ନାହିଁ।"

- ସ୍ୱାମୀ ବିବେକାନନ୍ଦ



"ଯଦି ତୁମେ ଭଗବାନଙ୍କୁ ପ୍ରାର୍ଥନା କରୁନାହଁ, ତାହା ତାଙ୍କ ପାଇଁ କ'ଣ ଏହା କେବଳ ତୁମର ଦୁର୍ଭାଗ୍ୟ।"

-ସାରଦା ଦେବୀ



## ପଶ୍ଚିମ ବଙ୍ଗରେ ନିର୍ବାଚନୀ ହିଂସା

# ସୁଶ୍ରୀ ମମତାଙ୍କୁ ଅଦାଲତୀ ଝଟ୍‌କା

ପଶ୍ଚିମ ବଙ୍ଗରେ ଆସନ୍ତା ଜୁଲାଇ ୮ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟବ୍ୟାପୀ ଯେପରି ହିଂସା ଓ ଅରାଜକତା ମୁଣ୍ଡ ଟେକିଛି, ତାହା ସାରା ଦେଶରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଥିବା ପ୍ରାର୍ଥୀ ଓ ସମର୍ଥକଙ୍କ ଉପରେ କେବଳ ଆକ୍ରମଣ ହେଉନାହିଁ, କେତେକ ସ୍ଥାନରେ ସେମାନଙ୍କୁ ହତ୍ୟା କରାଯାଉଥିବାର ଖବର ହସ୍ତଗତ ହୋଇଛି। ରାଜ୍ୟର ଅନେକ ସ୍ଥାନରେ ନାମାଙ୍କନ ପତ୍ରଦାଖଲ ସମୟରେ ହିଁ ପୋଡ଼ାଜଳା ଓ ହିଂସାକାଣ୍ଡ ଦେଖିବାକୁ ମିଳିଛି ଏବଂ ଏଥିରେ ବହୁ ଲୋକଙ୍କ ମୃତ୍ୟୁ ଘଟିଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଘଟିଚାଲିଥିବା ହିଂସାକାଣ୍ଡ ପାଇଁ ମୁଖ୍ୟ ବିରୋଧୀ ଦଳ ବି.ଜେ.ପି., କଂଗ୍ରେସ ଓ ସି.ପି.ଆଇ(ଏମ୍)ରାଜ୍ୟର କ୍ଷମତାସୀନ ତୃଣମୂଳ କଂଗ୍ରେସ (ଟି.ଏମ୍.ସି)କୁ ଦାୟୀ କରୁଥିବା ବେଳେ କେତେକ ସ୍ଥାନରେ ଟି.ଏମ୍.ସି.କର୍ମୀଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଇ ଥିବାର ଅଭିଯୋଗ ହୋଇଛି। ଉଦାହରଣ ସ୍ୱରୂପ ମାଳଦା ଜିଲ୍ଲାରେ ଟି.ଏମ୍.ସି.ର ଜଣେ ପ୍ରାର୍ଥୀଙ୍କୁ କେତେକ ଦୁର୍ବୃତ୍ତ ପିଟିପିଟି ମାରି ଦେଇଛନ୍ତି ଏବଂ ଏହି ଘଟଣା ପାଇଁ ଟି.ଏମ୍.ସି. ଓ ବି.ଜେ.ପି. ପରସ୍ପରକୁ ଦୋଷାରୋପ କରିଛନ୍ତି। ଅନ୍ୟ ପକ୍ଷରେ କୁଚବିହାର ଜିଲ୍ଲାର ସାହେବଗଞ୍ଜ ବିଡ଼ିଓ ଅଫିସ୍ ବାହାରେ ଜଣେ କେନ୍ଦ୍ରମନ୍ତ୍ରୀ ତଥା ବି.ଜେ.ପି.ନେତା ନୀତିଶ୍ ପ୍ରାମାଣିକଙ୍କ ଗାଡ଼ି ଉପରକୁ ମଧ୍ୟ ଆକ୍ରମଣ କରିବାକୁ ଦୁର୍ବୃତ୍ତ ପଛାଇନାହାନ୍ତି। କେନ୍ଦ୍ରମନ୍ତ୍ରୀ ଏହି ଘଟଣା ପାଇଁ ଶାସକ ଟି.ଏମ୍.ସି.କୁ ସିଧାସଳଖ ଦାୟୀ କରିବା ସଙ୍ଗେ ସଙ୍ଗେ ବି.ଜେ.ପି ପ୍ରାର୍ଥୀଙ୍କୁ ନାମାଙ୍କନ ପତ୍ର ଦାଖଲ ପାଇଁ ଅଫିସ ଭିତରକୁ ଛଡ଼ାଯାଉ ନଥିବା ଅଭିଯୋଗ କରିଛନ୍ତି। କେତେକ ସ୍ଥାନରେ ପ୍ରାର୍ଥୀମାନଙ୍କ କାଗଜ ପତ୍ରକୁ ପ୍ରତିଦ୍ୱନ୍ଦୀ ଦଳର ଗୁଣ୍ଡାମାନେ ଛଡ଼ାଇ ନେଉଥିବାରା ଦେଖାଯାଉଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଶ୍ଚିମ ବଙ୍ଗରେ ଏଭଳି ହିଂସାକାଣ୍ଡ ଓ ଅରାଜକତା ଦେଖାଦେଇଥିବାରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କେନ୍ଦ୍ରୀୟ ବାହିନୀ ମୁତୟନ କରିବାକୁ କୋଲକତା ହାଇକୋର୍ଟ ରାଜ୍ୟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ କେନ୍ଦ୍ରୀୟ ବାହିନୀ ମୁତୟନ ପାଇଁ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଆଦେଶ ସୁଶ୍ରୀ ମମତା ବାନାର୍ଜୀଙ୍କ ସରକାରକୁ ବେଶ୍ ଅଡୁଆରେ ପକାଇ ଦେଇଥିଲା ଏବଂ ରାଜ୍ୟ ସରକାର ଏହି ରାୟ ବିରୋଧରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସୁପ୍ରିମ୍ କୋର୍ଟ ମଧ୍ୟ ହାଇକୋର୍ଟଙ୍କ ରାୟକୁ କେବଳ କାଏମ୍ ରଖି ନାହାନ୍ତି, ମମତା ସରକାରକୁ ଅତି କଡ଼ା ଭାଷାରେ ଭର୍ତ୍ସନା କରିବାକୁ ପଛାଇନାହାନ୍ତି। ପଞ୍ଚାୟତ ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ କେନ୍ଦ୍ରୀୟ ବାହିନୀ ମୁତୟନ ହେଲେ ରାଜ୍ୟ ସରକାରଙ୍କ କ'ଣ ସମସ୍ୟା ରହିଛି ବୋଲି ନ୍ୟାୟାଳୟ ସିଧାସଳଖ ପ୍ରଶ୍ନ କରିବା ସଙ୍ଗେ ସଙ୍ଗେ ହିଂସାକୁ ଲାଇସେନ୍‌ସ ଦେବା ନିର୍ବାଚନର ଅର୍ଥ ନୁହେଁ ବୋଲି ଚେତାଇ ଦେଇଛନ୍ତି। କୋଲକତା ହାଇକୋର୍ଟ ଏବଂ ସୁପ୍ରିମ୍ କୋର୍ଟରୁ ମମତା ସରକାରକୁ ଯେଉଁ ଝଟ୍‌କା ମିଳିଛି, ତାକୁ ଦୃଷ୍ଟିରେ ରଖି ଆଗାମୀ ପଞ୍ଚାୟତ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ମଧ୍ୟରେ ସମାହିତ କରିବା ବଡ଼ ଆହ୍ୱାନ ରୂପେ ଦେଖାଦେଇଛି। ଗଣତନ୍ତ୍ରରେ ସବୁ ଦଳ ପ୍ରାର୍ଥୀଙ୍କ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାର ଅଧିକାର ରହିଛି। ଏଥିରୁ କାହାରିକୁ ବଞ୍ଚିତ କରିବା ନିଶ୍ଚିତ ଭାବରେ ଅଗଣତାନ୍ତ୍ରିକ ଓ ଦୁର୍ଭାଗ୍ୟଜନକ କୁହାଯାଇପାରେ।

# ପ୍ରେସ ସ୍ୱାଧୀନତା ଆମ ଗଣତନ୍ତ୍ରର କବଚ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ- ୯୪୩୭୭୨୯୩୮୪

ପୁରାଣ ଯୁଗରେ ତିନି ଲୋକର ଖବର ସମସ୍ତଙ୍କ ପାଖରେ ପହଞ୍ଚାଇବା ଦାୟିତ୍ୱ ବହନ କରିଥିଲେ ଦେବର୍ଷି ନାରଦ। ଦେବର୍ଷି ନାରଦଙ୍କୁ ବିଶ୍ୱ ବ୍ରହ୍ମାଣ୍ଡର ପ୍ରଥମ ସାମ୍ବାଦିକ ଭାବରେ ଚିତ୍ରଣ କରାଯାଇଥାଏ। ଅତୀତ ଭାରତରେ ପର୍ବତମାନଙ୍କରେ ଅଗ୍ନି ସଂଯୋଗ କରାଯାଇ ରାଜାମାନେ ସରକାରୀ ନିର୍ଦ୍ଦେଶ ବା ଆଦେଶକୁ ଘୋଷଣା କରୁଥିଲେ। କେତେକ ଦେଶରେ ନିଆଁ ଜାଳି ଲୋକଙ୍କୁ ଡକାଇ ସରକାରୀ ଘୋଷଣା ଜଣାଇ ଦିଆଯାଉଥିଲା। ଫୁଙ୍କାନଳୀ ଯୋଗେ ସମ୍ବାଦ ମଧ୍ୟ ଘୋଷଣା କରାଯାଉଥିଲା। ପରବର୍ତ୍ତୀ ସମୟରେ ଭାରତରେ ତାଳପତ୍ରରେ ଲେଖାଯାଇ ବାର୍ତ୍ତା ପ୍ରଚାର କରାଯାଉଥିଲା। ଶାସନ ବିଷୟରେ ପ୍ରତ୍ୟକ୍ଷ ପ୍ରତିକ୍ରିୟା ଜାଣିବା ପାଇଁ ରାଜାମାନେ ଗୁପ୍ତଚର ନିଯୁକ୍ତି କରୁଥିଲେ। ଏହି ଗୁପ୍ତଚରମାନେ ନିୟମିତ ଭାବରେ ରାଜ୍ୟର ଖବର ରାଜାଙ୍କୁ ଯୋଗାଉଥିଲେ। ସମ୍ରାଟ ଅଶୋକଙ୍କ ସମୟରେ ସାମ୍ରାଜ୍ୟର ପ୍ରତ୍ୟେକ ବିଷୟରେ ବିବରଣୀ ଜାଣିବାପାଇଁ ସେ ଛଦ୍ମବେଶୀ କର୍ମଚାରୀ ନିଯୁକ୍ତି କରିଥିଲେ। ସମ୍ରାଟ ଔରଙ୍ଗଜେବ୍ "ଉଆକୁଇହାନବିସ୍"ମାନଙ୍କୁ ନିଯୁକ୍ତ କରିଥିଲେ। ସେମାନେ ଦେଶର ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ "ଉଆକୁଇଆ"ରେ ଲେଖି ରଖୁଥିଲେ। ପ୍ରତ୍ୟେକ ଦିନ ରାତ୍ରି ନଅଟା ପରେ ଅନ୍ତଃପୁରର ଜଣେ ମହିଳା ସମ୍ରାଟଙ୍କୁ ସଂଗୃହୀତ ସମ୍ବାଦଗୁଡ଼ିକୁ ପଢ଼ି ଶୁଣାଉଥିଲେ। ଚୀନ୍‌ରେ ପ୍ରଥମେ କାଗଜର ବ୍ୟବହାର ହେବାରୁ କାଗଜକୁ ସମ୍ବାଦ ଲିଖନର ମାଧ୍ୟମ ଭାବରେ ବ୍ୟବହାର କରିବାରୁ ଏହାର ବହୁଳ ପ୍ରସାର ହେଲା।

ଆମେରିକାର ସ୍ୱାଧୀନତା ସଂଗ୍ରାମ ଚାଲିଥିବାବେଳେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗ ପର୍ଯ୍ୟନ୍ତ ଦେଶାତ୍ମବୋଧ ଜାଗ୍ରତ କରିବା ସେ ଦେଶର ସମ୍ବାଦପତ୍ରମାନଙ୍କର ଯେପରି ପ୍ରଧାନ ଆଭିମୁଖ୍ୟ ଥିଲା, ଭାରତରେ ମଧ୍ୟ ସ୍ୱାଧୀନତା ସଂଗ୍ରାମ ସମୟରେ ଭାରତୀୟ ଭାଷାରେ ପ୍ରକାଶିତ ସମ୍ବାଦପତ୍ର ତଥା ପତ୍ରପତ୍ରିକା ଗୁଡ଼ିକର ଅନୁରୂପ ଆଭିମୁଖ୍ୟ ଥିଲା। ସ୍ୱାଧୀନତା ସଂଗ୍ରାମର ସର୍ବପ୍ରଥମ ସ୍ଫୁଲିଙ୍ଗ ଏହି ସମ୍ବାଦପତ୍ର ଗୁଡ଼ିକରୁ ହିଁ ସୃଷ୍ଟି ହୋଇଥିଲା। ପ୍ରାକ୍ ସ୍ୱାଧୀନତା ସମୟରେ ସମ୍ବାଦପତ୍ର ଗୁଡ଼ିକ ରାଜନୀତିକୁ ନିୟନ୍ତ୍ରଣ କରି ଦେଶଭକ୍ତିର ରକ୍ତ ସଞ୍ଚାର କରୁଥିଲେ। ଗଣତାନ୍ତ୍ରିକ ରାଷ୍ଟ୍ରରେ ସମ୍ବାଦପତ୍ର ହେଉଛି ଜାଗ୍ରତ ପ୍ରହରୀ। ଦେଶର ଶାସନ ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ଚାଲିଥିବା ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ଓ ଜନମତକୁ ପ୍ରଭାବିତ କରିବାରେ ସମ୍ବାଦପତ୍ର ସବୁଠୁ ଶକ୍ତିଶାଳୀ ଭୂମିକା ଗ୍ରହଣ କରିଥାଏ। ଭାରତର ସମ୍ବାଦପତ୍ର ମାନେ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶାତ୍ମକ ବୋଧର ପ୍ରଚାର ଏବଂ ଜାତୀୟ ସଂଗ୍ରାମର ପ୍ରସାର ଦିଗରେ ସହାୟକ ହୋଇ ଅଧିକ ଜନପ୍ରିୟ ହୋଇଥିଲେ। ଭାରତର ଜାତୀୟ କଂଗ୍ରେସର ପୁରୋଧାମାନେ କୌଣସି ନା କୌଣସି ସମ୍ବାଦପତ୍ର ସହିତ ଜଡ଼ିତ ଥିଲେ। ରାଜନୈତିକ ଚିନ୍ତାଧାରାର ପ୍ରସାର ପାଇଁ ସାମ୍ବାଦିକ ମାନଙ୍କର ପ୍ରବୃତ୍ତିକୁ ଏକ ଯୋଗ୍ୟତା ଭାବେ ବିଚାର କରାଯାଉଥିଲା। ରାଜନୈତିକ କର୍ମୀମାନେ ଜାତୀୟତାବାଦୀ ସମ୍ବାଦପତ୍ର ମାନଙ୍କର ପ୍ରତିନିଧି ହୋଇ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବାକୁ ଅଧିକ ଆଗ୍ରହ ପ୍ରକାଶ କରୁଥିଲେ। ଭାରତର ବିଭିନ୍ନ ରାଜ୍ୟରେ ଜାତୀୟତାବାଦୀ ସମ୍ବାଦପତ୍ର ପ୍ରତିଷ୍ଠା ମଧ୍ୟ ସେତେବେଳେ ସ୍ୱାଧୀନତା ସଂଗ୍ରାମର ଏକ ଅଂଶ ବିଶେଷ ଥିଲା। ସେ ସମୟରେ ବହୁ ଛୋଟ ଛୋଟ ସମ୍ବାଦପତ୍ର ଜନସାଧାରଣଙ୍କ ମନରେ ସ୍ୱାଧୀନତାର ପ୍ରେରଣା ଜାଗରିତ କରିଥିଲେ। ମହାତ୍ମାଗାନ୍ଧୀ, ବାଲ୍‌ଗଙ୍ଗାଧର ତିଳକ୍, ଗୋପାଳକୃଷ୍ଣ ଗୋଖ୍‌ଲେ, କେଶବ ଚନ୍ଦ୍ର ସେନ୍, କ୍ଷୀରୋଦ ଶାହ ମେହେଟା, ଦାଦା ଭାଇ ନାରୋଜୀ, ସି.ୱାଇ. ଚିନ୍ତାମଣୀ, ସୁରେନ୍ଦ୍ରନାଥ ବାନାର୍ଜୀ, ଗୌରୀଶଙ୍କର ରାୟ ଗୋପବନ୍ଧୁ ଦାସ ପ୍ରମୁଖ ସଂପାଦକ ତତ୍‌କାଳୀନ ସମ୍ବାଦପତ୍ର ଓ ସାମ୍ବାଦିକତା କ୍ଷେତ୍ରରେ ଏକ ମର୍ଯ୍ୟାଦାର ବାତାବରଣ ସୃଷ୍ଟି କରିଥିଲେ। ଭାରତରେ ଗାନ୍ଧୀ ଯୁଗରେ ସ୍ୱାଧୀନତା ସଂଗ୍ରାମୀମାନେ ଖଣ୍ଡେ ଖଦଡ଼ ଧୋତି, ଫତେଇ ଓ ଚାଦର ପରିଧାନ କରି ଖଦଡ଼ କନାର ବ୍ୟାଗ ଧରି ପଦଯାତ୍ରା କରି ଗାଁକୁ ଗାଁ ଯାଇ ଲୋକମାନଙ୍କର ସୁବିଧା ଅସୁବିଧା ବୁଝୁଥିଲେ। ସମାଜସେବାର ଏକ ଅଙ୍ଗ ଭାବେ ସମ୍ବାଦପତ୍ରକୁ ଗାଁ ଗହଳିର ସମସ୍ୟା ଜଣାଇବା ଆବଶ୍ୟକ ବୋଲି ସେମାନେ ବିଚାର କରୁଥିଲେ। ସ୍ୱାଧୀନତା ପରେ ଗଣମାଧ୍ୟମର ଭୂମିକା ବଦଳି ଯାଇଛି।

ସମ୍ବାଦପତ୍ର ଓ ସାମ୍ବାଦିକ ଏକ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ। ସାମ୍ବାଦିକକୁ ଛାଡି ଯେପରି ସମ୍ବାଦପତ୍ର କଥା ଚିନ୍ତା କରାଯାଇନପାରେ ସେହିଭଳି ସମ୍ବାଦପତ୍ର ବ୍ୟତୀତ ସାମ୍ବାଦିକଙ୍କ କଥା ଚିନ୍ତା କରାଯାଇପାରିବ ନାହିଁ। ସାମ୍ବାଦିକ କେବଳ ଜଣେ ନାଗରିକ ନୁହେଁ ସେ ହେଉଛି ଜନସାଧାରଣଙ୍କର ମୁଖପାତ୍ର। ଲୋକଙ୍କ ସମସ୍ୟା ହୃଦୟଙ୍ଗମ କରି ତାକୁ ଖବର ରୂପ ଦେବା, ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ସରକାରଙ୍କର ବିଭିନ୍ନ ଦୋଷ, ଦୁର୍ବଳତାକୁ ପ୍ରକାଶ କରିବା ସମ୍ବାଦପତ୍ରର ମୁଖ୍ୟକାର୍ଯ୍ୟ। ଭାରତର ସାଧାରଣତନ୍ତ୍ର ଶାସନରେ ନାଗରିକ ମାନଙ୍କର ସ୍ୱାଧୀନତା ରକ୍ଷା, ଜନଚେତନା, ଆଦର୍ଶମୁଖୀ ସମାଜ ଗଢ଼ିବାରେ ସମ୍ବାଦପତ୍ର ମାନେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ସେଥିପାଇଁ କୁହାଯାଏ- 'ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହେଉଛି ଗଣମାଧ୍ୟମ'। ସମ୍ବାଦପତ୍ରର କୁଶଳୀ କାରିଗରମାନେ ହେଲେ ସାମ୍ବାଦିକମାନେ। ପ୍ରିଣ୍ଟମିଡିଆ,ରେଡିଓ,ଇଲେକଟ୍ରୋନିକ୍ସ ମିଡିଆ ପରେ ସାମାଜିକ ଗଣମାଧ୍ୟମ ଖବର ପ୍ରକାଶରେ ବିଶେଷ ପ୍ରଭାବଶାଳୀ ହୋଇଛି। ଏହାର ସୁଫଳକୁ ନେଇ ଅନେକ ଚର୍ଚ୍ଚା ହେବା ପରେ, କୁପରିଣାମ ଏବେ ସମାଜ ଉପରେ ପଡ଼ିବା ଆରମ୍ଭ କରିଛି। ପେଡ ନ୍ୟୁଜ ଓ ଫେକ ନ୍ୟୁଜର ସଂଖ୍ୟା ମଧ୍ୟ ବଢ଼ୁଛି। କର୍ପୋରେଟ ହାଉସ, ରାଜନୈତିକ ବ୍ୟକ୍ତି, ଠିକାଦାର, ଖଣିମାଲିକ, ଶିକ୍ଷା ଦଲାଲଙ୍କ କବ୍ଜାକୁ ଗଣମାଧ୍ୟମ ଚାଲିଗଲାଣି। କର୍ପୋରେଟ ହାଉସ ଗୁଡ଼ିକ ଟଙ୍କା ଦେଇ ନିଜକୁ ସୁହାଉଥିବା ଖବର ପ୍ରକାଶ କରୁଛନ୍ତି। ଆଜିର ଦିନରେ ବିଶ୍ୱସନିୟତା ଓ ଭରସା ଗଣମାଧ୍ୟମ ପାଇଁ ସବୁଠୁ ବଡ ଆହ୍ୱାନ। ଯଦି ଲୋକେ ଗଣମାଧ୍ୟମ ଉପରୁ ଭରସା ତୁଟାଇଦେବେ,ତେବେ ସାମ୍ବାଦିକତାର ଅର୍ଥ କିଛି ରହିବ ନାହିଁ।

ଯାହାଙ୍କର କଲମ ମୁନରେ ସୂକ୍ଷ୍ମକଳା ନିପୁଣତାରେ ଆତ୍ମ ପ୍ରକାଶ କରେ ସେ ହେଉଛନ୍ତି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସାମ୍ବାଦିକ କେବଳ ଜଣେ ନାଗରିକ ନୁହେଁ। ସେ ହେଉଛି ଜନସାଧାରଣଙ୍କ ମୁଖପାତ୍ର। ଚାରିପାଖେ ଯାହା ସବୁ ଭଲମନ୍ଦ ଘଟଣା ଘଟୁଛି ନିର୍ଲିପ୍ତ ଭାବରେ ସେ ଖବର ପ୍ରକାଶ କରିବା ହେଉଛି ସାମ୍ବାଦିକର ପେଷା। ଯେଉଁ ସାମ୍ବାଦିକମାନେ ନିରପେକ୍ଷ ଭାବେ ସମ୍ବାଦ ପରିବେଷଣ କରନ୍ତି ସେମାନଙ୍କ ପ୍ରତି ଜନସାଧାରଣଙ୍କର ଶ୍ରଦ୍ଧା ଓ ସମ୍ମାନ ଅତୁଟ ଥାଏ। ସାମ୍ବାଦିକତାକୁ ଏକ ସମ୍ମାନୀୟ ବୃତ୍ତି ଭାବେ ଗ୍ରହଣ କରିବା ଦ୍ୱାରା ପ୍ରତ୍ୟେକ ସାମ୍ବାଦିକ ନିଜର ଏବଂ ନିଜେ ପ୍ରତିନିଧିତ୍ୱ କରୁଥିବା ସମ୍ବାଦପତ୍ରର ଅଭିବୃଦ୍ଧିରେ ସହାୟକ ହୋଇପାରିବେ। ସମ୍ବାଦପତ୍ରରେ ସାମ୍ବାଦିକମାନଙ୍କର ନିରପେକ୍ଷତା, ସମ୍ବାଦ ପରିବେଷଣରେ ସାଧୁତା ରହିଲେ ସମ୍ବାଦପତ୍ର ଗୁଡ଼ିକ ଆଦର ଲାଭ କରିବେ ଓ ସମାଜରେ ସୁପ୍ରତିଷ୍ଠିତ ହୋଇପାରିବେ। ଯାହା ସତ୍ୟ ତାହାକୁ ପରିବେଷଣ କଲେ ସାମ୍ବାଦିକର ସମ୍ମାନ ବଢ଼ିବ ଓ ସମ୍ବାଦପତ୍ରର ଉତ୍ତରୋତ୍ତର ଉନ୍ନତି ହେବ। ନାରୀର ସମ୍ମାନ ପାଇଁ ସତୀତ୍ୱ ଯେପରି ଆବଶ୍ୟକ, ସମ୍ବାଦପତ୍ରର ସମ୍ମାନ ପାଇଁ ସମ୍ବାଦର ସତ୍ୟତା ଓ ସଠିକତା ସେହିପରି ଆବଶ୍ୟକ। ଗାନ୍ଧିଜୀ କହୁଥିଲେ "ଜଣେ ସାମ୍ବାଦିକ ଦେଶପ୍ରେମୀ ହୋଇପାରେ, କୌଣସି ରାଜନୈତିକ ଦଳର କର୍ମୀ ହୋଇପାରେ କିମ୍ବା ଜଣେ ବିଶ୍ୱସ୍ତ କର୍ମଚାରୀ ହୋଇପାରେ ; ତେବେ ପାଠକମାନଙ୍କ ପ୍ରତି ସେ ଅନୁରକ୍ତ ରହିବା ଦରକାର। ଯଦି ଖବର କାଗଜ ପାଠକଙ୍କ ବିଶ୍ୱାସ ହରାଏ ତେବେ ସେଠାରେ ସାମ୍ବାଦିକତାର କିଛି ମୂଲ୍ୟ ନଥାଏ। କେଉଁଠି ସରକାର ବଦଳାଇବା କ୍ଷେତ୍ରରେ ଓ ଆଉ କେଉଠି ଲୋକଙ୍କ ଜୀବନ ବଞ୍ଚାଇବାରେ, ବିପର୍ଯ୍ୟୟ ମୁକାବିଲା କରିବାରେ, ଦଙ୍ଗା ରୋକିବାରେ ସାମ୍ବାଦିକମାନଙ୍କର ସମ୍ବାଦ ବିଶେଷ ସହାୟକ ହୋଇଥାଏ। ସତ୍ୟଘଟଣାକୁ ଲୋକଲୋଚନକୁ ଆଣି ବେଳେବେଳେ ସାମ୍ବାଦିକ ଆକ୍ରମଣର ଶୀକାର ହୋଇଥାଏ। ଯାହା ଫଳରେ ଗଣତନ୍ତ୍ରର ପବିତ୍ରତା ଧ୍ୱଂସ ପାଇଥାଏ। ତେବେ ବାହୁବଳ ପ୍ରୟୋଗକାରୀମାନେ ଜାଣିରଖିବା ଉଚିତ୍ ସଚ୍ଚୋଟ ସାମ୍ବାଦିକଙ୍କୁ ନୀରବ କରିଦେବାପାଇଁ ମାନବ ଇତିହାସରେ ଯେତେ ଉଦ୍ୟମ ହୋଇଛି ତାହା ବ୍ୟର୍ଥ ହୋଇଛି। ଲାଟିନ୍ - ଆମେରିକାର ସାମ୍ବାଦିକମାନେ ବହୁ ଅସୁବିଧା ଭିତରେ ବି ନିଜ କାମ ଖୁବ୍ ସାହସର ସହିତ କରିଆସୁଛନ୍ତି। ଏହି ସବୁ ଦେଶମାନଙ୍କରେ ବହୁ ସମୟରେ ସାମ୍ବାଦିକମାନେ ଆତତାୟୀଙ୍କ ଗୁଳି ଚୋଟରେ ନିହତ ହୋଇଥାନ୍ତି। ୨୦୨୧ ମସିହାରେ ୩୫୦ ଜଣ ସାମ୍ବାଦିକ ଜେଲ ଯାଇଥିବା ବେଳେ ୪୭ ଜଣ ହତ୍ୟାର ଶିକାର ହୋଇଛନ୍ତି। ୨୦୧୫ ମସିହାରେ ୧୧୨ ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଥିବାବେଳେ ୨୦୧୬ ମସିହାରେ ଭାରତର ୫ଜଣ ସାମ୍ବାଦିକଙ୍କ ସମେତ ବିଶ୍ୱରେ ୧୬୬ ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି ୨୦୧୭ରେ ୨୬୨,୨୦୧୮ରେ ୪୩,୨୦୧୯ ରେ ୨୫ଜଣ ସାମ୍ବାଦିକ ହତ୍ୟାର ଶିକାର ହୋଇଛନ୍ତି। ରିପୋର୍ଟସ ଉଇଦାଉଟ ବର୍ଡର ଅନୁଯାୟୀ ଗତ ୫ ବର୍ଷ ମଧ୍ୟରେ ୪୭ ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି।

ସମ୍ବାଦପତ୍ରପାଇଁ ସ୍ୱତନ୍ତ୍ର ନୀତି, ନିୟମ ଏବଂ କର୍ତ୍ତବ୍ୟବୋଧ ବିଷୟରେ ପରାମର୍ଶ ଦେବାପାଇଁ ଗଠନ କରାଯାଇଥିବା ପ୍ରେସ୍ କମିଶନ ୧୯୫୪ ମସିହାରେ ତାଙ୍କର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲେ। ୧୯୬୬ ମସିହା ନଭେମ୍ବର ୧୬ ତାରିଖରେ ସରକାର ଭାରତୀୟ ପ୍ରେସ୍ କାଉନ୍‌ସିଲ ଗଠନ କଲେ। ଆଇନ୍ ଅନୁସାରେ ଏହାକୁ ସ୍ୱତନ୍ତ୍ର ବିଚାର ବିଭାଗୀୟ କ୍ଷମତା ଅର୍ପଣ କରାଗଲା। ଯେ କୌଣସି ବ୍ୟକ୍ତି ସାମ୍ବାଦିକତାର ପାରମ୍ପରିକ ନୀତି ଓ ସମ୍ମାନ ଏବଂ ସାମାଜିକ ରୁଚି ଦୃଷ୍ଟିରୁ ଯେ କୌଣସି ସମ୍ବାଦପତ୍ର ଏବଂ ସାମ୍ବାଦିକଙ୍କ ବିରୁଦ୍ଧରେ ଅଭିଯୋଗ ଆଗତ କରିପାରିବେ। ସେହିପରି ଯେ କୌଣସି ସମ୍ବାଦପତ୍ର ମଧ୍ୟ ତାହାର ନୀତି ଅନୁସରଣରେ ସରକାର କିମ୍ବା ଅସାମାଜିକ ବ୍ୟକ୍ତିଙ୍କର ହସ୍ତକ୍ଷେପ, ବଳପ୍ରୟୋଗ ଏବଂ ଅବାଞ୍ଛିତ କଟକଣା ବିରୁଦ୍ଧରେ ପ୍ରେସ୍ କାଉନ୍‌ସିଲ୍ ନିକଟରେ ଅଭିଯୋଗ କରିପାରିବେ। ଅନେକ ସମୟରେ ବିଧିବଦ୍ଧ ଅଭଯୋଗ ନପାଇଲେ ମଧ୍ୟ ସମ୍ବାଦପତ୍ର ଓ ସାମ୍ବାଦିକଙ୍କର ସ୍ୱାଧୀନତା ଓ ନିରାପତ୍ତା ବିପନ୍ନ ହୋଇଥିବାର କୌଣସି ନିର୍ଭରଯୋଗ୍ୟ ଖବର ପାଇଲେ ସ୍ୱତଃପ୍ରବୃତ୍ତ ଭାବେ ବିଚାର ପାଇଁ ପ୍ରେସ୍ କାଉନ୍‌ସିଲ୍ ଉଦ୍ୟମ କରନ୍ତି।

ଭାରତରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ବିକାଶ ଘଟୁଛି। କମ୍ପ୍ୟୁଟର ବିପ୍ଳବ ପରେ ଛପା ଗଣମାଧ୍ୟମ ଆହୁରି ଅଗ୍ରଗତି କରିଛି। ଦୈନିକ ନୂଆ ସମ୍ବାଦପତ୍ର ଆତ୍ମପ୍ରକାଶ କରୁଛନ୍ତି। ପରିବର୍ତ୍ତିତ ରୁଚି ଓ ଆବଶ୍ୟକତାକୁ ଦେଖି ଖବରକାଗଜରେ ବିଭିନ୍ନ ଖବର ଓ ରୋଚକ ସ୍ତମ୍ଭ ପ୍ରକାଶ ପାଉଛି। ବିକଶିତ ତଥା ପାଶ୍ଚାତ୍ୟ ଦେଶଗୁଡ଼ିକ ତୁଳନାରେ ଭାରତରେ ଖବରକାଗଜର ସ୍ଥିତି ଭଲ ରହିଛି। ଭାରତରେ ଖବରକାଗଜ ସଂଖ୍ୟାରେ ପ୍ରସାର ବାର୍ଷିକ ହାରାହାରି ୪.୮୭ ପ୍ରତିଶତ ହାରରେ ବଢ଼ୁଛି। ସାମ୍ବାଦିକତାକୁ ଏକ ଉନ୍ନତ ବୃତ୍ତିରେ ପରିଣତ କରାଯାଉଛି। ଏହି ବୃତ୍ତିକୁ ଗ୍ରହଣ କରିବାକୁ ବହୁ ଯୁବକ ଆଗ୍ରହୀ ହେଉଛନ୍ତି। ଅନେକ ଯୁବକ ଉଚ୍ଚପାହ୍ୟା ସରକାରୀ ଚାକିରୀ ପରିତ୍ୟାଗ କରି ସମ୍ବାଦ ସେବାକୁ ଗ୍ରହଣ କରୁଛନ୍ତି। ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ଅନୁଷ୍ଠାନମାନେ ପୁଞ୍ଜିନିବେଶ କରୁଛନ୍ତି। ଓଡ଼ିଶାରେ ସାମ୍ବାଦିକଙ୍କ ସ୍ୱାଚ୍ଛନ୍ଦ୍ୟ ପାଇଁ ସରକାର ଉଦାସୀନ ଥିବା ପରି ମନେହେଉଛି। ଉଭୟ ପ୍ରିଣ୍ଟ ଏବଂ ଇଲେକଟ୍ରୋନିକ୍ସ ମିଡ଼ିଆର ସାମ୍ବାଦିକମାନେ ଦିନରାତି ପ୍ରତିକୂଳ ପରିସ୍ଥିତିରେ କାମ କରୁଛନ୍ତି। ସରକାର ସାମ୍ବାଦିକଙ୍କ ପାଇଁ ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା କରିଥିଲେ ହେଁ ସେମାନଙ୍କୁ ପେନସନ ଦେବାରେ ପଛଘୁଞ୍ଚା ଦେଉଛନ୍ତି। କର୍ଣ୍ଣାଟକ, ଆସାମ, କେରଳ, ଛତିଶଗଡ, ତାମିଲନାଡୁ ଉତ୍ତରପ୍ରଦେଶ, ଝାଡଖଣ୍ଡ ଆଦି ରାଜ୍ୟରେ ପେନସନ ବ୍ୟବସ୍ଥା ହୋଇଛି। ୨୦୧୯ ମସିହାରେ ମଧ୍ୟପ୍ରଦେଶ ସରକାର ସାମ୍ବାଦିକଙ୍କ ପାଇଁ ଦଶହଜାର ଟଙ୍କାର ପେନସନ୍ ବ୍ୟବସ୍ଥା କରିଛନ୍ତି। ଅବଶ୍ୟ ଛତିଶଗଡରେ ସାମ୍ବାଦିକଙ୍କ ଚିକିତ୍ସା ଲାଗି ୩ ଲକ୍ଷ ଟଙ୍କା ଓ ମୃତ୍ୟୁରେ ୫ଲକ୍ଷ ଟଙ୍କା ଦିଆଯାଉଥିବା ବେଳେ ଆମ ରାଜ୍ୟରେ ସାମ୍ବାଦିକମାନଙ୍କୁ ଦୁଇଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା କରାଯାଇଛି।

# ଶ୍ରୀ କ୍ଷେତ୍ରରେ ଘୋଷ ଯାତ୍ରା



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ- ୭୨୦୫୧୦୦୮୩୯

ଜଗନ୍ନାଥସ୍ୱାମୀ ନୟନ ପଥଗାମୀ ଭବ ତୁମେ"

ପ୍ରତି ବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆଶାଢ ମାସର ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପାଳନ କରାଯାଇଥାଏ। ଜଗାନ୍ନାଥଙ୍କ ଶ୍ରୀ କ୍ଷେତ୍ରର ଘୋଷ ଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ ଜମେ। ମହାପ୍ରଭୁ ଜଗନ୍ନାଥ ଓଡ଼ିଶାର ଇଷ୍ଟ ଦେବତା। ଓଡିଆ ସାହିତ୍ୟ, ଓଡ଼ିଆ ସଂଗୀତ, ଓ ଓଡିଆ ସଂସ୍କୃତି ସବୁଥିରେ କେନ୍ଦ୍ର ବିନ୍ଦୁ ହେଲେ ପ୍ରଭୁ ଜଗନ୍ନାଥ। ରଥ ଯାତ୍ରା ଦିନ ପ୍ରଭୁ ଶ୍ରୀ ଜଗନ୍ନାଥ ନିଜ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ଶ୍ରୀ ମନ୍ଦିରର ରତ୍ନ ସିଂହାସନ ଛାଡି ବଡ ଦାଣ୍ଡକୁ ଓହ୍ଲାଇ ଆସିଥାନ୍ତି। ମହାପ୍ରଭୁ ଜଗନ୍ନାଥ, ବଡ ଭାଇ ବଳରାମ ଓ ଭଗ୍ନୀ ସୁଭଦ୍ରାଙ୍କୁ ନେଇ ରଥ ଯାତ୍ରାରେ ମାଉସୀ ମା' ମନ୍ଦିରକୁ ଯାଇଥାନ୍ତି। ସେଇଠି ସାତଦିନ ରହି ପୁଣି ବଡ ଦେଉଳକୁ ଫେରି ଆସିଥାନ୍ତି। ପୁରୀ ରାଜା ଗଜପତି ଯାହାଙ୍କୁ ଚଳନ୍ତି ବିଷ୍ଣୁ ବୋଲି କୁହାଯାଏ ସିଏ ତିନି ରଥରେ ଛେରା ପହଁରା କରିଥାନ୍ତି।

ନନ୍ଦିଘୋଷ ରଥରେ ପ୍ରଭୁ ଜଗନ୍ନାଥ ବିଜେ କରିଥାନ୍ତି। ବଳଭଦ୍ରଙ୍କ ରଥର ନାମ ହେଲେ ତାଳଧ୍ୱଜ ଏବଂ ସୁଭଦ୍ରାଙ୍କ ରଥର ନାମ ହେଲା ଦର୍ପଦଳନ। ଏହି ତିନି ମୂର୍ତ୍ତୀଙ୍କୁ ରଥ ଉପରେରେ ଦର୍ଶନ କରିବା ପାଇଁ ଭକ୍ତମାନେ ଆତୁର ହେଇଥାନ୍ତି। ରଥ ଦଉଡିକୁ ଛୁଇଁ ବା ଟାଣିବା ପାଇଁ ଭକ୍ତଙ୍କ ଭିତରେ ସଂଘର୍ଷ ଚାଲିଥାଏ। ବିଶ୍ୱାସ ଅଛି ଯେ ରଥ ଯାତ୍ରାରେ ରଥର ଦଉଡି ଟାଣିଲେ ସୁଖ ଓ ସମୃଦ୍ଧି ଜୀବନରେ ଆସିଥାଏ। ପ୍ରଭୁ ଜଗନ୍ନାଥଙ୍କରକୁ ଗରୁଡ ଧ୍ୱଜ ଓ କପିଧ୍ୱଜ ମଧ୍ୟ କୁହାଯାଏ। ଏହା ସବୁ ଠାରୁ ବଡ ରଥ, ଏହାର ଉଚ୍ଚତା ୪୫ ଫୁଟ, ଚାରୋଟି ଧଳା ଘୋଡା ଏଥିରେ ଲାଗିଥାନ୍ତି। ୧୬ ଟି ଚକ ଏଥିରେ ଲାଗିଥାଏ। ଲାଲ ଏବଂ ହଳଦିଆ ରଙ୍ଗର ବସ୍ତ୍ରରେ ନନ୍ଦିଘୋଷ ରଥକୁ ସଜା ଯାଇଥାଏ। ଏହି ରଥର ସାରଥୀର ନାମ ଦାରୁକ। ନନ୍ଦିଘୋଷ ରଥର ଅସ୍ତ୍ର ହେଲା ଶଙ୍ଖ ଏବଂ ଚକ୍ର। ଦ୍ୱାରପାଳ ହେଲା ଗରୁଡ ଏବଂ ନନ୍ଦିଘୋଷ ରଥରେ ଲାଗିଥିବା ପତାକାର ନାମ ହେଲା ତ୍ରୈଲୋକ୍ୟମୋହିନୀ। ଏଥିରେ ଘୋଡା ଗୁଡିକର ନାମ ହେଲା ଶଙ୍ଖ, ବାଳହକ, ଶ୍ୱେତ ଓ ହରଦଶ୍ୱ। ବଳ ଭଦ୍ରଙ୍କ ରଥର ନାମ ହେଲା ତାଳଧ୍ୱଜ ବା ହଳଧ୍ୱଜ, ଏହା ମାୟା ସୃଷ୍ଟି କରିଥିଲେ। ବଳଭଦ୍ରଙ୍କ ରଥରେ ୧୪ ଟି ଚକ ରହିଥାଏ। ଏହି ରଥର ଉଚ୍ଚତା ୩୯ ଫୁଟ ୪ ଇଞ୍ଚ। ଏହି ରଥର ରଙ୍ଗ ହେଲା ସବୁଜ ଏବଂ ଲାଲ। ଏଥିରେ ଥିବା ଆୟୁଧ ହେଲା ହଳ ଆଉ ମୁଷଳ। ବଳଭଦ୍ରଙ୍କ ରଥର ସାରଥୀ ହେଲେ ମାତାଳି। ଶୁଭଦ୍ରାଙ୍କ ରଥର ନାମ ହେଲା ଦର୍ପଦଳନ ବା ଦେବଦଳନ। ସୁଭଦ୍ରାଙ୍କ ରଥକୁ କଳା ଏବଂ ଲାଲ ରଙ୍ଗରେ ସଜାଯାଇଥାଏ। ସୁଭଦ୍ରାଙ୍କ ରଥର ଉଚ୍ଚତା ୪୩ ଫୁଟ। ଏହି ରଥରେ ୧୨ ଟି ଚକ ଥାଏ। ଏହି ରଥରେ ଲାଗିଥିବା ବାନାର ନାମ ହେଲା ନାଦମ୍ବିକା। ଦର୍ପଦଳନ ରଥରେ ଲାଗିଥିବା ଘୋଡାର ରଙ୍ଗ ହେଲା ଲାଲ। ଏବଂ ଟଣା ଯାଉଥିବା ଦଉଡିର ନାମ ସ୍ୱର୍ଣ୍ଣ ଚୂଡା। ସାରଥି ହେଲେ ଅର୍ଜୁନ। ଏହି ରଥର ଦ୍ୱାର ରକ୍ଷୀ ହେଲେ ଗଙ୍ଗା ଯମୁନା। ଏହି ତିନି ଠାକୁର ରଥରେ ବସି ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି। ଗୁଣ୍ଡିଚା ମନ୍ଦିରକୁ ମାଉସୀମା' ମନ୍ଦିର ମଧ୍ୟ କୁହାଯାଏ। ଏହି ତିନି ଠାକୁର ଓଡ଼ିଆ ସାମାଜିକ ଜୀବନରେ ଥିବା ପାରିବାରିକ ସମ୍ପର୍କ ଭିତରେ ବନ୍ଧା। ସାଧାରଣ ଓଡ଼ିଆ ଘରର ପିଲାମାନେ ଯେମିତି ମାଉସୀର ସମ୍ପର୍କକୁ ଭଲ ପାଇଥାନ୍ତି। ସେହି ପରି ପ୍ରଭୁ ଜଗନ୍ନାଥ ଅଣସରରୁ ଉଠି ମାଉସୀ ମା' ଘରକୁ ବୁଲିଯାନ୍ତି।

ମାଉସୀ ମା'ମନ୍ଦିରରେ ପୋଡ ପିଠା ପୂଜା ହେବାର ପରମ୍ପରା ବହୁ ପୁରୁଣା। କୁହାଯାଏ ଯେ ଅଣସରରୁ ଉଠିଲା ପରେ ମଉସୀ ମା' ଘରେ ପୋଡ ପିଠା ଖାଇବା ପାଇଁ ତିନି ଭାଇ ଭଉଣୀ ଯାଇଥାନ୍ତି। ଗୁଣ୍ଡିଚା ମନ୍ଦିରରେ ତିନି ଭାଇ ଭଉଣୀଙ୍କୁ ନୂତନ ବସ୍ତ୍ରରେ ପ୍ରତିଦିନ ସଜେଇ ଦିଆଯାଏ।

ଗୁଣ୍ଡିଚା ମନ୍ଦିରରେ ହେରା ପଞ୍ଚମୀ ଏକ ମୁଖ୍ୟ ବିଧି ରହିଛି। ଓଡ଼ିଆ ଘରର ସାଧାରଣ ଗୃହିଣୀ ପରି ମହାଲକ୍ଷ୍ମୀ ସ୍ୱାମୀ ପ୍ରଭୁ ଜଗନ୍ନାଥଙ୍କୁ ଶ୍ରୀ ମନ୍ଦିରକୁ ଫେରି ଆସିବା ପାଇଁ ଅନୁରୋଧ କରିଥାନ୍ତି। ହେରା ପଞ୍ଚମୀର ପର ଦିନ ଦକ୍ଷିଣ ମୋଡ ବୋଲି ବିଧି କରାଯାଇଥାଏ। ଏହି ବିଧିରେ ତିନୋଟି ରଥକୁ ପୁଣି ଥରେ ବଡ ଦେଉଳ ଆଡକୁ ବୁଲାଇ ଦିଆଯାଇଥାଏ। କୁହାଯାଏ ଏହି ଦିନ ଲଙ୍କାର ନରେଶ ବିଭୀଷଣ ଜଗନ୍ନାଥଙ୍କୁ ଲଙ୍କାରେ ରହି ଦର୍ଶନ କରିଥାନ୍ତି। ରାସ ଲୀଳାର ଆରମ୍ଭ ହେଉଛି ଦକ୍ଷିଣ ମୋଡ। କୁହାଯାଏ ଭଗବାନ ଶ୍ରୀ କୃଷ୍ଣ ବୃନ୍ଦାବନରେ ଗୋପୀଙ୍କ ସହିତ ନୃତ୍ୟ କରିଥିଲେ। ଭକ୍ତଙ୍କ ବିଶ୍ୱାସ ଏହି ଗୁଣ୍ଡିଚା ମନ୍ଦିର ହେଉଛି ବୃନ୍ଦାବନ। ଗୁଣ୍ଡିଚା ମନ୍ଦିରରେ ସାତ ଦିନ ରହିଲା ପରେ ଏହି ତିନି ମୂର୍ତ୍ତି ବାହୁଡା ଯାତ୍ରାରେ ଶ୍ରୀ ମନ୍ଦିରକୁ ଫେରି ଥାନ୍ତି। ଏହି ତିନି ଭଗବାନଙ୍କୁ ପହଣ୍ଡି ବିଜେରେ ଗୁଣ୍ଡିଚା ମନ୍ଦିରରୁ ବାହାରକୁ ଅଣା ଯାଇଥାଏ। ଶଙ୍ଖ ମୃଦୁଙ୍ଗର ବାଜା ଶୁଣିବାକୁ ମିଳେ। ପୁଣିଥରେ ଭକ୍ତ ମାନେ ତିନି ମୂର୍ତ୍ତିଙ୍କ ରଥକୁ ଟାଣି ମାଉସୀ ମା'ଙ୍କ ମନ୍ଦିରରୁ ବଡ ଦେଉଳକୁ ନେଇଯାଇଥାନ୍ତି।

ହିନ୍ଦୁ ଦର୍ଶନର ଏକ ସୁନ୍ଦର ଅଭିବ୍ୟକ୍ତି ହେଲା ରଥ ଯାତ୍ରା। ମଣିଷ ଯଦି ଜୀବନ ମୁକ୍ତ ନ ହେଲା ତାକୁ ପୁଣି ଥରେ ଫେରି ଆସିବାକୁ ପଡିବ ଜନ୍ମ ମୃତ୍ୟୁର ସଂସାରକୁ ତେଣୁ ପ୍ରତ୍ୟେକ ହିନ୍ଦୁଙ୍କ ଇଚ୍ଛା ଥାଏ ଜନ୍ମ ମୃତ୍ୟୁର ଚକ୍ରରୁ ଉଦ୍ଧାର ପାଇବା ପାଇଁ।

ଏକାଦଶୀ ଦିନ ରଥ ଉପରେ ଏହି ତିନି ଠାକୁରଙ୍କୁ ସୁନା ବେଶ କରାଯାଇଥାଏ। ଭକ୍ତମାନେ ରଥରେ ଥିବା ଏହି ତିନି ଠାକୁରଙ୍କୁ ଦର୍ଶନ କରିଥାନ୍ତି। ଶ୍ରୀ ମନ୍ଦିରରେ ଅନ୍ୟ ଧର୍ମ ଓ ଅନ୍ୟ ସମ୍ପ୍ରଦାୟର ଲୋକଙ୍କର ପ୍ରବେଶ ନିଷେଧ ତେଣୁ ସେହିମାନଙ୍କୁ ରଥ ଯାତ୍ରା ସମୟରେ ତିନି ଠାକୁରଙ୍କୁ ଦର୍ଶନ କରିବାର ସୁଯୋଗ ମିଳିଥାଏ। ଏବଂ ଭକ୍ତଙ୍କ ଭିଡ ମଧ୍ୟ ଜମେ। ଭାଇ ଭଉଣୀ ଆସିଲା ପରେ ଜଗନ୍ନାଥ ଲକ୍ଷ୍ମୀଙ୍କ ପାଖକୁ ଆସିଲା ବେଳେ କବାଟ ବନ୍ଦ କରି ଅଭିମାନ ମାରନ୍ତି ଯେ ଭାଇ ଭଉଣୀ ସଙ୍ଗରେ ଗଲେ ମାଉସୀ ମା'ଙ୍କ ପାଖକୁ ତାଙ୍କୁ ନେଇ ଗଲେ ବୋଲି ପରେ ଆସିବା ପାଇଁ ଅନୁମତି ଦିଅନ୍ତି ଏବଂ ଆସିଲା ବେଳେ ଜଗନ୍ନାଥଙ୍କ ରଥର ଚକକୁ ରାଗରେ ଭାଙ୍ଗିଦେଇଥାନ୍ତି। ଆଉ ଥରକୁ ସେ ରଥରେ ନଯାଇ ପରିବେ। ଜଗନ୍ନାଥ ଲକ୍ଷ୍ମୀ ମା'ଙ୍କ ମାନଭଙ୍ଗ ପାଇଁ ସାଥୀରେ ଗସଗୋଲା ନେଇଥାନ୍ତି। ଶ୍ରୀ କ୍ଷେତ୍ର ଜଗନ୍ନାଥ ଧାମରେ ଭକ୍ତମାନେ ମାସ ମାସ ପୂର୍ବରୁ ମଠରେ ରହି ରଥ ଯାତ୍ରା କାର୍ଯ୍ୟକ୍ରମ ଦେଖି ଘରକୁ ଫେରନ୍ତି। ରଥ ଯାତ୍ରା ଦିନ ଅନେକ ଦୁର୍ଘଟଣା ମଧ୍ୟ ଘଟି ଥାଏ। ପୁରୀର ରଥ ଯାତ୍ରା ବିଶ୍ୱ ପ୍ରସିଦ୍ଧ। ଆଜି କାଲି ଜଗନ୍ନାଥଙ୍କ ମନ୍ଦିର ଅନେକ ଜାଗାରେ ଦେଖିବାକୁ ମିଳୁଛି। ସେଠାରେ ମଧ୍ୟ ରଥ ଯାତ୍ରା ହେଉଛି। ଯେଉଁ ଭକ୍ତମାନେ ପୁରୀର ରଥ ଯାତ୍ରା ଦେଖିପାରୁନାହାନ୍ତି ସେମାନେ ନିଜ ଅଞ୍ଚଳରେ ଶ୍ରୀ ଜଗନ୍ନାଥ ରଥ ଯାତ୍ରାରେ ଭାଗ ନେଇଥାନ୍ତି। ଏବଂ ରଥ ଟାଣିବା ର ମଜା ନିଅନ୍ତି। କୁହା ଯାଏ ଭାଗ୍ୟବାନ ଲୋକ ହିଁ ରଥ ଟାଣନ୍ତି। ଶ୍ରୀ ଜଗନ୍ନାଥଙ୍କ ରଥ ଯାତ୍ରା ଦିନ ପୋଲିସ ଓ ପ୍ରଶାସନ ସାଧାରଣ ଲୋକଙ୍କୁ ସୁରକ୍ଷା ମଧ୍ୟ ଦେଇଥାନ୍ତି। ପୁରୀରେ ଜନଗହଳି ହୋଇଥିବାରୁ ସୁରକ୍ଷା କର୍ମୀଙ୍କ ସହିତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ସରକାରଙ୍କ ଦ୍ୱାରା ନିୟୋଜିତ ହୋଇଥାନ୍ତି।

# ଏମିତି ଥିଲେ ନବକୃଷ୍ଣ ଚୌଧୁରୀ



ହିଂମାଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୩୩୭୨୨୧୯୨୪

କୁହାଯାଏ - 'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁଃ'। ଅର୍ଥାତ୍ ଏ ଧରାପୃଷ୍ଠରେ ଯେ ଜନ୍ମ ନେଇଛି ତା'ର ମୃତ୍ୟୁ ଅନିର୍ବାର୍ଯ୍ୟ। କିନ୍ତୁ କେତେକ ପୁଣ୍ୟଶ୍ଳୋକଙ୍କ ଜୀବନ ପରିଧି ଓ ଜୀବନାଦର୍ଶକୁ ଲକ୍ଷ୍ୟ କଲେ ଏ କଥାଟି କେମିତି ଭୁଲ୍ ବୋଲି ପ୍ରମାଣିତ ହୋଇଯାଏ। ଅନ୍ୟ ଭାବରେ କହିଲେ, ସେହି ମହାନ୍ ଆତ୍ମାଙ୍କ ସ୍ଥୁଳ ଶରୀରର ବିଲୟ ସିନା ଘଟେ, ମାତ୍ର ତାଙ୍କ ଯଶ, କୀର୍ତ୍ତି ଓ ତ୍ୟାଗପୁତ ଜୀବନର ପ୍ରଭାବକୁ ମହାକାଳ ଆଦୌ ବିଲୟ କରିପାରେ ନାହିଁ। ଜନମାନସରେ ସେମାନେ ଜିଇଁ ରହନ୍ତି କାଳକାଳକୁ। ସେହିପରି ଏକ କାଳଜୟୀ ସଞ୍ଚାର ଅଧିକାରୀ ଥିଲେ ସ୍ୱର୍ଗୀୟ ନବକୃଷ୍ଣ ଚୌଧୁରୀ। ଗାନ୍ଧିବାଦୀ ଚିନ୍ତା ଓ ଚେତନାର ସେ ହିଁ ଥିଲେ ପ୍ରକୃତ ପୂଜାରୀ ଓ ତାଙ୍କ ପରି ଜନନାୟକ ଆଜିର ଦୁନିଆରେ ବିରଳ ଏଥିରେ ସନ୍ଦେହର ଅବକାଶ ନାହିଁ। ସେଥିପାଇଁ ତ ଏକ ଆଭିଜାତ୍ୟ ଓ ଜମିଦାର ପରିବାରରେ ଜନ୍ମ ହେଲେ ବି ଖଦଡର ନିରାଡମ୍ବର ପରିଚ୍ଛେଦ ଓ ଉତ୍ସର୍ଗୀକୃତ ମନୋଭାବ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଭୂଷଣ। କୌଣସି ପରିସ୍ଥିତିରେ ସେ ନିଜ ନୀତି ଓ ଆଦର୍ଶରୁ ବିଚ୍ୟୁତ ହୋଇନଥିଲେ, ଏହା ହିଁ ଥିଲା ତାଙ୍କର ବିଶେଷତ୍ୱ। ନବକୃଷ୍ଣ ଚୌଧୁରୀ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାମ୍ୟବାଦୀ ଚିନ୍ତା ଓ ଚେତନାର ପୂଜାରୀ, କୃଷକ, ଖଟିଖିଆ ମେହନତି ମଣିଷର ସୁଖଦୁଃଖର ସାଥୀ, ସରଳ, ନିରାଡମ୍ବର ଓ ନିରହଙ୍କାରୀ ମଣିଷ ଏବଂ ସର୍ବୋପରି ଜଣେ ନୀତିନିଷ୍ଠ ଜନନାୟକ। ବାଲ୍ୟକାଳରୁ ଜାତିର ପିତା ମହାତ୍ମାଗାନ୍ଧୀ ଓ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଚିନ୍ତା ଓ ଚେତନା ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ସୌଭାଗ୍ୟକୁ ସେ ଏପରି ଏକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଯେଉଁଠି ଦେଶଟାଯାକର ସ୍ୱପ୍ନ ସେଇ ଘର ଭିତରେ ଜମାଟ ବାନ୍ଧି ରହିଥିଲା। ଘରସାରା ପ୍ରବାହିତ ହେଉଥିଲା ସଂଗ୍ରାମର ଏକ ଆବହାୱା। ଏହି ପରିବାରର ଧୂଳିମାଟିର ସନ୍ତୁ ଗୋପବନ୍ଧୁ ଚୌଧୁରୀ,ଉତ୍କଳର ମା' ରମାଦେବୀ, ମହୀୟସୀ ନାରୀ ନେତ୍ରୀ ମାଳତୀ ଚୌଧୁରୀଓ ଅଗ୍ନିକନ୍ୟା ଅନପୂର୍ଣ୍ଣାମହାରଣାଙ୍କୁ ଅବା ନ ଜାଣେ କିଏ? ଏଭଳି ଉତ୍ସର୍ଗୀକୃତ ପରିବାର ଭାରତ ଇତିହାସରେ ବିରଳ। ଏମାନଙ୍କ ପ୍ରେରଣା ହିଁ ତାଙ୍କୁ ଜଣେ ବିପ୍ଳବୀ ଓ ଜନନାୟକ ଭାବେ ଗଢ଼ିବା ନିମନ୍ତେ ଅନୁକୂଳ ପରିବେଶ ଯୋଗାଇଥିଲା।

ପ୍ରାଥମିକ ଶିକ୍ଷା ପରେ ନବକୃଷ୍ଣ ଚୌଧୁରୀଙ୍କ ହାଇସ୍କୁଲ ଶିକ୍ଷା ସମାପ୍ତ ହୋଇଥିଲା କଟକର ପ୍ୟାରିମୋହନ ଏକାଡେମୀରୁ। ଉଚ୍ଚ ଶିକ୍ଷା ନିମନ୍ତେ ସେ ୧୯୧୮ ମସିହାରେ ରେଭେନ୍ସା କଲେଜରେ ନାମ ଲେଖାଇଲେ। ୧୯୨୧ ମସିହାର କଥା। ସେତେବେଳେ ମହାତ୍ମାଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥାଏ ସମଗ୍ର ଦେଶରେ। ଗାନ୍ଧିଜୀଙ୍କ ଆହ୍ୱାନରେ ଯେଉଁ କଲେଜ ଛାତ୍ରମାନେ ପାଠପଢ଼ା ଛାଡି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ ସେମାନଙ୍କ ଭିତରୁ ଜଣେ ଥିଲେ ନବକୃଷ୍ଣ ଚୌଧୁରୀ। ତାଙ୍କ ଆଗରେ ଥିଲା ସୁନେଲି ଭବିଷ୍ୟତ। ସେ ଚାହିଁଥିଲେ ଉଚ୍ଚ ଶିକ୍ଷା ଲାଭ କରି ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇପାରିଥାନ୍ତେ। ମାତ୍ର ସେସବୁକୁ ପଛରେ ପକାଇ ପାଠରେ ଡୋରି ବାନ୍ଧି ସେ ଝାସ ଦେଲେ ଅସହଯୋଗ ଆନ୍ଦୋଳନରେ। ଆଉ ତା' ପରଠାରୁ ସେ ହୋଇଗଲେ ସଚ୍ଚା ଦେଶଭକ୍ତ ଓ ସ୍ୱାଧୀନତା ସଂଗ୍ରାମୀ। ସେହି ସମୟରେ ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ସାବରମତୀ ଆଶ୍ରମ ସାରା ଦେଶରେ ରଚନାତ୍ମକ କାର୍ଯ୍ୟକ୍ରମ ପାଇଁ ଶ୍ରେଷ୍ଠ ତାଲିମ କେନ୍ଦ୍ର ଥିଲା। ୧୯୨୩ ମସିହାରେ ନବକୃଷ୍ଣ ସାବରମତୀ ଯାତ୍ରା କଲେ ଓ ସେଠାରେ କିଛିଦିନ ରହିଲେ। ଏହି ଆଶ୍ରମର ରହଣି ତାଙ୍କ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଲା।



ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଉପଲକ୍ଷେ

ସାବରମତୀ ଆଶ୍ରମରୁ ଫେରି ନବକୃଷ୍ଣ ଚୌଧୁରୀ ତାରକାନାଥ ଦାସଙ୍କ ଭାଷଣ ଶୁଣିବା ପାଇଁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତି ନିକେତନ ଜାତୀୟ ଅନୁଷ୍ଠାନକୁ ଯାଇଥିଲେ। ମଣିକାଞ୍ଚନ ସଂଯୋଗ ଭଳି ସେହି ସମୟରେ ମାଳତୀ ସେନ୍‌ଙ୍କ ସାକ୍ଷାତ ହୋଇଥିଲେ ନବକୃଷ୍ଣଙ୍କ ସହିତ। ତାଙ୍କ ସହିତ ନବକୃଷ୍ଣଙ୍କ ସମ୍ପର୍କ କ୍ରମଶଃ ଘନିଷ୍ଠ ହେଲା। ପରେ ୧୯୨୭ ମସିହା ଜୁଲାଇ ୨୭ ତାରିଖରେ ବଙ୍ଗୀୟ କନ୍ୟା ମାଳତୀ ସେନ୍ ନବକୃଷ୍ଣଙ୍କ ଧର୍ମପତ୍ନୀ ହୋଇ ମାଳତୀ ସେନ୍‌ରୁ ମାଳତୀ ଚୌଧୁରୀରେ ରୂପାନ୍ତରିତ ହୋଇ ମହାନ୍ ବିପ୍ଳବିଣୀ ମହିଳା ହୋଇପାରିଥିଲେ। ବିବାହର କିଛିଦିନ ପରେ ନବକୃଷ୍ଣ ସ୍ତ୍ରୀ ମାଳତୀଙ୍କୁ ଧରି ଜଗତସିଂହପୁର ଠାରୁ ପ୍ରାୟ ୮ କି.ମି ଦୂର ତରିକୁନ୍ଦ ଠାରେ ଥିବା ତାଙ୍କ କୃଷି ଫାର୍ମରେ ଯାଇ ରହିଲେ। ସେଠାରେ ନବକୃଷ୍ଣ ଚାଷ କାମରେ ଲାଗିପଡିଲେ ଓ ଜଣେ ଚାଷୀର ପୁଅ-ବୋହୂ ଭଳି ସେମାନେ ଜୀବନ ଅତିବାହିତ କରିବାକୁ ଲାଗିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ତାହା ରୂପାନ୍ତିରିତ ହୋଇଥିଲା 'ତରି ଆଶ୍ରମ' ରୂପେ। ସେଇ ଆଶ୍ରମରୁ ସେ ସାମିଲ ହୋଇଥିଲେ ଲବଣ ସତ୍ୟାଗ୍ରହରେ। ବାଲେଶ୍ୱରର 'ଇଞ୍ଚୁଡି' ଠାରେ ଲବଣ ମାରି ବନ୍ଦୀ ହେଲେ ନବକୃଷ୍ଣ। ଜେଲରୁ ଫେରି ସେ ତରି ଆଶ୍ରମରେ ଏକଜୁଟ କଲେ ଖଟିଖିଆ, ମେହନତି ମଣିଷ ଓ ଚାଷୀମାନଙ୍କୁ। ସେମାନଙ୍କୁ ସଚେତନ କରିବା ପାଇଁ ନିଜ ସ୍ତ୍ରୀର ଗହଣା ବିକି ୧୯୩୩ ମସିହାରେ 'ସାରଥୀ' ନାମକ ଏକ ମୁଖପତ୍ର ପ୍ରକାଶ କଲେ। ଏହି ପତ୍ରିକାର ମୁଖବନ୍ଧରେ ଲେଖାଥିଲା - 'ଦୁନିଆର ସବୁ ଶ୍ରମିକ ଏକ ହୁଅନ୍ତ'।

୧୯୪୬ ମସିହା ଏପ୍ରିଲ ମାସରେ ଓଡ଼ିଶା ବିଧାନସଭା ପାଇଁ ସାଧାରଣ ନିର୍ବାଚନ ହେଲା। ନିର୍ବାଚନ ପରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଓଡ଼ିଶାରେ କଂଗ୍ରେସର ଯେଉଁ ମନ୍ତ୍ରୀମଣ୍ଡଳ ଗଢାହେଲା ସେଥିରେ ନବକୃଷ୍ଣ ଚୌଧୁରୀ ହେଲେ ରାଜସ୍ୱ, ଯୋଗାଣ ଓ ପରିବହନ ବିଭାଗ ମନ୍ତ୍ରୀ। ମନ୍ତ୍ରୀମଣ୍ଡଳରେ ସେ ଅଢେଇ ବର୍ଷ ପର୍ଯ୍ୟନ୍ତ ରହିଥିଲେ। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେବା ପରେ ଓଡ଼ିଶାର ଐତିହାସିକ ଚିତ୍ର ବଦଳିଗଲା। ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା - ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସହିତ ଓଡ଼ିଶା ଗଡଜାତ ଗୁଡିକର ମିଶ୍ରଣ। ଏହି ମିଶ୍ରଣରେ ନବକୃଷ୍ଣ ଚୌଧୁରୀଙ୍କ ଯଥେଷ୍ଟ ଅବଦାନ ଥିଲା। ୧୯୫୦ ମେ' ମାସରୁ ୧୯୫୬ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ସାଢେଛଅ ବର୍ଷ ପର୍ଯ୍ୟନ୍ତ ସେ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଏହି ସମୟ ଭିତରେ ଆଧୁନିକ ଓଡ଼ିଶାର ନିର୍ମାଣଭିତ୍ତି ସ୍ଥାପନ ହୋଇଥିଲା। ଭାଗଚାଷୀ ଆଇନ, ଜମିଦାରୀ ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ସେ ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ। ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ନେଇଥିଲେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଥିସହିତ ନବକୃଷ୍ଣ ଚୌଧୁରୀଙ୍କ ଶାସନ କାଳରେ ହୀରାକୁଦ ବହୁମୁଖୀ ଯୋଜନା ତଥା ଭାରତର ପ୍ରଥମ ରାଷ୍ଟ୍ରାୟ ଇସ୍ପାତ ଶିଳ୍ପ ଯୋଜନା ରାଉରକେଲା ଇସ୍ପାତ କାରଖାନାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା।

ଜଣେ ସଫଳ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ନବକୃଷ୍ଣ ଚୌଧୁରୀ କାର୍ଯ୍ୟ କରି ୧୯୫୬ ମସିହା ଅକ୍ଟୋବର ମାସରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେତେବେଳେ ଓଡ଼ିଶାର ଜନସାଧାରଣ ତଥା ବିଧାନସଭାର ସଦସ୍ୟମାନଙ୍କର ତାଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ଥିଲା। ତଥାପି ନବକୃଷ୍ଣ ମୁଖ୍ୟମନ୍ତ୍ରୀ ପଦରେ ରହିବାକୁ ଚାହିଁଲେ ନାହିଁ। ତାଙ୍କ ପାଇଁ ପଦବୀ ବଡ ନଥିଲା। ବଡ ଥିଲା ଦୀନ, ଦରିଦ୍ର ଓ ଅବହେଳିତ ଜନତାଙ୍କ ସେବା। ଆଜିର ରାଜନେତାମାନେ କ୍ଷମତାକୁ ଜାବୁଡି ଧରି ରଖିବା ପାଇଁ ବ୍ୟାକୁଳ ହେଉଥିଲା ବେଳେ ଜଣେ ମୁଖ୍ୟମନ୍ତ୍ରୀ ଭଳି ଉଚ୍ଚ ପଦବୀରୁ ସ୍ୱଇଚ୍ଛାରେ ଓହରିଯିବା ଦେଶର ଇତିହାସରେ ଏକ ବିରଳ ଦୃଷ୍ଟାନ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ। ନବକୃଷ୍ଣଙ୍କ ଏଭଳି ନିଷ୍ପତ୍ତିକୁ ସେତେବେଳେ ଭୂଦାନ ଆନ୍ଦୋଳନର ନେତା ବିନୋବା ଭାବେ ରାଜପୁତ୍ର ବୁଦ୍ଧଦେବଙ୍କ ସିଂହାସନ ତ୍ୟାଗ ସହିତ ତୁଳନା କରିଥିଲେ। ଏହାପରେ ସେ ମାନବ ସେବାକୁ ମାଧବ ସେବା ରୂପେ ଗ୍ରହଣ କରି ନିଜ ସହଧର୍ମିଣୀ ମାଳତୀ ଚୌଧୁରୀଙ୍କ ସହ ନିଜକୁ ଶେଷ ଜୀବନ ପର୍ଯ୍ୟନ୍ତ ନିୟୋଜିତ କରିଥିଲେ ଅନୁଗୁଳ ଠାରେ ଥିବା ବାଜିରାଉତ ଛାତ୍ରାବାସରେ ଯାହାକୁ ସେ ମୁକ୍ତି ସଂଗ୍ରାମର ଶହୀଦ ବୀର ବାଜି ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଷ୍ଠା କରିଥିଲେ ୧୯୪୬ ମସିହାରେ।

ନବକୃଷ୍ଣ ଚୌଧୁରୀଙ୍କ ଜନ୍ମ ୧୯୦୧ ମସିହା ନଭେମ୍ବର ୨୩ ତାରିଖ ଓ ମୃତ୍ୟୁ ୧୯୮୪ ମସିହା ଜୁନ୍ ୨୪ ତାରିଖ। ଦୀର୍ଘ ୮୩ ବର୍ଷର ସମର୍ପିତ ଜୀବନ। ଯେଉଁ ଜୀବନ 'ଖେରସ' ଗ୍ରାମରୁ ଆରମ୍ଭ ହୋଇ 'ତରିଆଶ୍ରମ' ଶେଷରେ 'ବାଜିରାଉତ ଛାତ୍ରାବାସ'ରେ ଅନ୍ତ ଘଟିଲା। ଆଜି ତାଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଝୁରୁଛି ଏ ମାଟି ନବକୃଷ୍ଣଙ୍କୁ..... ଆଉ ଝୁରୁଥିବ କାଳକାଳକୁ। ହେଲେ ସେଦିନର ସାଧନା ଆଜି ଇତିହାସ, ସଂକଳ୍ପ ସବୁ ସ୍ୱପ୍ନିଳ, ଆଉ ମୂଲ୍ୟବୋଧ ମାନ ଅଭିଧାନ ଗତ। ଖଟିଖିଆ - ମେହନତି ମଣିଷ ପାଇଁ ସେ ଦେଖିଥିବା ସ୍ୱପ୍ନ ଏବେ ବି ଅଧୁରା। ଉତ୍ତରପିଢ଼ି କ୍ରମଶଃ ତାଙ୍କୁ ଭୁଲିଯିବାକୁ ବସିଲାଣି। ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବରେ ମାଲ୍ୟାର୍ପଣ କରି ବିଧି ରକ୍ଷାରେ ସୀମିତ ରହିଛି ପୂଜ୍ୟପୂଜାର ପରମ୍ପରା।

# ପ୍ରକୃତିର ଉପହାର ସାହାଜଖୋଲ ଜଙ୍ଗଲ





କୋକସରା, (ଭାସ୍କର ନ୍ୟୁଜ୍): ଦିନଥିଲା କଳାହାଣ୍ଡିର ଜଙ୍ଗଲରେ ବାଘ ବାସ କରୁଥିଲା। ହାତୀ, ସମ୍ବର, ହରିଣ, ଝିଙ୍କଙ୍କ ସହିତ ମୟୂର, ଗୋଧୀ ଓ ବିଭିନ୍ନ ପ୍ରକାରର ପଶୁ ପକ୍ଷୀଙ୍କ କଳରାବରେ ମୁଖରିତ ହୋଇ ଉଠୁଥିଲା ବଣଭୂମି। କଳାହାଣ୍ଡିର ଏହି ବିସ୍ତୀର୍ଣ୍ଣ ବଣଭୂମି ମଧ୍ୟରେ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରୁଥିଲା ସାହାଜଖୋଲ ଜଙ୍ଗଲ। ଧର୍ମଗଡ଼ ବ୍ଲକ୍ ଧଅଁରପୁରଠାରୁ କୋକସରା ବ୍ଲକ୍‌ର ଆମପାଣି ପର୍ଯ୍ୟନ୍ତ ଦୀର୍ଘ ୧୨ ହଜାର ୭ ଶହ ୨୦ ହେକ୍ଟର ପରିମିତ ଏହି ବଣଭୂମି କିଛି ବର୍ଷ ପୂର୍ବେ ସଂରକ୍ଷିତ ଜଙ୍ଗଲର ମାନ୍ୟତା ପାଇଛି। ସାହାଜଖୋଲ ସଂରକ୍ଷିତ ଜଙ୍ଗଲ କଳାହାଣ୍ଡିର ପାଣିପାଗକୁ ନିୟନ୍ତ୍ରଣ କରିବାରେ ବିଶେଷ ସହାୟକ ହୋଇଥାଏ। ଏହି ସଂରକ୍ଷିତ ଜଙ୍ଗଲ ଜୈବ ବିବିଧତାକୁ ସନ୍ତୁଳନ ରଖିବାରେ ମଧ୍ୟ ସାହାର୍ଯ୍ୟ କରିଥାଏ। ଏବେ ଗତ କିଛି ବର୍ଷ ହେଲା ଏହି ଜଙ୍ଗଲ ଉଜୁଡିବାରେ ଲାଗିଛି। ସାହାଜଖୋଲ ସଂରକ୍ଷିତ ଜଙ୍ଗଲ କଳାହାଣ୍ଡି, ନବରଙ୍ଗପୁର ଓ ଛତିଶଗଡ଼ ସୀମାକୁ ଲାଗିରହିଥିବାରୁ ଏହା ଆନ୍ତଃଜିଲ୍ଲା ଏବଂ ଆନ୍ତଃରାଜ୍ୟ ଜଙ୍ଗଲ ତସ୍କରଙ୍କ ଚରାଭୂଇ ପାଲଟିଛି। ଅନେକ ସମୟରେ ଶିକାରୀମାନେ ବାଘ, ହାତୀ, ହରିଣ, ସମ୍ବରର ଅବାଧ ଶିକାର କରିବା ଫଳରେ ବର୍ତ୍ତମାନ ଏହି ବୃହତ ଜଙ୍ଗଲ ଭୂଇଁ ଏକ ପ୍ରକାର ଜନ୍ତୁ ଶୂନ୍ୟ ହୋଇପଡ଼ିଛି। ରାଜ୍ୟ ସରକାର ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ ବଦ୍ଧପରିକର ଥିଲେ ସୁଦ୍ଧା ଜଙ୍ଗଲ ବିଭାଗର ଅଧିକାରୀମାନଙ୍କ ଉଦାସୀନତା ଯୋଗୁଁ ଅତୀତରେ ଜଙ୍ଗଲ ଦ୍ରୁତ ଗତିରେ କ୍ଷୟ ହୋଇଛି। କାଠ ମାଫିଆମାନଙ୍କ ଦୈରାମ୍ୟ ସହ ପଡୋଶୀ ଜିଲ୍ଲା ରାୟଗଡ଼ା ଓ ନବରଙ୍ଗପୁର ଅଞ୍ଚଳର କେତେକ ଲୋକ ସମେତ ବଙ୍ଗାଳୀ ଓ ବିହାରୀ ମାନେ ଏହି ବଣଭୁମିକୁ ଅନଧିକାର ଭାବେ ଅଧିକାର କରି ହଜାର ହଜାର ହେକ୍ଟର ଜାଗାରେ ମକା ଚାଷ କରି ଆସୁଛନ୍ତି। ଏନେଇ ଅନେକେ ବାର ସ୍ଥାନୀୟ ଅଧିବାସୀ, ବିଭିନ୍ନ ସଂଗଠନ ଓ ସଚେତନ ନାଗରିକମାନେ ଅଭିଯୋଗ କରିଥିଲେ ସୁଦ୍ଧା ସଂପୃକ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ନଥିବା ଜଣାପଡ଼ିଛି। ଏମିତିକି ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ ଅନେକ ଥର ବିଭିନ୍ନ ସଂଗଠନ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ ଓ ବିକ୍ଷୋଭ ପ୍ରଦର୍ଶନ ମଧ୍ୟ କରିଛନ୍ତି। ଧର୍ମକୁ ଆଖିଠାର ସଦୃଶ୍ୟ ବନ ବିଭାଗ ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି କରିବା ନାଁରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବନୀକରଣ କରୁଛି ସତ, କିନ୍ତୁ ନୂତନ ଜଙ୍ଗଲ ସୃଷ୍ଟି ହୋଇ ଗଛ ସଂଖ୍ୟା ବଢ଼ିବା ପରିବର୍ତ୍ତେ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି। ଦିନକୁ ଦିନ କ୍ରମଶଃ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପଦା ହେବାକୁ ବସିଥିବାବେଳେ ବନ ବିଭାଗ ହାତବାନ୍ଧି ଚୁପ୍ ବସିଛି। ଦୀର୍ଘ ବର୍ଷ ଧରି ଏହି ଜଙ୍ଗଲ ମଧ୍ୟରେ ବସତି କରି ଆସୁଥିବା ଅଧିବାସୀମାନେ ଜଙ୍ଗଲଯାତ ଦ୍ରବ୍ୟ ସଂଗ୍ରହ କରି ନିଜର ଜିବନ ଜୀବିକା ନିର୍ବାହ କରିଥାନ୍ତି। ଏବେ ବାହାର ଜିଲ୍ଲାରୁ ଅବାଧରେ ପଶିଆସି ମାଫିଆମାନେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ହାତ ମିଳାଇ ବହୁ ମୂଲ୍ୟବାନ ଗଛ ଗୁଡ଼ିକ କାଟି ମକା ଚାଷ କରିବା ସହ କାଠ ଚାଲାଣ କରୁଛନ୍ତି। ସମ୍ପୂର୍ଣ୍ଣ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଅନୁପ୍ରବେଶକାରୀଙ୍କ ଚରାଭୂଇ ପାଲଟିଥିବାବେଳେ ସୁରକ୍ଷା ପାଇଁ କାନ୍ଦୁଛି ସାହାଜଖୋଲ ଜଙ୍ଗଲ। ବର୍ତ୍ତମାନ ଦେବସ୍ନାନ ପୂର୍ଣ୍ଣିମା ବିତିଯାଇଥିଲେ ମଧ୍ୟ ଏହି ଅଞ୍ଚଳରେ ବର୍ଷାର ଦେଖା ଦର୍ଶନ ନାହିଁ। ଜଙ୍ଗଲରେ ଥିବା ଛୋଟ ଛୋଟ ଜୀବଜନ୍ତୁ ଖାଦ୍ୟ ଓ ପାନୀୟ ନପାଇ ଜନବସତି ମଧ୍ୟକୁ ପ୍ରବେଶ କରୁଛନ୍ତି। ଅସନ୍ତୁଳିତ ଜୈବ ବିବିଧତା ଓ ଅନିୟନ୍ତ୍ରିତ ପାଣି ପାଗ ପରିବର୍ତ୍ତନ ଯୋଗୁଁ ଏପରି ସ୍ଥିତି ଉପୁଜିଥିବା ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ତେଣୁ ଏହି ସଂରକ୍ଷିତ ଜଙ୍ଗଲର ଉତ୍ତମ ସଂରକ୍ଷଣ କରାଗଲେ ଏହା କେବଳ ଧର୍ମଗଡ଼ ଉପଖଣ୍ଡ ନୁହେଁ କଳାହାଣ୍ଡି ଜିଲ୍ଲା ପାଇଁ ବରଦାନ ସାବ୍ୟସ୍ତ ହେବ।

## ସେମାନଙ୍କ ମତରେ



ସାହାଜଖୋଲ ଜଙ୍ଗଲରେ ମକା ମାଫିଆମାନେ ମାତି ତାଙ୍କ ବଞ୍ଚିବାର ଚରାଭୂଇ କରିଛନ୍ତି। ଏହାକୁ ଆମେ ବିରୋଧ କରୁଛୁ ଆଗକୁ ମଧ କରିବୁ। ଏମାନଙ୍କୁ ସୁରକ୍ଷା ଦେବାପାଇଁ ରାଜନୈତିକ ବିରାଟ ବଡ଼ ଶକ୍ତି ରହିଛି, ସେମାନଙ୍କୁ ଧର୍ମ ସହିବ ନାହିଁ ପ୍ରକୃତି ସାସ୍ତି ଦେବ। ଜଙ୍ଗଲକୁ କାଟି ନିଜ ପକେଟ୍ ଭରୁଛନ୍ତି ଏହା ଧର୍ତବ୍ୟ ଅପରାଧ। ବିଗତ ଦିନରେ ପଦଯାତ୍ରା କରି ସଚେତନ କରିଛୁ, ଆଗାମୀ ଦିନରେ ମଧ କରିବୁ। ଉଭୟ ଜଙ୍ଗଲ ବିଭାଗ ଓ ମକା ମାଫିଆମାନେ ମିଳି ମିଶି ଜଙ୍ଗଲ ନଷ୍ଟ କରିଦେବାକୁ ବସିଛନ୍ତି। ଏଥିପାଇଁ ମୋର୍ଚ୍ଚାବନ୍ଦି କରିଛୁ, ତା' ପାଇ ଅନ୍ତିମ ଲଢେଇ ଲଢିବୁ। ଏହା ପ୍ରସାଶନ ଓ ବିଭାଗ ଜାଣିବାର କଥା।

***ଲକ୍ଷ୍ମୀକାନ୍ତ ବାଗ (ଆବାହକ ସାହାଜଖୋଲ ସୁରକ୍ଷା ସମିତି)***



ବର୍ତ୍ତମାନ ପୃଥିବୀର ସବୁଠାରୁ ଚର୍ଚ୍ଚିତ ବିଷୟ ହେଉଛି ପାଗ ପରିବର୍ତ୍ତନ ଓ ବିଶ୍ୱ ତାପାୟନ। ପୃଥିବୀର ଅହେତୁକ ତାପମାତ୍ରା ବୃଦ୍ଧି ସହ ବାରମ୍ବାର ପ୍ରାକୃତିକ ପାଗର ପରିବର୍ତ୍ତନ ପଛର ମୁଖ୍ୟ କାରଣ ହେଉଛି ପ୍ରାକୃତିକ ଜଙ୍ଗଲର ଅବକ୍ଷୟ। ପ୍ରତ୍ୟେକ ଦେଶର ପରିବେଶବିଦ୍‌ମାନେ ଜଙ୍ଗଲ ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ସାହାଜଖୋଲ ଜଙ୍ଗଲ ମଧ ଯେତେ ଘନମିଟର ପରିସର ପରିବ୍ୟାପ୍ତ ଥିଲା ଏବେ ଢେର ପରିମାଣରେ ସଙ୍କୁଚିତ ହେବାରେ ଲାଗିଛି। ସାହାଜଖୋଲ ଜଙ୍ଗଲ ଭିତରେ ଐତିହାସିକ କିର୍ତି ସହ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟ ରହିଛି।ଏବେ ଠାରୁ ଯଦି ଜଙ୍ଗଲ ବିଭାଗ,ସାଧାରଣ ଜନତା ସଚେତନ ହେବେ ନାହିଁ ଏକ ନୈସର୍ଗିକ ଶୋଭାରାଶିକୁ ହରାଇ ବସିବା।

***ମୋହନ ଚରଣ ବିଷି (ସ୍ତମ୍ଭକାର/ଗବେଷକ)***



ଯେଉଁମାନେ ନିୟମଗିରି ଜଙ୍ଗଲକୁ ବଞ୍ଚାଇବା ପାଇଁ ଆନ୍ଦୋଳନ କରୁଛନ୍ତି ସେମାନେ ସାହାଜଖୋଲ ଜଙ୍ଗଲରେ ଗଛ କାଟି ଧ୍ୱଂସ କରୁଥିବା ଲୋକଙ୍କୁ ସୁରକ୍ଷା ଦେଉଛନ୍ତି। ଜଙ୍ଗଲ ମଧ୍ୟରେ ଯେତେ ମକା ଚାଷ ହେଉଛି ଲଗାତାର ଭାବରେ ପାଞ୍ଚ ବର୍ଷ ଧରି ନଷ୍ଟ କରିଦେବା କଥା, ଯେଉଁଥିପାଇଁ ସେମାନେ ପରବର୍ତ୍ତୀ ସମୟରେ ସାହସ କରିପାରିବେ ନାହିଁ। ଅଣ ଓଡ଼ିଆମାନେ ଏ ଅଞ୍ଚଳରେ ଆସି ମକା ଚାଷ ପାଇଁ ପ୍ରୋତ୍ସାହନ ଯୋଗାଉଛନ୍ତି ତାହା ବନ୍ଦ ହେଇଯିବ।

***ଆଦିତ୍ୟ ପଣ୍ଡା (ଶିକ୍ଷାବିତ, ପ୍ରକୃତି ପ୍ରେମୀ)***

## ମର୍ମନ୍ତୁଦ ସଡକ ଦୁର୍ଘଟଣା: ଜଣେ ମୃତ, ୨ ଗୁରୁତର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଦେପୁର ନିକଟ ମୁଖ୍ୟ ରାସ୍ତାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଆହତ ହୋଇଥିବା ଜଣା ପଡିଛି। ସୂଚନା ଅନୁସାରେ ବିଶ୍ୱନାଥପୁର ସ୍ଥିତ ମନୋହର ହରପାଲଙ୍କ ପୁଅ ତକଦିର ହରପାଲ କୌଣସି କାମରେ ତାଙ୍କ ବୁଲେଟ୍ ବାଇକ୍ ଯୋଗେ ଭବାନୀପାଟଣା ଆସୁଥିବାବେଳେ ଏକ ଟ୍ରକ୍ ହଠାତ୍ ମୁହାଁମୁହିଁ ହେବାରୁ ସେ ଭାରସାମ୍ୟ ହରାଇ ଟ୍ରକ୍ ଚକ ତଳେ ପଡି ଯାଇଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିଭଳି ଆଉ ଗୋଟିଏ ଗାଡ଼ିରେ ଆସୁଥିବା ଦୁଇଜଣ ମଧ୍ୟ ଏହି ଦୁର୍ଘଟଣାକୁ ଦେଖିବା ପରେ ନିଜର ଭାରସାମ୍ୟ ହରାଇ ରାସ୍ତାରେ ପଡିଯାଇ ଗୁରୁତର ହୋଇଥିଲେ। ଖବର ପାଇ ଭବାନୀପାଟଣା ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତକଦିର ହରପାଲଙ୍କ ଶବ ଜବତ କରି ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଆହତମାନଙ୍କୁ ଆଣି ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। ପୋଲିସ ଟ୍ରକ୍‌କୁ ଜବତ କରି ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ନବୋଦୟରେ ଜିଲ୍ଲା ଟପ୍ପର ହେଲେ ଦିପେଶ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଷଷ୍ଠ ଶ୍ରେଣୀ ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଜିଲ୍ଲା ଟପ୍ପର ହେଇଛନ୍ତି ଧର୍ମଗଡ ବ୍ଲକ୍ ତରଞ୍ଜା ଗ୍ରାମର ଦିପେଶ କୁମାର। ଯାହା ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି। ଗତ ଏପ୍ରିଲ ୨୯ ତାରିଖରେ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଗତ ବୁଧବାର ଦିନ ଏହାର ଫଳାଫଳ ବାହାରିଥିଲା। ପିଲାବେଳୁ ପାଠପଢା ପ୍ରତି ଆଗ୍ରହ ଦେଖି ବାପା ଚିତ୍ତରଞ୍ଜନ କୁମାର ଏବଂ ମା ଲଳିତା କୁମାର ନବୋଦୟ ପ୍ରବେଶିକା ପରୀକ୍ଷା ଦେବାକୁ ଉତ୍ସାହିତ କରିଥିଲେ। ଭବିଷ୍ୟତରେ ପ୍ରଶାସନିକ ଅଧିକାରୀ ହୋଇ ଦେଶ ସେବା କରିବି ବୋଲି ଦିପେଶ କହିଛନ୍ତି। ଜିଲ୍ଲା ଟପ୍ପର ହେବାରୁ ମାମୁ ଡମ୍ବରୁଧର ସେନାପତି, ବଡ ବାପା ମନୋରଞ୍ଜନ କୁମାର, ଜେଜେବାପା କୁଞ୍ଜବିହାରୀ କୁମାର, ଅଜା ଶଙ୍କର ସେନାପତି, ଦିଦି ସୂର୍ଯ୍ୟକାନ୍ତି ସେନାପତି, ଅଲ ଓଡିଶା ସିଡୁଲ୍ଡ କାଷ୍ଟ ଫେଡେରେସନ ଧର୍ମଗଡ ସଭାପତି ବିରଞ୍ଚି ନାରାୟଣ ଜାଲ, ଜିଲ୍ଲା ସଭାପତି ଶ୍ରୀବତ୍ସ ତାଣ୍ଡି ଓ କାର୍ଯ୍ୟକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଓ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟରେ ଯୋଗ ଦିବସ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ଓ ସ୍ଥାନୀୟ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଯୋଗ ଗୁରୁ ସରୋଜ ନନ୍ଦଙ୍କ ଉପସ୍ଥିତିରେ ଏହି ଯୋଗ ଦିବସ ପାଳିତ ହୋଇଥିଲା ବେଳେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସଂଜୟ କୁମାର ଶତପଥି ଯୋଗ ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ସୁସ୍ଥତା ପାଇଁ ଭଗବାନଙ୍କଠାରେ ପ୍ରାର୍ଥନା ରଖିଥିଲେ। ଏହି ବର୍ଷର ଶୀର୍ଷକ 'ବସୁଧୈବ କୁଟୁମ୍ବକମ୍ ପାଇଁ ଯୋଗ' ଶୀର୍ଷକରେ ସମସ୍ତ ମାନବ ସମାଜ ପାଇଁ ଯୋଗର ଆବଶ୍ୟକତା ବିଷୟରେ ଆଲୋଚନା କରାଯାଇ ଯୋଗଭ୍ୟାସ ଆରମ୍ଭ ହୋଇଥିଲା। ବିଶ୍ୱ ବିଦ୍ୟାଳୟର କୁଳସଚିବ ପିତାମ୍ବର ଭୋଇ, ସିପିଜିସି ଅଧ୍ୟକ୍ଷ ମେଜର ଡ. ଜୟଦେବ ସାହୁ, ଯୋଗଦେବା ସହ ବିଶ୍ୱ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଯୋଗାଭ୍ୟାସ କରିଥିଲେ। ଏହି ଶିବିରରେ ଅନେକ ଅଧ୍ୟାପକ, ଅଧ୍ୟାପିକା, ଏନ୍‌ଏସ୍‌ଏସ୍, ଏନ୍‌ସିସି ଓ ୱାଆରସିର ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଅନୁରୂପ ଭାବେ ସ୍ଥାନୀୟ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟଠାରେ ପରିଚାଳନା କମିଟି ଅଧ୍ୟକ୍ଷା ନମିତା ସାହୁ ଓ ଯୁକ୍ତ ଦୁଇ ମହା ବିଦ୍ୟାଳୟ ଅଧ୍ୟକ୍ଷା ଦୀପା ସାହୁ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅବସର ପ୍ରାପ୍ତ ସୈନିକ ସୁରେନ୍ଦ୍ର ପଣ୍ଡା ପ୍ରଶିକ୍ଷକ ଭବେ ଯୋଗ ଦେଇ ଶତାଧିକ ଛାତ୍ରୀଙ୍କୁ ଯୋଗ ସମ୍ବନ୍ଧିତ ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟାପିକା, ଅଧ୍ୟାପକ ଅଭିଭାବକ ଓ ଛାତ୍ରୀମାନେ ମିଶି ଯୋଗ କରିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ଅର୍ପିତା ସାହୁ ପରିଚାଳନା କରିଥିଲା ବେଳେ ମନୀଷା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବଡକଛାର ଗାଁକୁ ସ୍ୱପ୍ନ ପାଲଟିଛି ରାସ୍ତା

## ବର୍ଷାଦିନେ କାଳ ସଜେ ବେହେରା ନାଲ

କୋକସରା, (ଭାସ୍କର ନ୍ୟୁଜ୍): ଗାଁ କୁ ଯିବାପାଇଁ ଭଲ ରାସ୍ତା ନାହିଁ। ବର୍ଷାଦିନେ କାଳ ସାଜେ ବାଟରେ ଥିବା ନାଲା। ଦିନ ଦିନ ଧରି ଗୃହବନ୍ଦି ହୁଅନ୍ତି ଗାଁ ଲୋକେ। ପରେ ଗାଁ କୁ ପଡ଼ିଥାଏ ନେତା ଓ ପ୍ରଶାସନର ପାଦ, ଆଉ ମିଳିଥାଏ ସମସ୍ୟା ସମାଧାନର ପ୍ରତିଶ୍ରୁତି। ହେଲେ ପରବର୍ତ୍ତୀ ସମୟରେ ସମାଧାନ ହୁଏ ନାହିଁ ଗାଁ ର ସମସ୍ୟା। ଏମିତି କିଛି କହିଛନ୍ତି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଅଧୀନ ବଡକଛାର ଗ୍ରାମବାସୀ। ଏହି ଗାଁ କୁ ସବୁ ଦିନିଆ ଭଲରାସ୍ତା ନାହିଁ, ଗାଁ କୁ ଯିବା ବାଟରେ ପ୍ରଥମେ ପଡିଥାଏ ବେହେରା ନାଲା। ବର୍ଷା ହେଲେ ନାଲରେ ପାଣି ବଢି ଯିବାରୁ ଗାଁ ଲୋକଙ୍କ ପାଇ କାଳ ସାଜେ ଏହି ନାଲା। ଆଉ ସପ୍ତାହ ସପ୍ତାହ ଧରି ଗୃହବନ୍ଦି ହୁଅନ୍ତି ବଡକଛାର ବାସୀ। ଏହି ଗାଁରେ ୨୦ ପରିବାରର ପ୍ରାୟ ୧୫୦ରୁ ଉର୍ଦ୍ଧ ଲୋକେ ଦୀର୍ଘ ବର୍ଷରୁ ବସବାସ କରି ଆସୁଛନ୍ତି। ସରକାରଙ୍କ ଆବାସ ଯୋଜନାରେ ଘର, ନଳକୂପ, ବିଦ୍ୟୁତ ସେବା ଆଦି ଗାଁରେ ପହଞ୍ଚି ସାରିଛି। ହେଲେ ରାସ୍ତା ଟିଏ ହୋଇ ପାରିନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୩କିମି. ଦୂରରେ ଥିବା ଏହି ଗାଁ କୁ ଯିବାକୁ ହେଲେ ପ୍ରଥମେ ପଡିଥାଏ ବେହେରା ନାଲା। ନାଲାରେ ବ୍ରିଜ୍ ନ ଥିବାରୁ ଦୈନିକ ଯିବା ଆସିବା କରିବାରେ ଅନେକ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି ଗ୍ରାମବାସୀ। ବର୍ଷା ଦିନେ ଗାଁରେ କାହାରି ସ୍ୱାସ୍ଥ୍ୟ ଖରାପ ହୁଏ ତେବେ ଖଟିଆରେ ବୋହିନେବା ବ୍ୟତିତ ଅନ୍ୟ କୌଣସି ରାସ୍ତା ନାହିଁ। ବିପଦପୂର୍ଣ୍ଣ ଭାଏ ବେହେରା ନାଲା ପାରହେଲେ ମିଳିଥାଏ ଆମ୍ବୁଲାନ୍ସ ସେବା ବୋଲି ଗାଁ ଲୋକେ କହିଛନ୍ତି। ରାସ୍ତା ଓ ବ୍ରିଜ ନିର୍ମାଣ ପାଇ ବିଭିନ୍ନ ସମୟରେ ନେତା, ମନ୍ତ୍ରୀ ଓ ପ୍ରଶାସନ ପାଖରେ ଗୁହାରି କରି ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ନାଲାରେ ବ୍ରିଜ୍ ନ ଥିବାରୁ ବର୍ଷାଦିନେ ନାଲପାଣି ବଢିଯାଏ। ଏଥି ପାଇଁ କୋମଳମତି ଶିଶୁ ଅଙ୍ଗନୱାଡି ଯିବାରେ ଓ ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବା ବନ୍ଦ ହୋଇଥାଏ। ଏମିତିକି ପଞ୍ଚାୟତରୁ ରାସନ ସାମଗ୍ରୀ ଆଣିବା ସମୟରେ ଲୋକେ ହଟହଟା ହେଉଥିବା ମଧ୍ୟ ଦେଖିବାକୁ ମିଳେ। ବର୍ଷା ପାଣି ଯୋଗୁଁ ଦିନଦିନ ଧରି ରାସନ ସାମଗ୍ରୀ ଆଣିବା ପାଇଁ ଅପେକ୍ଷା କରିବାକୁ ପଡିଥାଏ ବୋଲି ଗାଁ ଲୋକେ କୁହନ୍ତି। ହେଲେ ଅନେକ ସମୟରେ ଏହି ରାସ୍ତା ସମସ୍ୟାକୁ ନେଇ ଗ୍ରାମବାସୀ ବହୁ ନେତା, ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ଲାଭ ହୋଇ ନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଙ୍କ ମତାମତ ନେବାରୁ ରିଜର୍ଭ ଫରେଷ୍ଟ ଏରିଆ ଆସୁଛି, ତେଣୁ ଆମେ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଏ ବିଷୟରେ ଆଲୋଚନା କରି ଆନୁମତି ପରେ କିଭଳି ରସ୍ତା ଓ ବ୍ରିଜ ହୋଇ ପାରିବ ସେନେଇ ଚେଷ୍ଟା କରିବା ବୋଲି କହିଛନ୍ତି। ଏପଟେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗଙ୍କ ପ୍ରତିକ୍ରିୟା ନେବାରୁ ସମସ୍ୟା ଉପରେ ଅବଗତ ଅଛି, ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପାଖରେ ପ୍ରସ୍ତାବ ଦେଇସାରିଛି, ସିଘ୍ର ସମସ୍ୟା ର ସମାଧାନ ହେବ ବୋଲି କହିଛନ୍ତି।

## ତୃତୀୟ ପର୍ଯ୍ୟାୟ ବ୍ଲକ୍‌ସ୍ତରୀୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ବ୍ଲକ୍‌ସ୍ତରୀୟ ଭତ୍ତା ବଣ୍ଟନ ପ୍ରଥମ ପର୍ଯ୍ୟାୟରେ ଗଡ଼ିଆଯୋରଠାରେ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ବଣ୍ଟନ ବେହେରା ପଞ୍ଚାୟତ ଗୋରୁ ବଜାର ପ୍ରାଙ୍ଗଣେଠାରେ ଅନୁଷ୍ଠିତ ହୋଇଥିଲା। ସେଭଳି ତୃତୀୟ ପର୍ଯ୍ୟାୟ ଶୁକ୍ରବାରଦିନ ବୋଡ଼େନ ପଞ୍ଚାୟତ ପ୍ରାଙ୍ଗଣେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ମୌସୁଧି ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଧର୍ମଗଡ଼ ବ୍ଲକ୍‌ରେ ସର୍ବମୋଟ ୭୧୨ ଜଣ ନୂତନ ହିତାଧିକାରୀ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୫ଟି ପଞ୍ଚାୟତର ୧୨୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଓ ଦ୍ୱିତୀୟ ପର୍ଯ୍ୟାୟରେ ୪ଟି ପଞ୍ଚାୟତର ୧୨୪ଜଣ ଓ ତୃତୀୟ ପର୍ଯ୍ୟାୟରେ ୫ଟି ପଞ୍ଚାୟତର ମୋଟ ୧୧୯ ଜଣଙ୍କୁ ବିଧାୟକ ଓ ବ୍ଲକ୍ ଅଧକ୍ଷା ବବିତା ପଟ୍ଟଯୋଶୀ ନିଜ କରକମଳରେ ଭତ୍ତା ବଣ୍ଟନ କରିଥିଲେ। ଏପରିକି ଜିଲ୍ଲାସ୍ତରରେ ଧର୍ମଗଡ଼ ବ୍ଲକ୍ ଭତ୍ତା ବିବେଚିତ ହିତାଧିକାରୀଙ୍କ ସଂଖ୍ୟା ସର୍ବାଧିକ ଥିବା ଓ ଆଗାମୀ ଦିନରେ ବ୍ଲକ୍‌ର ବାକି ରହିଥିବା ହିତାଧିକାରୀଙ୍କୁ ଚୟନ କରାଯିବା ବ୍ୟବସ୍ଥା ହାତକୁ ନେବା ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବାକୁ ବିଧାୟକ ପ୍ରକାଶ କରିଥିବା ବେଳେ ବ୍ଲକ୍‌ରେ କୌଣସି ବିବେଚିତ ହିତାଧିକାରୀ ଯେମିତି ଭତ୍ତା ପାଇବାରେ ବଞ୍ଚିତ ନ ହେବେ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ବ୍ଲକ୍ ଅଧକ୍ଷା ପ୍ରକାଶ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବଡ଼ ଘୁମର ପଞ୍ଚାୟତର ୨୩ ଜଣ, ଗଡିଆଯୋର ୩୮ ଜଣ, କଦଳିମୁଣ୍ଡା ୧୪ ଜଣ, ପର୍ଲା ୩୪ ଜଣ ଓ ଜୟନ୍ତପୁର ୨୨ ଜଣ ହିତାଧିକାରୀଙ୍କୁ ପ୍ରଥମ ଭାବେ ଭତ୍ତା ବଣ୍ଟନ କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବେହେରାଠାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଧଅରପୁର ପଞ୍ଚାୟତ ୨୨ ଜଣ ଛନ୍ଦ୍ରାଣବାହେଲି ୫୭ ଜଣ, ବେହେରା ୨୩ ଜଣ ଓ ଟେଣ୍ଟାପାଳି ପଞ୍ଚାୟତର ୨୨ଜଣଙ୍କ ହିତାଧିକାରୀଙ୍କୁ ଭତ୍ତା ପାଇଥିବା ବେଳେ ବଡ଼ଫୁର୍ଲା ୮ଜଣ, ନନ୍ଦ ଗାଁ ୧୯, ତରାପୁର ୩୦, ବୋଡ଼େନ ୩୬, ବଗାଡ଼ ୨୬ ଜଣ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା ବବିତା ପଟ୍ଟଯୋଶୀ, ଉପାଧ୍ୟକ୍ଷା ଝିଲି ମେହେର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠି, ବିଏସ୍‌ଏସ୍ ଓ ଦମୟନ୍ତୀ ନାଏକ, ବେହେରା ସରପଞ୍ଚ କୁମୁଦିନି ନାଏକ, ଧଅରପୁର ସରପଞ୍ଚ ଗୌରୀ ସେଠିଆ, ଛନ୍ଦ୍ରାଣବାହେଲି ସରପଞ୍ଚ ପ୍ରୀତି ବେମାଲ, ଟେଣ୍ଟାପାଳି ସରପଞ୍ଚ ଗୌଲୋଚନ ଗୋପାଳ, ବେହେରା ସମିତି ସଭ୍ୟ କିଶୋର ନାଗ, ନାଏବ ସରପଞ୍ଚ ଟିକେଶ୍ୱର ଗୋପାଳ, ଦଶରଥ ମାଝୀ, ତୁଳସିରାମ ବାରିକ, ଧର୍ମାନନ୍ଦ ସେଠିଆ, ବଡ଼ ଫୁର୍ଲା ସରପଞ୍ଚ କୁମୁଦିନି ଶବର, ବୋଡ଼େନ ସରପଞ୍ଚ, ତରାପୁର ସରପଞ୍ଚ ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ହିତାଧିକାରୀମାନେ ପ୍ରଥମ ଭାବେ ଭତ୍ତା ପାଇ ବେସ ଖୁସି ରହିଥିବାବେଳେ ଭତ୍ତା ପାଇଁ କିଛି ମାତ୍ରାରେ ନିଜ ଚାହିଦା ପୂରଣ କରିବାରେ ସହାୟତ ହୋଇପାରିବ ବୋଲି ହିତାଧିକାରୀମାନେ ପ୍ରକାଶ କରିଛନ୍ତି।

## ରାଶିଫଳ

ଶନିବାର, ୨୪ ଜୁନ୍ ୨୦୨୩



**ମେଷ:** ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତିହେବା ସହ ବ୍ୟବସାୟରେ ଭଲ ଲାଭହେବ ଓ ଋଣରୁ ମୁକ୍ତି ମିଳିବ। ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ଅଚାନକ ଧନପ୍ରାପ୍ତି ହେବ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ। ବନ୍ଧୁଙ୍କୁ ଆପ୍ୟାୟିତ କରିବାରେ ସମର୍ଥ ହେବେ।



**ବୃଷ:** ଘରୋଇ ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନହେବେ। ଇନ୍ଦ୍ରିୟପରାୟଣତା ଓ ବିଷୟବାସନା ଉପରେ ଅଧିକ ଗୁରୁତ୍ୱ ଦେବେ। ପାରିବାରିକ ସ୍ତରରେ ଭୁଲ ବୁଝାମଣା ଜନିତ ସମସ୍ୟା ସମାଧାନ ହୋଇ ଉନ୍ନତି ସହ ଶାନ୍ତି ଉପୁଜିବ। ଆତ୍ମୀୟମାନଙ୍କର ଉପଚାର ରୋଗ ନିବୃତ୍ତି ପାଇଁ ଅଧିକ ଅର୍ଥଖର୍ଚ୍ଚ ହୋଇଯିବ।



**ମିଥୁନ:** ଆଇନ ଅଦାଲତ କ୍ଷେତ୍ରରେ ବିଜୟୀ ହେବେ। ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ। ପାରିବାରିକ ସମସ୍ୟାକୁ ସମାଧାନ କରି ପରିବାରରେ ପ୍ରୀତିଭାଜନ ହେବେ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇ ପାରନ୍ତି। ପାରିବାରିକ ସମସ୍ୟାକୁ ସମାଧାନ କରିବେ।



**କର୍କଟ:** ଅର୍ଥ ସମ୍ପର୍କୀୟ କଥାହେବା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ। ପ୍ରବାସରେ ମଧ୍ୟ କେତେକ କ୍ଷେତ୍ରରେ ଉନ୍ନତିକର ହେବ। ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ। ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କ୍ଷେତ୍ରରେ ଆଗ୍ରହ ବଢ଼ିବ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଭ୍ରମଣ, ରାଜନୀତି, ପ୍ରଶାସନ କାର୍ଯ୍ୟରେ ଲାଭ ପାଇବେ।



**ସିଂହ:** ଦୂରଯାତ୍ରା କରିବା ଦ୍ୱାରା ବହୁତ ଲାଭ ମିଳିବ। ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ। ହଠାତ୍ ମତ ପରିବର୍ତ୍ତନ କରି ସମସ୍ତଙ୍କୁ ଚକିତ କରି ଦେବେ। ପରୀକ୍ଷା ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇ ଉଚ୍ଚଶ୍ରେଣୀ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ଥିତି ରକ୍ଷା କରି ଚଳିବେ। କର୍ମକ୍ଷେତ୍ରରେ ଶୁଭ ଫଳ ପାଇବେ।



**କନ୍ୟା:** ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ। କର୍ମକ୍ଷେତ୍ରରେ ଦୀର୍ଘଦିନର ଆଶା ପୂରଣ ହେବା ଫଳରେ ପ୍ରଶଂସିତ ହେବେ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ସଫଳ ହେବେ। ବକେୟା ଅର୍ଥ କିଛି ମିଳିବ ଓ ଆୟ ଉପାର୍ଜନର ବୃଦ୍ଧି ହେବ। ବନ୍ଧୁ ବାନ୍ଧବଙ୍କଦ୍ୱାରା ଅନେକ କାର୍ଯ୍ୟ ହାସଲ କରିବେ।



**ତୁଳା:** କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। ଆୟ ବୃଦ୍ଧି ହୋଇ ଆର୍ଥିକ ଉନ୍ନତି ହେବା ସହ ଗୃହବାହାନ ପ୍ରାପ୍ତି ହେବ। କର୍ମ ନିଯୁକ୍ତି କ୍ଷେତ୍ରରେ ଆପ୍ରାଣ ଚେଷ୍ଟା କରି ସଫଳ ହେବେ। ଅଧିକ ଭାଗ୍ୟବାଦି ହୋଇ ନିଜ ଗୋଡରେ ନିଜେ ଠିଆ ହେବେ।



**ବିଛା:** ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ। ବ୍ୟବସାୟରେ ସଫଳତା ଅର୍ଜନ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବାଦବିବାଦ, ମାଲିମୋକଦ୍ଦମା, ଖେଳକୁଦ, ପ୍ରତିଯୋଗିତାରେ ପ୍ରଶଂସା ପାଇବେ, ରାଜନୀତିରେ ସଫଳତା ମିଳିବ। କର୍ମକ୍ଷେତ୍ରଟି ସୁଦୃଢ଼ ହେବ ଓ ବ୍ୟୟ ଅପେକ୍ଷା ଆୟ ବୃଦ୍ଧି ହେବ। କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ। ପତିପତ୍ନୀଙ୍କ କ୍ଷେତ୍ରରେ ଦାମ୍ପତ୍ୟଜୀବନ ସୁଖମୟହେବ।



**ଧନୁ:** ସାମାଜିକ କାର୍ଯ୍ୟରେ ସଫଳ ସିଦ୍ଧହେବେ। ପରିବାରରେ ଖୁସିର ବାତାବରଣ ସ୍ଥାୟୀ ରହିବ। ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ସେୟାର ବଜାରରେ ଲାଭ ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇ ଯଶ, ମାନସମ୍ମାନ ପ୍ରତିଷ୍ଠା ମିଳିବ। ପାରିବାରିକ ସ୍ଥିତିରେ ଶାନ୍ତି ପାଇବେ। ଦୂରଯାତ୍ରାର ସୁଯୋଗ ମିଳିବ। ବିଦ୍ୟାକ୍ଷେତ୍ରରେ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବା ଫଳରେ ପ୍ରଶଂସିତ ହେବେ।



**ମକର:** ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ। ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ। ହସଖୁସିରେ ସମୟ ବିତାଇବେ। ପରିବାରରେ ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ। ଚାକିରୀ କ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବା ସହ ସ୍ଥାନାନ୍ତର ମଧ୍ୟ ହୋଇ ପାରେ। ଶିକ୍ଷାକ୍ଷେତ୍ରରେ ପରୀକ୍ଷା ପରିଣାମ ଅନୁକୂଳ ହେବ।



**କୁମ୍ଭ:** ବ୍ୟବସାୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଖୁସି ରହିବ। ରାଜନୈତିକ ଜୀବନ ଝଡଝଞ୍ଜାମୟ ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ପାଇଁ ସତର୍କ ରହିବା ଉଚିତ୍। ଈର୍ଷାପରାୟଣ ବ୍ୟକ୍ତିମାନେ କଟୁ ବଚନ ଶୁଣେଇବେ।



**ମୀନ:** ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତିହେବା ସହ ବ୍ୟବସାୟରେ ଭଲ ଲାଭହେବ ଓ ଋଣରୁ ମୁକ୍ତି ମିଳିବ। ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ଅଚାନକ ଧନପ୍ରାପ୍ତି ହେବ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ। ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ସତ୍ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି।




ଶ୍ରୀପତି ଉବାଚ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ

(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,

ନିଳାଦ୍ରୀବିହାର, ଭୁବନେଶ୍ୱର-୨୧

ମୋ: ୯୪୩୮୩୮୯୦୩୯



ପୋଲସରା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ କ୍ୟାରିଟି ଫାଉଣ୍ଡେସନ ପକ୍ଷରୁ ଚଳିତ ମାସ ଦୁଇ ତାରିଖ ଦିନ ବାଲେଶ୍ୱର ଜିଲ୍ଲାର ବାହାନଗା ରେଳ ଷ୍ଟେସନ ରେ ଘଟିଥିବା କରମଣ୍ଡଳ ଏକ୍ସପ୍ରେସ ଦୁର୍ଘଟଣାରେ ଆହତ ହୋଇ କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ମାନଙ୍କୁ ଏକ ଲକ୍ଷ ଦଶ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ରାଜ୍ୟର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'କ୍ୟାରିଟି ଫାଉଣ୍ଡେସନ' ର ଅଧ୍ୟକ୍ଷ ରବିନାରାୟଣ ହୋତା , ଉପାଧ୍ୟକ୍ଷ ଅମିତାଭ ମିଶ୍ର କାର୍ଯ୍ୟକାରୀ କମିଟି ସଭ୍ୟ ରଜତ କୁମାର ସାହୁ, ସୁଶାନ୍ତ କୁମାର ସାହୁ ଓ ଅନ୍ତର୍ଯ୍ୟାମୀ ରାଉତ ପ୍ରମୁଖ ସୋମବାର ଦିନ କଟକ ଯାଇ ମେଡିକାଲ୍ର ସୁପରିଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଓ ଆସୋସିଏଟ ପ୍ରଫେସର ଡା. ମନୋରଞ୍ଜନ ଦାସଙ୍କ ସହଯୋଗରେ ଚିକିତ୍ସାଧୀନ ଆହତମାନଙ୍କୁ ଭେଟି ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିବା ସହିତ ଏକ ଲକ୍ଷ ଦଶ ହଜାର ଟଙ୍କା ଆହତ ମାନଙ୍କୁ ପ୍ରଦାନ କରିଥିଲେ । ଗଞ୍ଜାମ ଜିଲ୍ଲାର ପୋଲସରା ରେ ଗଢ଼ି ଉଠିଥିବା ଏହି ଅନୁଷ୍ଠାନ ସମ୍ପ୍ରତି ଗରିବ ଶ୍ରେଣୀର ଲୋକମାନଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଆସୁଥିବା ରୁ ପୋଲସରା ଅଞ୍ଚଳରେ ଖୁବ୍ କମ୍ ଦିନରେ ବେଶ୍ ଲୋକପ୍ରିୟତା ଅର୍ଜନ କରିବାରେ ସକ୍ଷମ ହେଲାଣି ।

## ଋଷିକୂଲ୍ୟା ନଦୀର ଉନ୍ନତିକରଣ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଓଡିଶା ସରକାରଙ୍କ ୱାର୍କସ ବିଭାଗ ଦ୍ୱାରା ଚଳିତ ଆର୍ଥିକ ୨୦୨୩-୨୪ ବର୍ଷରେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ମା' ତାରାତାରିଣୀ ମନ୍ଦିର ପୀଠ ସମ୍ମୁଖ ଋଷିକୂଲ୍ୟା ନଦୀ ପଠାର ଉନ୍ନତିକରଣ ସକାଶେ ପ୍ରଶାସନିକ ଅନୁମୋଦନ ପ୍ରଦାନ କରାଯାଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅନୁରୋଧ ପତ୍ର ପ୍ରକାରେ ରାଜ୍ୟ ସରକାର ଏହି ପ୍ରକଳ୍ପର କାର୍ଯ୍ୟ ନିମନ୍ତେ ୧୫କୋଟି ୬୨ଲକ୍ଷ୍ୟ ୯ହଜାର ଅର୍ଥରାଶି ଯୋଗାଇ ଦେଇଛନ୍ତି । ଏହି ଅନୁଦାନ ପାଣ୍ଠି ଐତିହ୍ୟ ଓ ସ୍ମାରକୀ ଏବଂ ପର୍ଯ୍ୟଟନ ସ୍ଥଳର ବିକାଶ ସକାଶେ ପ୍ରଦାନ କରାଯାଇଛି । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାପରେ ମା' ତାରାତାରିଣୀ ପୀଠର ସର୍ବାଙ୍ଗୀନ ଉନ୍ନତି ହେବା ସମେତ ପର୍ଯ୍ୟଟକଙ୍କ ଯାନବାହନ ରଖିବା ବ୍ୟବସ୍ଥା, ବଗିଚାରେ ଭ୍ରମଣ କରି ମନୋରଞ୍ଜନର ମାଧ୍ୟମ ସୃଷ୍ଟି ହେବ । ସ୍ଥାନୀୟ ସ୍ଥାପତ୍ୟର ସୁରକ୍ଷା ବ୍ୟବସ୍ଥା ହେବା ସହିତ ପାରିପାର୍ଶ୍ୱିକ ସ୍ଥିତର ବିକାଶ ହୋଇ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ବୃଦ୍ଧି ପାଇବ । ଅନୁଦାନ ପାଣ୍ଠି ଏହି ଅଞ୍ଚଳର ଐତିହ୍ୟ ଓ ସ୍ମାରକୀ ଏବଂ ପର୍ଯ୍ୟଟନ ବିକାଶ, ଜନସାଧାରଣଙ୍କ ସୁବିଧା, ପକ୍କା ରାସ୍ତା, ମୂର୍ତ୍ତି ଉଦ୍ୟାନ, ଜମି କ୍ୟାପିଙ୍ଗ ଓ ବୃକ୍ଷ ରୋପଣ, ବିଦ୍ୟୁତକରଣ ଏବଂ ବାହ୍ୟ ଅଲୋକୀକରଣ, ମାର୍ଗଦର୍ଶିକ ଚିହ୍ନ ଏବଂ ଡଷ୍ଟବିନ ପ୍ରଭୃତି ନିର୍ମାଣ ହେବ । ଏହି ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ ପରିଡ଼ା ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

### ବାଲି ଓଭର୍ ଲୋଡିଂ ହାଇୱା ଘଟଣା

## ଜରିମାନା ଆଦାୟ କଲେ ତହସିଲଦାର

ବାଲିପାଟଣା (ଭାସ୍କର ନ୍ୟୁଜ୍) : ଗୁରୁବାର ସଂଧ୍ୟା ବେଳେ ଜବତ ହୋଇଥିବା ବାଲି ବୋଝେଇ ଓଭର୍ ଲୋଡିଂ ମାମଲାରେ ଚାରିଟି ହାଇୱା ଏବଂ ଏକ ଟ୍ରକ୍ ଠାରୁ ଆଜି ବାଲିପାଟଣା ତହସିଲ୍ଦାର ବୁଲ୍ ବୁଲ୍ ବେହେରା ଏକ ଲକ୍ଷ ତିରିଶ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ତହସିଲ୍ ପକ୍ଷରୁ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସଂଧ୍ୟା ବେଳେ ଛଅଟି ହାଇୱା ଏବଂ ଗୋଟିଏ ଟ୍ରକ୍ରେ ବେଆଇନ୍ ଓଭର୍ ଲୋଡିଂ ବାଲି ବୋଝେଇ ହୋଇ ଆସୁଥିବା ବେଳେ ବାଲିପାଟଣା ତହସିଲ୍ଦାର ସବୁ ଗାଡିକୁ ଜବତ କରିଥିଲେ । ଆଜି ଓଡି-୦୭-ୟୁ-୯୧୨୯, ଓଡି-୦୨-କ୍ୟୁ-୩୯୫୯, ଓଡି-୦୯-ଏଚ୍-୫୪୨୦ , ଓଡି-୧୮-୯୭୮୯ ନମ୍ବର ବିଷିଷ୍ଟ ଚାରିଟି ହାଇୱାକୁ ୩୦ ହଜାର ଟଙ୍କା ଏବଂ ଏକ ଓଆର-୦୯-ଏଫ୍-୨୨୬୯ ନମ୍ବର ବିଷିଷ୍ଟ ଟ୍ରକ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ କରି ଉକ୍ତ ଗାଡିମାନଙ୍କୁ ଛାଡ଼ି ଦେଇଥିଲେ । ବାକି ଦୁଇ ହାଇୱାର ମାଲିକମାନେ ଆସି ନଥିବାରୁ ଜରିମାନା ହୋଇନଥିବା ତହସିଲ୍ଦାର ଶ୍ରୀମତୀ ବେହେରା ସୂଚନା ପ୍ରଦାନ କରିଛନ୍ତି ।

## ଯାତ୍ରୀ ପ୍ରତିକ୍ଷାଳୟ ନିର୍ମାଣ ଦାବି

କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ଏନଏସି ପକ୍ଷରୁ ଯାତ୍ରୀ ପ୍ରତୀକ୍ଷା ନିର୍ମାଣ ଦାବି କଲା ବୁଦ୍ଧିଜୀବୀ ମଞ୍ଚ, କରଞ୍ଜିଆ ସହରର ସବୁଠାରୁ ବ୍ୟସ୍ତ ବହୁଳ ଜାଗା ହେଉଛି କଚେରୀ ଛକ ବା ମଧୁସୂଦନ ମାର୍ଗ । ଏହି ରାସ୍ତାରେ ପ୍ରତ୍ୟେହ ବହୁତ ଲୋକ ଯାତାୟତ କରିଥାନ୍ତି କାରଣ ଏହି ରାସ୍ତାରେ ଅଛି କୋର୍ଟ, କଚେରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଥାନା ତଥା ଜମି କିଣା ବିକା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାଳୟ ତେଣୁ ଏହି ରାସ୍ତା ସବୁବେଳେ ବ୍ୟସ୍ତ ଥାଏ ହେଲେ ଯାତ୍ରୀଙ୍କ ବିଶ୍ରାମ କରିବା ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ ହେଲେ ଜାଗା ବହୁତ ଅଛି । ଏହି ଜାଗାରେ ଯାତ୍ରୀମାନଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରତୀକ୍ଷା ଲୟଟିଏ ନିର୍ମାଣ ହେଲେ ବହୁତ ଯାତ୍ରୀ ଉପକୃତ ହେବେ । ଏଥିପାଇଁ ଏନଏସି ପ୍ରଶାସନ ପାଖରେ ଏହି ଖାଲି ସ୍ଥାନରେ ଯାତ୍ରୀ ପ୍ରତୀକ୍ଷାଳୟ ବା ବିଶ୍ରାମ ଗୃହ ନିର୍ମାଣ ପାଇଁ ବୁଦ୍ଧିଜୀବୀ ମଞ୍ଚ ଅଣ୍ଟା ଭିଡି ପ୍ରଶାସନ ପାଖରେ ଲିଖିତ ଦାବି କରିଛଅନ୍ତି । ସୂଚନା ଥାଉକି ଏହି ରସ୍ତା ଦେଇ ପ୍ରତ୍ୟେହ ଶହ ଶହ ସଂଖ୍ୟାରେ ଯାତ୍ରୀ ଯିବା ଆସିବା କରିଥାନ୍ତି । ପ୍ରଶାସନ ଦାବି ପ୍ରତି ଗୁରୁତର ସହିତ ବିଚାର କରି ତୁରନ୍ତ ଯାତ୍ରୀ ବିଶ୍ରାମଗାର କରିବାକୁ ଦୃଢ଼ ଦାବି ହେଉଛି ।

## ବେଗୁନିଆ ମହାବିଦ୍ୟାଳୟର ନୂତନ ବିଜ୍ଞାନ ଭବନ ଉଦଘାଟନ

ବୋଲଗଡ,(ଭାସ୍କର ନ୍ୟୁଜ୍): ବେଗୁନିଆ ସଦର ମହକୁମା ସ୍ଥିତ ବେଗୁନିଆ ମହାବିଦ୍ୟାଳୟର ଶୁକ୍ରବାର ଦିନ ପୂର୍ବାହ୍ନରେ ନୂତନ ବିଜ୍ଞାନ ଭବନ ଉଦଘାଟନ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ଶିକ୍ଷାବିତ ଡ଼ଃ କୃଷ୍ଣ ଚନ୍ଦ୍ର ଦାଶ ମୁଖ୍ୟବକ୍ତା, ବିଡ଼ିଓ ଲକ୍ଷ୍ମୀଧର ସାହୁ,ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ଓ ସମାଜସେବୀ ଶିବ କୁମାର ମୁନି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢି ସୁ ନାଗରିକ ହେବା ସହ ଦେଶ ମାତୃକାର ସେବା କରିବା ପାଇଁ ପରାମର୍ଶ ଦେଇଥିଲେ ।

## ଭକ୍ତ ଦାସିଆ ପୀଠରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ତୁଳସୀ ବେଶ

ଡେଲାଙ୍ଗ (ଭାସ୍କର ନ୍ୟୁଜ୍) : ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପିପିଲି ବ୍ଲକ ଅର୍ନ୍ତଗତ ବାଲିଗାଁଠାରେ ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀମନ୍ଦିର ନୀତି ଅନୁସାରେ ଶ୍ରୀଗୁଣ୍ଡିଚାର ବିଶେଷ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଅଛି । ମୁଖ୍ୟ ପୂଜକ ଶ୍ରୀ ଲକ୍ଷ୍ମୀଧର ପାଢ଼ୀ, ସହାୟକ ପୂଜକ ଲକ୍ଷ୍ମୀଧର ଦୀକ୍ଷିତଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଘଣ୍ଟ, ଘଣ୍ଟା, କାହାଳୀ ଓ ନାମ ସଂକୀର୍ତ୍ତନ ମଧ୍ୟରେ ଏକ ସ୍ୱତନ୍ତ୍ର ବିମାନକୁ ପହଣ୍ଡି କରି ନିଆଯାଇଥିଲା । ପରେ ବିଭିନ୍ନ ଫୁଲ ଓ ତୁଳସୀରେ ମହାପ୍ରଭୁଙ୍କ ବେଶ କରାଯାଇଥିଲା । ନିକଟବର୍ତ୍ତୀ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗ ଦେଇ ପ୍ରଭୁଙ୍କ ମଙ୍ଗଳ ଆଳତୀ, ମଧାହ୍ନ ଧୂପ ପରେ ପ୍ରସାଦ ସେବନ



କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭକ୍ତ ଦାସିଆ ସ୍ମୃତି କମିଟିର ସାଧାରଣ ସଂପାଦକ ଡ଼.ଘନଶ୍ୟାମ ସ୍ୱାଇଁ, ବରିଷ୍ଠ ଟ୍ରଷ୍ଟି ଅର୍ଜୁନ ଚରଣ ସାମଲ, ସାଂସ୍କୃତିକ ସଂପାଦକ ଆଇନଜୀବୀ ସରୋଜ କୁମାର ସାହୁ, ଆଞ୍ଚଳିକ କମିଟି ସଦସ୍ୟ ଚିତରଂଜନ ସେନାପତି, ସ୍ୱଂୟପ୍ରକାଶ ପରିଡ଼ା, ପବିତ୍ର କୁମାର ମଲ୍ଲିକ, ଅକ୍ଷୟ କୁମାର ବେହେରା, ବଟକୃଷ୍ଣ ବିଶ୍ୱାଳ, ଲକ୍ଷ୍ମୀଧର ସାହୁ, ପ୍ରଫୁଲ ବିଶ୍ୱାଳ ପ୍ରଭୃତି ପରିଚାଳନା କରିଥିଲେ । ଅପରାହ୍ନରେ ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇ ଠାକୁରଙ୍କୁ ରତ୍ନ ସିଂହାସନରେ ବିରାଜିତ କରାଯାଇଥିଲା ।

## ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମରେ ବିଶ୍ୱ ଯୋଗଦିବସ



ବୈଶିଙ୍ଗା (ଭାସ୍କର ନ୍ୟୁଜ୍) : ବୈଶିଙ୍ଗାସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମରେ ନବମ ଆର୍ନ୍ତଜାତୀୟ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ବିଶ୍ୱକୁ ଭାରତୀୟ ସଂସ୍କୃତିର ଶ୍ରେଷ୍ଠ ଉପହାର ହେଉଛି ଯୋଗ । ଏହି ମହତ ଉପହାର ଓ ଶାରିରୀକ ସଂଜୀବନୀକୁ ବହୁ ବିଳମ୍ବ ହେଲେ ମଧ ସାରା ବିଶ୍ୱ ଗ୍ରହଣ କରିବାକୁ ବାଧ ହେଉଛି । ଭାରତୀୟ ସଂସ୍କୃତିରୁ ଉତ୍ପତ୍ତି ତଥା ମହାନ ଋଷି ମୁନି ଓ ଯୋଗୀ ମାନଙ୍କ ଯୁଗ ଯୁଗର ତ୍ୟାଗ, ତପସ୍ୟା ଆଉ ଅନୁସନ୍ଧାନର ପ୍ରୟୋଗାଶାଳାରୁ ଉତ୍ପତ୍ତି ହେଉଛି ଯୋଗ । ଏହି ଯୋଗଦ୍ୱାରା ଶରୀର, ମନ ଓ ଆତ୍ମା ନିରୋଗ ରହିଥାଏ । ୭୫ତମ 'ଆଜାଦି କା ଅମୃତ ମହୋତ୍ସବ' ଚାଲିଥିବା ବେଳେ 'ମାନବତା ପାଇଁ ଯୋଗ'ର ବିଷୟ ବସ୍ତୁକୁ ନେଇ ବିଶ୍ୱ ଯୋଗ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଗ କାର୍ଯ୍ୟକ୍ରମରେ ପତଞ୍ଜଳିର ଜିଲ୍ଲା କିଷାନ ସଂଯୋଜକ ସଞ୍ଜୟ କୁମାର ସାହୁଙ୍କ ଦ୍ୱାରା ଯୋଗ ପ୍ରଶିକ୍ଷଣ ଦେବା ସହିତ ଯୋଗର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ । ବିଶିଷ୍ଟ ଅତିଥି ଭାବେ ଡଃ ପ୍ରସନ୍ନ କୁମାର ପାତ୍ର, ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା, ରବିନ୍ଦ୍ର ବିନ୍ଧାଣୀ, କେନ୍ଦୁଆ ସରପଞ୍ଚ ମନମୋହନ ମାଝୀ, କୈଳାଶ ଫିସାରୀର ମୁଖ୍ୟ ମନୋରଞ୍ଜନ ସାହୁ , ଡଃ ଅଜୟ କୁମାର ସାହୁ , ସବ୍ୟସାଚୀ ପଣ୍ଡା, ଉତ୍ସର୍ଗ ବେହେରା ଓ ପଦ୍ମନାଭ ପଣ୍ଡା ଯୋଗଦାନ କରିଥିଲେ । ଏସଭିଏସ ର ଶିକ୍ଷୟତ୍ରୀ ଦେବସ୍ମିତା ପଣ୍ଡାଙ୍କ ସମେତ ଅନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରି ଯୋଗ ଶିବିର ର ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ମନୋରଞ୍ଜନ ସାହୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଷ୍ଟେଟ ବ୍ୟାଙ୍କ ପକ୍ଷରୁ ବୀମା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନୂଆଗଡ଼ ହାଇସ୍କୁଲ ନିକଟରେ ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ଶାଖା ତରଫରୁ ବୀମା ସମ୍ବଦୀୟ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ତହସିଲିଦାର ରାଜଲକ୍ଷ୍ମୀ ନାୟକ, ମୁଖ୍ୟ ବକ୍ତା ଲୋନ ମୁଖ୍ୟ ପ୍ରବନ୍ଧକ ସଂଜୟ କୁମାର ସାହୁ, ସଂମାନୀତ ଅତିଥି ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ଶାଖା ମୁଖ୍ୟ ପ୍ରବନ୍ଧକ ଫାଲଗୁନି ବାନ୍ଧବ ଦାସ,




ଶାଖା କିରାଣୀ ଦିଲ୍ଲୀପ କୁମାର ବେହେରା, ସମାଜ ସେବୀ ଦୁଷ୍ମନ୍ତ କୁମାର ପରିଡା,ସୁବ୍ରତ କୁମାର ପଲାଉରୀ, ସୁବାସ ବାରିକି ଅତିଥି ଭାବେ ଉପସ୍ଥିତ ଥିଲେ. ଲୋକଙ୍କ ଲାଗି ସରକାର ଅନେକ ସମୟରେ ଯୋଜନା କରନ୍ତି । ଯାହାଦ୍ୱାରା ଦେଶର ନାଗରିକ ମାନେ ଅନେକ ଲାଭ ମଧ ପାଇଥାନ୍ତି । ଏହି ସଚେତନ କାର୍ଯ୍ୟକ୍ରମରେ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜୋତି ବୀମା ଯୋଜନା ଓ ଅଟଳ ପେନସନ ଯୋଜନା । ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ଯେକୌଣସି ଦୁର୍ଘଟଣା କାରଣରୁ କିମ୍ବା ବଜ୍ରପାତ, ସାପ କାମୁଡା ମୃତ୍ୟୁ ହେଲେ ୨ ଲକ୍ଷ ଟଙ୍କାର ସହାୟତା, ମୁଖ୍ୟ ଅଙ୍ଗ ହାନି ହେଲେ ଏକ ଲକ୍ଷ ଟଙ୍କା ତାହା ସହ ପ୍ରଧାନମନ୍ତ୍ରୀ ଜୀବନ ଜୋତି ବୀମା ଯୋଜନାରେ ରୋଗ କାରଣ ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ମୃତ୍ୟୁ ହେଲେ ତାହା ସହ ଅଟଳ ପେନସନ ଯୋଜନା ମାଧ୍ୟମରେ ଆପଣଙ୍କ ବୟସ ୧୮ରୁ ଉର୍ଦ୍ଧ ରହିଛି ଆପଣ କୌଣସି ଭବିଷ୍ୟ ଯୋଜନା କରିନାହାନ୍ତି ତେବେ ଏହି ଯୋଜନା ଅନୁସାରେ ଆପଣ ଲାଭବାନ ହୋଇପାରିବେ । ଏହି ଯୋଜନାରେ ଆପଣ ୬୦ବର୍ଷରୁ ଉର୍ଦ୍ଧ ପରେ ମାସକୁ ପାଞ୍ଚ ହଜାର ଟଙ୍କାର ପେନସନ ପାଇବେ.ଏହି ସଚେତନତା କାର୍ଯ୍ୟକ୍ରମ ରେ ନୂଆଗଡ ପଂଚାୟତ ସମେତ ବିଭିନ୍ନ ଗ୍ରାମର ୩ ସହ ରୁ ଉର୍ଦ୍ଧ ଲୋକେ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ ଧରାକୋଟ ବ୍ଲକ୍ ଗସ୍ତ
## ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଧରାକୋଟ ବ୍ଲକ୍ର ସର୍ବାଙ୍ଗୀନ ଉନ୍ନତି କିଭଳି ହେବ ସେହି ଦିଗରେ ସ୍ଥାନୀୟ ଜନ ପ୍ରତିନିଧିମାନଙ୍କସହ ଆଲୋଚନା କରି ଏହାର ସଫଳ ରୂପାୟନ ଦିଗରେ କାର୍ଯ୍ୟକାରୀ କରିବାକୁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଶୁକ୍ରବାର ଦିନ ଜିଲ୍ଲାପାଳ ଶ୍ରୀ ପରିଡା ଧରାକୋଟ ବ୍ଲକ୍ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ବ୍ଲକ୍ରେ ଆନିମିୟା ରୋଗର ନିରାକରଣ ସକାଶେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ନୀରିକ୍ଷଣ ଯୋଜନାରେ ବିନା ମୂଲ୍ୟରେ କିଭଳି ଅଲଟ୍ରାସାଉଣ୍ଡ କରାଇବା ସକାଶେ ସଚେତନ କାର୍ଯ୍ୟକୁ ବ୍ୟାପକ କରିବାକୁ କହିଥିଲେ । 'ମୋ ଘର' ଯୋଜନାରେ ଇଚ୍ଛୁକ ବ୍ୟକ୍ତି କିଭଳି ଗୃହ ନିର୍ମାଣ କରିପାରିବେ ସେହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷକଗଣ କିଭଳି କାର୍ଯ୍ୟ କରି ଲାଭବାନ୍ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ବ୍ଲକ୍ ର ଅନେକ ଗ୍ରାମ ଅଛି ଯେଉଁଠିକୁ ଯିବା ଆସିବା ସକାଶେ ରାସ୍ତା ନାହିଁ ସେ ଗ୍ରାମକୁ କିଭଳି ରାସ୍ତା ନିର୍ମାଣ ହେବ ସେହି ଦିଗରେ ପଦକ୍ଷେପ ଗ୍ରହଣ କରିବା ସକାଶେ ସଂପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ବିଦ୍ୟୁତ୍ ସଂଯୋଗ ହୋଇ ନଥିବା ଗ୍ରାମ ଗୁଡିକୁ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । ଏଲ୍ଏସିସିଏମ୍ଆଇ ଯୋଜନାରେ ଗ୍ରାମାଞ୍ଚଳକୁ ବସ୍ର କାର୍ଯ୍ୟକାରିତା ଓ ନୂତନ ବସ୍ଷ୍ଟାଣ୍ଡ ନିର୍ମାଣ ସକାଶେ ପଦକ୍ଷେପ ଗ୍ରହଣ କରିବା ନେଇ ସୁବିସ୍ତୃତ ଆଲୋଚନା କରିଥିଲେ । ଧରାକୋଟ ବ୍ଲକ୍ର ସାବା ପଞ୍ଚାୟତର ଘୋଡାଆମ୍ବ, ରୁଗୁମୁ ପଞ୍ଚାୟତର କୋଳିଗୁମ୍ଫା, ବାହାରପୁର ପଞ୍ଚାୟତର ଖଜୁରୀପଦା ଗ୍ରାମରେ ଜଳସ୍ତର କମିଯାଉଥିବାରୁ ସେହି ଅଞ୍ଚଳରେ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରି ଜଳ ସମସ୍ୟା ଦୂର କରିବା ସକାଶେ ପଦକ୍ଷେପ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଯେପରି ଗୋଟିଏ ଲେଖାଏଁ ମଡେଲ ଟ୍ୟାଙ୍କ, ଗ୍ରାମ୍ୟପାର୍କ ଏବଂ ଖେଳ ପଡିଆ କିଭଳି ନିର୍ମାଣ ହେବ ସେହି ଦିଗରେ ଆଲୋଚନା କରିଥିଲେ । ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ବିଦ୍ୟୁତ କରଣ, ଚିକିତ୍ସାଳୟ ଗୁଡିକରେ ଡାକ୍ତର ଏବଂ ଷ୍ଟାଫ୍ ମୁତୟନ ଇତ୍ୟାଦି ଅନ୍ୟାନ୍ୟ ବିଷୟ ନେଇ ଲୋକ ପ୍ରତିନିଧି ଓ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ଧରାକୋଟ ବ୍ଲକ୍ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ଉପାଧ୍ୟକ୍ଷ ମନୋଜ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଟୁକୁନା ଗୌଡ, ପ୍ରତାପ ସ୍ୱାଇଁ, ତହସିଲଦାର କବିରାଜ ପ୍ରଧାନ , ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୀନେଶ ବେହେରା, ଆରଡବ୍ଲ୍ୟୁ.ଏସ୍.ଏସ୍. ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସ୍ୱାଇଁ, ବ୍ଲକ୍ ସହକାରୀ ଯନ୍ତ୍ରୀ ଶାରଦା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## କାର୍ଯ୍ୟରେ ଯୋଗଦେଲେ ନୂତନ ସିଡିପିଓ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ସମନ୍ୱିତ ମହିଳାଶିଶୁ ବିକାଶ କାର୍ଯ୍ୟାଳୟର ସିଡିପିଓ ଜୋସ୍ନାରାଣି ମଲ୍ଲିକ ଅବସର ନେଲାପରେ ଏଠାରେ ତିର୍ତ୍ତୋଲ ସିଡିପିଓ ଅସ୍ଥାୟୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୂଆପଡା ଜିଲ୍ଲାର ସିନାପାଲି ପ୍ରୋଜେକ୍ଟରୁ ତୃପ୍ତି ଲତା ମହାନ୍ତି ରଘୁନାଥପୁର ସିଡିପିଓ ଭାବେ



ନିର୍ଦ୍ଦେଶ ପାଇବାପରେ ରଘୁନାଥପୁରରେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଠାରେ ଦାୟିତ୍ୱ ଗ୍ରହଣ ଅବସରରେ ସମସ୍ତ କର୍ମଚାରୀ ସ୍ୱାଗତ ଜଣାଇଥିଲେ । ଦାୟିତ୍ୱ ଗ୍ରହଣ କରିବା ପରେ ଶୁକ୍ରବାର ଛତୁଆ ଯୋଗାଣକାରୀ ସଂସ୍ଥା ପରିଦର୍ଶନ କରିବା ସହିତ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଯୋଗାଇ ଦିଆଯାଉଥିବା ଛତୁଆ ମାନ ଯାଞ୍ଚ କରି ଫେରିଛନ୍ତି ।

# ଦୟାନଦୀ ବଞ୍ଚାଅ ଅଭିଯାନ ତେଜିଲା

ଡେଲାଙ୍ଗ,(ଭାସ୍କର ନ୍ୟୁଜ୍): ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଗୋଲାପଡା ଗ୍ରାମ ରାମମନ୍ଦିର ପ୍ରାଙ୍ଗଣରେ ଦୟା ବଞ୍ଚାଅ ଅଭିଯାନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରସନ୍ନ କୁମାର ମହାରଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଖିଳ ଭାରତ କୃଷକ ମହାସଭା ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନ,ରାଜ୍ୟ ସମାଜବାଦୀ ପାର୍ଟି ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ପୁରୀ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, କୃଷକ ନେତା କିଷାନ ପଟ୍ଟନାୟକ ଓ ମତ୍ସ୍ୟଜୀବୀ ନେତା ରଙ୍କନିଧି ବେହେରା ପ୍ରମୁଖ ଯୋଗଦେଇ ଦୟାନଦୀ ପ୍ରଦୂଷଣ ରୋକିବା ଦିଗରେ ଦୃଢ଼ ପଦକ୍ଷେପ ନେବାପାଇଁ ଆହ୍ୱାନ ଦେଇଥିଲେ । ଭୁବନେଶ୍ୱର ଉପକଣ୍ଠରୁ ନିର୍ଗତ ହୋଇଥିବା ଗଙ୍ଗୁଆ ନାଳର ସମସ୍ତ



ବିଷାକ୍ତ ଓ ପ୍ରଦୂଷିତ ଜଳ କଣ୍ଟି ଗ୍ରାମ ନିକଟରେ ଦୟାନଦୀରେ ମିଶିବାରୁ ନଦୀର ଜଳ ବିଷାକ୍ତ ହୋଇ ମାଛ, କଙ୍କଡା, କୋଚିଆ, ବେଙ୍ଗ ଆଦି ଜଳଚର ପ୍ରାଣୀ ମୃତ୍ୟୁ ବରଣ କରୁଛନ୍ତି ବୋଲି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏହି ବିଷାକ୍ତ ଜଳ ପ୍ରବାହ ଦ୍ୱାରା ନଦୀର ଉଭୟ ପାର୍ଶ୍ୱରେ ନଦୀ ପଠାରେ ପରିବା ଚାଷ ହଳଦିଆ ପଡି ଜଳିଯାଉଥିବା ବେଳେ ଧାନ ଚାଷ ମଧ ଜଳି ପୋଡି ନଷ୍ଟ ହେଉଛି । ଏହାଦ୍ୱାରା କିଡ଼ନୀ ରୋଗ, ଜଣ୍ଡିସ, ହୃଦରୋଗ, ଚର୍ମରୋଗ ଆଦି ମାରାତ୍ମକ ରୋଗ ବ୍ୟାପି ସାଧାରଣ ଲୋକେ ବହୁସଂଖ୍ୟାରେ କ୍ଷତିଗ୍ରସ୍ତ ହେଉଛନ୍ତି । ଭୁବନେଶ୍ୱର ସହରର ସମସ୍ତ ଆବର୍ଜନା ପାଣି ଦୟାନଦୀ ଦେଇ ଚିଲିକାରେ ମିଶିବା ଦ୍ୱାରା ଚିଲିକାର ପରିବେଶ ଓ ଜୈବବିବିଧତାକୁ କ୍ଷତି ପହଞ୍ଚାଉଛି । ଦୟାନଦୀକୁ ଚିର ପ୍ରବାହିତ କରିବା, ନଦୀର ରାଜ ଦଳ ସମସ୍ୟାର ସମାଧାନ କରିବା, ଦୟାନଦୀର କଣ୍ଠିଠାରେ ନଦୀପଠାକୁ ଅବରୋଧ କରି ଜନୈକ ବିଲ୍ଡର କଂକ୍ରିଟ ପାଚେରୀ ନିର୍ମାଣ କରୁଥିବାରୁ ଏହାକୁ ଉଚ୍ଛେଦ କରିବା, ନଦୀ ଶଯ୍ୟା ଖନନ କରିବା ସହ କଣ୍ଟି-ମାଧିପୁର କାଜ ବନ୍ଦ କରି ଡେଲାଙ୍ଗ, ପିପିଲି, କଣାସ ଆଦି ବ୍ଲକକୁ ବନ୍ୟା ଦାଉରୁ ରକ୍ଷାକରିବା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଦୟା-ଲୁଣା-ଭାର୍ଗବୀ ନଦୀର ମିଳନ ସ୍ଥଳ ବଡଗୋଠ ଠାରୁ କଣ୍ଟି ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ତିନୋଟି ବ୍ଲକର ଜନସାଧାରଣ ଏହି ଦୟା ବଞ୍ଚାଅ ଅଭିଯାନରେ ଯୋଗଦେବାକୁ ଆହ୍ୱାନ ଦିଆଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିରଞ୍ଚି ବେହେରା, ଜ୍ୟୋତିରଞ୍ଜନ ସାମନ୍ତରାୟ,ଗୋବିନ୍ଦ ବେହେରା, ରାମଚନ୍ଦ୍ର ମହାରଣା,ଅରୁଣ କୁମାର ସାମନ୍ତରାୟ, ମମତା ନାୟକ,ଗୁମାନି ବେହେରା ପ୍ରମୁଖ ଯୋଗଦେଇ ଅଭିଯାନକୁ ସଫଳ କରିବାକୁ ଜନସାଧାରଣଙ୍କ ସହଯୋଗ ଲୋଡିଥିଲେ ।

### କାର୍ଯ୍ୟରେ ଯୋଗଦେଲେ ନୂଆ ଡାକ୍ତର
## ଉତ୍ତମ ସେବା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ

ଭଦ୍ରକ, (ଭାସ୍କର ନ୍ୟୁଜ୍) : ଓଡ଼ିଶା ସରକାରଙ୍କ ଦ୍ୱାରା ନୂତନ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିବା ଡାକ୍ତର ମାନଙ୍କ ମଧ୍ୟରୁ ୩୨ ଜଣଙ୍କୁ ଭଦ୍ରକ୍ ଜିଲ୍ଲାପାଇଁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା । ପ୍ରାପ୍ତ ସୂଚନା ଅନୁଯାୟୀ ୩୨ ଜଣଙ୍କ ମଧ୍ୟରୁ ୩୧ ଜଣ



କାର୍ଯ୍ୟରେ ଯୋଗ ଦେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ୮ ଜଣ ପି.ଜି. ଶିକ୍ଷା ପାଇଁ ଯାଇଛନ୍ତି । ବର୍ତ୍ତମାନ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଯୋଗଦେଇ କାର୍ଯ୍ୟ କରିବାକୁ ଥିବା ୨୩ ଜଣ ଡାକ୍ତରଙ୍କ ପାଇଁ ଆୟୋଜିତ ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ନୂତନ ପ୍ରେରଣା ନେଇ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ରଙ୍କ ସଂଯୋଜନାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଉପସ୍ଥିତ ନବନିଯୁକ୍ତ ଡାକ୍ତରମାନଙ୍କୁ ସେବା କ୍ଷେତ୍ରରେ ଉତ୍ତମ ଗୁଣବତ୍ତା ପ୍ରଦର୍ଶନ ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗ ସମ୍ବନ୍ଧୀୟ କାର୍ଯ୍ୟଧାରା, ଡାକ୍ତର ମାନଙ୍କ ଦ୍ୱାରା ଉତ୍ତମ ସେବା ପ୍ରଦାନର ଆବଶ୍ୟକତା, ରୋଗୀମାନଙ୍କ ଉପରେ ଡାକ୍ତରମାନଙ୍କ ଉତ୍ତମ ବ୍ୟବହାର ପ୍ରଦର୍ଶନର ସୁପ୍ରଭାବ ଆଦି ବିଷୟରେ ଜିଲ୍ଲାପାଳ ସେମାନଙ୍କ ସହିତ ବାର୍ତ୍ତାଳାପ ଜରିଆରେ ପ୍ରକାଶ କରି ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ରାଶିଫଳ

**ଶନିବାର, ୨୪ ଜୁନ୍ ୨୦୨୩**



**ମେଷ:** ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତିହେବା ସହ ବ୍ୟବସାୟରେ ଭଲ ଲାଭହେବ ଓ ଋଣରୁ ମୁକ୍ତି ମିଳିବ । ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ଅଚାନକ ଧନପ୍ରାପ୍ତି ହେବ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ । ବନ୍ଧୁଙ୍କୁ ଆପ୍ୟାୟିତ କରିବାରେ ସମର୍ଥ ହେବେ ।



**ବୃଷ:** ଘରୋଇ ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନହେବେ । ଇନ୍ଦ୍ରିୟପରାୟଣତା ଓ ବିଷୟବାସନା ଉପରେ ଅଧିକ ଗୁରୁତ୍ୱ ଦେବେ । ପାରିବାରିକ ସ୍ତରରେ ଭୁଲ ବୁଝାମଣା ଜନିତ ସମସ୍ୟା ସମାଧାନ ହୋଇ ଉନ୍ନତି ସହ ଶାନ୍ତି ଉପୁଜିବ । ଆତ୍ମୀୟମାନଙ୍କର ଉପଚାର ରୋଗ ନିବୃତ୍ତି ପାଇଁ ଅଧିକ ଅର୍ଥଖର୍ଚ୍ଚ ହୋଇଯିବ ।



**ମିଥୁନ:** ଆଇନ ଅଦାଲତ କ୍ଷେତ୍ରରେ ବିଜୟୀ ହେବେ । ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ । ପାରିବାରିକ ସମସ୍ୟାକୁ ସମାଧାନ କରି ପରିବାରରେ ପ୍ରୀତିଭାଜନ ହେବେ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇ ପାରନ୍ତି । ପାରିବାରିକ ସମସ୍ୟାକୁ ସମାଧାନ କରିବେ ।



**କର୍କଟ:** ଅର୍ଥ ସମ୍ପର୍କୀୟ କଥାହେବା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ । ପ୍ରବାସରେ ମଧ କେତେକ କ୍ଷେତ୍ରରେ ଉନ୍ନତିକର ହେବ । ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ । ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କ୍ଷେତ୍ରରେ ଆଗ୍ରହ ବଢ଼ିବ । ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ । ଭ୍ରମଣ, ରାଜନୀତି, ପ୍ରଶାସନ କାର୍ଯ୍ୟରେ ଲାଭ ପାଇବେ ।



**ସିଂହ:** ଦୂରଯାତ୍ରା କରିବା ଦ୍ୱାରା ବହୁତ ଲାଭ ମିଳିବ । ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ । ହଠାତ୍ ମତ ପରିବର୍ତ୍ତନ କରି ସମସ୍ତଙ୍କୁ ଚକିତ କରି ଦେବେ । ପରୀକ୍ଷା ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇ ଉଚ୍ଚଶ୍ରେଣୀ ପାଇବେ । ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ଥିତି ରକ୍ଷା କରି ଚଳିବେ । କର୍ମକ୍ଷେତ୍ରରେ ଶୁଭ ଫଳ ପାଇବେ ।



**କନ୍ୟା:** ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ଦୀର୍ଘଦିନର ଆଶା ପୂରଣ ହେବା ଫଳରେ ପ୍ରଶଂସିତ ହେବେ । ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ସଫଳ ହେବେ । ବକେୟା ଅର୍ଥ କିଛି ମିଳିବ ଓ ଆୟ ଉପାର୍ଜନର ବୃଦ୍ଧି ହେବ । ବନ୍ଧୁ ବାନ୍ଧବଙ୍କଦ୍ୱାରା ଅନେକ କାର୍ଯ୍ୟ ହାସଲ କରିବେ ।



**ତୁଳା:** କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ । ଆୟ ବୃଦ୍ଧି ହୋଇ ଆର୍ଥିକ ଉନ୍ନତି ହେବା ସହ ଗୃହବାହାନ ପ୍ରାପ୍ତି ହେବ । କର୍ମ ନିଯୁକ୍ତି କ୍ଷେତ୍ରରେ ଆପ୍ରାଣ ଚେଷ୍ଟା କରି ସଫଳ ହେବେ । ଅଧିକ ଭାଗ୍ୟବାଦି ହୋଇ ନିଜ ଗୋଡରେ ନିଜେ ଠିଆ ହେବେ ।



**ବିଛା:** ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ । ବ୍ୟବସାୟରେ ସଫଳତା ଅର୍ଜନ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ବାଦବିବାଦ, ମାଲିମୋକଦ୍ଦମା, ଖେଳକୁଦ, ପ୍ରତିଯୋଗିତାରେ ପ୍ରଶଂସା ପାଇବେ, ରାଜନୀତିରେ ସଫଳତା ମିଳିବ । କର୍ମକ୍ଷେତ୍ରଟି ସୁଦୃଢ଼ ହେବ ଓ ବ୍ୟୟ ଅପେକ୍ଷା ଆୟ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ । ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ । ପତିପତ୍ନୀଙ୍କ କ୍ଷେତ୍ରରେ ଦାମ୍ପତ୍ୟଜୀବନ ସୁଖମୟହେବ ।



**ଧନୁ:** ସାମାଜିକ କାର୍ଯ୍ୟରେ ସଫଳ ସିଦ୍ଧହେବେ । ପରିବାରରେ ଖୁସିର ବାତାବରଣ ସ୍ଥାୟୀ ରହିବ । ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ । ସେୟାର ବଜାରରେ ଲାଭ ମିଳିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇ ଯଶ, ମାନସମ୍ମାନ ପ୍ରତିଷ୍ଠା ମିଳିବ । ପାରିବାରିକ ସ୍ଥିତିରେ ଶାନ୍ତି ପାଇବେ । ଦୂରଯାତ୍ରାର ସୁଯୋଗ ମିଳିବ । ବିଦ୍ୟାକ୍ଷେତ୍ରରେ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବା ଫଳରେ ପ୍ରଶଂସିତ ହେବେ ।



**ମକର:** ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ । ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ । ହସଖୁସିରେ ସମୟ ବିତାଇବେ । ପରିବାରରେ ଯେତେ ସମସ୍ୟା ଥିଲେ ମଧ ଶାନ୍ତି ଅନୁଭବ କରିବେ । ଚାକିରୀ କ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବା ସହ ସ୍ଥାନାନ୍ତର ମଧ ହୋଇ ପାରେ । ଶିକ୍ଷାକ୍ଷେତ୍ରରେ ପରୀକ୍ଷା ପରିଣାମ ଅନୁକୂଳ ହେବ ।



**କୁମ୍ଭ:** ବ୍ୟବସାୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ । ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଖୁସି ରହିବ । ରାଜନୈତିକ ଜୀବନ ଝଡଝଞ୍ଜାମୟ ହେବାର ସମ୍ଭାବନା ରହିଛି । ସ୍ୱାସ୍ଥ୍ୟ ପାଇଁ ସତର୍କ ରହିବା ଉଚିତ୍ । ଇର୍ଷାପରାୟଣ ବ୍ୟକ୍ତିମାନେ କଟୁ ବଚନ ଶୁଣେଇବେ ।



**ମୀନ:** ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତିହେବା ସହ ବ୍ୟବସାୟରେ ଭଲ ଲାଭହେବ ଓ ଋଣରୁ ମୁକ୍ତି ମିଳିବ । ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ଅଚାନକ ଧନପ୍ରାପ୍ତି ହେବ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ । ଆଧ୍ୟାତ୍ମିକ ଭାବଧାରାରେ ଉଦ୍ବୁଦ୍ଧ ହୋଇ ସତ୍ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି ।




ଜ୍ୟୋତିଷଜ୍ଞ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୋଲଗଡ଼ (ଭାସ୍କର ନ୍ୟୁଜ୍) : ନବମ ତମ ଆନ୍ତର୍ଜାତିକ ଯୋଗ ଦିବସ ବୋଲଗଡ଼ ବ୍ଲକ ଅନ୍ତର୍ଗତ ତାଳତୁମ୍ବସ୍ଥିତ ଆୟୁର୍ବେଦିକ ଚିକିତ୍ସାଳୟ ଆନୁକୂଲ୍ୟରେ ଓ ଡାକ୍ତର ବିଜୟ କୁମାର ଖୁଣ୍ଟିଆଙ୍କ ଆବାହକତ୍ୱରେ ପାଳିତ ହୋଇଯାଇଛି । ଏହି ଯୋଗ ଦିବସରେ ମୁଖ୍ୟ ଅତିଥି ଭାବେ ବୋଲଗଡ଼ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ସରପଞ୍ଚ ତଥା ଖୋର୍ଦ୍ଧା ଜିଲ୍ଲା ବିଜେଡ଼ି ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ପୂର୍ବତନ ସମିତି ସଭ୍ୟ କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ । ଏହି ଯୋଗ ଶିବିରରେ ସ୍ୱେଚ୍ଛାସେବୀ, ଡାକ୍ତରଖାନା କର୍ମଚାରୀ ଓ ଯୁବଗୋଷ୍ଠୀ ଯୋଗଦେଇ ଯୋଗାସନ କରିଥିଲେ । ଏହି ଯୋଗ ଶିବିରରେ ଯୋଗ ଶିକ୍ଷକ ଭାବେ ଜୀବନ ସଂଗ୍ରାମ ସାହୁ ଯୋଗ ଦେଇ ସୁସ୍ଥ ଓ ନିରୋଗ ରହିବା ପାଇଁ ସମସ୍ତଙ୍କୁ ବିଭିନ୍ନ ପ୍ରକାରର ଯୋଗଭ୍ୟାସ କରାଇଥିଲେ । ପ୍ରତିଦିନ ସମସ୍ତେ ଯୋଗ ଓ ପ୍ରାଣାୟାମ ସକାଳ ସମୟରେ କରିଲେ ବିଭିନ୍ନ ରୋଗରୁ ମୁକ୍ତି ପାଇବା ସଙ୍ଗେ ସଙ୍ଗେ ଶରୀର ସୁସ୍ଥ ତଥା ନିରୋଗ ରହିବ ବୋଲି ଯୋଗ ଶିକ୍ଷକ ଜୀବନ ସଂଗ୍ରାମ ସାହୁ ପରାମର୍ଶ ଦେଇଥିଲେ । ପୁରାତନ କାଳରେ ମୁନି ଋଷି ଆଶ୍ରମରେ ଶିଷ୍ୟମାନଙ୍କୁ ଯୋଗାଭ୍ୟାସ ଶିକ୍ଷା ଦିଆଯାଉଥିଲା ।

## ନିମାପଡାରେ ପ୍ରଣବ ପ୍ରକାଶ ଦାଶ

### ୨୦୨୪ ନିର୍ବାଚନ ଲଢିବେ ସମୀର




ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଜେଡି ଦଳ ପକ୍ଷରୁ ସାଂଗଠନିକ କାର୍ଯ୍ୟ ଜୋରରେ ଚାଲିଥିବା ବେଳେ ବିଜେଡିର ସାଂଗଠନିକ ସଂପାଦକ ନିମାପଡାରେ ପହଞ୍ଚି ସଂଗଠନ ସଂପର୍କରେ ଆଲୋଚନା କରିବା ସହ କର୍ମୀମାନଙ୍କୁ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ନିର୍ବାଚନମଣ୍ଡଳୀସ୍ତରୀୟ ସାଂଗଠନିକ ସଭା ସ୍ଥାନୀୟ ମୁକ୍ତାକାଶ ମଞ୍ଚରେ ଆଜି ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ତଥା ବିଜେଡିର ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାଶ ଯୋଗଦେଇଥିବା ବେଳେ ବିଧାୟକ ସମୀର ରଂଜନ ଦାଶ ବ୍ଲକ ଅଧକ୍ଷ ଶଙ୍କର ଭୋଇ, ପୌରାଧକ୍ଷା ସସ୍ମିତା ସାହୁ ନଗର ସଭାପତି ଜିବନାନନ୍ଦ ମହାପାତ୍ର, ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ପ୍ରଦିପ୍ତ ଖଟୋଇ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ ସମେତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ନେତୃତ୍ୱ ଯୋଗଦେଇଥିଲେ । ଓ୍ୱାର୍ଡସ୍ତରରୁ ସଂଗଠନକୁ ମଜବୁତ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଓ୍ୱାର୍ଡ କମିଟି ବିଜେଡି ଗଠନ କରିଛି ବୋଲି ବିଧାୟକ ଶ୍ରୀ ଦାଶ କହିଛନ୍ତି । ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାଶ କହିଛନ୍ତି ନିମାପଡାରେ ବିଜେଡି ସଂଗଠନ ଦୃଢ ରହିଛି, ଜନସାଧାରଣ ନବୀନ ପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ବହୁ ସଂଖ୍ୟକ କର୍ମୀ ଓ ମହିଳା ଯୋଗଦେଇଛନ୍ତି । ପ୍ରତ୍ୟେକ ପଞ୍ଚାୟତରେ ନବୀନ ପଟ୍ଟନାୟକଙ୍କ ବିକାଶ ପହଞ୍ଚିଛି । ଆଗାମୀ ଦିନରେ ମଧ ବିଜେଡି ସରକାର ଲୋକମାନଙ୍କ ପାଇଁ କାର୍ଯ୍ୟ କରିବ । ବିଧାୟକ ସମୀର ରଂଜନ ଦାଶଙ୍କ ସଂଗଠନ ଦୃଢ ରହିଛି ଆଗକୁ ମଧ ଦୃଢ ରହିବ । ବିଜେଡି ସଂଗଠନକୁ କେହିବି ଦୋହଲାଇ ପାରିବେ ନାହିଁ । ସମୀର ଦାଶଙ୍କ ସଂଗଠନ ସଂପର୍କରେ ମତ ବ୍ୟକ୍ତ କରିଥିଲେ । ପ୍ରକାଶ ଥାଉକି ଆଗାମୀ ସାଧାରଣ ନିର୍ବାଚନ ସମୀର ଦାଶ ନିମାପଡାରୁ ଲଢିବେ ବୋଲି ପଥ ପରିଷ୍କାର ହୋଇଥିବା ବେଳେ ବିଧାୟକ ନିଜ ସଂଗଠନକୁ ଦୃଢ କରିବାରେ ଲଗିଛନ୍ତି । ଆଗାମୀ ନିର୍ବାଚନରେ ରେକର୍ଡ ପରିମାଣ ଭୋଟରେ ବିଧାୟକ ଶ୍ରୀ ଦାଶ ବିଜୟୀ ହେବେ ବୋଲି ସଂପାଦକ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

## ଆଉଟସୋର୍ସିଂ ପ୍ରଥା ଉଚ୍ଛେଦ ଦାବିରେ ସ୍ମାରକପତ୍ର

ବାଲେଶ୍ୱର (ଭାସ୍କର ନ୍ୟୁଜ୍) : ନିୟମିତ ଚାକିରି ଦାବିରେ ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ବାଲେଶ୍ୱର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ବାଲେଶ୍ୱର ଉପଜିଲାପାଳଙ୍କୁ ସାକ୍ଷାତ ସହ ସ୍ମାରକପତ୍ର ପ୍ରଦାଦ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ମହାସଂଘର ବାଲେଶ୍ୱର ଶାଖା ସଭାପତି ମନୋଜ କୁମାର ରାଉତ, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ସାମାଜିକ ଗଣମାଧମ ସଂଯୋଜକ ସାନୁ କୁମାର ସାସମଲ, ସତ୍ୟଜିତ ଦତ, ନିତ୍ୟସୁନ୍ଦର ମଲ୍ଲିକ, ସୁଶାନ୍ତ କୁମାର ନାୟକ, ସସ୍ମିତା ପାଣିଗ୍ରାହୀ, ଶ୍ରୀଧର ପଟ୍ଟନାୟକ, ପୁଷ୍ପଲତା ସେଠୀ, ବିଶ୍ୱଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱଳ୍ପ ଦରମା ଓ ଅନିଶ୍ଚିତ ଭବିଷ୍ୟତ ମଧରେ ବି ଦିନ ରାତି ଏକ କରି ଶାସନର ମେରୁଦଣ୍ଡ ସାଜିଥିବା ଆଉଟସୋର୍ସିଂ କର୍ମଚାରୀମାନଙ୍କ ପ୍ରତି ସରକାରୀ ଉଦାସୀନତା କ୍ରମଶଃ ଅସହ୍ୟ ହୋଇପଡିଥିବା ସେମାନେ କହିଛନ୍ତି । ଏନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କୁ ବି ଏକ ଦାବିପତ୍ର ଦେଇଥିଛନ୍ତି । ତେବେ ଆସନ୍ତା ୭ ଦିନ ମଧରେ ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରାନଗଲେ ସେମାନେ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି ।




## କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲେ ସରପଞ୍ଚ

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ବ୍ଲକ ଅଧିକାରୀଙ୍କ କାର୍ଯ୍ୟକୁ ନେଇ ଗଡପଦନପୁର ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟରେ ବାଧା ଉପୁଜିଛି । ଜେଇ ୬ମାସ ହେବ ପଞ୍ଚାୟତକୁ ଯାଉନଥିବା ବେଳେ ବାରମ୍ବାର ଅଭିଯୋଗ କଲେ ମଧ କନିଷ୍ଠ ଯନ୍ତ୍ରୀଙ୍କ ଦେଖା ମିଳୁନାହିଁ । ଏହାକୁ ନେଇ ପଞ୍ଚାୟତର ସରପଞ୍ଚ ବିଡିଓଙ୍କୁ ଲେଖା ପ୍ରଦାନ କରିବା ସହ ଧାରଣା ଦେବେ ବୋଲି କହିବା ପରେ ଏକ ସପ୍ତାହ ମଧରେ କାର୍ଯ୍ୟାନୁଷ୍ଠାନ ନିଅଯିବ ବୋଲି ପ୍ରତିଶ୍ରୁତି ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଗଡପଦନପୁର ପଞ୍ଚାୟତରେ ବିକାଶରେ ଜେଇ ବାଧା ସୃଷ୍ଟି କରୁଥିବା ବେଳେ କନିଷ୍ଠ ଯନ୍ତ୍ରୀ ସମୀର ବେହେରା ୬ମାସ ହେବ ପଞ୍ଚାୟତକୁ ଯାଉନାହାଁନ୍ତି । ସରପଞ୍ଚ ରାକେଶ କୁମାର ବାରିକ ବାରମ୍ବାର କହିବା ପରେ ମଧ କନିଷ୍ଠ ଯନ୍ତ୍ରୀ ସରପଞ୍ଚଙ୍କ କଥାକୁ ଗୁରୁତ୍ୱ ଦେଉନାହାନ୍ତି । ମନେରଗା ଯୋଜନାରେ ହିତାଧିକାରୀମାନେ ଦୀର୍ଘଦିନ ହେବ କାର୍ଯ୍ୟ କରିଥିଲେ ମଧ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତି ଶ୍ରମିକମାନେ ସେମାନଙ୍କର ପାଉଣା ପାଉନାହାଁନ୍ତି । ଆବାସ ଯୋଜନାରେ ହିତାଧିକାରୀମାନେ ଗୃହ ନିର୍ମାଣ କରିଥିଲେ ମଧ ଅନୁଦାନ ପାଇପାରୁନାହାଁନ୍ତି । ସରପଞ୍ଚ ରାକେଶ କୁମାର ମହାନ୍ତି ଏ ସଂପର୍କରେ ବିଡିଓଙ୍କୁ ଲିଖିତ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

### ଷଢାଂଶ ପଞ୍ଚାୟତରେ ଥମୁନି ରାଜନୈତିକ ବିବାଦ

## ବୋମାମାଡ, ଲୁଟ୍, ଆକ୍ରମଣ, ଗାଡି ଜବତକୁ ନେଇ ଉତ୍ତେଜନା

ନିଆଳୀ (ଭାସ୍କର ନ୍ୟୁଜ୍) : ନିଆଳୀ ଥାନା ଅଧିନସ୍ଥ ଷଢାଶଂ ପଞ୍ଚାୟତରେ ଏକମାସରୁ ଉର୍ଦ୍ଧ୍ୱହେବ ମନରେଗା କାମକୁ ନେଇ ବିଜେଡିର ଦୁଇଗୋଷ୍ଠୀ ମଧ୍ୟରେ ଲାଗି ରହିଛି ଉତ୍ତେଜନା । ଏକମାସ ତଳେ ସରାକୂଳରେ ବୋମାମାଡ ହୋଇଥିବାବେଳେ ୩ଦିନ ତଳେ ପୁନଶ୍ଚ ହୋଇଛି ବୋମାମାଡ । ସେହିପରି ଗତକାଲି କିଶାଳ ଗ୍ରାମରେ ଗୋଚର ଜମିରୁ ମାଟିତାଡି ଗୋଟିଏ ଗୋଷ୍ଠୀ ନେଉଥିବା ବେଳେ ଅପର ପକ୍ଷରେ କିଶାଳ ଗ୍ରାମବାସୀ ମାନେ ମାଟି ବୋଝେଇ ଦୁଇଟି ଟ୍ରାକ୍ଟରକୁ ଅଟକ କରି ନିଆଳୀ ତହସିଲଦାରଙ୍କ ଜିମା ଦେଇଛନ୍ତି । ଗାଡି ଦୁଇଟି ଏବେ ନିଆଳୀ ଥାନାରେ ଥିବାବେଳେ ଆଜି ଉକ୍ତ ପଞ୍ଚାୟତର ପାଟେଲୀ ବଣପୁର ଗ୍ରାମରେ ବିଜେଡିର ଦୁଇଗୋଷ୍ଠୀ ମନରେଗା କାମର ହିସାବକୁ ନେଇ ଉକ୍ତ ଗ୍ରାମର ବନମାଳୀ ପ୍ରଧାନଙ୍କୁ ଆକ୍ରମଣ କରିବା ସହ ବନମାଳୀଙ୍କ ସ୍ତ୍ରୀ ଓ ତାଙ୍କ ମା'ଙ୍କୁ ମାଡମାରି ଦୋକାନ ଘର ଭାଙ୍ଗି ଲକ୍ଷାଧିକ ଟଙ୍କାର ଲୁଟ କରିନେଇଥିବା ନିଆଳୀ ଥାନାରେ ଅଭିଯୋଗ ହୋଇଛି । ଏପରିକି ବନମାଳୀଙ୍କ ମଟର ସାଇକେଲକୁ ଭାଙ୍ଗି ଗୁଣ୍ଡ କରିଦେଇଥିବା ଅଭିଯୋଗ ହୋଇଛି । ବନମାଳୀ ପରିବାରଙ୍କ ଅଭିଯୋଗ ଆଧାରରେ ଉକ୍ତ ଗ୍ରାମର ଶୁଭେନ୍ଦୁ ପ୍ରଧାନ (ବିଶୁ) ଓ ବୁଲୁ ପଲେଇଙ୍କୁ ପୋଲିସ୍ ଗିରଫ କରିଛି । ଅପର ପକ୍ଷରେ ପୂର୍ବ ମାମଲାରେ ବନମାଳୀଙ୍କୁ ମଧ ପୋଲିସ୍ ଗିରଫ କରିଥିବା ସଦର ଏସ.ଡି.ପି.ଓ ସୂଚନା ଦେଇଛନ୍ତି । ଏଠାରେ ସୂଚନା ଥାଉକି ଉକ୍ତ ପଞ୍ଚାୟତରେ ଏଭଳି ବାରମ୍ବାର ହିଂସାକାଣ୍ଡ ଲାଗି ରହିଥିବା ବେଳେ ନିଆଳୀ ଥାନା ପକ୍ଷରୁ ଉକ୍ତ ପଞ୍ଚାୟତରେ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆ ଯାଇନଥିଲା । ଯାହାଦ୍ୱାରା ଉକ୍ତ ପଞ୍ଚାୟତରେ ହିଂସାକାଣ୍ଡ ଉଗ୍ରରୂପ ନେଇଛି । ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ସଦର ଏସ୍.ଡି.ପି.ଓ. ରଶ୍ମୀରଞ୍ଜନ ସାହୁ କହିଛନ୍ତି ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା

## ୫୨୮ ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ଟଙ୍କା

ଗୋପ (ଭାସ୍କର ନ୍ୟୁଜ୍) : ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ କଂଗ୍ରେସ-ବିଜେପି-ବିଜେଡି ମଧ୍ୟରେ ଚାଲିଥିବା କଳି ଗୋପ ବ୍ଲକରେ ପୂର୍ଣ୍ଣଛେଦ ପଡିଛି । ହେଲେ ଚୁଡାନ୍ତ ପର୍ଯ୍ୟାୟରେ ଚୟନ କରାଯାଇଥିବା ହିତାଧିକାରୀଙ୍କୁ ନେଇ ପଞ୍ଚାୟତମାନଙ୍କରେ ଝଡ ସୃଷ୍ଟି ହୋଇଛି । ଗୋପ ବ୍ଲକର ୩୧ ଗୋଟି ପଞ୍ଚାୟତର ହିତାଧିକାରୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ୨୭୨୬ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇ ଦିଆଯାଇଥିବା ବେଳେ ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସ୍ୱତନ୍ତ୍ରରେ ୧୦୬୬ ଏବଂ ସାଧାରଣରେ ୧୬୬୦ ଗୃହ ଆସିଥିଲା । ପରେ ସର୍ବସାଧାରଣରେ ହିତାଧିକାରୀଙ୍କ ନାମ ତାଲିକା ପ୍ରକାଶ ପାଇବା ପରେ ବିଜେଡି-ବିଜେପି-କଂଗ୍ରେସ ମଧ୍ୟରେ ଦ୍ୱନ୍ଦ ଆରମ୍ଭ ହୋଇଥିଲା ପରେ ପ୍ରତି ପଂଚାୟତରେ ଗ୍ରାମସଭା ମାଧ୍ୟମରେ ହିତାଧିକାରୀ ଚୟନ କରାଯାଇଥିଲେ ମଧ୍ୟ ଏହା କେବଳ କାଗଜ କଲମରେ ସିମୀତ ଥିଲା । ଏଥିରେ ଗୋପ ବ୍ଲକରୁ ୧୪୦୨ ଜଣ ହିତାଧିକାରୀ ବାଦ୍ ପଡିଥିବା ବେଳେ ୧୩୧୪ ଜଣ ହିତାଧିକାରୀ ପାଇବାକୁ ଯୋଗ୍ୟ ବୋଲି ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ମାତ୍ର ସରକାରଙ୍କ ନିୟମାନୁଯାୟୀ ଗୋପ ବ୍ଲକ ପ୍ରଶାସନ ପକ୍ଷରୁ ପୁନଃ ଯାଂଚ କରାଯାଇ ଶେଷ ପର୍ଯ୍ୟାୟରେ ଏହି ୧୩୧୪ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୮୮୪ ଜଣ ହିତାଧିକାରୀଙ୍କୁ ଏହି ଆବାସ ଯୋଜନା ପାଇବା ପାଇଁ ଯୋଗ୍ୟ ବିବେଚିତ କରାଯାଇଛି । ସେମାନଙ୍କ ମଧ୍ୟରୁ ୫୬୮ ଜଣ ହିତାଧିକାରୀଙ୍କ ଆକାଉଣ୍ଟକୁ ପ୍ରଥମ ପର୍ଯ୍ୟାୟ ୪୦ ହଜାର ଟଙ୍କା ଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୁଚନା ମିଳିଛି । ହେଲେ ଏହି ଯୋଜନାରୁ ଶହଶହ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଥିବା ଜଣାପଡିଛି । ପୂର୍ବରୁ ୨୦୧୧ ଜନ ଗଣନା ଅନୁଯାୟୀ ଅନେକ ଗରିବ ଯୋଗ୍ୟ ହିତାଧିକାରୀ ଏବେବି ଆବାସ ଯୋଜାନା ପାଇଁ ଚାତକ ପରି ଚାହିଁ ବସିଥିବା ବେଳେ ଫନୀରେ ଘର ଦ୍ୱାର ହରାଇ ଏବେ ବି ଶହଶହ ହିତାଧିକାରୀ ଆବାସ ଯୋଜନା ପାଇଁ ଚାହିଁ ରହିଛନ୍ତି । ହେଲେ ଅନେକ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ ପ୍ରକାଶ ପାଇନଥିବା ବେଳେ ଅନେକ ହିତାଧିକାରୀ ପୂର୍ବରୁ ଜିଓ ଟ୍ୟାଗରେ ସାମିଲ ହୋଇଥିଲେ ମଧ୍ୟ ଏବେ ପ୍ରକାଶ ପାଇଥିବା ତାଲିକାରୁ ସେମାନେ ବାଦ୍ ପଡିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ତେବେ ଏଠି ପ୍ରଶ୍ନ ଉଠୁଛି ଯେଉଁମାନେ ପ୍ରକୃତ ଯୋଗ୍ୟ ହିତାଧିକାରୀ ସେମାନଙ୍କୁ କଣ ପାଇଁ ଏହି ଯୋଜନାରୁ ବାଦ୍ ଦିଆଯାଉଛି । କୌଣସି ଦଳୀୟ ଭିତିରେ ହିତାଧରକାରୀମାନଙ୍କୁ ସାମିଲ କରାଯାଉନାହିଁ ତ । ଏହା ଉପରେ ପ୍ରକୃତ ତଦନ୍ତ କରାଗଲେ ଆହୁରି ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବେ ବୋଲି ଅଭିଯୋଗ ହୋଇଛି ।

## ସିରିଜ ଚୋରି ମାମଲାରେ ଅଭିଯୁକ୍ତ କୋର୍ଟ ଚାଲାଣ



ବାଲିପାଟଣା (ଭାସ୍କର ନ୍ୟୁଜ୍) : ଗତ ବର୍ଷ ସରିଜ୍ ଚୋରି ମାମଲାର ଆଉ ଏକ ଅଭିଯୁକ୍ତକୁ ଆଜି ବାଲିପାଟଣା ଥାନା ଏଏସଆଇ କିଶୋର କୁମାର ପାଢୀ ଗିରଫ୍ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ବାଲିପାଟଣା ଥାନା ଅନ୍ତର୍ଗତ ଚଢେଇବର ଗ୍ରାମର ତପନ ସେଠୀଙ୍କ ଘରୁ ଗତ ବର୍ଷ ଏପ୍ରିଲ ମାସ ୩ ତାରିଖ ରାତିରେ କଂସାବାସନ ସହିତ ୧୪ ଗ୍ରାମର ସୁନା ମୁଦି ଏବଂ ନଗଦ ୭୦ ହଜାର ଟଙ୍କା ଚୋରି ହେବାର ଅଭିଯୋଗ ଭିତିରେ ବାଲିପାଟଣା ଥାନାରେ ୯୧/୨୨ କେଶ୍ ଏବଂ ଝିଣ୍ଟିପାଟଣାର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଘରୁ ଗତବର୍ଷ ଏପ୍ରିଲ ମାସ ୨୩ ତାରିଖ ରାତିରେ ଟ୍ରଙ୍କ ଭାଙ୍ଗି ସୁନା ହାର, ସୁନା ଚେନ୍, ୨ହଳ କାନଫୁଲ, ରୁପା ପାଉଁଜି ଏବଂ ନଗଦ ୩୦ ହଜାର ଟଙ୍କା ଚୋରି ହେବାର ଅଭିଯୋଗ ହୋଇଥିଲା । ଏ ନେଇ ବାଲିପାଟଣା ଥାନା ରେ ୧୦୯/୨୨ କେଶ୍ ରୁଜୁ କରାଯାଇ ତଦନ୍ତ କରାଯାଇଥିଲା । ଭୁବନେଶ୍ୱର ସ୍ପେସାଲ୍ ସ୍କ୍ୱାଡ୍ ପୁଲିସ୍ ଗତ ବର୍ଷ ଜୁଲାଇ ମାସ ୨୮ ତାରିଖ ରେ ଏକ ଗ୍ୟାଙ୍ଗକୁ ଚନ୍ଦକାରୁ ଠାବ କରି ଦୁଇ ଜଣ ଯଥା ବାଲିଅନ୍ତା ଥାନା ଅନ୍ତର୍ଗତ ପରିବାସୁଦେବପୁରର ସନ୍ତୋଷ ବେହେରା ଓରଫ୍ ବାପି (୩୫) ଏବଂ ଭଦ୍ରକର ଚରମ୍ପାର ସୁଦର୍ଶନ ନାୟକ ଓରଫ୍ ସୁଧାକୁ ଗିରଫ କରିବା ସହିତ ତାଙ୍କ ଠାରୁ ସୁନା ଅଳଙ୍କାର ଏବଂ ନଗଦ ଅର୍ଥ ଜବତ କରି ବାଲିପାଟଣା ଥାନାକୁ ହସ୍ତାନ୍ତର କରିଥିଲେ । ଉକ୍ତ ଦୁଇ ମାଲିକଙ୍କୁ ଗତ ବର୍ଷ ଅଗଷ୍ଟ ମାସ ୯ ତାରିଖ ଦିନ ଡାକି ଜବତ ଅଳଙ୍କାର ମଧ୍ୟରୁ ତପନ ସେଠୀଙ୍କୁ ଦୁଇଟି ସୁନା ମୁଦି ୧୨ ଗ୍ରାମର ଏବଂ ୧୦ ହଜାର ଟଙ୍କା ଏବଂ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ରୁପା ପାଉଁଜି ହଳେ, ୯.୫ ଗ୍ରାମର ଗୋଟିଏ ସୁନା ଚେନ୍ ଏବଂ ହଳେ ୪.୫ ଗ୍ରାମର ସୁନା କାନ ଫୁଲ ବାଲିପାଟଣା ପୁର୍ବତନ ଥାନା ଅଧିକାରୀ କୃପାସିନ୍ଧୁ ବରାଡଙ୍କ ନିର୍ଦ୍ଦେଶରେ ଥାନା ଏଏସ୍ଆଇ କିଶୋର କୁମାର ପାଢି ହସ୍ତାନ୍ତର କରିଥିଲେ । ଉକ୍ତ ଚୋରି ମାମଲାରେ ଫେରାର୍ ଥିବା ସମ୍ପୃକ୍ତ ଅନ୍ୟ ଏକ ଅଭିଯୁକ୍ତ ବାଲିପାଟଣା ଥାନା ଅନ୍ତର୍ଗତ ଶିଶୁମଠସାହିର ଗଣେଶ ବେହେରାଙ୍କ ପୁଅ ମଦନ ବେହେରା(୩୦)କୁ ଆଜି ଗିରଫ୍ କରାଯାଇ ୯୧ / ୨୨ରେ କୋର୍ଟ ଚାଲାଣ ଏବଂ ୧୦୯/୨୨ ରେ ରିମାଣ୍ଡ ରେ ପଠାଯାଇଥିବା ଏଏସ୍ଆଇ କିଶୋର କୁମାର ପାଢି ସୂଚନା ଦେଇଛନ୍ତି ।

## ଛେଳି ଚୋରି ଅପରାଧରେ ଜଣେ ଗିରଫ

ବୈଶିଙ୍ଗା (ଭାସ୍କର ନ୍ୟୁଜ୍) : ବୈଶିଙ୍ଗା ଥାନା ଅନ୍ତର୍ଗତ ମେର୍ଦ୍ଦାଠାରେ ଆଜି ଛେଳି ଚୋରୀ କରିବା ଅପରାଧରେ ବୈଶିଙ୍ଗା ପୁଲିସ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଆଜି ମଧାହ୍ନରେ ବୈଶିଙ୍ଗା ଥାନା ଅଧିନ କେନ୍ଦୁଆ ଗ୍ରାମର ମହେଶ୍ୱର ବେହେରାଙ୍କ ପୁତ୍ର ରାଜେଶ ବେହେରା (୩୫) ଓ ଇଶାଣପୁର ଗ୍ରାମର ଜଗବନ୍ଧୁ ଦୁହେଁ ଏକ ସ୍କୁଟର ଯୋଗେ ମେର୍ଦ୍ଦା ଅଞ୍ଚଳକୁ ଯାଇ ପଡିଆରେ ଚରୁଥିବା ଏକ ଛେଳିକୁ ଉଠାଇ ଆଣିବା ସମୟରେ ଛେଳି ମାଲିକ ଓ ଗ୍ରାମବାସୀ ଦେଖି ମାଡିବସିଥିଲେ । ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ, ପୋଲିସ ପହଞ୍ଚିବା ପରେ ଗ୍ରାମବାସୀମାନେ ଚୋର ଓ ଛେଳିକୁ ଜିମା ଦେଇଥିଲେ । ଘଟଣାସ୍ଥଳରୁ ଅନ୍ୟ ଜଣେ ଅଭିଯୁକ୍ତ ଜଗବନ୍ଧୁ ମହାରଣା ଫେରାର ହୋଇଯାଇଥିଲା । ଏ ନେଇ ଏକ ମାମଲା ରଜୁ ହୋଇଥିବା ଜଣାଯାଇଛି ।

## ଶିଶୁ ଶ୍ରମିକ ନିରୂପଣ ଓ ନିରାକରଣ ନିମନ୍ତେ ସଚେତନତା ବୈଠକ




ଯାଜପୁର (ଭାସ୍କର ନ୍ୟୁଜ୍) : ଶୁକ୍ରବାର ଅପରାହ୍ନରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧକ୍ଷତାରେ ଶିଶୁ ଶ୍ରମିକ ନିରୂପଣ ଓ ନିରାକରଣ ନିମନ୍ତେ ଜିଲ୍ଲାସ୍ତରୀୟ କାର୍ଯ୍ୟାନ୍ୱୟନ ତଥା ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡଃ ଦିବ୍ୟ ଲୋଚନ ମହାନ୍ତ, ଜିଲ୍ଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମଂଜୁଲତା ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଂଜନ କର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କୃତିବାସ ବାରିକ, ଶିଶୁ ମଙ୍ଗଳ ସମିତି ଅଧକ୍ଷା, ବରିଷ୍ଠ ଆଇନଜୀବୀ ଓ ସାମ୍ବାଦିକ ଜୟନ୍ତ ଗୋସ୍ୱାମୀ ପ୍ରମୁଖ ଯୋଗଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଥିଲେ ଯେ, ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ସମଗ୍ର ରାଜ୍ୟରେ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଥିବା ବେଳେ ଯାଜପୁର ଜିଲ୍ଲାର ଶିଶୁମାନଙ୍କୁ ଶିକ୍ଷା ସ୍ରୋତରେ ସାମିଲ କରି ସେମାନଙ୍କ ଶୈକ୍ଷିକ ଦକ୍ଷତାକୁ ବୃଦ୍ଧି କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଅହରହ ବିଭିନ୍ନ ସଚେତନାମୂଳକ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ରହିଛି । ଶିଶୁଙ୍କୁ ଶ୍ରମିକ ଭାବେ କାର୍ଯ୍ୟରେ ନିୟୋଜିତ କରୁଥିବା ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ଜରିମାନା ଓ ଦୁଇବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିଥାଏ । ଏପିରିକି ଏନେଇ ତୃତୀୟଥର ଭୁଲ ହେଲେ ୩ବର୍ଷ କାରାଦଣ୍ଡ ଦିଆଯାଇଥାଏ । ଯଦି କୌଣସି ଜାଗାରେ ଏପରି ହୋଇଥାଏ ତେବେ ହେଲ୍ପଲାଇନ ନଂ ୧୫୫୩୬୮ ଏବଂ ଚାଇଲ୍ଡ ଗାଇଡ ନଂ ୧୦୯୮କୁ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି ।

## ମୋବାଇଲ ଏବଂ ପର୍ସ ଛଡାଇ ନେବା ଘଟଣାରେ ମାମଲା ରୁଜୁ

ବୈଶିଙ୍ଗା (ଭାସ୍କର ନ୍ୟୁଜ୍) : ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଜାରକା ଛକ ନିକଟରେ ଜନୈକ ଯୁବକଙ୍କୁ ମାଡ ମାରି ଲୁଟି ନେଇଥିଲେ ମୋବାଇଲ ଏବଂ ପର୍ସ । ଏଥିନେଇ ଥାନାରେ ମାମଲା ରୁଜୁ ହେବା ସହ ଚାଲିଛି ତଦନ୍ତ । ଜନୈକ ଯୁବକ ଜଣକ ବେତନଟୀ ବ୍ଲକ ଅଧୀନ ଦହିକୋଟି ଅଞ୍ଚଳର ଚନ୍ଦ୍ରଶେଖର ମହାନ୍ତି । ସେ ବାଲେଶ୍ୱର ସ୍ଥିତ ଟାଟା ପାଓ୍ୱାର ଅଫିସରେ ସିକ୍ୟୁରିଟି ସୁପରଭାଇଜର ଭାବେ କାମ କରନ୍ତି । ସବୁଦିନ ଭଳି ରାତି ୧୦ଟାରେ ଡିଉଟି ସରିବାପରେ ସେ ବୁଧବାର ନିଜ ବ୍ୟାଟେରୀ ଚାଳିତ ସ୍କୁଟିକୁ ଧରି ଘରକୁ ଯାଉଥିବା ବେଳେ ଜାରକା ଛକ ନିକଟରେ ପରିସ୍ରା ଲାଗିବାରୁ ସେ ଟିକେ ଅଟକି ଯାଇଥିଲେ । ଠିକ ସେହି ସମୟରେ ବିପରୀତ ଦିଗରୁ ଗୋଟେ ପଲସର ବାଇକରେ ତିନି ଜଣ ଅଜଣା ଯୁବକ ଆସି ସେଠାରେ ଅଟକିଥିଲେ ଏବଂ ହଠାତ ଚନ୍ଦ୍ରଶେଖର ପାଖକୁ ଯାଇ ତାଙ୍କୁ ନିସ୍ଠୁକ ମାଡ ମାରିବା ସହ ତାଙ୍କ ସ୍କୁଟିକୁ ବି ଭାଙ୍ଗିରୁଜି ଦେଇଥିଲେ । ପରେ ତାଙ୍କଠାରୁ ତାଙ୍କ ମୋବାଇଲ ଓ ମନିପର୍ସ ନେଇ ବୈଶିଙ୍ଗା ପଟକୁ କ୍ଷିପ୍ର ଗତିରେ ପଳେଇଯାଇଥିଲେ । ଚନ୍ଦ୍ରଶେଖରଙ୍କ କହିବାନୁଯାଇ ମନିପର୍ସରେ ତାଙ୍କର ଜରୁରୀ କାର୍ଡ, ନଗଦ ପାଖାପାଖି ୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଓ ଅନ୍ୟାନ୍ୟ ଦରକାରୀ କାଗଜପତ୍ର ଥିଲା । ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକ ଓ ପୁଲିସ ପହଞ୍ଚି ଗୋଡ଼ରେ ଶକ୍ତ ଆଘାତ ପାଇ ଗୁରୁତର ଭାବେ ଚନ୍ଦ୍ରଶେଖରଙ୍କୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନା ଓ ପରେ ବାରିପଦା ଡାକ୍ତରଖାନାକୁ ନେଇଯାଇଥିଲେ । ଆଜି ଡାକ୍ତରଖାନାରୁ ଫେରିବା ପରେ ପୀଡିତ ଚନ୍ଦ୍ରଶେଖର ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ୨୪୩/୨୨ ଏକ ମାମଲା ରୁଜୁ ହେବା ସହ ତଦନ୍ତ ଚାଲିଥିବା ଜଣାଯାଇଛି ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କଲେ ଅନୁଷ୍କା ସାହା

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଓ୍ୱାର୍ଡ ନଂ ୬ର ବାସିନ୍ଦା ମାତା ରୂପମ ଶାହା ଏବଂ ପିତା ନିଶିକାନ୍ତ ଶାହା (ବାଲୁ) ଙ୍କ ଝିଅ ଅନୁଷ୍କା ଶାହା ଯାଜପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସଂଗୀତ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରି ଦକ୍ଷତାର ଦେବାସହ ଦର୍ଶକ ମାନଙ୍କୁ ଆକୃଷ୍ଟ କରିପାରିଥିଲେ । ପରବର୍ତ୍ତୀ ସମୟରେ ନିର୍ଭୟା ମହିଳା ସଂଘ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ଓଡିଶୀ ନୃତ୍ୟ ପରିବେଷଣ କରି ୩ୟ ସ୍ଥାନ ଅଧିକାର କରି ପ୍ରଶଂସା ପତ୍ର ଏବଂ ନଗଦ ଅର୍ଥ ରାଶି ପୁରସ୍କାର ପାଇଛନ୍ତି । ଖୁବ୍ ଅଳ୍ପ ଦିନ ମଧରେ ଏହିପରି ସଫଳତା ହାସଲ କରିଛନ୍ତି ବୋଲି ଏକାଡେମୀ ର ପ୍ରତିଷ୍ଠାତା ସମ୍ପାଦକ ସମୀର ଓତା ପ୍ରକାଶ କରିଛନ୍ତି । ଅନୁଷ୍କା ସ୍ଥାନୀୟ ବିକାଶ କନଭେଣ୍ଟ ସ୍କୁଲ ର ଷ୍ଟାଣ୍ଡାର୍ଡ ୬ ରେ ଅଧୟନ କରନ୍ତି । ଓଡ଼ିଶାର ପ୍ରତିଷ୍ଠିତ ଅଭିନେତା, ଲେଖକ ତଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଉମାକାନ୍ତ ଶାହା ଙ୍କ ନାତୁଣୀ ହେଉଛନ୍ତି ଅନୁଷ୍କା ଶାହା । ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରେ ଅଭିନନ୍ଦନ ମିଳିବାରେ ଲାଗିଛି । ଗୁରୁ ପ୍ରଫେସର ଡ଼ଃ ମନୋଜ କୁମାର ବେହେରା ଏବଂ ଅନୁଷ୍ଠାନ ର ଅଧକ୍ଷା ଭାଗ୍ୟଶ୍ରୀ ସୁମନା ଓତା ପତି (ନିତୁ ଦିଦି) ପାଇଁ ସମ୍ଭବପର ସେବା ସହିତ ନିତୁ ଦିଦିଙ୍କୁ ତାଙ୍କର ଆଦର୍ଶ ବୋଲି କହିଛନ୍ତି ଅନୁଷ୍କା ଶାହା ।

## ୬୨ ଜଣ ଛାତ୍ରଛାତ୍ରୀ ସମ୍ମାନିତ

ବ୍ୟାସନଗର (ଭାସ୍କର ନ୍ୟୁଜ୍): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମଧୁ ଓଡ଼ିଆ ସେନା ପକ୍ଷରୁ ଗତକାଲି ସନ୍ତରା ଛକ ସଂସ୍କୃତି ଭବନ ପରିସରରେ ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ୬୨ ଜଣ ନିଟ୍ ଯୁକି ଛାତ୍ରଛାତ୍ରୀ ମାନଙ୍କୁ ମଧୁବାବୁ ମେଧା ସେବା ସମ୍ମାନ ରେ ମାନପତ୍ର, ଟ୍ରଫି ଓ ମଧୁବାବୁଙ୍କ ପୁସ୍ତକ ଦ୍ୱାରା ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ରାଜ୍ୟ ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଉଦ୍ଘାଟକ ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଛାତ୍ରଛାତ୍ରୀମାନେ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜର ଦକ୍ଷତାର ସଦବିନିଯୋଗ କଲେ ନିଜର ଓ ସମାଜର ହିତ ସାଧନ ହୋଇପାରିବ ବୋଲି ଶ୍ରୀ ଘଡ଼େଇ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ରୂପେ ବିଶିଷ୍ଟ ଡାକ୍ତର ଗଙ୍ଗାଧର ସାହୁ ଯୋଗ ଦେଇ ପିଲାମାନଙ୍କୁ ସାତୋଟି ବର୍ଣ୍ଣ ଉପରେ ଡାକ୍ତରୀ ସେବା କିପରି ନିର୍ଭର କରେ ତାହାକୁ ପ୍ରାଞ୍ଜଳ ଭାବେ ବଖାଣି ଥିଲେ । ପବିତ୍ର ମୋହନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜରେ ଡାକ୍ତର ମାନେ ଦ୍ୱିତୀୟ ଭଗବାନ ସଦୃଶ ବୋଲି କହିଥିଲେ ଓ ଦ୍ୱିତୀୟ ଶ୍ରେଣୀର ଭଗବାନ ମାନେ ନିଜେ ବଞ୍ଚିବା ସହ ଅନ୍ୟକୁ ବଞ୍ଚାଇବା ବେଳେ ସମର୍ପିତ ହୋଇ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଡାକ୍ତର ସତ୍ୟ ପ୍ରକାଶ ଧଳ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇ ଡାକ୍ତର ମାନେ ଅନ୍ୟୁନ ୧୪ ବର୍ଷ ବନବାସ ପରି କଠିନ ପରିଶ୍ରମ ଓ ତ୍ୟାଗୀ ହୋଇ ନିଜର ବୃତ୍ତିରେ ସିଦ୍ଧି ପ୍ରାପ୍ତି କରିବାକୁ ଉପଦେଶ ଦେଇଥିଲେ । ବିଶିଷ୍ଟ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଦାସ ଯୋଗଦେଇ ଅନୁଷ୍ଠାନରଏହିପରି ପ୍ରତିଭା କାର୍ଯ୍ୟକ୍ରମ କୁ ପ୍ରଶଂସା କରିବା ସହ ଭବିଷ୍ୟତର ଡାକ୍ତର ମାନେ ନିଜର ସାଧନା ଓ ସେବା ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ପୂଜ୍ୟପୂଜା ପ୍ରତିଭା ପରିଷଦର ଯାଜପୁର ଜିଲ୍ଲା ସଭାପତି ଭୁବନ ମୋହନ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତା ସର୍ବଶ୍ରୀ ବିଜୟ କୁମାର ବୋଇତେଇ, ଆଇନଜୀବୀ ଚନ୍ଦ୍ରକାନ୍ତ ଖଣ୍ଡେଇ, ରଞ୍ଜିତ କୁମାର ପ୍ରଧାନ, ଅନିଲ କୁମାର ମହାନ୍ତି, ଅନିଲ କୁମାର ଜେନା, ବସନ୍ତ କୁମାର ଦାସ, ଗୋପୀନାଥ ପଲେଇ ସଞ୍ଚାଳନ କରିଥିବା ବେଳେ ଅନନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋଟିଏ ଘରକୁ ଏକାଧିକ ବିଲ୍, କାମରେ ନଆସି ଗୃହ ପାଲଟିଛି ଭୂତକୋଠି

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ କିଭଳି ସରକାରୀ ଅର୍ଥର ଦୁରୁପଯୋଗ କରୁଛି ତାହାର ଏକ ନଗ୍ନ ନମୂନା ଦେଖିବାକୁ ମିଳିଛି । ବ୍ଲକ ପ୍ରଶାସନ ତରଫରୁ ଗୋଟିଏ ଘରକୁ ଦେଖାଇ ଏକାଧିକବାର ସରକାରୀ ଚରାକୋଷରୁ ଲକ୍ଷ ଲକ୍ଷ ଟଙ୍କା ଉଠାଇନେବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଗୃହଟି କୌଣସି କାର୍ଯ୍ୟରେ ନଆସି ଏକରକମ ଭୂତକୋଠିରେ ପରିଣତ ହୋଇଥିବାର ସାଧାରଣରେ କୁହାଯାଉଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ଦୁର୍ନୀତିର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ତତ୍କାଳୀନ ପଞ୍ଚାୟତ ସମିତି ଅଧକ୍ଷ ସ୍ୱର୍ଗତ ବିନୋଦ ବେହେରାଙ୍କ କାର୍ଯ୍ୟକାଳ ମଧରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ବ୍ଲକ ଯୋଗାଣ ବିଭାଗର ଏକ ଗୋଦାମ ଗୃହ ନିର୍ମାଣ କରାଯାଇଥିଲା । ଏହି ଗୃହରେ ବ୍ଲକକୁ ଆସୁଥିବା



ସମସ୍ତ ସରକାରୀ ଚାଉଳ, ଗହମ ଓ ବନ୍ୟା ବାତ୍ୟା ବେଳେ ଆସୁଥିବା ରିଲିଫ ଖ୍ୟାଦ୍ୟ ସାମଗ୍ରୀ ଏହି ଗୃହରେ ରଖାଯିବା ନିମନ୍ତେ ଲକ୍ଷ ଧାର୍ଯ୍ୟ କରାଯାଇଥିଲା । ମାତ୍ର ଗୃହ ନିର୍ମାଣ ପରେ ତାହାର କୌଣସି ବିନିଯୋଗ କରାଯାଇନଥିଲା । ବରଂ ଗୃହଟି ଅଚଳ ହୋଇପଡିଥିଲା । ଗତ ମହାମାରୀ କରୋନା ବେଳେ ଏହି ଗୃହକୁ ରଙ୍ଗଦେବାରେ ଓ ମରାମତି କରାଇବାରେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିଲା । ଏହି ଗୃହକୁ ବ୍ଲକ ପ୍ରଶାସନ ପକ୍ଷରୁ କରୋନା ସନ୍ନିଧ ପ୍ରବାସୀ ମାନଙ୍କ ନିମନ୍ତେ ଆଶ୍ରୟସ୍ଥଳୀ କରାଯାଇଥିଲା । ରାଜ୍ୟ ଓ ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ କରୋନା ସମୟରେ ନିଜ ଘରକୁ ଆସି ଏଠାରେ ଆଶ୍ରୟ ନେଉଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର ଘଟଣା ହେଉଛି ଗୃହ ନିର୍ମାଣ ଯୋଜନା କେଉଁ ଯୋଜନାରେ କରାଯାଉଛି ଓ ଗୃହ ନିର୍ମାଣରେ ବିନିଯୋଗ କରାଯାଇଛି ସର୍ବୋପରି ଏହି ଗୃହର ଠିକା କାର୍ଯ୍ୟ କିଏ ନେଇଛି ତାହାର କୌଣସି ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ । ସର୍ବୋପରି କୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ସମ୍ପୃକ୍ତ ପ୍ରକଳ୍ପ ସମ୍ପର୍କରେ ସୂଚନା ଫଳକ ମାଧମରେ ଲୋକଙ୍କୁ ଅବଗତ ନିମନ୍ତେ ସୂଚନା ପ୍ରଦାନ କରାଯାଇଥାଏ । ମାତ୍ର ଏକ୍ଷେତ୍ରରେ ତାହାର ବ୍ୟକ୍ତିକ୍ରମ ଦେଖିବାକୁ ମିଳିଛି । ତେବେ ସରକାର ପ୍ରତି ବ୍ଲକରେ ନୂତନ ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଖୋଲିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟରେ ଏକ ଅସ୍ଥାୟୀ ଅଦାଲତ ଖୋଲାଯିବା ନିମନ୍ତେ ସରକାରୀ ନିର୍ଦ୍ଦେଶାନାମା ଆସିଛି । ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଏହି ଗୃହକୁ ମରାମତି ଓ ରଙ୍ଗ ଲେପନ କରାଯାଇଛି । ତେବେ ଗୃହ ମରାମତି କାର୍ଯ୍ୟ ଓ ରଙ୍ଗଲେପନ କାର୍ଯ୍ୟ ଦୀର୍ଘ ଦିନ ହେଲା ଶେଷ ହୋଇ ସାରିଲାଣି । ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଉଠାଇ ନିଆଯାଇ ସାରିଲାଣି । କିନ୍ତୁ ଗୃହ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟରେ ଆସୁନାହିଁ । ବରଂ ଗୃହଟି ଏକରକମ ଭୂତକୋଠିରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହିପରି ଭାବେ ଗୃହଟି ଏବେ ଅସାମାଜିକ ବ୍ୟକ୍ତି ଓ ବାହାର ବୁଲା ଗାଈ ଗୋରୁ ଛେଳିମେଣ୍ଢା ତଥା କୁକୁରଙ୍କ ନିର୍ଭୟ ଆଶ୍ରୟସ୍ଥଳୀରେ ପରିଣତ ହୋଇଛି । ଏହି ଗୃହରେ ଅଦାଲତ କାର୍ଯ୍ୟ କରାଯିବ ବୋଲି କୁହାଯାଉଥିଲା ବେଳେ ଏପର୍ଯ୍ୟନ୍ତ ତାର କୌଣସି ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ । ତେବେ ଏସମ୍ପର୍କରେ କୌଣସି ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ଅନ୍ଧାରଘେରରେ ରଖାଯାଇଛି । ତେବେ ଗୋଟିଏ ଗୃହକୁ ଦେଖାଇ ବାରମ୍ବାର ବ୍ଲକ ପ୍ରଶାସନ ତରଫରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନିଆଯିବା ଘଟଣାଟି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ଗୃହ ନିର୍ମାଣରେ ହୋଇଥିବା ଅନିୟମିତତା ଓ ଚଂଚକତା ର ଲୁକାୟିତ ରହସ୍ୟ ପଦାରେ ପଡି ଯାଆନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏସମ୍ପର୍କରେ ମତାମତ ନେବା ନିମନ୍ତେ ଆମପ୍ରତିନିଧି ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କ ମୋବାଇଲ ନମ୍ବର ୮୮୯୫୨୮୭୦୫୬କୁ ଏକାଧିକବାର କଲ କରିଥିଲେ ମଧ ସେ କଲ ଗ୍ରହଣ ନକରିବା ଯୋଗୁ ତାଙ୍କର ମତାମତ ନେବା ସମ୍ଭବପର ହୋଇପାରିନାହିଁ ।

## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ୫-ଟି କାମରେ ବ୍ୟାପକ ଦୁର୍ନିତୀ ଅଭିଯୋଗ

ନିଆଳୀ (ଭାସ୍କର ନ୍ୟୁଜ୍) : କଣ୍ଟାପଡା ବ୍ଲକ ପୋସ୍ତଳ ପଞ୍ଚାୟତ ରହମ୍ବା ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ୫ଟି କାମରେ ବ୍ୟାପକ ଦୁର୍ନିତୀ ହୋଇଥିବା ଅଭିଯୋଗ ହୋଇଛି । ଠିକାଦାର, ଜେ.ଇ ଓ ସ୍ଥାନୀୟ କୁଜି ନେତାଙ୍କ ସମ୍ପର୍କୀୟ ସ୍କୁଲର ଜଣେ ଶିକ୍ଷକ ମିଳିମିଶି ଏହି ଦୁର୍ନିତୀ କରିଥିବା ଅଭିଯୋଗ ହୋଇଛି । ନିମ୍ନ ମାନର ରଙ୍ଗ ସାଙ୍ଗକୁ ଓ ପୁରୁନା ଫଟା କାନ୍ଥରେ ବୋଳା ଯାଇଥିବାବେଳେ ପଡିଥିବା ସିମେଣ୍ଟ ଫେବର ଗୁଡିକ ଅତ୍ୟନ୍ତ ନିମ୍ନ ମାନର ବୋଲି ଉକ୍ତ ଅଞ୍ଚଳର ସମାଜସେବୀ ସୁକାନ୍ତ ସାହୁ ଅଭିଯୋଗ କରିଛନ୍ତି । ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଆସିବା ପରେ ଓଡିଶାର ଉଚ୍ଚତମ ନ୍ୟାୟାଳୟରେ ମାମଲା ରୁଜୁହେବ ବୋଲି କହିଛନ୍ତି । ଏଠାରେ ସୂଚନା ଥାଉକି ରାଜ୍ୟ ସରକାର ୫ଟି କାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କଣ୍ଟାପଡା ବ୍ଲକର ବହୁ ସ୍କୁଲରେ ଏପରି ଦୁର୍ନିତୀ ଅଭିଯୋଗ ଆସୁଛି । ଏହା ଉପରେ ବିଧିବଦ୍ଧ ଭାବେ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ।

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ : ଅଙ୍ଗାରକାମ୍ଳ ବିକିରଣ କମ୍ ଦିଗରେ ଭାରତୀୟ ରେଳବାଇ ଲଗାତାର ଚେଷ୍ଟା ଜାରି ରଖିଛି। ଏଥିପାଇଁ ରେଳବାଇ ତରଫରୁ ଅନେକ ପଦକ୍ଷେପ ମଧ୍ୟ ନିଆଯାଉଛି। ଏହି ପଦକ୍ଷେପ ମଧ୍ୟରେ, ୨୦୩୦ ସୁଦ୍ଧା ଶୂନ୍ୟ ଅଙ୍ଗାରକାମ୍ଳ ବିକିରଣ ହାସଲ ଲକ୍ଷ୍ୟ ରଖିଛି ଭାରତୀୟ ରେଳବାଇ। ଆଉ ଏହି କ୍ରମରେ ଶୁକ୍ରବାର ଭାରତୀୟ ରେଳବାଇ (ଆଇଆର) ଏବଂ ୟୁନାଇଟେଡ ଷ୍ଟେଟ୍ସ ଏଜେନ୍ସି ଫର୍ ଇଣ୍ଟରନାସନାଲ ଡେଭେଲପମେଣ୍ଟ/ଇଣ୍ଡିଆ ମିଳିତ ଭାବରେ ଏକ ଏମଓୟୁ ସ୍ୱାକ୍ଷରିତ କରିଛନ୍ତି। ଶୁକ୍ରବାର ଏହି ଚୁକ୍ତି ନେଇ ରେଳ ମନ୍ତ୍ରାଳୟ ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ରେଳୱେ ବୋର୍ଡ ଅଧ୍ୟକ୍ଷ ଅନିଲ କୁମାର ଲାହୋଟିଙ୍କ ଉପସ୍ଥିତିରେ ରେଳୱେ ବୋର୍ଡ ସଦସ୍ୟ ନବୀନ ଗୁଲାଟି ଏବଂ USAID ଉପପ୍ରଶାସକ ଇସାବେଲ କୋଲମ୍ୟାନଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ ଉଭୟ ମିଳିତ ଭାବରେ ନବୀକରଣ ଯୋଗ୍ୟ ଏବଂ ଉର୍ଜା ଦକ୍ଷତା ଉପରେ କାମ କରିବେ।



## ମୋଦୀଙ୍କ ଅଟୋଗ୍ରାଫ୍ ନେବା ପାଇଁ ଆମେରିକା ସାଂସଦଙ୍କ ମଧ୍ୟରେ ପ୍ରତିଯୋଗିତା



ନୂଆଦିଲ୍ଲୀ, : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମେରିକାରେ ଭବ୍ୟ ସ୍ୱାଗତ କରାଯାଉଛି। ହାଇଟ୍ ହାଉସ ଯିବା ପରେ ଗୁରୁବାର ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ଏଥରେ ସଂସଦର ସଦସ୍ୟ ଏବଂ ଭାରତୀୟ ଆମେରିକୀୟ ସମୁଦାୟ ମଧ ଭାଗ ନେଇଛନ୍ତି। ସମସ୍ତେ ପିଏମଙ୍କ ଭାଷଣ ସମୟରେ ଖୁବ୍ ତାଳି ବଜାଉଥିବାର ଦେଖାଦେଇଛି। ଆମେରିକା ସାଂସଦମାନେ ପିଏମ ମୋଦୀଙ୍କ ସହ ସେଲ୍ଫୀ ନେଇଛନ୍ତି ଏବଂ ଅଟୋଗ୍ରାଫ୍ ପାଇଁ ଲାଇନ୍‌ରେ ଛିଡ଼ା ହୋଇଥିବା ଦେଖାଦେଇଛି। ପ୍ରାୟ ୧ ଘଣ୍ଟା ଧରି ସମ୍ବୋଧନ ସମୟରେ ପିଏମ ମୋଦୀଙ୍କ ଭାଷଣର ଖୁବ୍ ସ୍ୱାଗତ କରାଯାଇଛି। ସଦନରେ ପିଏମ ମୋଦୀଙ୍କୁ ୧୨ ଥର ସଂସଦଙ୍କ ତରଫରୁ ଷ୍ଟାଣ୍ଡିଂ ଓଭେସନ ମିଳିଥିଲା। ଯେତେବେଳେକି ୨ ଥର ଏଭଳି ଦେଖିବାକୁ ମିଳିଥିଲା, ଯେତେବେଳେ ଗ୍ୟାଲେରୀରେ ଭାରତୀୟ ଆମେରିକୀୟ ସମୁଦାୟ ଅଲଗା ଭାବରେ ଛିଡ଼ା ହୋଇ ଅଭିନନ୍ଦନ ଜଣାଇଥିଲେ। ଆଉ ପିଏମ ମୋଦୀଙ୍କ ଲୋକପ୍ରିୟତା ଏକଥାରୁ ଲଗାଯାଇପାରେ ଯେ, ତାଙ୍କର ଭାଷଣ ଶେଷ ହେବା ପରେ ସାଂସଦମାନେ ପିଏମ ମୋଦୀଙ୍କ ଅଟୋଗ୍ରାଫ୍ ନେବାକୁ ଭିଡ଼ ଜମାଇଥିଲେ। ଅନେକ ସାଂସଦ ସେଲ୍ଫୀ ମଧ ଉଠାଇଥିଲେ। ଆଉ ସେମାନେ ପିଏମ ମୋଦୀଙ୍କ ସହ କଥା ହୋଇଥିଲେ ଏବଂ ''ଭାରତ ମାତା କି ଜୟ' ଏବଂ ''ବନ୍ଦେ ମାତରମ୍?'' ନାରା ଲଗାଇଥିଲେ।

## ବିଶ୍ୱସ୍ତରୀୟ ହେବ ସିକଲ୍ ସେଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏକ୍ସଲେନ୍ସ: ବାଘେଲ

ରାୟପୁର: ରାୟପୁରର ଦେବେନ୍ଦ୍ର ନଗରଠାରେ ସିକଲ୍ ସେଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଏକ୍ସଲେନ୍ସ ପାଇଁ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଭୂମିପୂଜନ କରିଥିଲେ। ୨.୯୬ ଏକର ପରିମିତ ବିଶିଷ୍ଟ ଏହି ଅସୁସ୍ଥ କୋଷ ରୋଗ ଛତିଶଗଡର ପ୍ରାୟ ୧୦% ଲୋକଙ୍କୁ ପ୍ରଭାବିତ କରିଥାଏ, ଯାହା ଏକ ପ୍ରମୁଖ ଆହ୍ୱାନ ଅଟେ। ଏହି ସମସ୍ୟାର ସମାଧାନ ପାଇଁ ସରକାର ରାଜ୍ୟର ସିକ୍ ସେଲ୍ ଇନଷ୍ଟିଚ୍ୟୁଟ୍ କରିଥାଏ। ସିକ୍ ସେଲ୍ ଇନଷ୍ଟିଚ୍ୟୁଟ୍ ବର୍ତ୍ତମାନ ରୋଗଗ୍ରସ୍ତ ରୋଗୀମାନଙ୍କ ପାଇଁ ମାଗଣା ପରୀକ୍ଷା, ପରାମର୍ଶ, ଚିକିତ୍ସା ଏବଂ ଔଷଧ ପ୍ରଦାନ କରେ । ଅକ୍ଟୋବର ୨୦୨୨ ରୁ ରାଜ୍ୟର ସମସ୍ତ ଜିଲ୍ଲା



ଅନୁଷ୍ଠାନଟି ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରିବ। ଏହି କେନ୍ଦ୍ରଟି କେବଳ ରାଜ୍ୟ ବାସିନ୍ଦା ନୁହଁନ୍ତି ପଡୋଶୀ ରାଜ୍ୟ ମଧ୍ୟ ଉପକୃତ ହେବାକୁ ଲକ୍ଷ୍ୟ ରଖିଛି। ଏକ କାର୍ଯ୍ୟକ୍ରମ ସମୟରେ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଗତ ସାଢ଼େ ଚାରି ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ହାଟ ବଜାର ତଥା ଅନ୍ୟାନ୍ୟ ଉପାୟ ମାଧ୍ୟମରେ ସ୍ୱାସ୍ଥ୍ୟସେବା ସୁବିଧା ବିସ୍ତାର ପାଇଁ ନିଆଯାଇଥିବା ପଦକ୍ଷେପ ରାଜ୍ୟବାସୀଙ୍କୁ ବହୁତ ଉପକୃତ କରିଛି। ସୂଚନାଯୋଗ୍ୟ, ମ୍ୟାଲେରିଆ ମାମଲା ୬୫% ହ୍ରାସ କରିବାରେ ମ୍ୟାଲେରିଆମୁକ୍ତ ବସ୍ତର ଅଭିଯାନ୍ ଏବଂ ମ୍ୟାଲେରିଆମୁକ୍ତ ଛତିଶଗଡ ଅଭିଯାନ୍ ସହଯୋଗ କରିଛି। 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ଭାବରେ ନବୀକରଣ, ସୁବିଧା ବୃଦ୍ଧି ଏବଂ ଅନୁସନ୍ଧାନକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଚିକିତ୍ସା ସହିତ, କକ୍ଷ କୋଷ ପ୍ରତିରୋଧ ବିଷୟରେ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉପଯୁକ୍ତ ଚିକିତ୍ସାର ଠିକ୍ ସମୟରେ ଆରମ୍ଭ ଏବଂ ଔଷଧର ଠିକ୍ ସମୟରେ ଉପଲବ୍ଧତା ଶାରୀରିକ ଜଟିଳତାକୁ କମ୍ କରିପାରେ ଏବଂ ରୋଗୀଙ୍କୁ ଦୀର୍ଘ ଜୀବନ ବଞ୍ଚାଇବାକୁ ସକ୍ଷମ କରିଥାଏ। ଏହି ରୋଗର ଶୀଘ୍ର ଚିହ୍ନଟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏବଂ ରୋଗୀ ସେଲ୍ ଗୁଣ ଥିବା ବ୍ୟକ୍ତିଙ୍କୁ ଆବଶ୍ୟକ ପରାମର୍ଶ ଦେବା ଏହି ରୋଗର ବିସ୍ତାରକୁ ରୋକିବାରେ ସାହାଯ୍ୟ ଡାକ୍ତରଖାନା ଏବଂ ସରକାରୀ ମେଡିକାଲ କଲେଜଗୁଡ଼ିକରେ କ୍ଲେଲ୍ ସେଲ୍ ପରୀକ୍ଷା ଏବଂ ପରାମର୍ଶ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଅପଗ୍ରେଡ୍ ସହିତ, ସିକ୍ ସେଲ୍ ଇନଷ୍ଟିଚ୍ୟୁଟ୍ ଏହାର ସୁବିଧା ବୃଦ୍ଧି ପାଇଁ ଅଧିକ ନିର୍ମାଣ କାର୍ଯ୍ୟ ଜାରି ରଖିଛି । ରୋଗୀ ସେଲ୍ ରୋଗରେ ଆକ୍ରାନ୍ତ ପିଲାମାନଙ୍କ ପାଇଁ ମନୋରଞ୍ଜନ ବିକଳ୍ପ ଯୋଗାଇବା ପାଇଁ ୨୫୦ ବ୍ୟକ୍ତିବିଶେଷ ଏବଂ ଏକ ମନୋରଞ୍ଜନ ବ୍ଲକ ନିର୍ମାଣ କରିବାକୁ ସକ୍ଷମ ଏକ ଅଡ଼ିଟୋରିୟମ୍ ନିର୍ମାଣ କରାଯାଉଛି। ଦୂର ଅଞ୍ଚଳର ରୋଗୀମାନଙ୍କ ସହ ଆସୁଥିବା ସମ୍ପର୍କୀୟଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ କ୍ୟାଣ୍ଟିନ ମଧ ନିର୍ମାଣ ଚାଲିଛି।

## ଆସାମରେ ବନ୍ୟା ସ୍ଥିତି ଭୟଙ୍କର, ୫ ଲକ୍ଷ ଲୋକ ପ୍ରଭାବିତ

ଗୌହାଟି: ଅବିଶ୍ରାନ୍ତ ବର୍ଷା ଯୋଗୁ ଆସାମରେ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟା ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଏଥିରେ ବର୍ତ୍ତମାନ ସୁଦ୍ଧା ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବ୍ରହ୍ମପୁତ୍ର ସମେତ ରାଜ୍ୟର ଏକାଧିକ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବନ୍ୟା ସ୍ଥିତି ଭୟଙ୍କର ରୂପ ଧାରଣ କରିଥିବା ବେଳେ ଲୋକଙ୍କୁ ଆଶ୍ୱସ୍ତ ମିଳିବାର କୌଣସି ସମ୍ଭାବନା ନାହିଁ। କାରଣ ଭାରତୀୟ ପାଣିପାଗ ବିଭାଗ ରାଜ୍ୟରେ ଆଗାମୀ କିଛି ଦିନ ବର୍ଷାର ପ୍ରକୋପ ଜାରି ରହିବ ବୋଲି ସୂଚନା ଦେଇଛି। ଏଥିଯୋଗୁ ନଦୀଗୁଡ଼ିକର ଜଳସ୍ତର ଆହୁରି ବଢ଼ିବ। ସରକାରୀ ତଥ୍ୟ ଅନୁସାରେ, ବନ୍ୟା ଯୋଗୁ ଉଡାଲଗୁରି ଜିଲ୍ଲାର ତାମୁଲପୁରରେ ଜଣଙ୍କର ମୃତ୍ୟୁ ହୋଇଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ବନ୍ୟା ଯୋଗୁ ମୋଟ ୪.୯୫ ଲକ୍ଷ ପ୍ରଭାବିତ ହୋଇଥିଲେ। ଏବେ ଆଉ କିଛି ସ୍ଥାନରେ ବନ୍ୟା ଜଳ ମଧ ପ୍ରବେଶ କରିବା ଆରମ୍ଭ କଲାଣି। ବ୍ରହ୍ମପୁତ୍ର ନଦୀର ଜଳସ୍ତର ନେମାଟିଘାଟ (ଜୋରହାଟ) ଓ ଧୁବ୍ରୀ ନିକଟରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ପୁଥିମାରୀ, ପାଗଲାଗିୟା ଓ ମାନାସ ଭଳି ନଦୀର ଜଳସ୍ତର ମଧ ନାଲି ଗାର ଉପରେ ରହିଛି। ଲୋକଙ୍କ ଘରେ ପାଣି ପଶିଯିବାରୁ ସେମାନେ ସୁରକ୍ଷିତ ସ୍ଥାନକୁ ଯିବାକୁ ବାଧ ହୋଇଛନ୍ତି। ଲୋକଙ୍କ ମାଟି ଘର ମଧ ବନ୍ୟା ପାଣିରେ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ୧୬ଟି ଜିଲ୍ଲା ଓ ୪ଟି ଅନ୍ୟ ସବ ଡିଭିଜନ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି। ବନ୍ୟା ଦ୍ୱାରା ବଜାଲି ସବ୍? ଡିଭିଜନ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ୨.୬୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ରାଜ୍ୟର ୭ଟି ଜିଲ୍ଲାର ୮୩ଟି ରିଲିଫ କ୍ୟାମ୍ପରେ ୧୪ ହଜାର ଲୋକ ଆଶ୍ରୟ ନେଇଛନ୍ତି। ସେହିପରି ଆଉ ୭୯ ରିଲିଫ ବଣ୍ଟନ କେନ୍ଦ୍ରକୁ ମଧ ଚାଲୁ କରାଯାଇଛି।ବନ୍ୟା ଓ ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହେବାରେ ଲାଗିଛି।

## ୨୮ ଯାଏଁ ଗିରଫ ହୋଇ ପାରିବେନି ୱାଙ୍ଖଡେ



ନୂଆଦିଲ୍ଲୀ: ସିବିଆଇ ରୁଜୁ କରିଥିବା ଲାଞ୍ଚ ଓ ଦୁର୍ନୀତି ମାମଲାରେ ଏନସିବିର ପୂର୍ବତନ ମୁମ୍ବାଇ ମୁଖ୍ୟ ସମୀର ୱାଙ୍ଖେଡେଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ତାଙ୍କୁ ଆସନ୍ତା ୨୮ ତାରିଖ ଯାଏ ସିବିଆଇ ଗିରଫ କରିପାରିବ ନାହିଁ କିମ୍ବା ତାଙ୍କ ବିରୋଧରେ କୌଣସି ପ୍ରକାରର ଗଠନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ। କାରଣ ତାଙ୍କୁ ମିଳିଥିବା ଅନ୍ତରୀଣ ସୁରକ୍ଷା ଅବଧିକୁ ବମ୍ବେ ହାଇକୋର୍ଟ ଜୁନ ୨୮ ଯାଏ ବୃଦ୍ଧି କରିଛନ୍ତି। କ୍ରୁଜ୍‌ରେ ଡ୍ରଗ୍ସ ପର୍ଦ୍ଦାଫାସ ଘଟଣାର ତଦନ୍ତ କରିବା ବେଳେ ସୀମର ଲାଞ୍ଚ କାରବାର କରିଥିବା ଅଭିଯୋଗ ହୋଇଛି। ଏନେଇ ସିବିଆଇ ମାମଲା କରିଛି। ବର୍ତ୍ତମାନ ଆଇଆରଏସ ଅଫିସର ଭାବେ କାମ କରୁଥିବା ସମୀରଙ୍କ ବିରୋଧରେ ସିବିଆଇ ମାମଲା କରିଥିବାରୁ ଏହାକୁ ରଦ୍ଦ କରିବା ପାଇଁ ସେ ହାଇକୋର୍ଟରେ ଆବେଦନ କରିଛନ୍ତି। ଏହାର ଶୁଣାଣି ଜଷ୍ଟିସ ଏଏସ୍ ଗଡକରୀ ଓ ଜଷ୍ଟିସ ଏସ୍‌ଜି ଦିଗେଙ୍କ ଖଣ୍ଡପୀଠ କରିଥିଲେ।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍): ଶୂନ୍ୟ କ୍ଷତି ଏବଂ ବୈଧାନିକ ଆବଶ୍ୟକତା ପୂରଣ କରିବା ଲକ୍ଷ୍ୟ ନେଇ ଜାତୀୟ ସୁରକ୍ଷା ପରିଷଦ, ଓଡିଶା ଶାଖା ପକ୍ଷରୁ ଏକ ତିନିଦିନିଆ ପ୍ରାଥମିକ ଚିକିତ୍ସା ସହାୟତା ତାଲିମ, ସେଲ୍ ରାଉରକେଲା ଇସ୍ପାତ କାରଖାନାର ବୃତ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ସମ୍ମିଳନୀ କକ୍ଷରେ ୨୦୨୩ ଜୁନ୍ ୨୨ ତାରିଖରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ସହଯୋଗରେ ଆରମ୍ଭ ହୋଇଛି । ଏଥିରେ କାରଖାନାର ବିଭିନ୍ନ ବିଭାଗରୁ ୩୪ ଜଣ କର୍ମଚାରୀ ଭାଗ ନେଉଛନ୍ତି। ଆର.ଏସ.ପିରେ ହେବାକୁଥିବା ଅନୁରୂପ ଆଉ ପାଞ୍ଚଟି ବ୍ୟାଚରେ ସମୁଦାୟ ପ୍ରାୟ ୨୦୦ ଜଣ କର୍ମଚାରୀଙ୍କୁ ସାମିଲ କରାଯିବାର ଯୋଜନା ରହିଛି। ଉକ୍ତ ଉଦ୍ଘାଟନୀ ଅଧିବେଶନରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସି.ଜି.ଏମ ଡାକ୍ତର ଏଲ.କେ. ବିଶ୍ୱାଳ, ସୁରକ୍ଷା ବିଭାଗର ଜି.ଏମ. ଇନଚାର୍ଜ ସୁଶ୍ରୀ ଆଶା କାର୍ଥା ଏବଂ ଓ.ଏଚ.ଏସ.ସି ର ସହକାରୀ ସି.ଏମ.ଓ ଡାକ୍ତର ଏସ. କୁମାର ଉପସ୍ଥିତ ଥିଲେ।

## ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ ଷ୍ଟିଲ ଇଣ୍ଡଷ୍ଟ୍ରିଜ୍ ପାଇଁ କଞ୍ଚାମାଲ ପ୍ରସ୍ତୁତିରେ ଡିକାର୍ବନାଇଜେସନ୍ ଏବଂ ସଷ୍ଟେନାବିଲିଟ୍ ଚ୍ୟାଲେଞ୍ଜ ଉପରେ ହୀରକ ଜୟନ୍ତୀ କର୍ମଶାଳା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଷ୍ଟିଲ ଇଣ୍ଡଷ୍ଟ୍ରିଜ୍ ପାଇଁ କଞ୍ଚାମାଲ ପ୍ରସ୍ତୁତିରେ ଡିକାର୍ବନାଇଜେସନ୍ ଏବଂ ସଷ୍ଟେନାବିଲିଟ୍ ଚ୍ୟାଲେ ଉପରେ ହୀରକ ଜୟନ୍ତୀ କର୍ମଶାଳା ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା। ଏହି କର୍ମଶାଳା ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ଭାବେ ଅଥା ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍ ସଭାପତି ଏନ୍. ଡି. ରାଓ, ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ନିର୍ଦ୍ଦେଶକ ଡ଼ ରାମାନୁଜ ନାରାୟଣ, ଫୋର୍‌ଏମ୍‌ଏସଆଇ ପ୍ରେସିଡେଣ୍ଟ ଡ. ଏସ୍. କେ ବିଶ୍ୱାଳ, କୋଲ ଇଣ୍ଡିଆ ଲିମିଟେଡ୍ ନିର୍ଦ୍ଦେଶକ ଦେବାଶିଷ ନନ୍ଦ, ଆର୍ସେଲରମିତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ବ୍ରାଉନ୍ ଫିଲ୍ଡ ପ୍ରୋଜେକ୍ଟ ହେଡ୍ ଅରୁଣ କୁମାର ରଥ ଏବଂ ବହୁ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। କର୍ମଶାଳାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନକରି ଡ଼ ରାମାନୁଜ ନାରାୟଣ କହିଛନ୍ତି, ଏହି କର୍ମଶାଳାରେ ଅଂଶଗ୍ରହଣ କରି ମୁଁ ବହୁତ ଖୁସି। ଏହି ବର୍ଷ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ହୀରକ ଜୟ'1 ବର୍ଷ ଆଇଏମ୍‌ଏମ୍‌ଟିର ପ୍ରତ୍ୟକ ସଦସ୍ୟ ଗବେଷଣା ଏବଂ ଉଦ୍ଭାବନ ଦିଗରେ ବହୁ ଅବଦାନ ରହିଛି। ଆୟୋଜିତ ଏହି କର୍ମଶାଳାରେ ଷ୍ଟିଲ ଇଣ୍ଡଷ୍ଟ୍ରିଜ୍ ପାଇଁ କଂଚାମାଲ ପ୍ରସ୍ତୁତିରେ ଡିକାର୍ବନାଇଜେସନ୍ ଏବଂ ସଷ୍ଟେନାବିଲିଟ୍ ଚ୍ୟାଲେ ଉପରେ ଶିକ୍ଷ ବିଶେଷଜ୍ଞମାନେ ଆଲୋଚନା କରିବେ। ଏହି କର୍ମଶାଳାରେ ଏମ୍ ପିଟି ଏବଂ ବିଡି ମୁଖ୍ୟ ଡ. ଅଶୋକ ସାହୁ ସ୍ୱତନ୍ତ୍ର ବକ୍ତୃତା ଦେଇଥିଲେ। ସିଏସଆଇଆର୍-ଆଇଏମ୍‌ଏମ୍‌ଟିର ଖଣିଜ ପ୍ରକ୍ରିୟାକରଣ ଓ ବ୍ୟବସାୟ ବିକାଶର ମୁଖ୍ୟ ବୈଜ୍ଞାନିକ ଡ. ଅଶୋକ ସାହୁଙ୍କ ଅମୂଲ୍ୟ ଅବଦାନ ପାଇଁ ତାଙ୍କୁ ଅବସରକାଳୀନ ମୁହୂର୍ତ୍ତରେ ସମ୍ମାନିତ କରାଯାଇଥିଲା। ସେ ଭାବବିହ୍ୱଳ ହୋଇ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଆଥା ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍ ସଭାପତି ଏନ୍. ଡି. ରାଓ କହିଛନ୍ତି, ଟିଏସପିଏଲ୍‌ରେ ୧୦ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ଅତ୍ୟାଧୁନିକ ଲୁହାପଥର କାରଖାନାକୁ ଆମେ ସଫଳତାର ସହ ପ୍ରତିଷ୍ଠା କରିଛୁ ବୋଲି କହି ମୁଁ ଅନନ୍ଦିତ ଏବଂ ଉତ୍ସାହିତ। ଗତ ୩ ଦଶନ୍ଧି ଧରି ମୁଁ ଏହି ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ସହ ଜଡିତ ଅଛି। ଏହିଭଳି କର୍ମଶାଳା ଉଦ୍ଭାବନ ଏବଂ ଗବେଷଣା କାର୍ଯ୍ୟ କ୍ଷେତ୍ରରେ ଅଧିକ ଆଲୋଚନା କରିବାର ଏକ ଉତମ ସୁଯୋଗ ଯୋଗାଇଥାଏ।ଆର୍ସେଲରମିତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ବ୍ରାଉନ୍ ଫିଲ୍ଡ ପ୍ରୋଜେକ୍ଟ ହେଡ୍ ଅରୁଣ କୁମାର ରଥ ଏହି କର୍ମଶାଳାର ଆୟୋଜନ ପାଇଁ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିକୁ ପ୍ରଶଂସା କରିଥିଲେ।

## 'ବିଶ୍ୱ ମୂଲ୍ୟ ଶୃଙ୍ଖଳ ସହ ସମନ୍ୱୟ ରକ୍ଷା କରି ମୂଲ୍ୟ ଯୋଗକୁ ପ୍ରାଥମିକତା ଦେବା ଆବଶ୍ୟକ'




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଫିକିର ସଭାପତି ତଥା ଇମ୍ପାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶୁଭ୍ରକାନ୍ତ ପଣ୍ଡା ଜେନେଭାଠାରେ ଇଣ୍ଟରନ୍ୟାସନାଲ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଆୟୋଜିତ ତ୍ରୟୋଦଶ ୱାର୍ଲ୍ଡ ଚାମ୍ବର ଅଫ୍ କଂଗ୍ରେସରେ ଅଂଶଗ୍ରହଣ କରି ନିଜର ବକ୍ତବ୍ୟ ରଖିଥିଲେ। "ଅଭିବୃଦ୍ଧିର ଲକ୍ଷ୍ୟ: କଞ୍ଚାମାଲ ଏବଂ ଆନ୍ତର୍ଜାତୀୟ ବାଣିଜ୍ୟ" ଉପରେ ପର୍ଯ୍ୟବେସିତ ଏକ ଅଧିବେସନରେ ଶ୍ରୀ ପଣ୍ଡା ଆର୍ଥିକ ଅଭିବୃଦ୍ଧି ଓ ସମୃଦ୍ଧି ନିମନ୍ତେ ଆନ୍ତର୍ଜାତୀୟ ବାଣିଜ୍ୟର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, "ପ୍ରାକୃତିକ ସମ୍ପଦ ଥିବା ଦେଶଗୁଡ଼ିକ ବିଶ୍ୱ ମୂଲ୍ୟ ଶୃଙ୍ଖଳ ସହିତ ସମନ୍ୱୟ ରକ୍ଷା କରିବା ନିତ୍ୟାନ୍ତ ଆବଶ୍ୟକ। କିନ୍ତୁ ଏହାସହିତ ମୂଲ୍ୟ ଯୋଗ ଦିଗରେ ପଦକ୍ଷେପ ନେବା ଜରୁରୀ, କାରଣ ବିଭିନ୍ନ ଅଧ୍ୟୟନ ଅନୁସାରେ ମୂଲ୍ୟଯୁକ୍ତ ଉତ୍ପାଦ ସହିତ ବିବିଧ ରପ୍ତାନୀରୁ ଅଧିକ ଲାଭ ମିଳିଥାଏ। ଜନସାଧାରଣକୁ ସଂଯୋଗ ଓ ସଶକ୍ତ କରୁଥିବା ଡିଜିଟାଲ ଭିତ୍ତିଭୂମିକୁ ଜନକଲ୍ୟାଣ ନିମନ୍ତେ ବ୍ୟବହାର ପାଇଁ ଭାରତର ଆଭିମୁଖ୍ୟ ସମ୍ପର୍କରେ ଶ୍ରୀ ପଣ୍ଡା ଗୁରୁତ୍ୱ ଦେଇଥିଲେ। ଏହାସହିତ ସେ କହିଥିଲେ ଯେ, "ଏହା କେବଳ ଏକ ଅଭିନବ ଚିନ୍ତାଧାରା ନୁହେଁ, ବରଂ ଭାରତରେ ଏହାକୁ ଯେଉଁ ପରିମାଣରେ କାର୍ଯ୍ୟକାରୀ କରାଯାଉଛି ତାହା ସାରା ବିଶ୍ୱର ଧ୍ୟାନ ଆକର୍ଷଣ କରୁଛି।"

## ମ୍ୟାଟର ଏରା ପାଇଁ ଭାରତରୁ ୪୦,୦୦୦ ପ୍ରି-ବୁକିଂ ହାସଲ




ମୁମ୍ବାଇ ଭାରତର ପ୍ରଥମ ଇଲେକ୍ଟ୍ରିକ୍ ଗିୟର ଥିବା ମୋଟରସାଇକଲ୍, ମ୍ୟାଟର ଏରାର ଶୁଭାରମ୍ଭ ହେବାର ଏକ ମାସରୁ କମ୍ ସମୟ ଭିତରେ ୪୦,୦୦୦ରୁ ଅଧିକ ବୁକିଂ ହାସଲ କରି ସାରା ଭାରତର ବାଇକ୍‌ପ୍ରେମୀଙ୍କ ହୃଦୟ ଜିତିଛି। କଂପାନିର ୱେବସାଇଟ୍ (matter.in) ଓ ସହଯୋଗୀ ଇକୋସିଷ୍ଟମ ଯଥା ଫ୍ଲିପକାର୍ଟ ଓ ଓଟୋ କ୍ୟାପିଟାଲ୍ ଜରିଆରେ ଏହି ପ୍ରି-ବୁକିଂ ଉପଲବ୍ଧ ହୋଇଛି। ଏହା କେବଳ ଏକ ସାଧାରଣ ମୋଟରସାଇକଲ୍ ନୁହେଁ, ଏହା ହେଉଛି ଭବିଷ୍ୟତ ଗାଡ଼ିଚାଳନାରେ ହୋଇଥିବା ପରିବର୍ତ୍ତନର ପ୍ରତୀକ ଯାହା ରୋମାଂଚ ଓ ନିର୍ଗମନ ମୁକ୍ତ ଅନୁଭବ ପ୍ରଦାନ କରୁଛି। ଏହା ସମ୍ପର୍କରେ ମ୍ୟାଟରର ପ୍ରତିଷ୍ଠାତା ଓ ଗ୍ରୁପ୍ ସିଇଓ, ମୋହଲ ଲାଲଭାଇ କହିଛନ୍ତି ଯେ, 'ଆମେ ଗାଡ଼ି ଚାଳନାର ଭବିଷ୍ୟତକୁ ବଦଳାଇବାକୁ ପ୍ରସ୍ତୁତ ଥିବା ବେଳେ ଗ୍ରାହକମାନେ ପରିବର୍ତ୍ତନକୁ ଆପଣେଇବା ଲାଗି ଯେଉଁଭଳି ଆଗ୍ରହ ଦେଖାଇଛନ୍ତି ତାହାକୁ ଦେଖି ଖୁସି ଲାଗୁଛି। ପ୍ରାକ୍ ବୁକିଂ ପ୍ରତି ପ୍ରବଳ ଉତ୍ସାହ ହେଉଛି ଭବିଷ୍ୟତର ଏହି ପ୍ରଯୁକ୍ତି ଆଡ଼କୁ ଗ୍ରାହକମାନଙ୍କ ଢ଼ଳିବାର ପ୍ରତିଫଳନ। ଫ୍ଲିପକାର୍ଟ ଓ ଓଟୋ କ୍ୟାପିଟାଲ୍ ସହ ଆମର ସହଯୋଗିତା ଉନ୍ନତ ପ୍ରଯୁକ୍ତି ଓ ଦୀର୍ଘସ୍ଥାୟୀ ଗମନାଗମନକୁ ଆପଣେଇବାକୁ ଚାହୁଁଥିବା ଗ୍ରାହକମାନଙ୍କ ପାଖରେ ଆମକୁ ପହଂଚାଇପାରିବ। ଏହା ହେଉଛି ମ୍ୟାଟର ରୂପା'ରୀକରଣ ଯାତ୍ରାର ଶୁଭାରମ୍ଭ ଏବଂ ଭବିଷ୍ୟତର ଗାଡ଼ିଚାଳନାକୁ ବଦଳାଇବାରେ ଆମ ସହିତ ଯୋଡ଼ିହୋଇଥିବା ମୋଟରବାଇକପ୍ରେମୀଙ୍କ ନିକଟରେ ଆମେ କୃତଜ୍ଞ। ଭବିଷ୍ୟତର ଗମନାଗମନକୁ ବଦଳାଇବା ଦିଗରେ ମ୍ୟାଟର କାମ କରୁଥିବା ବେଳେ ଗ୍ରାହକଙ୍କୁ ଅଧିକ ଦୀର୍ଘସ୍ଥାୟୀ କରିବା କାର୍ଯ୍ୟକଳାପରେ ମଧ୍ୟ କଂପାନି ନିୟୋଜିତ ରହିଛି। ଆର୍ଥଡେ ଡଟ୍ ଓଆର୍‌ଜି ସହ ସହଯୋଗିତାରେ ସହର ସାରା ଆଗାମୀ 'କ୍ୟାନୋପି ପ୍ରକଳ୍ପ' ଜରିଆରେ ବୃକ୍ଷରୋପଣ ଅଭିଯାନରେ ସାମିଲ ହେବା ଲାଗି ଏହା ଗ୍ରାହକମାନଙ୍କୁ ସୁଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ପ୍ରଦୂଷଣ କମ୍ କରିବା ଏବଂ ଗ୍ରହର ଜୈବିକ ବଳୟରେ ଉନ୍ନତି ଆଣିବାର ଦୀର୍ଘସ୍ଥାୟୀ ଲକ୍ଷ୍ୟ ଦିଗରେ ମ୍ୟାଟର ଗ୍ରାହକମାନେ ଏକ ସାମଗ୍ରିକ ଶକ୍ତିରେ ପରିଣତ ହେବାକୁ ପ୍ରସ୍ତୁତ। ଆସ'। ମାସଠାରୁ ଗାଡ଼ି ଚାଳନା ଅନୁଭୂତି ଓ ଡେଲିଭରି ପ୍ରଦାନ କରିବା ଲାଗ ମ୍ୟାଟର ଏବେ ପ୍ରସ୍ତୁତ ରହିଛି।

## ଟିଆଇଏନ୍ ୨.୦ରେ ଡିସିବି ବ୍ୟାଙ୍କ୍ ଲାଇଭ୍

ନୂଆଦିଲ୍ଲୀ: ନୂଆ ପିଢ଼ିର ଘରୋଇ ବ୍ୟାଙ୍କ୍ ଡିସିବି ବ୍ୟାଙ୍କ୍ ପକ୍ଷରୁ ଘୋଷଣା କରାଯାଇଛି ଯେ ଏହା ସଫଳତାର ସହ ଭାରତ ସରକାରଙ୍କ ଆୟକର ଟିକସ ସଂଗ୍ରହ ପୋର୍ଟାଲ୍ (ଟିଆଇଏନ୍ ୨.୦)ରେ ଏକ ନୂଆ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ବ୍ୟବସ୍ଥାକୁ ସମନ୍ୱିତ କରିଛି। ଏହି ସମନ୍ୱୟ ଦ୍ୱାରା ଟିକସଦାତାମାନେ ସୁବିଧାରେ ଗୋଟିଏ ପ୍ଲାଟଫର୍ମରେ ଉଭୟ ଟିକସ ପଇଠ କରିପାରିବେ ଏବଂ ଟିକସ ରିଟର୍ଣ୍ଣର ଇ-ଫାଇଲିଂ କରିପାରିବେ। ଡିସିବି ବ୍ୟାଙ୍କର ଗ୍ରାହକମାନେ ତିନିଟି ପ୍ରମୁଖ ମାଧ୍ୟମ ଯଥା ବ୍ୟକ୍ତିଗତ ଓ ବ୍ୟବସାୟ ଇଟଂରନେଟ୍ ବ୍ୟାଙ୍କିଙ୍ଗ ଜରିଆରେ କିମ୍ବା ଡିସିବି ବ୍ୟାଙ୍କ ଶାଖା ପରିଦର୍ଶନ କରି କିମ୍ବା ନଗଦ ରାଶି, ଚେକ୍ ଓ ଡିମାଣ୍ଡ ଡ୍ରାଫ୍ଟ ଜରିଆରେ ନିରବଚ୍ଛିନ୍ନ ଭାବେ ପ୍ରତ୍ୟକ୍ଷ ଟିକସ ପ୍ରଦାନ କରିପାରିବେ। ଆୟକର ବିଭାଗର ଇ-ଫାଇଲିଂ ପୋର୍ଟାଲ୍‌ରେ ଏକ ଆକାଉଂଟ୍ ଖୋଲି ଗ୍ରାହକମାନେ ଟିକସ ସଂଗ୍ରହ ପ୍ଲାଟଫର୍ମକୁ ବ୍ୟବହାର କରିପାରିବେ।

## ଉତ୍ତରାଞ୍ଚଳ ସମୁଦ୍ର ପଥର ବିକାଶ ସମ୍ଭାବନା ଉପରେ ଆଲୋଚନା




ନୂଆଦିଲ୍ଲୀ: ଆର୍କଟିକ ପରିଷଦର ଅଧ୍ୟକ୍ଷ ଭାବରେ ରୁଷିଆ ୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରୁଥିବାବେଳେ ସେଣ୍ଟ ପିଟର୍ସବର୍ଗ ଆନ୍ତର୍ଜାତିକ ଅର୍ଥନୈତିକ ଫୋରମ୍‌ଠାରେ 'ଉତ୍ତରାଞ୍ଚଳ ସାମୁଦ୍ରିକ ପଥ: ଫଳାଫଳ ଓ ଯୋଜନା' ଶୀର୍ଷକରେ ଆୟୋଜିତ ଏକ ଅଧିବେଶନରେ ଉତ୍ତରାଞ୍ଚଳ ସାମୁଦ୍ରିକ ପଥର ଦୀର୍ଘସ୍ଥାୟୀ ବିକାଶ, ଏହାର ଭବିଷ୍ୟତ ସମ୍ଭାବନା ଏବଂ ବରଫସ୍ତୁପ ଭଙ୍ଗା ଜାହାଜ ଦୃଷ୍ଟିରୁ ରୁଷିଆ କମ୍ପାନୀଗୁଡିକର ଆବଶ୍ୟକତା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ରୋସ୍‌କଂଗ୍ରେସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ଅଧିବେଶନରେ ମତ ପ୍ରକାଶ ପାଇଥିଲା ଯେ ଉତ୍ତରାଞ୍ଚଳ ସାମୁଦ୍ରିକ ପଥ ହେଉଛି ଏସୀୟ ବଜାର ପାଇଁ ପ୍ରଥମ ଓ ପ୍ରଧାନ ପଥ ଏବଂ ଏହା ବିଶ୍ୱ ପଣ୍ୟ ପରିବହନ ବ୍ୟବସ୍ଥାର ଅଂଶବିଶେଷ। ଏହି ପଥରେ ମର୍ମନସ୍କଠାରୁ ସାଂଘାଇ ଦୂରତା ୭ହଜାର କିଲୋମିଟର ହୋଇଥିବାବେଳେ ଜିବ୍ରାଲଟର ଏବଂ ସୁଏଜ କେନାଲ ଦେଇ ସାଂଘାଇରୁ ମର୍ମନସ୍କ ୧୨,୫୦୦ କିଲୋମିଟର। ସେହି ଦୃଷ୍ଟିରୁ ଉତ୍ତରାଞ୍ଚଳ ସାମୁଦ୍ରିକ ପଥର ନିରାପତ୍ତା, ପ୍ରଦର୍ଶନ ଏବଂ ଦୀର୍ଘସ୍ଥାୟିତ୍ୱ ସୁନିଶ୍ଚିତ କରିବାର ଗୁରୁତ୍ୱ ସମ୍ପର୍କରେ ସହଭାଗୀମାନେ ଅଧିକ ସଚେତନ ହେଉଛନ୍ତି। ଏହା ବିଶ୍ୱ ପଣ୍ୟ ପରିବହନ ନିମନ୍ତେ ନୂତନ ମାର୍ଗ ଏବଂ ଭବିଷ୍ୟତର ପରିବହନ କରିଡର ହେବାକୁ ଯାଉଛି। ତାହାସତ୍ତ୍ୱେ ଏଠାରେ କେତେକ ସମସ୍ୟା ରହିଛି। ତାହା ହେଉଛି ଏଠାକାର ଜଳରାଶିରେ ବରଫ ଚଟାଣ ଏବଂ ଏହି ପଥରେ ଯାତ୍ରା କରିବାକୁ ଲାଗୁଥିବା ସମୟ। ବରଫକୁ କାଟି କିଭଳି ନିରାପଦରେ ଆଗକୁ ଯାତ୍ରା କରିହେବ ତାହା ଜଣାଅଛି ବୋଲି ରୁଷିଆର ଆଣବିକ ଶକ୍ତି ନିଗମରେ ଆର୍କଟିକ ଅଞ୍ଚଳର ବିକାଶ ପାଇଁ ଥିବା ସ୍ୱତନ୍ତ୍ର ପ୍ରତିନିଧି ରୋସାଟୋମ୍ ଭ୍ଲାଡିମିର ପାନୋଭ କହିଥିଲେ। ରୁଷିଆର ସୁଦୂର ପ୍ରାଚ୍ୟ ଏବଂ ଆର୍କଟିକ ଅଞ୍ଚଳର ବିକାଶ ପାଇଁ ଥିବା ଉପମନ୍ତ୍ରୀ ଗାଝିମାଗୋମେଦ୍ ଗୁସେନୋଭ କହିଥିଲେ, ବିଶ୍ୱସ୍ତରୀୟ ଲଜିଷ୍ଟିକ୍ସ ଯୋଗାଡ କରିବା କ୍ଷେତ୍ରରେ ପରିବର୍ତ୍ତନ ଘଟୁଛି ଏବଂ ଏସିଆ ଓ ୟୁରୋପ ମଧ୍ୟରେ ସମସ୍ତ ପଣ୍ୟ ପରିବହନ ପାରମ୍ପରିକ ଲଜିଷ୍ଟିକ୍ସ ପଥରେ କରାଯିବା ଅସମ୍ଭବ ହୋଇପଡିବ। ସେ କହିଥିଲେ ଯେ, ରୁଷିଆର ଦହନଯୋଗ୍ୟ ଗ୍ୟାସ୍ ଭଣ୍ଡାର ମଧ୍ୟରୁ ୭୫% ଆର୍କଟିକ ଅଞ୍ଚଳରେ ରହିଛି ଏବଂ ଉତ୍ତରାଞ୍ଚଳ ସାମୁଦ୍ରିକ ପଥ ଏକ ପରିବହନ ଶୃଙ୍ଖଳ ଭାବରେ ଏହି ଅଞ୍ଚଳରୁ ପଣ୍ୟସାମଗ୍ରୀ ରୁଷିଆର ସୁଦୂର ଉତ୍ତର ଭାଗକୁ ରପ୍ତାନି କରିବା ନିମନ୍ତେ ସୁଯୋଗ ଯୋଗାଇଦେବ। ସେଥିପାଇଁ ଆର୍କଟିକ ଉପକୂଳ ସମେତ ଅନ୍ୟାନ୍ୟ ସ୍ଥାନରେ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ଓ ବିକାଶର ଆବଶ୍ୟକତା ରହିଛି। ତାହାସହିତ ଆର୍କଟିକରେ ଅନ୍ତର୍ଦେଶୀୟ ଜଳପଥ, ବନ୍ଦର ଭିତ୍ତିଭୂମି ଏବଂ ଜାହାଜ ଆଦି ସମ୍ପର୍କରେ ଆଲୋଚନା କରାଯାଉଛି। ରୁଷିଆ ସରକାର ଇତିମଧ୍ୟରେ ବହୁସଂଖ୍ୟକ ଜାହାଜ ପାଇଁ ବରାଦ ଦେଇସାରିଛନ୍ତି ଏବଂ ଏହାଦ୍ୱାରା ଏହି ଶିଳ୍ପ ଉପରେ ସକାରାତ୍ମକ ପ୍ରଭାବ ପଡିବ।

# ଖେଳ ଖବର



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଜର୍ମାନିର ବର୍ଲିନରେ ଚାଲିଥିବା ସ୍ୱତନ୍ତ୍ର ଅଲିମ୍ପିକ୍ସ ବିଶ୍ୱ କ୍ରୀଡ଼ାରେ ଓଡ଼ିଆ ଝିଅ କଳ୍ପନା ଜେନା ରୌପ୍ୟ ପଦକ ଜିତି ରାଜ୍ୟର ଗୌରବ ବଢ଼ାଇଛନ୍ତି। ୨ କିଲୋମିଟର ଟିମ୍ ଟ୍ରାଏଲ୍ ସାଇକ୍ଲିଂରେ କଳ୍ପନା ୫:୪୨.୪୨ ସମୟ ସହିତ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ତାଙ୍କ ଭାରତୀୟ ସାଥି ଶିବାନୀ (୫:୨୨.୪୧) ସ୍ୱର୍ଣ୍ଣ ଏବଂ କୋଷ୍ଟାରିକାର ଆନା ଜୁମ୍ବାଦୋ (୫:୪୬.୬୩) କାଂସ୍ୟ ପଦକ ଜିତିଥିଲେ। ଆଠଗଡ଼ ଜିଲ୍ଲାର ରେଗେଡ଼ାପଡ଼ା ଗାଁର ଏକ ଆର୍ଥିକ ଅନଗ୍ରସର ଜିଲ୍ଲାରୁ ଆସିଥିବା କଳ୍ପନାଙ୍କ ପିତା ଗଦାଧର ଓ ଗୀତାଞ୍ଜଳି ଜେନା କୃଷିକାର୍ଯ୍ୟ କରିଥାନ୍ତି। ୨୦୧୯ରେ ଆଠଗଡ଼ର ବିଭିଏମଏମଏମଆରବିଟି ଅନୁଷ୍ଠାନରେ କଳ୍ପନା ସାମିଲ ହେବା ସହ ବ୍ୟାଡମିଣ୍ଟନ୍, ଆଥଲେଟିକ୍ସ, ଫ୍ଲୋରବଲ୍ ଶିଖିଥିଲେ। କିନ୍ତୁ ଏକାଧିକ ଥର ଜାତୀୟ ବିଜେତା ହୋଇଥିବା ଝାଡ଼ଖଣ୍ଡର ସତବୀର ସିଂହ ସାହୋତାଙ୍କ ଅଧିନରେ ସନ୍ତରଣ ଶିଖିଥିଲେ। ବିଶ୍ୱ କ୍ରୀଡ଼ା ପାଇଁ ମନୋନୀତ ହେବା ପୂର୍ବରୁ ପ୍ରଶିକ୍ଷକ ବିବେକାନନ୍ଦ ମହାନ୍ତିଙ୍କ ଅଧିନରେ ଅଭ୍ୟାସ କରିଥିଲେ। ଏପରିକି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ଏକ ରେସିଂ ସାଇକେଲ୍ ପ୍ରଦାନ କରି କଳ୍ପନାଙ୍କୁ ଉତ୍ସାହିତ କରିଥିଲେ। ବର୍ଲିନ ଯାତ୍ରା ପୂର୍ବରୁ କଳ୍ପନା ରାଜ୍ୟର ସାଇକ୍ଲିଂ କିଂବଦନ୍ତି ତଥା ଅର୍ଜୁନ ପୁରସ୍କାର ପ୍ରାପ୍ତ ମିନତି ମହାପାତ୍ରଙ୍କୁ ଭେଟିଥିଲେ। ଏସବୁର ସୁଫଳ ଏବେ ମିଳିବା ଆରମ୍ଭ ହୋଇଛି। କଳ୍ପନାଙ୍କ ନିକଟକୁ ଏବେ ଅଭିନନ୍ଦନର ସୁଅ ଛୁଟିଛି।



## ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ଓ ଦିନିକିଆ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା

# ପୂଜାରା ଆଉଟ୍, ଜୟିସ୍ୱାଲ, ଗାଏକ୍ୱାଡ ଓ ମୁକେଶ ଇନ୍

ନୂଆଦିଲ୍ଲୀ: ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ଓ ଦିନିକିଆ କ୍ରିକେଟ ସିରିଜ ପାଇଁ ଶୁକ୍ରବାର ଭାରତୀୟ ଦଳ ଘୋଷଣା କରିଛି ବିସିସିଆଇର ସିନିୟର ଚୟନ କମିଟି। ଚଳିତ ବର୍ଷ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଟେଷ୍ଟ ସିରିଜ ଓ ନିକଟରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଭେଟେରାନ ବ୍ୟାଟର ଚେତେଶ୍ୱର ପୂଜାରାଙ୍କୁ ଦଳରୁ ଆଉଟ କରା ଯାଇଥିବା ବେଳେ ଚଳିତ ବର୍ଷର ଆଇପିଏଲରେ ଭଲ ପ୍ରଦର୍ଶନ କରିଥିବା ଯଶସ୍ୱି ଜୟିସାଲ ,ରୁତୁରାଜ ଗାଏକ୍ୱାଡ ଓ ପେସ୍ ବୋଲର ମୁକେଶ କୁମାରଙ୍କୁ ନୂଆ ଖେଳାଳି ଭାବେ ଟେଷ୍ଟ ସିରିଜ ପାଇଁ ସାମିଲ କରା ଯାଇଛି। ସେହିପରି ପେସ୍ ବୋଲର ଉମେଶ ଯାଦବଙ୍କୁ ମଧ୍ୟ ଟେଷ୍ଟ ଦଳରେ ସ୍ଥାନ ଦିଆ ଯାଇନାହିଁ। ଭେଟେରାନ ପେସ୍ ବୋଲର ମହମ୍ମଦ ସାମିଙ୍କୁ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ଓ ଦିନିକିଆ ସିରିଜ ପାଇଁ ସମ୍ପୂର୍ଣ୍ଣ ବିଶ୍ରାମ ଦିଆ ଯାଇଥିବା ବେଳେ ଏମାନଙ୍କ ସ୍ଥାନରେ ଅନ୍ୟତମ ପେସ୍ ବୋଲର ନବଦୀପ ସାଇନ ଓ ମୁକେଶ କୁମାର ସୁଯୋଗ ପାଇଛନ୍ତି। ସୂଚନା ଯୋଗ୍ୟ ଯେ ପ୍ରଥମ ଥର ପାଇଁ ଟେଷ୍ଟ ଖେଳିବା ପାଇଁ ସାମିଲ ହୋଇଥିବା ଜୟିସ୍ୱାଲ, ଗାଏକ୍ୱାଡ ଓ ମୁକେଶ କୁମାର ନିକଟରେ ଇଂଲଣ୍ଡରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚ ପାଇଁ ଷ୍ଟାଣ୍ଡ ବାଇ ଖେଳାଳି ଭାବେ ଦଳରେ ସ୍ଥାନ ପାଇଥିଲେ। ଜୟିସ୍ୱାଲ ଚଳିତ ବର୍ଷର ଆଇପିଏଲର ଗୋଟିଏ ମ୍ୟାଚରେ ୧୩ ବଲରୁ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ମୋଟ ୬୨୫ ରନ ଓ ମହାରାଷ୍ଟ୍ର ପାଇଁ ଖେଳୁଥିବା ଗାଏକ୍ୱାଡ ଏକ ପ୍ରଥମ ଶ୍ରେଣୀ ମ୍ୟାଚର ଗୋଟିଏ ଓଭରରେ ୭ ଛକା ମାରି ଥିଲେ। ସେହିପରି ଚଳିତ ବର୍ଷର ଆଇପିଏଲରେ ସଂଗ୍ରହ କରିଥିଲେ ୫୯୦ ରନ। ତେଣୁ ଉଭୟଙ୍କର ପ୍ରଦର୍ଶନକୁ ଲକ୍ଷ୍ୟ କରି ଟେଷ୍ଟ ଦଳରେ ସୁଯୋଗ ଦିଆ ଯାଇଛି। ଗତ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ



ଟେଷ୍ଟ ଚାମ୍ପିଅନଶିପ ଫାଇନାଲର ଉଭୟ ଇନିଂସରେ ୮୯ ଓ ୪୬ ରନ କରିଥିବା ଅଭିଜ୍ଞ ବ୍ୟାଟର ଅଜିଙ୍କ୍ୟ ରାହାଣେ ଟେଷ୍ଟ ସିରିଜ ପାଇଁ ଉପ ଅଧିନାୟକ ନିଯୁକ୍ତ ହୋଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ ପାଇଁ ଦଳରେ ବିଶେଷ ପରିବର୍ତ୍ତନ କରା ଯାଇନାହିଁ। ରୋହିତ ଶର୍ମା ଉଭୟ ଟେଷ୍ଟ ଓ ଦିନିକିଆ ସିରିଜରେ ଦଳର ନେତୃତ୍ୱ ନେବେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦିନିକିଆ ସିରିଜ ପାଇଁ ରୋହିତଙ୍କ ଡେପୁଟୀ ଭାବେ ଦାୟିତ୍ୱ ନ୍ୟସ୍ତ କରା ଯାଇଛି। ଭାରତୀୟ ଦଳ ଆସନ୍ତା ଜୁଲାଇ ୧ ତାରିଖରେ ୱେଷ୍ଟଇଣ୍ଡଜ ଅଭିମୁଖେ ଯାତ୍ରା କରିବେ। ଜୁଲାଇ ୧୨ ତାରିଖରୁ ଅନୁଷ୍ଠିତ ହେବ ଭାରତ-ୱେଷ୍ଟଇଣ୍ଡଜ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ। ଏହା ପରେ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଅନୁଷ୍ଠିତ ହେବ। ଏହି ଦୁଇ ସିରିଜ ପରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଅନୁଷ୍ଠିତ ହେବା ପାଇଁ ଥିବା ବେଳେ ପୃଥକ ଭାରତୀୟ ଦଳ ଘୋଷଣା କରାଯିବ। **ଟେଷ୍ଟ ଦଳ-** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ, ରୁତୁରାଜ ଗାଏକ୍ୱାଡ, ବିରାଟ କୋହଲି, ଯଶସ୍ୱି ଜୟିସ୍ୱାଲ, ଅଜିଙ୍କ୍ୟ ରାହାଣେ( ଉପ ଅଧିନାୟକ), କେଏସ ଭରତ, ଇଶାନ କିଶନ (ୱିକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ,ରବିନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ଅକ୍ଷର ପଟେଲ, ମହମ୍ମଦ ସିରାଜ, ମୁକେଶ କୁମାର, ଜୟଦେବ ଉନାଦକତ, ନବଦୀପ ସାଇନ। **ଦିନିକିଆ ଦଳ-** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ, ରୁତୁରାଜ ଗାଏକ୍ୱାଡ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ସଞ୍ଜୁ ସାମସନ(ୱିକେଟ କିପର), ଇଶାନ କିଶାନ(ୱିକେଟ କିପର), ହାର୍ଦ୍ଦିକ ପାଣ୍ଡ୍ୟା(ଉପ ଅଧିନାୟକ), ଶାର୍ଦ୍ଦୁଳ ଠାକୁର, ରବିନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ଯୁଜଭେନ୍ଦ୍ର ଚହଲ, କୁଲଦୀପ ଯାଦବ, ଜୟଦେବ ଉନାଦକତ, ମହମ୍ମଦ ସିରାଜ, ଉମ୍ରନ ମଲିକ, ମୁକେଶ କୁମାର।

## କ୍ରିକେଟରେ ପାଦ ଥାପିଲେ ସଞ୍ଜୟ ଦତ୍ତ

# ଜିମ୍ବାୱେ ଟି-୧୦ ଲିଗ୍ ଫ୍ରାଞ୍ଚାଇଜ୍ ମାଲିକ




ମୁମ୍ବାଇ : ବଲିଉଡର ପୁରୁଖା ଅଭିନେତା ସଞ୍ଜୟ ଦତ୍ତ କ୍ରିକେଟ୍ ଜଗତରେ ପାଦ ଥାପିଛନ୍ତି। ଆସନ୍ତା ଜୁଲାଇ ୨୦ରେ ଆଫ୍ରିକୀୟ ରାଷ୍ଟ୍ର ଜିମ୍ବାୱେରେ 'ଜିମ୍ ଆଫ୍ରୋ ଟି-୧୦' କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ବଲିଉଡ ଅଭିନେତା ସଞ୍ଜୟ ଦତ୍ତ ଆରିସ୍ ଗ୍ରୁପ୍ ଅଫ୍ କମ୍ପାନୀର ସର୍ ସୋହାନ୍ ରୟଙ୍କ ସହିତ ମିଶି ହାରାରେ ହରିକେନ୍ସ ଦଳର ସହ-ମାଲିକ ହୋଇଛନ୍ତି। ଜିମ୍ବାୱେ କ୍ରିକେଟ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ପାଞ୍ଚଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡିକ ହେଲେ- ଡରବନ୍ କଲନ୍ଦର୍ସ, କେପ୍ ଟାଉନ୍ ସାମ୍ପ୍ ଆର୍ମି, ବୁଲାୱାୟୋ ବ୍ରେଭସ୍, ଜୋବର୍ଗ ସିଂହ ଏବଂ ହାରାରେ ହରିକେନ୍ସ। ଏହି ଲିଗର ଅନ୍ୟତମ ଫ୍ରାଞ୍ଚାଇଜ୍ ଡରବନ୍ କଲନ୍ଦର୍ସଙ୍କୁ ପାକିସ୍ତାନ ସୁପର ଲିଗ୍ ଫ୍ରାଞ୍ଚାଇଜ୍ ଲାହୋର କଲନ୍ଦର୍ସର ମାଲିକ କିଣିଛନ୍ତି। ଜିମ୍ ଆଫ୍ରୋ ଟି-୧୦ ଜିମ୍ବାୱେରେ ପ୍ରଥମ ଫ୍ରାଞ୍ଚାଇଜ୍ ଭିତ୍ତିକ ଲିଗ୍ କ୍ରିକେଟ୍ ଇଭେଣ୍ଟ ହେବ। ଏହା ହାରାରରେ ଅନୁଷ୍ଠିତ ହେବ। ସଞ୍ଜୟ ଦତ୍ତ ଏହି ଟୁର୍ଣ୍ଣାମେଣ୍ଟର ଏକ ଦଳ ସହ-ମାଲିକ ହେବା ପାଇଁ ଉତ୍ସାହ ପ୍ରକାଶ କରି କହିଛନ୍ତି। ସେ କହିଛନ୍ତି ଯେ, ହାରାରେ ହରିକେନ୍ସ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରି କ୍ରିକେଟ୍ ପ୍ରଶଂସକଙ୍କୁ ମନୋରଞ୍ଜନ ଯୋଗାଇବ। ଏହା ବ୍ୟତୀତ ସେ କହିଛନ୍ତି ଯେ କ୍ରିକେଟ୍ ଭାରତର ଏକ ଧର୍ମ ପରି ଏବଂ ଭାରତ ସବୁଠୁ ବଡ କ୍ରୀଡା ରାଷ୍ଟ୍ର। ମୁଁ ଭାବୁଛି ଖେଳକୁ ବିଶ୍ୱର କୋଣ ଅନୁକୋଣକୁ ନେବା ଆମର କର୍ତ୍ତବ୍ୟ। ଜିମ୍ବାୱେ କ୍ରୀଡ଼ାର ଏକ ମହାନ ଇତିହାସ ରହିଥିବା ବେଳେ ଏହି ଲିଗ୍ ଅନ୍ୟତମ ଅଂଶ ବିଶେଷ ହୋଇପାରିବ।

## ପାକିସ୍ତାନ ବିପକ୍ଷ ସାଫ୍ ଫୁଟବଲ ମ୍ୟାଚ୍ ବେଳେ ଝାମେଲା

# ଭାରତୀୟ ଦଳ କୋଚ୍ ଗୋଟିଏ ମ୍ୟାଚ୍ ପାଇଁ ସସ୍‌ପେଣ୍ଡ

ନୂଆଦିଲ୍ଲୀ: ବେଙ୍ଗାଲୁରରେ ଚାଲିଥିବା ସାଫ୍ ଫୁଟବଲ ଚାମ୍ପିଅନଶିପର ଗତ ବୁଧବାର ଉଦଘାଟନୀ ଦିବସରେ ଅନୁଷ୍ଠିତ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭାରତ ୪-୦ଗୋଲରେ ପରାସ୍ତ କରିଥିଲା। ମାତ୍ର ମ୍ୟାଚ ଅବସରରେ ପାକିସ୍ତାନ ଦଳର ଖେଳାଳି ଅବଦୁଲ୍ଲା ଇକବାଲ ବଲ ଥ୍ରୋ କରିବା ବେଳେ ଭାରତୀୟ ଦଳ କୋଚ ଇଗୋର ଷ୍ଟିମାକ୍ ତାଙ୍କୁ ଅବରୋଧ କରି ବଲ ଛଡାଇ ଆଣିବା ପାଇଁ ପ୍ରୟାସ କରିବା ପରେ ପାକିସ୍ତାନ ଦଳ ଖେଳାଳି ଏହାକୁ ଦୃଢ଼ ବିରୋଧ କରିଥିଲେ। ତେଣୁ ଏକ ଝାମେଲା ସୃଷ୍ଟି ହୋଇଥିଲା। ଏହି ଘଟଣା ନେଇ



ମ୍ୟାଚ ପରିଚାଳନା କରୁଥିବା ରେଫରୀ ପ୍ରଜ୍ୱାଲ ଛେତ୍ରୀ ଓ ଅନ୍ୟ ମ୍ୟାଚ ଅଫିସିଆଲ ପହଞ୍ଚି ଉଭୟ ପକ୍ଷକୁ ବୁଝାଶୁଝା କରିଥିଲେ। ସେହିପରି ରେଫରୀ ଛେତ୍ରୀ ଭାରତୀୟ ଦଳ କୋଚ ଷ୍ଟିମାକଙ୍କୁ ରେଡ କାର୍ଡ ଦେଖାଇ ବାଉଣ୍ଡରୀ ଲାଇନ ଠାରୁ ଦୂରେଇ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ କୋଚ ଷ୍ଟିମାକଙ୍କୁ ଗୋଟିଏ ମ୍ୟାଚ ପାଇଁ ସସ୍‌ପେଣ୍ଡ କରିଛନ୍ତି। ତେଣୁ ଶନିବାର ନେପାଳ ବିପକ୍ଷ ଲିଗ ମ୍ୟାଚ ବେଳେ କୋଚ ଷ୍ଟିମାକ ଗ୍ରାଉଣ୍ଡରେ ଉପସ୍ଥିତ ହୋଇ ପାରିବେ ନାହିଁ। ମାତ୍ର କୁଏତ ବିପକ୍ଷ ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ ବେଳେ ଷ୍ଟିମାକ ପୁଣି ଫେରିବେ।ତେବେ ସାଫ ଶୃଙ୍ଖଳାଗତ କମିଟି କହିଛି ଯେ ଏହା କିଛି ଗୁରୁତର ଘଟଣା ନୁହେଁ। ତେଣୁ ଶୃଙ୍ଖଳାଗତ କମିଟିକୁ ଏହି ମାମଲା ପଠାଇବା କୌଣସି ଆବଶ୍ୟକତା ନାହିଁ। ଅନ୍ୟ ପକ୍ଷରେ ଭାରତୀୟ ଦଳ କୋଚ ଇଗୋର ଷ୍ଟିମାକ କହିଛନ୍ତି ଯେ ମୋ ଦଳର ଖେଳାଳିଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ ମୋତେ ନିଜର କର୍ତ୍ତବ୍ୟ କରିବାକୁ ପଡିବ। ପରବର୍ତ୍ତୀ ମ୍ୟାଚରେ ଏପରି ପରିସ୍ଥିତି ଉପୁଜିଲେ ମୁଁ ବାଧ୍ୟ ହୋଇ ଏପରି କାର୍ଯ୍ୟ କରିବାକୁ କୁଣ୍ଠାବୋଧ କରିବି ନାହିଁ। ତେବେ ନେପାଳ ବିପକ୍ଷ ମ୍ୟାଚ ଭାରତ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। କାରଣ ନେପାଳ ସବୁବେଳେ ଭାରତ ବିପକ୍ଷରେ ଜୋରଦାର ଲଢ଼େଇ ସହ ବଡ ଚାଲେଞ୍ଜ ସୃଷ୍ଟି କରିଥାଏ। ପ୍ରଥମ ମ୍ୟାଚରେ ଲେବାନନ ଠାରୁ ନେପାଳ ହାରି ଯାଇଥିଲେ ହେଁ ଭାରତ ବିପକ୍ଷ ମ୍ୟାଚ ଉପରେ ଅଧିକ ନଜର ରଖିଛି। ସୂଚନା ଯୋଗ୍ୟ ଯେ ଚଳିତ ସାଫ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଗ୍ରୁପ ପର୍ଯ୍ୟାୟ ଲିଗ ମ୍ୟାଚରେ ଲେବାନନ ୨-୦ଗୋଲରେ ୨୦୦୩ ଚାମ୍ପିଅନ ବାଂଲାଦେଶକୁ ପରାସ୍ତ କରିଥିବା ବେଳେ ଭୁଟାନକୁ ମଧ୍ୟ ୨-୦ ଗୋଲରେ ପରାସ୍ତ କରିଛି।

# ଆମେରିକାରେ କ୍ରିକେଟର ଲୋକପ୍ରିୟତା ବଢ଼ି ଚାଲିଛି: ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ: ସଂପ୍ରତି ଆମେରିକା ଗସ୍ତରେ ଥିବା ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ଆମେରିକାରେ ବସବାସ କରୁଥିବା ପ୍ରବାସୀ ଭାରତୀୟ ନାଗରିକଙ୍କ ଅବଦାନ ଅତୁଳନୀୟ। ଏହା ସହିତ ଭାରତ ମଧ୍ୟ ବିଶେଷ ଉପକୃତ ହୋଇ ପାରୁଛି। ଆଗାମୀ ଦିନରେ ଏହି ଧାରା ବଜାୟ ରହିବ ବୋଲି ଦୃଢ଼ ବିଶ୍ୱାସ। ପ୍ରଧାନମନ୍ତ୍ରୀ ମୋଦିଙ୍କ ସମ୍ମାନାର୍ଥେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଓ ଫାଷ୍ଟ ଲେଡି ଜିଲ ବାଇଡେନଙ୍କ ପକ୍ଷରୁ ହ୍ୱାଇଟ ହାଉସର ନର୍ଥ ଲନରେ ଆୟୋଜିତ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଅବସରରେ ଉଦବୋଧନ ଦେଇ ମୋଦୀ ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱ,ବିକାଶ ଓ ସମସ୍ତ ଦିଗରେ ପାରସ୍ପରିକ ସହଯୋଗ ଉପରେ ଅଧିକ ଗୁରୁତ୍ୱାରୋପ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଟେକ ୱାର୍ଲ୍ଡ, ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀ, ଆନନ୍ଦ ମହିନ୍ଦ୍ରା, ଗୁଗଲି ମୁଖ୍ୟ କାର୍ଯ୍ୟ ନିର୍ବାହୀ ସୁନ୍ଦର



ପିଚାଇ,ମାଇକ୍ରୋସଫ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ସତ୍ୟ ନାଦେଲା ଓ ଆପଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଟିମ୍ କୁକଙ୍କ ସହିତ ୪୦୦ ଆମନ୍ତ୍ରିତ ଅତିଥୀ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ ଅନ୍ୟାନ୍ୟ ପ୍ରସଙ୍ଗ ସହିତ କ୍ରିକେଟ ଉପରେ ବିଶେଷ ଧ୍ୟାନ ଆକର୍ଷଣ କରି କହିଛନ୍ତି ଯେ ଆମେରିକାରେ ବେସବଲ କ୍ରୀଡାକୁ ଅଧିକ ଭଲ ପାଉ ଥିଲେ ହେଁ କ୍ରିକେଟର ମଧ୍ୟ ଲୋକପ୍ରିୟତା ବଢ଼ି ଚାଲିଛି। ଆମେରିକା ବର୍ତ୍ତମାନ ଆଇସିସି ଦିନିକିଆ ବିଶ୍ୱକପ ପାଇଁ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଖେଳୁଛି। ଭାରତରେ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ ବିଶ୍ୱକପ ଖେଳିବା ପାଇଁ ଆମେରିକା ଯୋଗ୍ୟତା ହାସଲ କରିବା ପାଇଁ ଶୁଭ କାମନା କରୁଛି। ସବୁଠାରୁ ଖୁସିର କଥା ହେଉଛଇ ଯେ ଆମେରିକା ଦଳରେ ଭାରତ ଓ ପାକିସ୍ତାନ ବାଂଶୋଭବ ଅଧିକ ସଂଖ୍ୟକ ଖେଳାଳ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ପ୍ରବାସୀ ଭାରତୀୟ ଖେଳାଳି ସୁଶାନ୍ତ ମୋଦାନୀ, ସାଇତେଜ ମୁକାମାଲ୍ଲା, ଅଭିଶେକ ପରଦକର, ଜଶଦୀପ ସିଂ, ମୋନାକ ପଟେଲ, ସୌରଭ ନେତ୍ରାଭାଲକାର ଓ ନିସର୍ଗ ପଟେଲ ଏବଂ ପାକିସ୍ତାନ ବଂଶୋଭବ ଖେଳାଳି ଶାୟନ ଜାହାଙ୍ଗୀର, ଉସମାନ ରଫିକ, ଅଲ୍ଲୀ ଖାନ୍। ସେହିପରି ଭାରତରେ ପ୍ରଥମେ ଟି-୨୦ ଫର୍ମାଟ ଲିଗ ପ୍ରତିଯୋଗିତା ଅନୁଷ୍ଠିତ ହେବା ପରେ ଏହାକୁ ଅନୁସରଣ କରି ଆଜି ବିଶ୍ୱର ଅନେକ ଦେଶରେ ଏହି ଫର୍ମାଟ ଲିଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଆସୁଛି। ଏପରିକି ଯେଉଁ ଦେଶରେ କ୍ରିକେଟର ଲୋକ ପ୍ରିୟତା ନ ଥିଲା, ସେଠାରେ ମଧ୍ୟ କ୍ରିକେଟ ଚାହିଦା ବୃଦ୍ଧି ପାଇଛି। ଆମେରିକାରେ କ୍ରିକେଟର ଲୋକପ୍ରିୟତାଦ୍ୱାରା ଏସିଆ ମହାଦେଶ ଖେଳାଳି ମାନେ ଅଧିକ ଉପକୃତ ହୋଇ ପାରୁଛନ୍ତି।

## ଜାତୀୟ କନିଷ୍ଠ ବାଳକ ହକି, ଓଡ଼ିଶା ନିରାଶ

ରାଉରକେଲା (ଭାସ୍କର ନ୍ୟୁଜ୍) : ଏଠାରେ ଅନୁଷ୍ଠିତ ଜାତୀୟ କନିଷ୍ଠ ହକି ପ୍ରତିଯୋଗିତାରେ ମଧ୍ୟପ୍ରଦେଶ ବିଜେତା ହୋଇଛି। ତୃତୀୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୧-୩ ଗୋଲ୍‌ରେ ହରିୟାଣାଠାରୁ ପରାସ୍ତ ହୋଇ ଚତୁର୍ଥ ସ୍ଥାନରେ ରହିଛି।

## ଦିନିକିଆ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା

# ଓମାନ ବିରୋଧରେ ଶ୍ରୀଲଙ୍କା ୧୦ ୱିକେଟରେ ବିଜୟୀ



ବୁଲାୱୋ(ଜିମ୍ବାୱେ): ସ୍ଥାନୀୟ କୁଇନ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାର ଗ୍ରୁପ ବି'ର ଏକ ମ୍ୟାଚରେ ଓମାନକୁ ୧୦ ୱିକେଟରେ ପରାସ୍ତ କରିଛି ୧୯୯୬ ବିଶ୍ୱକପ ବିଜେତା ଶ୍ରୀଲଙ୍କା। ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଓମାନ ୩୦.୨ ଓଭରରେ ୯୮ ରନ କରି ଅଲଆଉଟ ହୋଇ ଯାଇଥିଲା। ଶ୍ରୀଲଙ୍କା ବୋଲର ମାନେ ପ୍ରାରମ୍ଭରୁ ଆକ୍ରମଣ ଜାରି ରଖିବା ଫଳରେ ଓମାନ ବ୍ୟାଟର ବାଟବଣା ହୋଇ ଯାଇଥିଲେ। ଶ୍ରୀଲଙ୍କା ବୋଲିଂକୁ କିଛି ସମୟ ପାଇଁ ମୁକାବିଲା କରି ଆୟାନ ଖାନ ଦଳ ପକ୍ଷରୁ ସର୍ବାଧିକ ୪୧ ରନ କରିଥିବା ବେଳେ ଅନ୍ୟ ଦୁଇ ବ୍ୟାଟର ଜତିନ୍ଦର ସିଂ ୨୧ ଓ ଫାୟାଜ ବଟ୍ଟ ୧୩ ରନ କରିଥିଲେ। ନଚେତ ଅନ୍ୟ ସମସ୍ତ ବ୍ୟାଟର ଦୁଇ ଅଙ୍କ ବିଶିଷ୍ଟ ସ୍କୋରରେ ପହଞ୍ଚିବା କଷ୍ଟକର ହୋଇ ପଡିଥିଲା। ଶ୍ରୀଲଙ୍କା ପକ୍ଷରୁ ପ୍ରଭାବୀ ସ୍ପିନର ସ୍ୱାନିନ୍ଦୁ ହସରଙ୍ଗା ୧୩ ରନ ବିନିମୟରେ ୫ ଓ ଲାହିରୁ କୁମାରା ୨୨ ରନରେ ୩ ୱିକେଟ ଅକ୍ତିଆର କରିଥିଲେ। ପଛରେ ବ୍ୟାଟିଂ କରି ଶ୍ରୀଲଙ୍କା ବିନା କ୍ଷତିରେ କେବଳ ୧୫ ଓଭରରେ ୧୦୦ ରନ ସଂଗ୍ରହ କରି ସହଜ ବିଜୟ ହାସଲ କରିଥିଲା। ଓପନର ପାଥୁମ ନିଶଙ୍କା ୩୭ ଓ ଦିମୁଥ କରୁଣାରତ୍ନେ ୬୧ ରନ କରି ଅପରାଜିତ ଥିଲେ।

# ବେରିଂଟନଙ୍କ ଶତକ, ୟୁଏଇକୁ ହରାଇଲା ସ୍କଟଲାଣ୍ଡ

ବୁଲାୱୋ(ଜିମ୍ବାୱେ): ସ୍ଥାନୀୟ ଆଥଲେଟିକ କ୍ଲବ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାର ଗ୍ରୁପ ବି'ର ଅନ୍ୟ ଏକ ଗ୍ରୁପ ପର୍ଯ୍ୟାୟ ଲିଗ ମ୍ୟାଚରେ ୟୁନାଇଟେଡ ଆରବ ଏମିରେଟ୍ସ)ୟୁଏଇ)କୁ ୧୧୧ ରନରେ ହରାଇଛି ସ୍କଟଲାଣ୍ଡ। ପ୍ରଥମେ ବ୍ୟାଟିଂ କରି ସ୍କଟଲାଣ୍ଡ ଅଧିନାୟକ ବେରିଂଟନଙ୍କ ଶତକ (୧୨୭) ,ମାଇକେଲ ଲିସ୍କ ୪୧ ଓ ମାର୍କ ୱାଟଙ୍କ ୪୪ ରନ ବଳରେ ୮ ୱିକେଟ ହରାଇ ୨୮୨ ରନ କରିଥିଲା। ୟୁଏଇ ପକ୍ଷରୁ ସଫଳ ବୋଲର ଭାବେ ଜୁନାଦ ସଦିକ ୩ ଓ ଅଲ ନାଜର ୨ ୱିକେଟ ଅକ୍ତିଆର କରିଥିଲେ। ପଛରେ ବ୍ୟାଟିଂ କରି ୟୁଏଇ ୩୫.୩ ଓଭରରେ ୧୭୧ ରନ କରି ସମସ୍ତ ୱିକେଟ ହରାଇ ୧୧୧ ରନରେ ପରାସ୍ତ ହୋଇଛି। ଦଳ ପକ୍ଷରୁ ଓପନର ଅଧିନାୟକ ତଥା ଓପନର ମହମଦ ୱାସିମ ସର୍ବାଧିକ ୩୬ ,ବାସିଲ ହମିଦ ୩୦ ରନ କରିଥିଲେ। ସ୍କଟଲାଣ୍ଡ ପକ୍ଷରୁ ସାଫିୟାନ ସରିଫ ସର୍ବାଧିକ ୪ ଓ କ୍ରିସ ସୋଲେ ୨ ୱିକେଟ ଅକ୍ତିଆର କରିଥିଲେ।


**COURT NOTICE**

Before Honorable Arbitration Tribunal, Thrissur, Sri. O. V. Rajeev, Advocate, Orayampurath House, Ayyanthol South,Near Court Complex, Thrissur, 680003

**ACP No. 134/23**

Manappuram Asset Finance Ltd No: 111/105, Opp. Nattika Firka Co operative Rural Bank, Valapad P.O Thrissur 680567 - Petitioner

Respondents:-

Mr.Prabin Das Aged 29 S/O Doli Das Praharajapur,Naradagaudagaon Cuttack,Odisha-754130 -R1

Mr.Prahallad Das Aged 35 S/O Dola Das Praharajapur Naradagaudagaon, Cuttack, Odisha-754130 -R2

Mr.Prafulla Das Aged 34 S/O Doli Das Praharajapur, Naradagaudagaon, Cuttack, Odisha-754130 -R3

Mrs.Janaki Pradhan Aged 40 D/O Niranjan Dehuri Tainsi,Hinjadoli,Angul,Odisha Pin-759127 -R4

Mr.Deepak Kumar Mallick Aged 38 , S/O Prabhakar Mallick Bhasilpur,Dharadharpur Raghunathpur,Jagatsinghapur Odisha-754132 -R5

The above numbered case is now Posted for publishing notice to Respondents in news paper daily and the same is posted to **30.06.2023** for hearing .If the respondents have any objection in the matter can appear before the Hon"ble Arbitrator at 2 P M on the same day. Otherwise the Arbitrator will pass an exparte award.

For Petitioner
Legal Manager



G20
सी-डैक CDAC ॲक्टस acts

Admission Announcement for
**Post Graduate Diploma Courses**
in ICT domain for September 2023 Batch

C-DAC announces admission to the following career oriented full-time 24-week courses for Graduates in Engineering (for selected streams) or MCA or Post Graduates in Science (for selected disciplines). For eligibility criteria and other details, visit acts.cdac.in

Post Graduate Diploma courses in ICT

- PG Diploma in Advanced Computing (PG-DAC)
- PG Diploma in Embedded Systems Design (PG-DESD)
- PG Diploma in Big Data Analytics (PG-DBDA)
- PG Diploma in IT Infrastructure, Systems & Security (PG-DITISS)
- PG Diploma in VLSI Design (PG-DVLSI)
- PG Diploma in Internet of Things (PG-DIoT)
- PG Diploma in Artificial Intelligence (PG-DAI)
- PG Diploma in Mobile Computing (PG-DMC)
- PG Diploma in Advanced Secure Software Development (PG-DASSD)
- PG Diploma in HPC System Administration (PG-DHPCSA)
- PG Diploma in Geoinformatics (PG-DGi)
- PG Diploma in Robotics and Allied Technologies (PG-DRAT)
- PG Diploma in Fintech and Blockchain Development (PG-DFDB)
- PG Diploma in Cyber Security and Forensics (PG-DCSF)

National Common Campus Placement Programme (NCCPP) organised at Bengaluru, Hyderabad, Mumbai, Noida, Patna and Pune

Course Highlights

- Well established courses with excellent placement records.
- 900 hours of Theory + Lab + project work.
- 8 hours per day theory + lab sessions on 6 days a week at most centers.
- Continuous lab and internal assessment during the course.
- Courses designed and developed in consultation with the domain experts in C-DAC, academia and ICT industry.
- Syllabus regularly updated with the latest trends in the ICT industry.
- Expert faculty from C-DAC and ICT industry with widespread domain knowledge.
- Tutorials, hands-on and projects meeting quality standards of the ICT industry.
- Well equipped computer labs with internet.
- Centralized course-end examinations across all centers.
- Special training on aptitude, communication and interview skills.
- Excellent participation from top ICT companies in campus placements.

Important Dates

Last date of Online Registration
JULY 05, 2023

C-DAC Common Admission Test
C-CAT I: JULY 15, 2023
C-CAT II: JULY 16, 2023

Course Commencement
SEPTEMBER 08, 2023

CBC NO - 06132/12/0010/2324

Courses offered at: • Bengaluru • Bhubaneswar • Chennai • Guwahati • Hyderabad • Indore • Jaipur • Kochi • Kolkata • Karad • Mumbai • Nagpur • Nashik • New Delhi • Noida • Patna • Pune • Silchar • Thiruvananthapuram

For further details on Courses, Syllabus, C-CAT, Eligibility, Registration and Application, admission and delivery mode visit website www.cdac.in / acts.cdac.in

+91 20 25503134 Available between 10am-1pm & 2pm-5pm on working days
www.facebook.com/OfficiallyACTS
www.cdac.in; acts.cdac.in




ଚିନ୍ତା ବଢାଇଛି ଓଉଗଜ ରିପୋର୍ଟ। ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଦେଶରେ ବଢିଛି ଡାଏବେଟିସ୍ ରୋଗ। ଭାରତରେ ଏବେ ୧୦ କୋଟିରୁ ଅଧିକ ଲୋକ ଡାଇବେଟିସ୍ ତଥା ମଧୁମେହ ରୋଗରେ ପୀଡିତ। ସବୁଠୁ ବଡ଼ କଥା ହେଉଛି ଏହି ରୋଗ ଦିନକୁ ଦିନ ବଢିବାରେ ଲାଗିଛି। ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ସାଇନ୍ସ ଆଇଏସିଆରର ତଥ୍ୟ ମୁତାବକ ଗତ ୪ ବର୍ଷରେ ମଧୁମେହ ରୋଗୀଙ୍କ ସଂଖ୍ୟା ୪୪ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୯ରେ ୭ କୋଟି ଲୋକେ ମଧୁମେହ ରୋଗରେ ପୀଡିତ ଥିଲେ। ୪ ବର୍ଷ ମଧ୍ୟରେ ଆଉ ୩ କୋଟିରୁ ଅଧିକ ଲୋକେ ଏହି ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ୟୁକେ ମେଡିକାଲ ଜର୍ଣ୍ଣାଲ 'ଲାନସେଟ'ରେ ଆଇସିଏମଆରର ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ମୁତାବକ, ଏବେ ଦେଶରେ ୧୩ କୋଟି ୬୦ ଲକ୍ଷ ଲୋକ ପ୍ରାରମ୍ଭିକ ମଧୁମେହ ରୋଗର ପୀଡିତ ଅଛନ୍ତି। ଯାହା ଆମ ଦେଶର ଜନସଂଖ୍ୟାର ୧୫ ଦଶମିକ୍ ୩ ପ୍ରତିଶତ। ଭାରତରେ ସବୁଠୁ ଗୋଆରେ ୨୬ ଦଶମିକ୍ ୪ ପ୍ରତିଶତ ଲୋକ ଡାଏବେଟିସ ରୋଗରେ ପୀଡିତ ଅଛନ୍ତି। ଏହା ପଛକୁ ପୁଡୁଚେରୀର ୨୬ ଦଶମିକ୍ ୩ ପ୍ରତିଶତ, କେରଳରେ ୨୫ ଦଶମିକ୍ ୫ ପ୍ରତିଶତ ଲୋକେ ମଧୁମେହ ରୋଗରେ ପୀଡ଼ିତ ଅଛନ୍ତି।





### ଓଟିଟିରେ ରିଲିଜ୍ ହେଲା 'ଟିକୁ ୱେଡସ୍ ଶେରୁ'

# କିଛି ଚଳଚ୍ଚିତ୍ର ମାଫିଆ ଫିଲ୍ମର କ୍ଷତି କରିବାକୁ ଚେଷ୍ଟା କରୁଛନ୍ତିଃ କଙ୍ଗନା

ବଲିଉଡ ରାଣୀ କଙ୍ଗନା ରନାୱ୍ତ ସର୍ବଦା କିଛି ନା କିଛି ବଷୟରେ ଚର୍ଚ୍ଚାରେ ରହିଥାନ୍ତି। ସେ ନିଜର ବକ୍ତବ୍ୟ ପାଇଁ ଜଣାଶୁଣା। ତାଙ୍କ ପ୍ରଡକ୍ସନ୍ ହାଉସ୍ ଅଧୀନରେ ନିର୍ମିତ ଫିଲ୍ମ 'ଟିକୁ ୱେଡସ୍ ଶେରୁ' ପାଇଁ କଙ୍ଗନା ଆଜିକାଲି ବେଶ୍ ଚର୍ଚ୍ଚାରେ ଅଛନ୍ତି। ଆଜି ଓଟିଟି ପ୍ଲାଟଫର୍ମରେ 'ଟିକୁ ୱେଡସ୍ ଶେରୁ' ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ରରେ ନୱାଜୁଦ୍ଦିନ ସିଦ୍ଦିକି ଏବଂ ଅବନୀତ୍ କୌର ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ଏହି ଚଳଚ୍ଚିତ୍ରଟିକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପାଇଛି। ଏହି ସମୟରେ କଙ୍ଗନା ରଣାୱ୍ତ୍ ଯେଉଁମାନେ ଖରାପ ସମୀକ୍ଷା କରଛନ୍ତି ସେମାନଙ୍କୁ ନିନ୍ଦା କରିଛନ୍ତି ଏବଂ ସେମାନଙ୍କୁ ଚଳଚ୍ଚିତ୍ର ମାଫିଆ ବୋଲି ଚିତ୍ରଣ କରିଛନ୍ତି। ସୋସିଆଲ ମିଡିଆରେ ଏହି ପୋଷ୍ଟ ସେୟାର କରି କଙ୍ଗନା ନିଜର କ୍ରୋଧ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି କି କିଛି ଚଳଚ୍ଚିତ୍ର ମାଫିଆ ଫିଲ୍ମର କ୍ଷତି କରିବାକୁ ଚେଷ୍ଟା କରୁଛନ୍ତି। ସେମାନେ ନକଲି ସମୀକ୍ଷା ଦେଉଛନ୍ତି ଏବଂ ଫିଲ୍ମ ରିଲିଜ ହେବା ପୂର୍ବରୁ ମଧ ସେ ଏହା ବିରୋଧରେ ଅଭିଯାନ ଆରମ୍ଭ କରିଥିଲେ। କଙ୍ଗନା ଆହୁରି ଲେଖିଛନ୍ତି- ଆଚ୍ଛା, ଚଳଚ୍ଚିତ୍ରଟି ବର୍ତ୍ତମାନ ଷ୍ଟ୍ରିମିଡ୍ ହୋଇଛି, ଦୟାକରି ଏହାକୁ ନିଜ ପାଇଁ ଦେଖନ୍ତୁ ଏବଂ ଯଦି ଆପଣଙ୍କର ବନ୍ଧୁ ଏବଂ ପରିବାର ଏହା ପୂର୍ବରୁ ଫିଲ୍ମ ଦେଖିଥିବେ ତେବେ ଏହାକୁ ସମୀକ୍ଷା କରିବାକୁ କୁହନ୍ତୁ। ନକଲି ସମୀକ୍ଷାକୁ ବିଶ୍ୱାସ କରନ୍ତୁ ନାହିଁ। ଏଠାରେ ସୂଚନାଯୋଗ୍ୟ ଯେ ଏହା ପ୍ରଥମ ଥର ନୁହେଁ ଯେ କଙ୍ଗନା ଇଣ୍ଡଷ୍ଟ୍ରିର ଲୋକଙ୍କୁ ଚଳଚ୍ଚିତ୍ର ମାଫିଆ ବୋଲି କହି ସେମାନଙ୍କୁ ଗାଳି ଦେଇଛନ୍ତି। ସେ ଚଳଚ୍ଚିତ୍ର ମାଫିଆର ନାମ ନେଇ ସୋସିଆଲ ମିଡିଆରେ ଅନେକ ଥର ସେୟାର କରିଛନ୍ତି। କଙ୍ଗନା ରାନାୱ୍ତଙ୍କୁ ଅର୍ଜୁନ ରାମପାଲଙ୍କ ବିପକ୍ଷରେ 'ଧାକଡ଼' ଫିଲ୍ମରେ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ ଏକ ଫ୍ଲପ୍ ବୋଲି ପ୍ରମାଣିତ ହୋଇଥିଲା। ତାଙ୍କୁ ଖୁବ୍ ଶୀଘ୍ର 'ଏମରଜେନ୍ସି' ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଫିଲ୍ମରୁ କଙ୍ଗନାଙ୍କ ଲୁକ୍ ପ୍ରକାଶ ପାଇଛି।

# ୩ହଜାର ବର୍ଷର ଖଣ୍ଡା

ଗତ ସପ୍ତାହରେ ଦକ୍ଷିଣ ଜର୍ମାନୀରେ ଖନନ ବେଳେ ମାଟି ତଳୁ ଏକ ବ୍ରୋଞ୍ଜ ଖଣ୍ଡା ଉଦ୍ଧାର କରାଯାଇଛି। ପ୍ରାୟ ତିନି ହଜାର ବର୍ଷ ତଳର ଉକ୍ତ ଖଡ଼୍ଗଟି ଏବେ ସୁଦ୍ଧା ଝଲସୁଥିବା ଘଟଣା ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କୁ ଚକିତ କରିଛି। ଜର୍ମାନୀର ନ୍ୟୁରେମ୍ବର୍ଗ ଓ ଷ୍ଟୁଗାର୍ଟ ମଧ୍ୟବର୍ତ୍ତୀ ଅଞ୍ଚଳ ନର୍ଦ୍ଲିଞ୍ଜେନଠାରେ ପ୍ରତ୍ନତାତ୍ତ୍ୱିକ ଖନନ ବେଳେ ଖ୍ରୀ.ପୂ. ୧୪୦୦, ଅର୍ଥାତ୍ ବ୍ରୋଞ୍ଜ ଯୁଗର ମଧ୍ୟଭାଗର ଏହି ଖଣ୍ଡାଟି ଆବିଷ୍କୃତ ହୋଇଛି ଯେଉଁଥିରେ ବ୍ରୋଞ୍ଜର ମଧ ଏକ ଅଷ୍ଟଭୁଜାକାର ମୁଠା ରହିଛି। ତାହା ଏକ ସମାଧିସ୍ଥଳରୁ ମିଳିଛି ଯେଉଁଠି ତିନି ଜଣଙ୍କୁ ଲଗାତାର ସେଠାରେ କବର ଦିଆଯାଇଥିବା ଜଣାଯାଇଛି। କବରସ୍ଥ ହୋଇଥିବା ଜଣେ ପୁରୁଷ, ଜଣେ ମହିଳା ଓ ଜଣେ ଶିଶୁ- ସମସ୍ତେ ଦେହରେ ବ୍ରୋଞ୍ଜ



ନିର୍ମିତ ସାମଗ୍ରୀ ଧାରଣ କରିଥିବା ଜଣାଯାଇଛି। ସମୟକ୍ରମେ ସଂପୃକ୍ତ ଅଞ୍ଚଳରେ ଲୋକେ ମଧ-ବ୍ରୋଞ୍ଜ ଯୁଗୀୟ କବରସ୍ଥଳଗୁଡ଼ିକରୁ ବିଭିନ୍ନ ସାମଗ୍ରୀ ପ୍ରାୟ ଲୁଟିନେଇଥିବା ବେଳେ ଉକ୍ତ ଖଣ୍ଡାଟିର ଅସ୍ତିତ୍ୱ ଭିନ୍ନ ସନ୍ଦେଶ ଆଣିଛି। ତାହାର ଅଷ୍ଟଭୁଜାକାର ମୁଠାରୁ ତାହାକୁ କୌଣସି କୁଶଳୀ ଶିଳ୍ପୀ ନିର୍ମାଣ କରିଥିବା ଅନୁମାନ କରାଯାଏ। ଖଣ୍ଡାଟି ଏବେ ବି ଶତ୍ରୁକୁ ଅନାୟାସରେ ଛେଦନ କରିପାରିବାର କ୍ଷମତା ରଖିଛି। ମାତ୍ର ଖଣ୍ଡାଟିରେ କୌଣସି ବ୍ୟବହାର ଜନିତ କ୍ଷୟଚିହ୍ନ ଦେଖିବାକୁ ମିଳିନଥିବାରୁ ତାହା କେବଳ ଏକ ଉତ୍ସବୀୟ ସାମଗ୍ରୀ ଭାବେ ବ୍ୟବହୃତ ହେଉଥିବା ପ୍ରତ୍ନତତ୍ତ୍ୱବିତ୍‌ମାନେ ଅନୁମାନ କରୁଛନ୍ତି।

# ସଠିକ୍ ସମୟରେ ପିଅନ୍ତୁ ନଡ଼ିଆ ପାଣି

ଗରମ ଦିନରେ ଥଣ୍ଡା ପିଇବାର ମଜା ହିଁ କିଛି ଅଲଗା ହୋଇଥାଏ, ଯେମିତିକି ନଡ଼ିଆର ପାଣି। ଆପଣମାନେ ନଡ଼ିଆ ପାଣି ପିଇବାର ଫାଇଦା ତ ଜାଣିଛନ୍ତି, ପେଟକୁ ଥଣ୍ଡା କରିବା ସହିତ ଶରୀରକୁ ମଧ ଦେଇଥାଏ ଆରାମ। ଗରମ ଦିନେ ପଇଡ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ ହୋଇଥାଏ। ପଇଡ ପାଣି ଛଡା ତା' ଭିତରେ ଥିବା ନାଳି ବା ମଲାଇ ବହୁତ ଲାଭକାରୀ ହୋଇଥାଏ। ଅଧିକାଂଶ ଲୋକେ ଏହାକୁ ପିଇବା ପରେ ଫିଙ୍ଗି ଦେଇଥାନ୍ତି। ଏହା ଭିତରେ ଥିବା ନାଳି ଖାଇ ନଥାନ୍ତି। ନଡିଆ ନାଳିରେ ଥିବା ଆଇରନ୍, ଫସଫରସ, ମାଙ୍ଗାନିଜ, ଜିଙ୍କ, ଏଣ୍ଟିଅକ୍ସିଡାଣ୍ଟ ଓ ଏଣ୍ଟିଇନଫ୍ଲାମେଟରୀ ତତ୍ତ୍ୱ ଶରୀର ପାଇଁ ବହୁତ ଲାଭଦାୟକ ହୋଇଥାଏ। ଏହା ସହିତ ସେ ଜଳ ଶୂନ୍ୟତାକୁ ଦୂର କରିବା ଏବଂ ଚର୍ମ ପାଇଁ ମଧ ବହୁତ ଉପକାରୀ ଅଟେ। କିନ୍ତୁ ନଡ଼ିଆ ପାଣି କିଛି ଲୋକଙ୍କ କ୍ଷତି ମଧ କରିଥାଏ। ସଠିକ ସମୟରେ, ସଠିକ



ଉପାୟରେ ଏବଂ ସଠିକ ପରିମାଣରେ ନଡ଼ିଆ ପାଣି ପିଇବା ଆବଶ୍ୟକ। ସୂଚନା ଅନୁଯାୟୀ ନଡ଼ିଆ ପାଣି ପିଇବା ଦ୍ୱାରା ନିମ୍ନ ରକ୍ତଚାପ, ବିଭିନ୍ନ ପେଟ ଯନ୍ତ୍ରଣା, ଥଣ୍ଡା-କାଶ-ଜ୍ୱର, ଓଜନ ବଢିବାର ମଧ ସମସ୍ୟା ଇତ୍ୟାଦି ଦେଖାଦେଇଥାଏ। ଏହାକୁ ଅଧିକ ପରିମାଣରେ ସେବନ କରିବା ଦ୍ୱାରା କିଛି ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଯେଉଁ ବ୍ୟକ୍ତି ମାନଙ୍କର ଠାରେ ସୁଗର ଭଳି ରୋଗ ଥାଏ,ସେମାନେ ପଇଡ଼ ପାଣି ପିଇବା ଉଚିତ ନୁହେଁ। କାରଣ ଏହା ଦ୍ୱାରା ସୁଗରର ସ୍ତର ଶୀଘ୍ର ବଢିଥାଏ। ଯଦି ଶରୀରରେ କୌଣସି ତତ୍ତ୍ୱ ବଢିଯାଏ ତେବେ ଶରୀରରୁ ପାଣି ସୁଖିବାରେ ଲାଗିଥାଏ। ଯାହାଫଳରେ କି ଡ଼ାଇରିଆ ହେବାର ସମ୍ଭାବନା ଥାଏ। ସାଧାରଣତଃ ସକାଳୁ ନଡିଆ ପାଣି ପିଇବା ହୋଇଥାଏ ଲାଭଦାୟକ।

ସାଉଥ ଅଭିନେତ୍ରୀ କାଜଲ ଅଗ୍ରୱାଲ୍। ବଲିଉଡରେ 'ସିଙ୍ଘମ୍ ଗାର୍ଲ' ହୋଇ ଲୋକପ୍ରିୟତା ସାଉଁଟିଥିଲେ। ତାଙ୍କ କ୍ୟାରିଅରରେ କାଜଲ ବର୍ତ୍ତମାନ ପର୍ଯ୍ୟନ୍ତ ଦକ୍ଷିଣ ଏବଂ ବଲିଉଡ ଚଳଚ୍ଚିତ୍ର ସମେତ ପ୍ରାୟ ୫୫ଟି ଚଳଚ୍ଚିତ୍ରର ଅଂଶବିଶେଷ ରହିଛନ୍ତି। ଯେଉଁଥିରେ ଅଭିନେତ୍ରୀ ତାଙ୍କ ଅଭିନୟ ସହିତ ସମସ୍ତଙ୍କ ହୃଦୟ ଜିତିଛନ୍ତି। କିନ୍ତୁ, ବର୍ତ୍ତମାନ କାଜଲ ତାଙ୍କ ବୃତ୍ତିଗତ ଜୀବନ ଅପେକ୍ଷା ତାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଅଧିକ ଆଲୋଚନାରେ ଅଛନ୍ତି। ଅଭିନେତ୍ରୀ ଫିଲ୍ମ ଇଣ୍ଡଷ୍ଟ୍ରି ଛାଡିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏହି ଖବର କାଜଲ ଅଗ୍ରୱାଲଙ୍କ ପ୍ରଶଂସକଙ୍କ ପାଇଁ ଅତ୍ୟନ୍ତ ଚକିତ ହୋଇପାରେ। କିନ୍ତୁ କିଛି ରିପୋର୍ଟରେ କୁହାଯାଇଛି ଏହା ସତ୍ୟ ଅଟେ। କାଜଲ ବର୍ତ୍ତମାନର କାର୍ଯ୍ୟ ପୂରଣ କରିବା ପରେ ଫିଲ୍ମ ଇଣ୍ଡଷ୍ଟ୍ରିକୁ ବିଦାୟ ଦେବେ। ତାଙ୍କର ଦୁଇଟି ପ୍ରୋଜେକ୍ଟ ହାତରେ ଅଛି। ଏହି ଦୁଇଟି ଚଳଚ୍ଚିତ୍ରର କାର୍ଯ୍ୟ ସମାପ୍ତ କରିବା ପରେ କାଜଲ ସିନେମାର ରଙ୍ଗୀନ ଦୁନିଆ ଛାଡି ତାଙ୍କ ବ୍ୟକ୍ତିଗତ ଜୀବନ ଉପରେ ଧ୍ୟାନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ପୁଅ ନୀଲଙ୍କ ପାଇଁ ଇଣ୍ଡଷ୍ଟ୍ରି ଛାଡିବାକୁ ଏହି ନିଷ୍ପତ୍ତି ନେଇଛନ୍ତି। କୁହାଯାଏ ଯେ ତାଙ୍କର କାର୍ଯ୍ୟ ପ୍ରତିଶ୍ରୁତି ହେତୁ ସେ ନିଜ ପୁଅକୁ ଯେତିକି ସମୟ ଦେବା କଥା ସେତିକି ସମୟ ଦେଇ ପାରୁ ନାହାନ୍ତି। ତାଙ୍କ ଫ୍ୟାନ୍ସ କାଜଲଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରିଛନ୍ତି। ବର୍ତ୍ତମାନ କେବଳ ସମୟ କହିବ ଏହି ରିପୋର୍ଟଗୁଡିକ ସତ କି ମିଛ।



# ଫିଲ୍ମ ଇଣ୍ଡଷ୍ଟ୍ରି ଛାଡିବେ କାଜଲ

# ଥଣ୍ଡା ପାଣି ପିଇବାରୁ ଦୂରେଇ ରୁହନ୍ତୁ

ଅସହ୍ୟ ତାତିରେ ଥଣ୍ଡା ପାଣି ପିଇବାକୁ ମନ ବଳାଇବା ସାଧାରଣ କଥା। ଏହା ସଙ୍ଗେ ସଙ୍ଗେ ଆପଣଙ୍କୁ ଆରାମ ଦେଇପାରେ ହେଲେ ଏହାର ସାଇଡ ଇଫେକ୍ଟ ଖୁବ୍ ଅଧିକ ବୋଲି ଚେତାଇ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ତେଣୁ ଥଣ୍ଡା ପାଣି ପିଇବାକୁ ଯଥାସମ୍ଭବ ଏଡ଼ାଇବା ଉଚିତ ବୋଲି ପରାମର୍ଶ ଦିଆଯାଇଛି। ସବୁବେଳେ ଥଣ୍ଡା ପାଣି ପିଉଥିଲେ ଏହାଦ୍ୱାରା ହୃଦସ୍ପନ୍ଦନର ବେଗ ଗମ୍ଭୀର ଭାବେ ପ୍ରଭାବିତ ହୋଇଥାଏ। ଥଣ୍ଡା ପାଣି ଆମ ଶରୀରର ସ୍ନାୟୁ ପ୍ରଣାଳୀର ସନ୍ତୁଳନକୁ ବିଗାଡ଼ି ଦେଇଥାଏ। ଯେଉଁଥିପାଇଁ ଆମର ହୃଦସ୍ପନ୍ଦନର ଗତି ମନ୍ଥର ହୋଇଯାଇଥାଏ। ଫଳରେ ଛାତିରେ ଯନ୍ତ୍ରଣା ହେବା ସମସ୍ୟା ଦେଖାଦେଇଥାଏ। ମେଦବହୁଳତା ବଢ଼ିବାର ଏକ ପ୍ରମୁଖ କାରଣ ନିୟମିତ ଭାବେ ଥଣ୍ଡା ପାଣି ପିଇବା ବୋଲି ଜଣାଯାଇଛି। ମୁଖ୍ୟତଃ ଅନିୟମିତ ଜୀବନଶୈଳୀ ପାଇଁ ଆଜିର ଯୁବପୀଢ଼ି ମୋଟାପଣର ଶିକାର ହେଉଛନ୍ତି। ଏହାବାଦ ଖାଇବା ପରେ ପରେ ତୁରନ୍ତ ଥଣ୍ଡା ପାଣି ପିଇ ଦେଲେ, ମୋଟାପଣ ବଢ଼ିବାର ସମ୍ଭାବନା ବହୁଗୁଣ ବଢ଼ି ଯାଇଥାଏ। ତେଣୁ ଡାଏଟିସିଆନ ଖାଇବା ପରେ ତୁରନ୍ତ ପାଣି ପିଇବାକୁ ବାରଣ କରିଥାନ୍ତି। ସବୁବେଳେ ଥଣ୍ଡା ପାଣି ପିଇବା ଥଣ୍ଡା, ଜ୍ୱର ଏବଂ କାଶର କାରଣ ହୋଇପାରେ। କାରଣ ସବୁବେଳେ ଥଣ୍ଡା ପାଣି ପିଇବା ଦ୍ୱାରା ଲୋକମାନେ ଥଣ୍ଡା ଏବଂ କାଶ ଦ୍ୱାରା ସଂକ୍ରମିତ ହୋଇ ପାରନ୍ତି। ସେଥିପାଇଁ ଖାଇବା ପରେ ଥଣ୍ଡା ପାଣି ବଦଳରେ ନର୍ମାଲ ପାଣି ପିଇବା ଉଚିତ। ସବୁବେଳେ ଥଣ୍ଡା ପାଣି ପିଇବା ଦ୍ୱାରା ଶରୀରରେ ସଂକ୍ରମଣ ଆଶଙ୍କା ବଢ଼ି ଯାଇଥାଏ। ଅତ୍ୟଧିକ ଥଣ୍ଡା ପାଣି କିମ୍ବା ମୃଦୁ ପାନୀୟ ପିଇବା ରକ୍ତ କୋଷକୁ ପ୍ରଭାବିତ କରିଥାଏ। ଯାହା ସିଧାସଳଖ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ନିୟମିତ ଥଣ୍ଡା ପାଣି ପିଇବା ଦ୍ୱାରା ହଜମ ପ୍ରକ୍ରିୟା ଦୁର୍ବଳ ହୋଇଯାଏ। ସେଥିପାଇଁ ଥଣ୍ଡା ପାଣିରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି।





# ଆମ୍ବ ଖାଇବାକୁ ନେଇ ପ୍ରତିଯୋଗିତା

ଆପଣ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଦେଖିଥିବେ। ଖେଳକୁଦରୁ ନେଇ ଦୌଡ଼ାଦୌଡ଼ି, ଗୀତନାଚ ଏବଂ ଖାଦ୍ୟ ପ୍ରତିଯୋଗିତା ମଧ। ପୂର୍ବରୁ ସୋସିଆଲ୍ ମିଡିଆରେ ଅନେକ ଭିଡିଓ ଭାଇରାଲ୍ ହୋଇଛି, ଯେଉଁଥିରେ ବିରିୟାନି, ଆମିଷ ଓ ନିରାମିଷ ଥାଳି, ଗୁପ୍‌ଚୁପ୍ ଆଦି ଖାଦ୍ୟକୁ ନେଇ ପ୍ରତିଯୋଗିତା ହୋଇଥାଏ। ଏହା କହିବା ଅତ୍ୟୁକ୍ତି ହେବ ନାହିଁ ଯେ ଭାରତର ଅଧିକାଂଶ ଲୋକଙ୍କର ଆମ୍ବ ଏକ ପ୍ରିୟ ଫଳ। ଏହି ଫଳ ଗ୍ରୀଷ୍ମ ଋତୁରେ ବହୁଳ ମାତ୍ରାରେ ଉପଲବ୍ଧ। ଲୋକମାନେ ଏହାର ବିଭିନ୍ନ କିସମକୁ ଉପଭୋଗ କରିବାକୁ ପସନ୍ଦ କରିଥାନ୍ତି। ଆମେ ଯେତେବେଳେ ଆମ୍ବ ବିଷୟରେ ଆଲୋଚନା କଲେଣି ତ, ଆସନ୍ତୁ ବିହାରରେ ଆୟୋଜିତ ଆମ୍ବ ଖାଇବା ପ୍ରତିଯୋଗିତା ବିଷୟରେ ବି ଚର୍ଚ୍ଚା କରିବା। ଏହି ପ୍ରତିଯୋଗିତା ବିହାରର ପାଟନାରେ ରାଜ୍ୟସ୍ତରୀୟ ଆମ୍ବ ମହୋତ୍ସବର ଏକ ଅଂଶ ଥିଲା। ବିହାର ସରକାରଙ୍କ ଉଦ୍ୟାନ କୃଷି ବିଭାଗ, କୃଷି ବିଭାଗ ଦ୍ୱାରା ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏବଂ ଜୁନ୍ ୧୮ ପର୍ଯ୍ୟନ୍ତ ତିନି ଦିନ ଧରି ଚାଲିଥିଲା। ପଶ୍ଚିମ ଚମ୍ପାରଣ ଜିଲ୍ଲାର ବେଟିୟାଠାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କ୍ଲିପ୍‌ରେ ଅନେକ ପ୍ରତିଯୋଗୀ ଆମ୍ବ ଖାଉଥିବାର ନଜର ଆସିଛନ୍ତି। ସେମାନଙ୍କ ସାମ୍ନାରେ ଆମ୍ବରେ ପରିପୂର୍ଣ୍ଣ ଏକ ଥାଳି ରଖାଯାଇଛି ଏବଂ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତାହାକୁ ଶେଷ କରିବାକୁ କୁହାଯାଇଛି। ଏହି ଆମ୍ବଖିଆ ପ୍ରତିଯୋଗିତାର ଏକ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବାଲେଶ୍ୱର,(ଭାସ୍କର ନ୍ୟୁଜ୍) : ଜନସଂଘର ପ୍ରତିଷ୍ଠାତା ମହାନ ଜନନାୟକ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ଭାବେ ସମଗ୍ର ଦେଶରେ ଆଜି ପାଳିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜାମ୍ମୁ ଓ କାଶ୍ମୀରର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ କବିନ୍ଦର୍ ଗୁପ୍ତା, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ପୂର୍ବତନ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ବିଷ୍ଣୁପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ମୁଖାର୍ଜୀଙ୍କ ଫୋଟଚିତ୍ରରେ ପୁଷ୍ପାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଜନସଂଘ ପାର୍ଟିର ନୀତି ଆଦର୍ଶକୁ ପାଥେୟ କରି ସାମ୍ପ୍ରତିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଜେପି ସରକାର ଦେଶବାସୀଙ୍କୁ ସୁଶାସନ ଦେଇ ଚାଲିଛନ୍ତି ବୋଲି ବକ୍ତାମାନେ କହିଥିଲେ । ମାନବତାର ଉପାସକ, ବିଶିଷ୍ଟ ଶିକ୍ଷାବିତ ଓ ଭାରତୀୟ ଜନସଂଘର ସଂସ୍ଥାପକ ସ୍ୱର୍ଗତଃ ମୁଖାର୍ଜୀଙ୍କର 'ଏକ ଦେଶ ମେଁ ଦୋ ନିସାନ ଦୋ ବିଧାନ ଦୋ ପ୍ରଧାନ ନହିଁ ଚଲେଗା' ସ୍ଲୋଗାନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହା ବାସ୍ତବତାରେ ପରିଣତ କରିପାରିଛନ୍ତି ।

### ବିକାଶ ମୂଳକ କାର୍ଯ୍ୟରେ ରାଜ୍ୟ ସରକାର ବାଧକ ନସାଜନ୍ତୁ

## ସାମ୍ବାଦିକ ସମ୍ମିଳନୀରେ ଗର୍ଜିଲେ କାଳନ୍ଦୀ ସାମଲ



ତାଳଚେର (ଭାସ୍କର ନ୍ୟୁଜ୍) : ମୋଦି ସରକାରଙ୍କର ସେବା, ସୁଶାସନ ଓ ଗରିବ କଲ୍ୟାଣର ୯ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଜୁନ ୨୪ ଦେଉଳବେଡା ଦୁର୍ଗା ମଣ୍ଡପ ପଡିଆରେ ଗରିବ କଲ୍ୟାଣ ସମାବେଶ ଅନୁଷ୍ଠିତ ହେବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଜନସଭାକୁ ସମ୍ବୋଧିତ କରିବେ। ଏ ପରିପେକ୍ଷୀରେ ବିଜେପି ପକ୍ଷରୁ ତାଳଚେର ଦେଉଳବେଡା ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମୋଦି ସରକାରରେ ପଞ୍ଚଦଶ ଅର୍ଥ କମିଶନ, ଖଣି ରାଜସ୍ୱ, ଡିଏମଏ, ଜାତୀୟ ରାଜପଥ, ରେଳପଥ, ବିମାନବନ୍ଦର, ଡିଜିଟାଲ ଇଣ୍ଡିଆରେ ଓଡ଼ିଶାକୁ ବ୍ୟାପକ ଅନୁଦାନ ମିଳିଛି ସବକା ସାଥ୍-ସବକା ବିକାଶ-ସବକା ବିଶ୍ୱାସ-ସବକା ପ୍ରୟାସ ମନ୍ତ୍ରରେ ଓଡ଼ିଶା ଓ ଭାରତର ପ୍ରଗତି ଗତିଶୀଳ ହେଉଛି । ପଞ୍ଚଦଶ ଅର୍ଥ କମିଶନରେ ଓଡ଼ିଶା ୨.୨୨ ଲକ୍ଷ କୋଟି ଟଙ୍କା ପାଇଛି । କଂଗ୍ରେସ ସରକାରରେ ଓଡ଼ିଶା ଖଣି କ୍ଷେତ୍ରରେ ବାର୍ଷିକ ୫ ହଜାର କୋଟି ଟଙ୍କା ରାଜସ୍ୱ ଆକାରରେ ପାଉଥିବା ବେଳେ ଆଜି ପ୍ରଧାନମନ୍ତ୍ରୀଙ୍କ ଖଣି ନୀତିରେ ସୁଧାର କାରଣରୁ ଓଡ଼ିଶା ବାର୍ଷିକ ୫୦ ହଜାର କୋଟି ଟଙ୍କା ପାଉଛି । ମୋଦି ସରକାର ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଳିଷ୍ଠ ଉଦ୍ୟମରେ ତାଳଚେରରେ ୧୩୫୦୦ କୋଟି ଟଙ୍କାରେ ଏସି ଆଇ ପ୍ଲାଣ୍ଟ, ୧୦୫୦୦ କୋଟି ଟଙ୍କାରେ ଥର୍ମାଲ ପ୍ଲାଣ୍ଟ, ତାଳଚେର ମେଡିକାଲ କଲେଜ ନିର୍ମାଣ ସହ ପରିଚାଳନା ପାଇଁ ୧୫୦୦ କୋଟି, ଦୁଇ ଦୁଇଟି ସେଣ୍ଟ୍ରାଲ ସ୍କୁଲ ପ୍ରତିଷ୍ଠା, ଅନୁଗୁଳ ଡୁବୁରୀ ନୂତନ ରେଳ ଲାଇନ, ତାଳଚେର ବିମଳା ଗଡ଼ ରେଳପଥ କାର୍ଯ୍ୟ ପାଇଁ ପ୍ରଚୁର ଅର୍ଥ, ତାଳଚେର ରେଳ ଷ୍ଟେସନ ର ପୁନଃରୁଦ୍ଧାର, ହାଣ୍ଡିଧୂଆଁ ଶର୍ମାଛକ ଅଣ୍ଡର ପାସ ନିର୍ମାଣ, ଅନୁଗୁଳ ସମ୍ବଲପୁର ଚାରି ଲାଇନ ରାସ୍ତା, ତାଳଚେର ପାଣିକୋଇଲି ଚାରିଲାଇନ ରାସ୍ତା, ବନରପାଳରୁ କଣିହାଁ ଚାରି ଲାଇନ ରାସ୍ତା, ଡ଼ିଏଭି ସ୍କୁଲ ପ୍ରତିଷ୍ଠା, ବିଭିନ୍ନ କ୍ଲବ, କିଶୋର କ୍ଲବ, ଗୁଣ୍ଡିଚା ମନ୍ଦିରର ସୌନ୍ଦର୍ଜିକରଣ, କୋଇଲା ଖଣି ରେ ମୃତାହତ ହେଲେ ୧୫ ଲକ୍ଷ ଅନୁକମ୍ପା ରାଶି, କୋଲ ଟ୍ରିବୁନାଲ ପ୍ରତିଷ୍ଠା, କରୋନା ସମୟରେ ତାଳଚେରରେ କୋଭିଡ ହସ୍ପିଟାଲ ନିର୍ମାଣ କରି ହଜାର ହଜାର ଲୋକଙ୍କୁ ଚିକିତ୍ସା କରାଇବା, ରେଳ ପରିବର୍ତ୍ତେ ଟ୍ରକ ଯୋଗେ ଅଧିକ କୋଇଲା ପରିବହନ କରାଇବାର ବ୍ୟବସ୍ଥା, କଣିହାଁ ରେ ସ୍କିଲ ସେଣ୍ଟ୍ରର, ହିଙ୍ଗୁଳା ମନ୍ଦିର ପାଇଁ ୧୦ କୋଟି ଟଙ୍କାର ବ୍ୟବସ୍ଥା, ଦେଉଳବେଡା ତେଲି ସାହି ରେ କଲ୍ୟାଣ ମଣ୍ଡପ ସହ ମୁଖଶାଳା ନିର୍ମାଣ, ଅନୁଗୁଳ ଜିଲ୍ଲା ରେ ନୂତନ ଭାବେ ଡ଼ିଏମଏ' 'ଣ୍ଡ ଗଠନ କରି ବାର୍ଷିକ ୭୦୦ କୋଟି ଟଙ୍କାର ବ୍ୟବସ୍ଥା ଏପରି ବହୁ ବିକାଶ ମୂଳକ କାର୍ଯ୍ୟ କରିଛନ୍ତି, ରାଜ୍ୟ ସରକାର ତାଳଚେର ପାଇଁ ଟଙ୍କାଟିଏ ମଧ୍ୟ ସ୍ୱତନ୍ତ୍ର ଅନୁଦାନ ଦେଇ ନାହାନ୍ତି । ପଦ୍ମ ପୁରସ୍କାର ତଥା ଅନେକ କ୍ଷେତ୍ରରେ ମୋଦି ଓଡ଼ିଆଙ୍କୁ ସମ୍ମାନିତ ଓ ଗର୍ବିତ କରିଛନ୍ତି ବୋଲି ସେ କହିଛନ୍ତି । ଧର୍ମେନ୍ଦ୍ର ପ୍ରଧାନ ନିଜ ଜନ୍ମ ମାଟି ତାଳଚେର ପାଇଁ ଯେଉଁ ସବୁ କାର୍ଯ୍ୟ କରିଛନ୍ତି ତାଳଚେର ବାସୀ ହଜାର ହଜାର ସଂଖ୍ୟାରେ କୃତଜ୍ଞତା ଜଣାଇବା ପାଇଁ ସମାବେଶ ରେ ପହଁଚିବେ ବୋଲି ଶ୍ରୀ ସାମଲ ପ୍ରକାଶ କରିଥିଲେ ।ମହାପ୍ରଭୁ ତାଙ୍କୁ ଆହୁରି ଶକ୍ତି ଦିଅନ୍ତୁ ତାଳଚେର ବାସୀ ଙ୍କର ସେବା କରିବା ପାଇଁ ବୋଲି ସେ କହିଥିଲେ ।ବିଜେପି ଜିଲ୍ଲା ମିଡ଼ିଆ ସେଲ ଅକ୍ଷ ପର୍ଶୁରାମ ବାରିକ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀ ରେ ଶ୍ରୀ ସାମଲଙ୍କ ସମେତ ବିଧାନସଭା ପ୍ରଭାରୀ ତଥା ଜିଲ୍ଲା ସାଧାରଣ ସମ୍ପାଦକ ସୁଦିପ ଗଡ଼ନାୟକ, ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ନନ୍ଦ ଓ ତାଳଚେର ମିଡ଼ିଆ ସେଲ ସଂଯୋଜକ ସୁଶାନ୍ତ ସାମଲ ଉପସ୍ଥିତ ଥିଲେ ।

## ୫୦ ହଜାର ଟଙ୍କା ସହ ୨ ଜଣ ଜାମିନଦାର ଦାଖଲ ନିର୍ଦ୍ଦେଶ

କଟକ(ଭାସ୍କର ନ୍ୟୁଜ୍): ବେଆଇନ ଗଞ୍ଜେଇ ଚାଲାଣ ମାମଲାରେ ହାଇକୋର୍ଟ ଅଭିଯୁକ୍ତ ରୁପେଶ ସିଂ ବେସ୍ରାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ଆବେଦନକାରୀ ରୁପେଶ ସିଂ ବେସ୍ରାଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ଏସ୍.କେ. ସାହୁଙ୍କ ଇଜିଲାସ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି । ତେବେ ଅଭିଯୁକ୍ତଙ୍କୁ ୨ ଜଣ ଜାମିନଦାର ସହ ୫୦ ହଜାର ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଭବିଷ୍ୟତରେ ଅଭିଯୁକ୍ତ ଜଣକ ଅପରାଧିକ ମାମଲାରେ ସଂପୃକ୍ତି ହେବେ ନାହିଁ । ଅନ୍ୟପକ୍ଷରେ ନିମ୍ନ ଅଦାଲତ ଚାହିଁଲେ ଅନ୍ୟାନ୍ୟ ସର୍ତ୍ତ ଲାଗୁ କରିପାରିବେ ବୋଲି ଅଦାଲତ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ସୂଚନାଥାଉକି ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ଗତ ୨୦୧୯ ମସିହାରେ ଅଭିଯୁକ୍ତଙ୍କୁ ଫୁଲବାଣୀ ଜିଲ୍ଲାର ଗୋଛାପଡା ପୋଲିସ୍ ଗିରଫ କରିଥିଲା । ତାଙ୍କ ବିରୋଧରେ ଏନ୍‌ଡିପିଏସ୍ ଆଇନର ୨୦(ବି) (ଆଇଆଇ)(ସି)୨୫/୨୯ ଦଫାରେ ମାମଲା ରୁଜୁ ହୋଇଥିଲା । ଏହି ମାମଲା ଫୁଲବାଣୀ ସେସନ୍ କୋର୍ଟରେ ବିଚାରଧିନ ଥିବାବେଳେ ସେ ନିମ୍ନ ଅଦାଲତରେ ଜାମିନ ଆବେଦନ କରିଥିଲେ । ଫୁଲବାଣୀ ସେସନ୍ କୋର୍ଟ ଗତ ଏପ୍ରିଲ୍ ୧୮ ତାରିଖରେ ତାଙ୍କ ଜାମିନ ଆବେଦନ ଖାରଜ କରି ଦେଇଥିଲେ । ଏହା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟରେ ମଧ୍ୟ ପୂର୍ବରୁ ତାଙ୍କ ଆବେଦନ ଖାରଜ ହୋଇଥିଲା ।

## ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସରେ କେନ୍ଦ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଶ୍ରୀ ପ୍ରଧାନ ଟ୍ୱିଟ କରି କହିଛନ୍ତି ଯେ, ଶ୍ରଦ୍ଧେୟ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଏକ ଦୂରଦର୍ଶୀ ନେତା ଥିଲେ ଯିଏ ନିଜର ବିଚାର ଓ ସିଦ୍ଧାନ୍ତ ଜରିଆରେ ଦେଶର ରାଜନୀତିରେ ଉଚ୍ଚ ଆଦର୍ଶ ସ୍ଥାପିତ କରିଥିଲେ । ସେ ସବୁବେଳେ ଭାରତର ସମସ୍ୟାର ମୂଳ କାରଣ ଓ ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ ଓ ତା ପାଇଁ ଜୀବନ ପର୍ଯ୍ୟନ୍ତ ସଂଘର୍ଷ କରିଥିଲେ । ସାଂସ୍କୃତିକ ରାଷ୍ଟ୍ରବାଦର ଶିଳ୍ପୀ ଶ୍ୟାମା ପ୍ରସାଦ ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଳ୍ପ ବିକାଶର ମଜବୁତ ମୁଳଦୁଆ ରଖିବା ଓ ଭାରତକୁ ଶ୍ରେଷ୍ଠ ଓ ଶକ୍ତିଶାଳୀ କରିବାକୁ ନିଜର ସର୍ବସ୍ୱ ଅର୍ପଣ କରିଥିଲେ । ତାଙ୍କର ଜୀବନ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ସ୍ରୋତ । ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଭଳି ରାଷ୍ଟ୍ରନାୟକଙ୍କ ବଳିଦାନ ଦିବସ ଅବସରରେ ତାଙ୍କୁ କୋଟି କୋଟି ବନ୍ଦନ ।

## ବିଚ୍ଛିନ୍ନାଞ୍ଚଳ ଅଭିମୁଖେ ଉତ୍କଳ ପ୍ରସଙ୍ଗର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା

କଟକ(ଭାସ୍କର ନ୍ୟୁଜ୍): ଓଡ଼ିଆ ଭାଷା, ସାହିତ୍ୟ, ପରମ୍ପରା ସର୍ବୋପରି ଶ୍ରୀଜଗନ୍ନାଥ ସଂସ୍କୃତିର ମହନୀୟତାକୁ ବଜାୟ ରଖିବା ପାଇଁ ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ଉତ୍କଳ ପ୍ରସଙ୍ଗ (ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା) ବିତରଣ ନିମନ୍ତେ ଛତିଶଗଡ଼, ଝାରଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶ ପ୍ରେରଣ କରାଯାଇଛି । ଶୁକ୍ରବାର ପୂର୍ବାହ୍ନରେ ଉତ୍କଳ ପ୍ରସଙ୍ଗ ନେଇ ଯାଉଥିବା ଏକ ଗାଡ଼ିକୁ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଛନ୍ତି । ବିଚ୍ଛିନ୍ନାଂଚଳରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀ ଲୋକଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଥିବା ଶ୍ରଦ୍ଧା, ସମ୍ମାନ ଏବଂ ଆତ୍ମୀୟତାକୁ ସୁଦୃଢ଼ କରିବା ଏବଂ ଓଡ଼ିଶା ସରକାରଙ୍କର ସେମାନଙ୍କ ପ୍ରତି ଥିବା ଭଲପାଇବାକୁ ବଳବତର ରଖିବା ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଶ୍ରୀ ଅମାତ ପ୍ରକାଶ କରିଛନ୍ତି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସଂପାଦିକା କସ୍ତୁରୀ ମହାପାତ୍ର, ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଯାତ୍ରାର ସଫଳତା କାମନା କରିଥିଲେ ।

## ଏମ୍‌ଆଇଏସ୍ ଏବଂ ଜିଆଇଏସ୍ ୱେବ୍-ଆଧାରିତ ଆପ୍ଲିକେସନ୍‌ର ଶୁଭାରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆରଏ) ଅଧୀନରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ରିଅଲ ଟାଇମ୍ ମନିଟରିଂ ପାଇଁ ମ୍ୟାନେଜମେଣ୍ଟ ଇନଫରମେସନ ସିଷ୍ଟମ (ଏମ୍‌ଆଇଏସ୍) ଏବଂ ଜିଆଇଏସ୍ ୱେବ୍ ଭିତିକ ଆପ୍ଲିକେସନର ଶୁଭାରମ୍ଭ କରାଯାଇଛି । ରାଜ୍ୟ ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଜଳସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି।ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ବିଭାଗ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀଙ୍କ ସମେତ ଓଆଇଆଇପିସିଆରଏ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜି ଲଗାଣ ନିଗମ ଲିଃ.(ଆପିକଲ)ର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ୧୫ଟି ପ୍ରକଳ୍ପ ଜିଲ୍ଲାରେ ଚୟନ କରାଯାଇଥିବା ୫୩୮ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍‌ଆଇପି)ର ସେଚାଞ୍ଚଳରେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗରେ କୃଷି କାର୍ଯ୍ୟକ୍ରମଗୁଡିକର ତ୍ୱରିତ ବିକାଶ ଲକ୍ଷ୍ୟ ରଖି ଓଆଇଆଇପିସିଆର୍‌ଏ କାର୍ଯ୍ୟ କରୁଛି। ଏହା ଉନ୍ନତ ଫସଲ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ କୃଷକମାନେ ସହନଶୀଳ କୃଷି ପଦ୍ଧତି ଏବଂ ଜ୍ଞାନକୌଶଳର ବ୍ୟବହାର କରିବା, ଫସଲର ବିବିଧତା ଏବଂ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଅନୁକୂଳ ଜଳସେଚନ ସେବା ଯୋଗାଣର ବିଶ୍ୱସନୀୟତା ଏବଂ ଜଳର ଦକ୍ଷ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛି । ଏଥିରେ କୃଷକ, ପାଣି ପଞ୍ଚାୟତ, କୃଷକ ଉତ୍ପାଦକ ସଂଗଠନ, ମତ୍ସ୍ୟ ସମବାୟ ସମିତି ଓ କୃଷି ଉଦ୍ୟୋଗୀ ଆଦି ମୁଖ୍ୟ ଅଂଶୀଦାର ଅଟନ୍ତି । ଜଳ ସଂପଦ ବିଭାଗ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସମେତ ଜଡିତ ସମସ୍ତ ସହଭାଗୀ ଅନୁଷ୍ଠାନମାନଙ୍କର ସମନ୍ୱୟରେ ଏହି ନୂଆ ଉପଯୋଗୀ ଆପ୍ଲିକେସନ ପ୍ରୟୋଗର ସୁଫଳ ଆଗାମୀ ଦିନରେ ମିଳିବ ବୋଲି ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଆଶା ବ୍ୟକ୍ତ କରିଥିଲେ ।

## ଯୁଗଳଙ୍କୁ ମିଳିବ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ ସାହିତ୍ୟ ସମ୍ମାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବାଲ ଏବଂ ଯୁବ ପୁରସ୍କାର-୨୦୨୩ ଘୋଷଣା କରାଯାଇଛି । ଓଡିଶାରୁ ଓଡ଼ିଆ ଭାଷାରେ ବାଲ ପୁରସ୍କାର ପାଇଁ ଡ.ଯୁଗଳ କିଶୋର ଷଡ଼ଙ୍ଗୀଙ୍କ ନାମ ଘୋଷଣା କରାଯାଇଛି । କ୍ଷୁଦ୍ର ଗଳ୍ପ ବିଭାଗରେ 'ଜେଜେଙ୍କ ଗପ ଗଣ୍ଠିଲି' ପୁସ୍ତକ ପାଇଁ ଡ. ଷଡ଼ଙ୍ଗୀ ପାଇବେ ଏହି ସମ୍ମାନ। ମୋଟ ୨୨ଟି ଭାଷାରେ ଏହି ପୁରସ୍କାର ଘୋଷଣା କରାଯାଇଥିବା ବେଳେ ଚଳିତ ବର୍ଷ କଶ୍ମିରୀ ଭାଷା ପାଇଁ କୌଣସି ପୁରସ୍କାର ଘୋଷଣା କରାଯାଇନାହିଁ। ସେହିପରି ମଣିପୁର ଭାଷା ପାଇଁ ପରବର୍ତ୍ତୀ ସମୟରେ ପୁରସ୍କାର ଘୋଷଣା କରାଯିବ ।

## ମୃତକଙ୍କ ପରିବାରକୁ ସମବେଦନା



ରାଜନଗର,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ହାତିଆଗଡି ଗ୍ରାମରେ ବୁଧବାର ଦିନ ବୈଲୋଚନ ଦାସଙ୍କ ସ୍ତ୍ରୀ ସୀତାରାଣୀଙ୍କୁ ପୋଖରୀ ନିକଟରୁ କୁମ୍ଭୀର ଟାଣି ନେଇ ଦଳଭିତରେ ମାରିଦେଇଥିଲେ ମଧ ସୀତାରାଣୀଙ୍କ ଶବ ମିଳିନଥିଲା। ଗ୍ରାମବାସୀମାନେ ଶବ ମିଳିବା ପର୍ଯ୍ୟନ୍ତ ଜିଦ୍ କରି ରାସ୍ତା ରୋକ କରିଥିଲେ। ପ୍ରଶାସନ ପକ୍ଷରୁ ଜେସିବି ଦ୍ୱାରା ଦଳ କାଢି ଖୋଜା ଖୋଜି କରିବା ପରେ ସୀତାରାଣୀଙ୍କ ଶବ ମିଳିଥିଲା। ଏହି ଦୁଃଖଦ ଖବର ପାଇ ବିଧାୟକ ଧ୍ରୁବ ସାହୁ, ପ୍ରାକ୍ତନ ବିଧାୟକ ଅଲେଖ ଜେନା, ଏବଂ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବହୁଦୂରରେଥାଇ ଆସି ପାରିନଥିବାରୁ ତାଙ୍କ ତରଫରୁ ସଭାପତି ଦେବେନ୍ଦ୍ର ଜେନାଙ୍କ ସମେତ କର୍ମୀମାନେ ପରିବାରକୁ ଦେଖା କରି ସମ୍ବେଦନା ଜଣାଇବା ସହ ସହାୟତାର ହାତ ବଢାଇଥିଲେ। ଯେତେଶୀଘ୍ର ସରକାରୀ ସହାୟତା ମିଳିପାରିବ ସେଥିପାଇଁ ବିଧାୟକ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପରି କୁମ୍ଭୀର ମଣିଷକୁ ଟାଣି ନେବା ଘଟଣା ରାଜନଗର ରେଞ୍ଜ ପରିସରରେ ବହୁବାର ଘଟିବାରେ ଲାଗିଛି। ଯାହାକି ରେଞ୍ଜର ଓ ଫରେଷ୍ଟରଙ୍କ ଅବହେଳାରୁ ଏପରି ଦୁର୍ଘଟଣା ପରେ ଦୁର୍ଘଟଣା ଘଟୁଛି। ସେଥିପାଇଁ ଆଜି ବନବିଭାଗ ପକ୍ଷରୁ ନଦୀକୂଳିଆ ଲୋକମାନଙ୍କୁ କୁମ୍ଭୀର ଦାଉରୁ ରକ୍ଷା ପାଇବା ପାଇଁ ଆଜି ମାଇକ୍ ଯୋଗେ ସତର୍କ କରାଇ ଦିଆଯାଉଛି ।

## ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍ ଡ୍ରିଲ

କୁଜଙ୍ଗ,(ଭାସ୍କର ନ୍ୟୁଜ୍): ରାଜ୍ୟ ବିପର୍ଯ୍ୟୟ ପ୍ରଶମନ (ଓସଡମା), ଓଡ଼ିଶା ସରକାର, ଜିଲ୍ଲା ପ୍ରଶାସନ, ଜଗତସିଂହପୁର, ବ୍ଲକ୍ ପ୍ରଶାସନ, ଏରସମା ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ କମିଟି, ଗୋବିନ୍ଦପୁରର ମିଳିତ ସଂଯୋଜନାରେ ଆସନ୍ନ ବାତ୍ୟା/ବନ୍ୟା ସମୟରେ କିଭଳି ଲୋକଙ୍କୁ ଉଦ୍ଧାର ଓ ରକ୍ଷା କରାଯିବ ତାର ଏକ ଅବିକଳ ସାମୁହିକ ଅଭ୍ୟାସ (ମକ୍ ଡ୍ରିଲ) ସ୍ଥାନୀୟ ଗୋବିନ୍ଦପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଅନୁଷ୍ଠିତ ହୋଇଯାଇଛି। କିଭଳି ଲୋକଙ୍କୁ ଉଦ୍ଧାର କରିବା, ରିଲିଫ ଦେବା,ସନ୍ଧାନ କରିବା ସହ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯିବା ସହ ସଚେତନ ରହିବାକୁ କୁହାଯାଇଥିଲା। ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ସ୍ତରୀୟ ସାମୁହିକ ଅଭ୍ୟାସ ଶିବିରରେ କମିଟିର ସଭାପତି ଢ଼ିଙ୍କିଆ ପଞ୍ଚାୟତ ସରପଞ୍ଚ କିଶୋର କୁମାର ପରିଡ଼ା ସଭାପତିତ୍ୱ କରିଥିଲେ। ସମ୍ପାଦକ ରଞ୍ଜନ ବର୍ଦ୍ଧନ ମକ୍ ଡ୍ରିଲ୍‌ର ଉପାଦେୟତା ଏବଂ ବାତ୍ୟା ଆଶ୍ରୟ ସ୍ଥଳୀର ଅଭାବ ଅସୁବିଧା ସମ୍ବନ୍ଧରେ ଆଲୋଚନା କରିଥିଲେ। କେବଳ ବର୍ଷକୁ ଥରେ ଏହି ମକ୍ ଡ୍ରିଲ ଯଥେଷ୍ଟ ନୁହେଁ।ବାରମ୍ବାର ଅନ୍ୟାନ୍ୟ ସଚେତନ କାର୍ଯ୍ୟକ୍ରମ କରିବାକୁ ସେ ଦାବି ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ଜେନା,ଜି ଆର୍ ଏସ ପ୍ରଳୟ ବିଶ୍ୱାଳ,ଏମ ବି କେ ସନ୍ଧ୍ୟାରାଣି ପାତ୍ର,ପରିଚାଳନା କମିଟି ସଦସ୍ୟ ପ୍ରଫୁଲ୍ଲ ମହାନ୍ତି, ବିକାଶ ବର୍ଦ୍ଧନ, ଟଲନ ମହାନ୍ତି, ଦିଲ୍ଲୀପ ବର୍ଦ୍ଧନ, ଚନ୍ଦନ ଜେନା, ସୁଶାନ୍ତ ନାୟକ, ଗୋବିନ୍ଦ ରାଉତ, କେଦାର ଦାସ, ବିଜୟ ବାରିକ, ପ୍ରଭାତ ରାଉତ, ସାଗରିକା ଜେନା, ବିଜୟ ଲକ୍ଷ୍ମୀ ଜେନା, ୱାର୍ଡ ସଭ୍ୟ ଫକିର ବର୍ଦ୍ଧନ, ପରୀକ୍ଷିତ ସାମଲ, ହୃଷୀକେଶ ଦଲାଇ, ଅନୁପମା ପାତ୍ର,ବହ୍ଲବ ଦାସ, ହିରନ୍ୟ ଦାସ, ଅଙ୍ଗନୱାଡି କର୍ମୀ ଅହଲ୍ୟା ଜେନା, ସାବିତ୍ରୀ ରାଉତ, ମଞ୍ଜୁଲତା ବେହେରା, ଆଶା କର୍ମୀ ପ୍ରତିମା ଦାସ, ହାରାମଣି ରାଉତ, ମାତଙ୍ଗିନି ଶାହୁ, ସିଆରପି ଅଙ୍ଗୁରବାଳା ଦାସ, ଅଞ୍ଜଳି ଦାସ, ସୁବର୍ଣ୍ଣ ମହାନ୍ତି, ବର୍ଷା ପ୍ରିୟଦର୍ଶିନୀ ସାହୁ, ସ୍ୱୟଂ ସହାୟକ ଗୋଷ୍ଠୀର ବବିତା ବର୍ଦ୍ଧନ, ପ୍ରେମଲତା ବେହେରା, ବୀଣାପାଣି ବର୍ଦ୍ଧନ, କମଳା ଦାସ, ଲତିକା ବର୍ଦ୍ଧନ, ଛବିତା ସ୍ୱାଇଁ,ମିନତି ଦାସ,କଳ୍ପନା ଜେନା, ଅନୁସୁୟା ବର୍ଦ୍ଧନ, ସଂଯୁକ୍ତା ଜେନା,ମେନକା ସାମଲ, କବିତା ବର୍ଦ୍ଧନ ପ୍ରମୁଖ ଯୋଗଦେଇଥିଲେ।




ଉକ୍ତ କାର୍ଯ୍ୟକ୍ରମରେ ୨୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ। ଖୁବ୍ ଶୀଘ୍ର ଟାସ୍କଫୋର୍ସ ଗଢ଼ାଯାଇ ତାଲିମ ଦେବାର ବ୍ୟବସ୍ଥା କରାଯିବାକୁ ନିଷ୍ପତି ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ଏବଂ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ୨୫ ଜଣ ଝିଅ ଓ ୨୫ ଜଣ ପୁଅ ସ୍ୱେଚ୍ଛାସେବୀ ଭାବେ ତାଲିମ ନେବେ, ସେମାନଙ୍କର ବୟସ ସୀମା ୧୮ ବର୍ଷରୁ ୨୫ ବର୍ଷ ହୋଇଥିବା ଆବଶ୍ୟକ। ଢ଼ିଙ୍କିଆ ପଞ୍ଚାୟତର ଯେଉଁ ମାନେ ତାଲିମ ନେବାକୁ ଆଗ୍ରହୀ ସେମାନେ କମିଟି ସହ ଯୋଗାଯୋଗ କରି ଭାଗ ନେଇପାରିବେ। ଉକ୍ତ କାର୍ଯ୍ୟକ୍ରମକୁ କମିଟିର ସମ୍ପାଦକ ରଞ୍ଜନ ବର୍ଦ୍ଧନ ସମ୍ପାଦନ କରିଥିଲେ। ଦୁଇ ବର୍ଷ ତଳେ ବାତ୍ୟା ଆଶ୍ରୟ ସ୍ଥଳୀ ମରାମତି କାର୍ଯ୍ୟ କମିଟି ବିନା ସହମତି ରେ ହୋଇଥିବାରୁ ସମସ୍ତ କମିଟି ସଦସ୍ୟ ଏହାକୁ ନାପସନ୍ଦ କରିବା ସହ ଆଗାମୀ କାର୍ଯ୍ୟ କମିଟି ଦ୍ୱାରା କରିବାକୁ ସେମାନେ ଦାବି କରିଥିଲେ । ବାତ୍ୟା ଆଶ୍ରୟସ୍ଥଳୀ କୁ ବହୁ ଦିନ ତଳେ ଯୋଗାଇ ଦେଇଥିବା ଆସ୍କା ଲାଇଟ୍, କଟର ମେସିନ, ସିଡି, ଜେନେରେଟର, ସାଇରନ୍, ହାଇ ଫଙ୍କ ଟର୍ଚ୍ଚ ଆଦି ଅକାମୀ ହୋଇ ପଡ଼ିଛି,ଏହାର ମରାମତି କରାଯାଇ କିମ୍ବା ଏହା ବଦଳରେ ନୂଆ ଯନ୍ତ୍ରାଂଶ ଯୋଗାଇ ଦିଆଯାଉ ବୋଲି ସମ୍ପାଦକ କହିଥିଲେ । ବାତ୍ୟା ଆଶ୍ରୟ ସ୍ଥଳୀରେ ଚୋରି ହୋଇଥିବା ସାଇରନ ମେସିନର ଯନ୍ତ୍ରାଂଶକୁ କାର୍ଯ୍ୟକ୍ଷମ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବାତ୍ୟା ଆଶ୍ରୟସ୍ଥଳୀକୁ ତୁରନ୍ତ ମରାମତି, ଟାଙ୍କିପଟ ଢ଼ଳେଇ,ବିଦ୍ୟୁତ୍ ଓ ଶୌଚାଳୟ କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରାଯାଇଥିଲା। ବାତ୍ୟା ଆଶ୍ରୟ ସ୍ଥଳୀକୁ ସଂଯୋଗିକରଣ ରାସ୍ତା ଓ ଡ୍ରେନ ନିର୍ମାଣ କରିବାର ଆବଶ୍ୟକ ରହିଛି। ଢ଼ିଙ୍କିଆ ପଞ୍ଚାୟତ ମାହାଳ- ଢ଼ିଙ୍କିଆ ମଝି ସୀମାରେ ଏବଂ ପାଟଣା ଗ୍ରାମରେ ଓସଡମା ତରଫରୁ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ସମ୍ପାଦକ ବର୍ଦ୍ଧନ ଦାବି କରିଥିଲେ।

## ଜେମ୍ସରେ ଆରମ୍ଭ ହେଲା ଏକାଦଶ କ୍ଲାସ ପାଠପଢା



ବ୍ୟାସନଗର,(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଗ୍ଲୋରିୟସ ଇଂଲିଶ ମିଡିୟମ ସ୍କୁଲ, ଜେମ୍ସରେ ଏକାଦଶ ଶ୍ରେଣୀରେ ଆଜିଠାରୁ ପାଠପଢା ଆରମ୍ଭ ହୋଇଛି। ଅନ୍‌ଏକାଡେମୀ ମୁମ୍ବାଇ ଏବଂ ବେଞ୍ଚମାର୍କ ଭୁବନେଶ୍ୱର ସହଯୋଗରେ ଏହାର କ୍ଲାସ ଆରମ୍ଭ ହୋଇଥିବା ସୂଚନା ମିଳିଛି। ସକାଳ ୧୦ ଟା ସମୟରେ ଜେମ୍ସ ମୁଖ୍ୟ କ୍ୟାମ୍ପସଠାରେ ନୂତନ ଏକାଦଶ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସ୍କୁଲର ଛାତ୍ରଛାତ୍ରୀ ମାନେ ପୁଷ୍ପ, ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କ୍ଲାସରୁମରେ ଆଜି କେବଳ ପରିଚୟ ପ୍ରଦାନ ଏବଂ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଆସନ୍ତାକାଲି ଠାରୁ ପାଠପଢା ଆରମ୍ଭ କରାଯିବ ବୋଲି ସ୍କୁଲର ପ୍ରିନ୍ସିପାଲ କହିଛନ୍ତି। ଯାଜପୁର ଜିଲ୍ଲାରେ ଜେମ୍ସ ସ୍କୁଲ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। କେବଳ ପାଠପଢା ଭିତରେ ସୀମିତ ନ ରହି ଏହା ଖେଳକୁଦ, ଡ୍ରଇଂ, ବକ୍ତୃତା ଆଦି ବିଭିନ୍ନ କ୍ଷେତ୍ରରେ ମଧ ଛାତ୍ରଛାତ୍ରୀମାନେ ପାରଦର୍ଶିତା ଲାଭ କରିଛନ୍ତି। ଆଜି ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇବା ସହ ଭବିଷ୍ୟତରେ ସେମାନେ ଜଣେ ଜଣେ ଭଲ ମଣିଷ ହୋଇ ନିଜକୁ ପ୍ରତିଷ୍ଠିତ କରିବାକୁ ପରାମର୍ଶ ଦେଇଥିଲେ ସ୍କୁଲର ସମ୍ପାଦକ ଅଭୟ ପତି। ଜେମ୍ସ ସ୍କୁଲ ଜିଲ୍ଲାରେ ଉଇଝର ଦ୍ୱାରା ପରିଚାଳିତ ସିନିଅର ସେକେଣ୍ଡାରୀ ସ୍କୁଲ ଅଟେ। ତେଣୁ ଅଭିଭାବକ ମାନେ କେବଳ ଉଇଝର ଅନୁମୋଦିତ ସ୍କୁଲରେ ପିଲାଙ୍କୁ ପାଠପଢ଼ିବା ନିମନ୍ତେ ସେ ଅନୁରୋଧ କରିଛନ୍ତି। ନଚେତ ବିଭିନ୍ନ ପ୍ରଲୋଭନ ଦେଖାଉଥିବା ଘରୋଇ କୋଚିଂ ସେଣ୍ଟରରେ ନାମ ଲେଖାଇ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବେଞ୍ଚମାର୍କର ମ୍ୟାନେଜିଂ ଡ଼ାଇରେକ୍ଟର ଡକ୍ଟର ପ୍ରସନ୍ନ ଚୌଧୁରୀ ବିଗତ ବର୍ଷ ପରି ଜେମ୍ସର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ଅନେକଙ୍କୁରେ ନିଶ୍ଚିତ କୃତକାର୍ଯ୍ୟ କରାଇବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। କ୍ଲାସ ଆରମ୍ଭ ପରେ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

## ପଞ୍ଚାୟତ କଂଗ୍ରେସ କର୍ମୀ ବୈଠକ

ବୋଲଗଡ, (ଭାସ୍କର ନ୍ୟୁଜ୍): ଗତ କାଲି ଚାରିଟା ସମୟରେ କଳାଙ୍ଗ ପଞ୍ଚାୟତସ୍ତରୀୟ କଂଗ୍ରେସ ଦଳର ଏକ କର୍ମୀ ସମ୍ମିଳନୀ ଗୋଛାବାରି ପଡିଆ ନିକଟସ୍ଥ ଗୋଲେଇ ମଠ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଯୁବ ନେତା ଅଶୋକ କୁମାର ଛୋଟରାୟଙ୍କ ଆହ୍ୱାନ କ୍ରମେ ପଞ୍ଚାୟତର ୮ ଗୋଟି ଗ୍ରାମର ବହୁ କର୍ମୀ ଯୋଗ ଦେଇଥିଲେ। ବରିଷ୍ଠ ନେତା ଗଙ୍ଗାଧର ଦାସଙ୍କ ସଭାପତିତ୍ୱରେ ବୈଠକରେ ଆଗାମୀ ୨୦୨୪ ନିର୍ବାଚନ ଦଳୀୟ ପାର୍ଥୀଙ୍କୁ ବିଜୟୀ କରିବା ପାଇଁ ଓ ସଂଗଠର ମଜବୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନା ଏ ବ ସରପଞ୍ଚ ପ୍ରଭାତ ସ୍ୱାଇଁ, ବରିଷ୍ଠ କର୍ମୀ କୈଳାସ ମହାପାତ୍ର, ଲକ୍ଷ୍ମୀଧର ମଲ୍ଲିକ, ସନ୍ତୋଷ ସ୍ୱାଇଁ, ହେମନ୍ତ ସ୍ୱାଇଁ,ସୁରେଶ ପ୍ରଧାନ,ହାଡିବନ୍ଧୁ ସାହୁ ,କୈଳାସ ସାହୁ, ମାଟିଆ ସ୍ୱାଇଁ, ସୁକୁର ମୁଦୁଲି, ସୁନିଲ କୁମାର ସ୍ୱାଇଁ, ବନମାଳୀ ବେହେରା, ପରିବା ଛୁଆଳ ସିଂହ , ସୁନିଲ କୁମାର ସ୍ୱାଇଁ ଓ ସୁମନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ବଜ୍ରପାତରେ ବହୁ ଧନଜୀବନ ନଷ୍ଟ



କାଳିଆପାଣି,(ଭାସ୍କର ନ୍ୟୁଜ୍) : ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖଣି ଅଞ୍ଚଳରେ ଦୀର୍ଘ ଦୁଇ ଦିନ ଧରି ଲଗାଣ କାଳବୈଶାଖି ବର୍ଷାରେ ବହୁ ଧନ ଜୀବନ ନଷ୍ଟ ହୋଇଯାଇଛି । ସୂଚନା ମୁତାବକ କାଙ୍କଡ଼ପାଳ ରାଜସ୍ୱ ସର୍କଲ ପିମ୍ପୁଡିଆ ପଞ୍ଚାୟତ ର ଲାଗୁରୀ ସାହିର ଗାଈ ଅର୍ଜୁନଝର ମୁଣ୍ଡା ସାହି ପାଖରେ ଚରୁଥିବା ବେଳେ ଝଡ ତୋଫାନ ହେଲାବେଳେ ଏକ ବଡ ଗଛ ମୂଳେ ଆଶ୍ରୟ ନେଇଥିଲେ ବଜ୍ରପାତ ରେ ଏକା ସାଙ୍ଗରେ ୭ ଗୋଟି ଗାଈ ଓ ବାଛୁରୀ ଙ୍କର ମୃତ୍ୟୁ ଘଟିଥିଲା । ସେହିପରି କାଙ୍କଡପାଳ ପଞ୍ଚାୟତ ର ଜୟ ଶ୍ରୀ ହେମ୍ବ୍ରମ ଗୁହାଳ ଘର ପୋଡି ଯାଇ ଥିଲା ଏବଂ ଗୋଟିଏ ଗାଈ ସମ୍ପୁର୍ଣ୍ଣ ଭାବରେ ପୋଡି ଯାଇଥିଲା । ପିମ୍ପୁଡିଆ ପଞ୍ଚାୟତର ଆମ୍ବପାଳ ଗ୍ରାମର ସ୍ୱର୍ଗତ ମହେଶ୍ୱର ଦେହୁରୀଙ୍କର ଛାତ ଘରକୁ ବଜ୍ରପାତ ହୋଇଥିଲା । ଘରର ଛାତ ସମ୍ପୂର୍ଣ୍ଣ ଭୁଷୁଡି ପଡିଥିଲା । ବଡ ପୁଅ ବୁଲୁ ଜୀବନ ବିକଳରେ ଦୌଡି ପଳେଇ ଥିଲା। ଆମ୍ବପାଳ ର ଉପର ସାହିର ପରିଖି ନାୟକଙ୍କ କୁଅ ମଧ୍ୟ ଭୁଷୁଡି ପଡିଥିଲା । ସେହିପରି ନୂଆଡିହ ଗ୍ରାମର ମୁରଲୀଧର ନାୟକ ଙ୍କର ନଡିଆ ଗଛକୁ ବଜ୍ର ମାରିବା କାରଣରୁ ଗଛରେ ଥିବା ସଂପୂର୍ଣ୍ଣ ନଡିଆ ଖସି ପଡିଥିଲା। ଏ ସମ୍ପର୍କ ରେ କାଙ୍କଡ଼ପାଳ ଆର୍ ଆଇଙ୍କୁ ଅବଗତ କରାଯାଇଥିଲା। ସେ ଏହାର ତଦନ୍ତ କରିବେ ବୋଲି କହିଥିଲେ ।